

'ଦାଦା ସାହେବ ଫାଲ୍କେ'କୁ ନେଇ ଚର୍ଚ୍ଚା

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-79 ◆FRIDAY ◆12 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୭୯ ◆ଶୁକ୍ରବାର ◆୧୨ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


### ୭୨ ଘଣ୍ଟାରେ ୬ ମୁସଲିମ ଦେଶ ଉପରେ ଇସ୍ରାଏଲର ଆକ୍ରମଣ

## ୨୦୦ ମୃତ, ସହସ୍ରାଧିକ ଆହତ



■ **ଜେରୁଜେଲମ, ୧୧।୯ (ଏଜେନ୍ସି):** ଗତ ୭୨ ଘଣ୍ଟା ମଧ୍ୟରେ ଇସ୍ରାଏଲ୍ ୬ଟି ମୁସଲିମ୍ ଦେଶ ଉପରେ ଆକ୍ରମଣ କରିଛି । ଏହି ୬ଟି ଦେଶ ହେଲା ଗାଜା (ପାଲେଷ୍ଟାଇନ୍), ସିରିଆ, ଲେବାନନ୍, କାତାର, ୟେମେନ ଓ ଟ୍ୟୁନିସିଆ । ଏହି ଆକ୍ରମଣରେ ୨୦୦ରୁ ଅଧିକ ଲୋକ ନିହତ ହୋଇଥିବା ବେଳେ ୧୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି । ସୋମବାରରୁ ବୁଧବାର ମଧ୍ୟରେ ଇସ୍ରାଏଲ ଏହି ଆକ୍ରମଣ କରିଥିଲା । ଏହି ଦେଶଗୁଡିକରେ ଥିବା ଆତଙ୍କବାଦୀଙ୍କ ଠିକଣା ଉପରେ ଆକ୍ରମଣ କରାଯାଇଛି ବୋଲି ଇସ୍ରାଏଲ ତରଫରୁ କୁହାଯାଇଛି । ଅବଶ୍ୟ ଏନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଉପରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅସନ୍ତୋଷ ଜାହିର କରିଛନ୍ତି । କିନ୍ତୁ ୯/୧୧ ଆତଙ୍କବାଦୀ ଆକ୍ରମଣ ପରେ ଆମେରିକା ଯାହା କରିଥିଲା, ଆମେ ତାହା କରିଛୁ ବୋଲି ସ୍ପଷ୍ଟୀକରଣ ଦେଇଛନ୍ତି ନେତାନ୍ୟାହୁ । ମଙ୍ଗଳବାର ଇସ୍ରାଏଲ କାତାର ରାଜଧାନୀ ଦୋହା ଉପରେ କ୍ଷେପଣାସ୍ତ୍ର ଆକ୍ରମଣ କରିଥିଲା । ହମାସ ମୁଖ୍ୟ ଖଲିଲ-ଅଲ ହାୟାଙ୍କୁ ଲକ୍ଷ୍ୟ କରି ଏହି ଆକ୍ରମଣ କରାଯାଇଥଲା ବୋଲି ଇସ୍ରାଏଲ କହିଥିଲା । ଏଥିରେ ଅଲ ହାୟାଙ୍କ ପୁଅ, ଅଫିସ ଡାଇରେକ୍ଟର, ୩ଜଣ ଗାର୍ଡ, ଜଣେ କାତାରର ସୁରକ୍ଷାକର୍ମୀଙ୍କ ସହ ୬ ଜଣ ମୃତ୍ୟୁବରଣ କରିଥିଲେ । ୭୨ ଘଣ୍ଟା ମଧ୍ୟରେ ହୋଇଥିବା ଆକ୍ରମଣରେ ଗାଜାରେ ୧୫୦, ୟେମେନରେ ୧୦, ଲେବାନନ୍‌ରେ ୫ ଜଣ ଲୋକ ମୃତ୍ୟୁବରଣ କରିଥିଲେ । କିନ୍ତୁ ଟ୍ୟୁନିସିଆ ଓ ସିରିଆରେ କେହି ମୃତାହତ ହୋଇଥିବା ଜଣାପଡ଼ିନାହିଁ । ଗାଜାରେ ୨୦୨୩ରୁ ଏପର୍ଯ୍ୟନ୍ତ ୬୪, ୦୦୦ ଲୋକ ଯୁଦ୍ଧରେ ଅର୍ଥାତ ଇସ୍ରାଏଲ ଆକ୍ରମଣରେ ପ୍ରାଣ ହରାଇଛନ୍ତି । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାତାର ଉପରେ ଇସ୍ରାଏଲ ଆକ୍ରମଣକୁ ନିନ୍ଦା କରିଛନ୍ତି । କାତାର ନେତାଙ୍କୁ ଫୋନ୍ କରି ମୋଦୀ ଏହାର ନିନ୍ଦା କରିବା ସହିତ କହିଛନ୍ତି ଯେ କାତାରର ସାର୍ବଭୌମତ୍ୱର ସୁରକ୍ଷାକୁ ସମ୍ମାନ ଦିଆଯିବା ଉଚିତ ।

## ବ୍ୟାଙ୍କ ଋଣ ନ ଶୁଝିଲେ ଲକ୍ ହେବ ଫୋନ୍



■ **ମୁମ୍ବଇ, ୧୧।୯ (ଏଜେନ୍ସି):** ଋଣଦାତାଙ୍କ ପୁନରୁଦ୍ଧାର କ୍ଷମତା ବୃଦ୍ଧି କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏକ ନୂତନ ନିୟମ ଆଣିବାକୁ ବିଚାର କରୁଛି । ଏହି ନିୟମ ଅନୁଯାୟୀ, ଋଣଦାତାମାନେ ବହୁ ଦୂରରେ ଥାଇ ମଧ୍ୟ ଖିଲାପକାରୀଙ୍କ ଫୋନ୍ ଲକ୍ କରିପାରିବେ । ଗତ ବର୍ଷ ଭାରତୀୟ ରିଜର୍ଭ ବ୍ୟାଙ୍କ ଋଣଦାତାମାନଙ୍କୁ ଋଣ ଖିଲାପକାରୀଙ୍କ ଫୋନ୍ ଲକ୍ କରିବାକୁ କହିଥିଲା । ଡିଭାଇସ୍ ଲକ୍ ବା ବନ୍ଦ କରିବା ପାଇଁ ଋଣ ପ୍ରଦାନ ସମୟରେ ଋଣଗ୍ରହୀତାଙ୍କ ଫୋନ୍‌ରେ ଏକ ଆପ୍ ସଂସ୍ଥାପିତ ହେବ । ଋଣଦାତାଙ୍କ ସହ ଆଲୋଚନା ପରେ ଆର୍‌ବିଆଇ ଆଗାମୀ କିଛି ମାସ ମଧ୍ୟରେ ଫେୟାର ପ୍ରାକ୍ଟିସ୍ କୋଡ୍ ଅପଡେଟ୍ କରିବା ସହିତ ଫୋନ୍-ଲକ୍ କରିବା ପଦ୍ଧତି ଉପରେ ନିର୍ଦ୍ଦେଶାବଳୀ ଜାରି କରିପାରେ । ଏଥିରେ ଆର୍‌ବିଆଇ ଦୁଇଟି ଜିନିଷ ସୁନିଶ୍ଚିତ କରିବାକୁ ଚାହୁଁଛି, ପ୍ରଥମତଃ ଋଣଦାତାମାନେ ଫୋନ୍ ଲକ୍ କରି ଋଣ ▶ପୃଷ୍ଠା-୧୦

## 'ଡ୍ରଗ୍ ମନି' ରାକେଟ: ୨୬୪ କୋଟି ଜବତ

**ନାଇଜେରିଆ ପଠାଯାଇଛି ୫୯୮ କୋଟିର କମିସନ**

**ସପ୍ତାହକୁ ପଠା ଯାଉଥିଲା ୧୮୪ କୋଟି ଟଙ୍କା**

■ **ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି):** ତେଲେଙ୍ଗାନା ଇଗଲ ଫୋର୍ସ ବଡ଼ଧରଣର ହାୱାଲା ର୍ୟାକେଟର ପର୍ଦ୍ଦାଫାସ କରିଛି । ବିଦେଶରୁ ରହି ଭାରତରେ ନିଶା ଚାଲାଣ କରାଯାଉଥିଲା ଏବଂ ଏଥିରୁ ମିଳୁଥିବା ବିପୁଳ ଅର୍ଥକୁ ହାୱାଲା ମାଧ୍ୟମରେ କଳାରୁ ଧଳା କରାଯାଉଥିଲା । ବିଭିନ୍ନ ସ୍ଥାନରେ ଚଢ଼ଉ କରି ପୁଲିସ ୩୦ ନିୟୁତ ଡଲାର (୨୬୪ କୋଟି ଟଙ୍କା) ଜବତ କରିଛି । ଏହି ମାମଲାରେ ୫ ରାଜ୍ୟରୁ ୫୦ ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି । ଏହି କଳା କାରବାରର ଚେର ବିଦେଶକୁ ଲମ୍ବିଛି । ବିଦେଶରୁ ନିଶା ଦ୍ରବ୍ୟ ଆଣି ଦେଶରେ ବିକ୍ରି କରାଯାଉଥିଲା । ସୂଚନା ଅନୁଯାୟୀ ନାଇଜେରିଆ ନାଗରିକ ଓନେଇସି ଏସୋମିଚ କେନେଥ ଓରଫ ମାକ୍ସୱେଲଙ୍କୁ ଗିରଫ ପରେ ଏହି ମାମଲାର ତଦନ୍ତ ଆରମ୍ଭ ହୋଇଥିଲା । କୋକେନ ଏବଂ ଏକାଷ୍ଟାସି ଟାବ୍‌ଲେଟ ବିକ୍ରି ସମୟରେ ସେ ଧରାପଡ଼ିଥିଲା । ▶ପୃଷ୍ଠା-୧୦

# ସାର ପାଇଁ ସାରାରାତି ଅନିଦ୍ରା

## ଘନଘନ ସମୀକ୍ଷା; ଫଳ ଶୂନ୍

■ **ଭୁବନେଶ୍ୱର, ୧୧।୯ (ସମିସ):** ଆବଶ୍ୟକ ସମୟରେ ସାର ପାଉ ନାହାନ୍ତି ଚାଷୀ । ସମବାୟ ସମିତିରେ ସାର ପାଇଁ ଲମ୍ବା ଧାଡ଼ି ଲାଗୁଛି । ରାତି ସାରା ଅନିଦ୍ରା ହୋଇ ସାରକୁ ଅପେକ୍ଷା କରିବା ସତ୍ତ୍ୱେ ବି ଚାଷୀ ନିରାଶରେ ଘରକୁ ଫେରୁଛି । ଯେତିକି ସାର ଲ୍ୟାମ୍ପ୍‌ସକୁ ଆସୁଛି, ତାହା ପର୍ଯ୍ୟାପ୍ତ ହେଉନି । ଅନେକ ସ୍ଥାନରେ ଲ୍ୟାମ୍ପ୍‌ସକୁ ସାର ନ ଆସି ବେସରକାରୀ ଡିଲର୍‌ଙ୍କୁ ସାର ଦିଆଯାଉଥିବା ଅଭିଯୋଗ ହେଉଛି । ଏ ସବୁ ଭିତରେ ଚାଷୀ କେବେ ସାର ପାଇବ ଓ କେବେ କ୍ଷେତରେ ପକାଇବ ତାହାକୁ ନେଇ ଚାଷୀଙ୍କ ଚିନ୍ତା ପଶିଛି । ବିଭାଗୀୟ ମନ୍ତ୍ରୀଙ୍କ ସମେତ ମୁଖ୍ୟ ଶାସନ ସଚିବ, କୃଷି ସଚିବ ଆଦି ସାର ପ୍ରସଙ୍ଗରେ ଘନଘନ ବୈଠକ କରିବା ସତ୍ତ୍ୱେ ଚାଷୀଙ୍କ ସମସ୍ୟା ସମାଧାନ ହେଉନାହିଁ । ଏପରି ସ୍ଥିତିରେ ଚାଷୀମାନେ କେବେ ସାର ପାଇବେ ତାହାକୁ ନେଇ ପ୍ରଶ୍ନ ଉଠିଛି ।

ତଥ୍ୟ ଅନୁସାରେ ୨୦୨୫ ଖରିଫ ଋତୁରେ ସେପ୍ଟେମ୍ବର ୩୦ ସୁଦ୍ଧା ସମୁଦାୟ ୯,୫୫,୦୦୦ ମେଟ୍ରିକ ଟନ ସାର ଆବଶ୍ୟକ ଥିଲା ▶ପୃଷ୍ଠା-୧୦



ସରକାର କହୁଛନ୍ତି ପର୍ଯ୍ୟାପ୍ତ ଅଛି; ଚାଷୀ ପାଇଲାବେଳକୁ ହଟହଟା

### ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ସାର କଳାବଜାର ଅଭିଯୋଗ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜି ଲୋକସେବା ଭବନରେ ସାର ଯୋଗାଣର ସମୀକ୍ଷା କରିଛନ୍ତି । ଜିଲ୍ଲାଗୁଡ଼ିକରେ ଥିବା ପାକ୍‌ସ ଓ ଲାମ୍ପସ୍ ଜରିଆରେ ସାର ଆବଣ୍ଟନ କାର୍ଯ୍ୟକୁ ଠିକ ଭାବରେ ତଦାରଖ (ମନିଟରିଂ) କରିବା ପାଇଁ ଜିଲ୍ଲାପାଳମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । କୌଣସି ପ୍ରକାର କଳାବଜାରୀ, ଗଚ୍ଛିତ କିମ୍ବା ନକଲି ସାରର ଅଭିଯୋଗ ଆସିଲେ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଯାଞ୍ଚ ସ୍ଥାନରେ ସାରକୁ ଜବତ ନ କରି ସେହି ସାରକୁ ନିକଟସ୍ଥ ପାକ୍‌ସ କିମ୍ବା ଲ୍ୟାମ୍ପ୍‌ସକୁ ସ୍ଥାନାନ୍ତରିତ କରି ଚାଷୀଙ୍କୁ ଆବଣ୍ଟନ କରିବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏହାସହିତ ମୁଖ୍ୟମନ୍ତ୍ରୀ ତୈଳବୀଜ ଏବଂ ଡାଲି ଜାତୀୟ ଫସଲ କରିବା ପାଇଁ କୃଷକମାନଙ୍କୁ ପରାମର୍ଶ ଦେବା ସହ ବନ୍ୟାଞ୍ଚଳରେ ଚାଷୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେ ବିଷୟରେ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

### ଇଣ୍ଡସ୍ ଅକ୍ସନ୍ ରିପୋର୍ଟ: ଘରୋଇ ବିଦ୍ୟାଳୟରେ ୨୫% ଗରିବ ପିଲା

## ଆର୍‌ଟିଇ ପାଠପଢ଼ାରେ ଓଡ଼ିଶା ପ୍ରଥମ

**ସଫଳତା ନେଇ ଖୁସିବ୍ୟକ୍ତ କଲେ ନବୀନ ପଟ୍ଟନାୟକ**

**ବିଜେଡି ସରକାରଙ୍କ ସଫଳ କାର୍ଯ୍ୟାନ୍ୱୟନର ପ୍ରତିଫଳନ**



■ **ଭୁବନେଶ୍ୱର, ୧୧।୯ (ସମିସ):** ଶିକ୍ଷା ଅଧିକାର ଆଇନ୍ (ଆର୍‌ଟିଇ)ରେ ଗରିବ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରିବାରେ ରେକର୍ଡ କରିଛି ଓଡ଼ିଶା । ଆର୍‌ଟିଇ ଅଧୀନରେ ଘରୋଇ ବିଦ୍ୟାଳୟରେ ନାମ ଲେଖାଇଥିବା ରାଜ୍ୟର ୯୭ ପ୍ରତିଶତ ଛାତ୍ରଛାତ୍ରୀ ପାଠପଢ଼ା ଜାରି ରଖିଛନ୍ତି । ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ଇଣ୍ଡସ୍ ଅକ୍ସନ୍ ପକ୍ଷରୁ ପ୍ରକାଶିତ ଶିକ୍ଷା ଅଧିକାର ଆଇନ୍ ରିଟେନ୍‌ସନ୍ ରିପୋର୍ଟରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ରହିଛି । ଉତ୍ତରାଖଣ୍ଡ ସମେତ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ ଆଦି ରାଜ୍ୟରେ ପ୍ରାୟ ୯୧ପ୍ରତିଶତ ଛାତ୍ରଛାତ୍ରୀ ପାଠପଢ଼ା ଜାରି ରଖିଛନ୍ତି । ୫-ଟି ଉପକ୍ରମ ଅଧୀନରେ ବିଦ୍ୟାଳୟର ରୂପାନ୍ତରୀକରଣ କରିବା ପରେ ଆର୍‌ଟିଇ ରିଟେନ୍‌ସନ୍ ରିପୋର୍ଟରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ହାସଲ କରି ପାରିଛି । କରୋନା ମହାମାରୀ ପରେ ଶିକ୍ଷା କ୍ଷେତ୍ର ବ୍ୟାପକ ପ୍ରଭାବିତ ହେବା ସତ୍ତ୍ୱେ ଆର୍ଥିକ ଅନଗ୍ରସର ପିଲାମାନେ ପାଠପଢ଼ା ଜାରି ରଖିଛନ୍ତି । ସାରା ଦେଶରେ ଆର୍‌ଟିଇ ▶ପୃଷ୍ଠା-୧୦

## ୧୮ରୁ ବିଧାନସଭାର ମୌସୁମୀ ଅଧିବେଶନ

**୧୬ରେ ସର୍ବଦଳୀୟ ବୈଠକ**

■ **ଭୁବନେଶ୍ୱର, ୧୧।୯ (ସମିସ):** ଆସନ୍ତା ୧୮ ତାରିଖରୁ ସପ୍ତଦଶ ବିଧାନସଭାର ଚତୁର୍ଥ ଅର୍ଥାତ ମୌସୁମୀ ଅଧିବେଶନ ଆରମ୍ଭ ହେବ । ଅଧିବେଶନ ଯେପରି ସୁରୁଖୁରୁରେ ଚାଲିବ ସେଥିପାଇଁ ୧୬ ତାରିଖରେ ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକ ଡାକିଛନ୍ତି । ବୈଠକରେ ବିଧାନସଭା ଶୃଙ୍ଖଳିତ ପରିଚାଳନା ନେଇ ବାଚସ୍ପତି ସବୁ ଦଳର ପ୍ରତିନିଧିଙ୍କ ସହ ଆଲୋଚନା କରିବେ । ଅଧିବେଶନରେ କେମିତି ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା ହେବ, ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇବାକୁ କେମିତି ବିରୋଧୀଙ୍କୁ ପୂରା ▶ପୃଷ୍ଠା-୧୦

### ଆୟୁଷ୍ମାନ କାର୍ଡରେ ଚିକିତ୍ସା ସୁବିଧା ଦେଉନାହାନ୍ତି କର୍ତ୍ତୃପକ୍ଷ

## ଡାକ୍ତରଖାନାରେ ବନ୍ଧା ପଡ଼ିଛି ପୁଅ


**ଫି' ବଦଳରେ ନିଜ କିଡ୍‌ନୀ ଦେବାକୁ ବାପା କରୁଛି ଗୁହାରି**



■ **ଭୁବନେଶ୍ୱର, ୧୧।୯ (ସମିସ):** ରାଜ୍ୟରେ ରୋଗୀଙ୍କ ପାଇଁ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା କାର୍ଡକୁ ଆଶୀର୍ବାଦ ବୋଲି ପ୍ରଚାର କରାଯାଉଛି; ମାତ୍ର ଘରୋଇ ଡାକ୍ତରଖାନା କର୍ତ୍ତୃପକ୍ଷ ଆୟୁଷ୍ମାନ କାର୍ଡକୁ ଗ୍ରହଣ କରିବାକୁ ଅରାଜି । ଅନେକ ସ୍ଥାନରେ ଏହି ସ୍ୱାସ୍ଥ୍ୟ କାର୍ଡ ଆଶୀର୍ବାଦ ବଦଳରେ ରୋଗୀଙ୍କ ପାଇଁ ଅଭିଶାପ ପାଲଟିଛି । ଘରୋଇ ହସ୍ପିଟାଲ ଚିକିତ୍ସା ପାଇଁ ରୋଗୀଙ୍କୁ ଭର୍ତ୍ତି କରି ଦେଉଛନ୍ତି ସିନା, ପରବର୍ତ୍ତୀ ସମୟରେ ଆୟୁଷ୍ମାନ କାର୍ଡକୁ ଗ୍ରହଣ କରୁନାହାନ୍ତି । ଫଳରେ ହସ୍‌ପିଟାଲର ଲମ୍ବା ଡାକ୍ତରୀ ଚିଠା ଓ ମୋଟା ବିଲ୍ ସାଧାରଣ ଗରିବ ଲୋକଙ୍କୁ ରାସ୍ତାର ଭିକାରୀ କରି ଦେଉଛି । ଏପରି ସ୍ଥଳରେ ବିଭିନ୍ନ ଡାକ୍ତରଖାନାରେ ରୋଗୀ ଓ ସେମାନଙ୍କ ▶ପୃଷ୍ଠା-୧୦

### ଭାଦ୍ରବରେ ଗ୍ରୀଷ୍ମର ଭ୍ରମ

## ଚାନ୍ଦବାଲି ଦେଶର ଦଶମ ଉତ୍ତପ୍ତ ସହର




■ **ଭୁବନେଶ୍ୱର, ୧୧।୯ (ସମିସ):** ଭାଦ୍ରବ ମାସରେ ଗ୍ରୀଷ୍ମର ଭ୍ରମ ସୃଷ୍ଟି ହୋଇଛି । ରାଜ୍ୟରେ ବର୍ଷା ବନ୍ଦ ହେଉ ହେଉ ହଠାତ୍ ତାତି ଆରମ୍ଭ ହୋଇଛି । ଖରାର ପ୍ରକୋପ ସାଙ୍ଗକୁ ଆର୍ଦ୍ରତା ଯୋଗୁଁ ଗୁଳୁଗୁଳି ଲୋକଙ୍କୁ ଅସ୍ତବ୍ୟସ୍ତ କରିଛି । ଗୁରୁବାର ରାଜ୍ୟର ଏକାଧିକ ସହରରେ ତାପମାତ୍ରା ୩୫ ଡିଗ୍ରୀ ଉପରେ ରହିଥିବା ବେଳେ ୩୬.୮ ଡିଗ୍ରୀ ସହ ଚାନ୍ଦବାଲି ରାଜ୍ୟର ସବୁଠୁ ଉତ୍ତପ୍ତ ଓ ଦେଶର ଦଶମ ଉତ୍ତପ୍ତ ସହର ପାଲଟିଛି । ଚାନ୍ଦବାଲି ତଳକୁ ନୟାଗଡ଼ରେ ୩୬.୫, ଭୁବନେଶ୍ୱରରେ ତାପମାତ୍ରା ୩୬ ଡିଗ୍ରୀ ରହିଥିବା ବେଳେ ବାଲେଶ୍ୱର, କଟକ, ପୁରୀ, ବାରିପଦା, ସମ୍ବଲପୁର, ଭଦ୍ରକ, ଜଗତସିଂହପୁର ଆଦିରେ ତାପମାତ୍ରା ୩୫ ଡିଗ୍ରୀ ଉପରେ ରହିଛି । ବର୍ତ୍ତମାନ ଆକାଶ ନିର୍ମଳ ରହୁଛି । ଏହାସହିତ ବଙ୍ଗୋପସାଗର ପଟୁ କିଛି ମାତ୍ରାରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ ହେତୁ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଗୁଳୁଗୁଳି ମାତ୍ରା ମଧ୍ୟ ରହୁଛି । ଏହା ପ୍ରଭାବରେ ଦିନବେଳା ସୂର୍ଯ୍ୟଙ୍କ ପ୍ରଖର କିରଣ ସାଙ୍ଗକୁ ଗୁଳୁଗୁଳିରେ ଲୋକେ ଅସ୍ତବ୍ୟସ୍ତ ହେଉଛନ୍ତି । ଦିନ ବେଳା ସୃଷ୍ଟି ହେଉଥିବା ଏହି ସ୍ଥିତି ଯୋଗୁଁ ଅପରାହ୍ଣରେ କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ଜନିତ ବର୍ଷା ପାଇଁ ପାଗ ଅନୁକୂଳ ହେଉଛି । ଏହି କ୍ରମରେ ଗୁରୁବାର ବାରିପଦା, ରାୟଗଡ଼ା ଓ ପାରଳାଖେମୁଣ୍ଡି ଆଦିରେ ୧୫-୨୦ ମିମି ପର୍ଯ୍ୟନ୍ତ ବର୍ଷା ହୋଇଥିବା ରେକର୍ଡ ହୋଇଛି ।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବର୍ତ୍ତମାନ ଉତ୍ତର ଆନ୍ଧ୍ର-ଦକ୍ଷିଣ ଓଡ଼ିଶା ସଂଲଗ୍ନ ବଙ୍ଗୋପସାଗର ଉପରେ ଏକ ଘୂର୍ଣ୍ଣିବଳୟ ରହିଛି । ଏହା ପ୍ରଭାବରେ ଆସନ୍ତା ୨ ଦିନ ମଧ୍ୟରେ ସମାନ ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ▶ପୃଷ୍ଠା-୧୦




# ଟ୍ରମ୍ପଙ୍କ ଘନିଷ୍ଠ ଚାର୍ଲି କିର୍କଙ୍କୁ ହତ୍ୟା

## ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମରେ ବେକରେ ବାଜିଲା ଗୁଳି

## ୪ ଦିନ ଅର୍ଦ୍ଧନମିତ ରହିବ ଜାତୀୟ ପତାକା

ୱାଶିଂଟନ, ୧୧।୯ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥକ ତଥା ଦକ୍ଷୀଣପନ୍ଥୀ କାର୍ଯ୍ୟକର୍ତ୍ତା ଭାବେ ଜଣାଶୁଣା ଚାର୍ଲି କିର୍କଙ୍କୁ ବୁଧବାର ହତ୍ୟା କରାଯାଇଛି। ଆମେରିକାର ପଶ୍ଚିମରେ ଥବା ଉଟା ରାଜ୍ୟର ଓରେମସ୍ଥିତ ଓଟା ଭାଲି ବିଶ୍ୱବିଦ୍ୟାଳୟରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରୁଥିବା ବେଳେ ତାଙ୍କ ବେକକୁ ଗୁଳି କରାଯାଇଥିଲା। ସେ 'ଦି ଆମେରିକାନ କମ୍‌ବ୍ୟାକ ଟୁର' କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏକ ଟେଣ୍ଟ ତଳେ ମାଇକ ନେଇ ସେ କିଛି କହୁଥିବା ବେଳେ ଏହି ଘଟଣା ଘଟିଥିଲା। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଅଚାନକ ତାଙ୍କ ବେକରେ ଏକ ଗୁଳି ବାଜିଥିଲା ଓ ସେ ସଙ୍ଗେ ସଙ୍ଗେ ଟଳି ପଡ଼ିଥିଲେ। ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁରେ ଟ୍ରମ୍ପ ଶୋକ ଜାହିର କରିଛନ୍ତି ଓ ୪ ଦିନ ଆମେରିକାର ପତାକା ଅର୍ଦ୍ଧନମିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କୁ ଆମେରିକାର ସର୍ବୋଚ୍ଚ ସମ୍ମାନ ପ୍ରଦାନ କରିଛନ୍ତି। ଚାର୍ଲି ଜଣେ ସଚ୍ଚା ତଥା ମହାନ ଦେଶଭକ୍ତ ଥିଲେ ବୋଲି ଟ୍ରମ୍ପ କହିଛନ୍ତି। ଚାର୍ଲି 'ଟର୍ଣ୍ଣିଂ ପଏଣ୍ଟ ୟୁଏସ୍‌ଏ' (ଟିପିୟୁଏସ୍‌ଏ) ନାମରେ ଏକ ସଂସ୍ଥା ଚଳାଉଥିଲେ। ଏହା ମାଧ୍ୟମରେ ସେ ବିଭିନ୍ନ ସ୍କୁଲ, କଲେଜ ଯାଇ ଛାତ୍ରଛାତ୍ରୀଙ୍କୁ ରାଜନୀତି ସଂକ୍ରାନ୍ତରେ ବୁଝାଇବାକୁ ପ୍ରୟାସ କରୁଥିଲେ। କିଏ ତାଙ୍କୁ ଗୁଳି ମାରିଛି ଓ ଏହା ପଛରେ କାରଣ କ'ଣ ସେ ନେଇ ଏପର୍ଯ୍ୟନ୍ତ କିଛି ସ୍ପଷ୍ଟ ହୋଇପାରିନାହିଁ। ତେବେ ଆକ୍ରମଣକାରୀକୁ ଛାତ ଉପରେ ଦେଖିବାକୁ ମିଳୁଛି।



# ଐଶ୍ୱର୍ଯ୍ୟାଙ୍କ ଫଟୋ, ଭିଡିଓ ପାଇଁ ଅନୁମତି ଦରକାର



ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ବଲିଉଡ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। କୋର୍ଟ ତାଙ୍କ ସପକ୍ଷରେ ରାୟ ଦେଇଛନ୍ତି। ଅନୁମତି ବିନା ଐଶ୍ୱର୍ଯ୍ୟାଙ୍କ କୌଣସି ଫଟୋ କିମ୍ବା ଭିଡିଓ ଓ ତାଙ୍କ ବ୍ୟକ୍ତିତ୍ୱ ସହିତ ଜଡିତ ଜିନିଷକୁ କୌଣସି ଡିଜିଟାଲ ପ୍ଲାଟଫର୍ମ ଓ ବ୍ୟବସାୟିକ ସାମଗ୍ରୀରେ ବ୍ୟବହାର କରାଯାଇପାରିବ ନାହିଁ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ମାଧ୍ୟମରେ ଏହାକୁ ଅପବ୍ୟବହାର କରାଯାଇପାରିବ ନାହିଁ ବୋଲି ଜଷ୍ଟିସ ତେଜସ କାରିଆ ନିର୍ଦ୍ଦେଶ ଦେଇଛନ୍ତି। କେତୋଟି କମ୍ପାନୀ ଓ ବ୍ୟକ୍ତିଙ୍କୁ ନିର୍ଦ୍ଦେଶ ଦେଇ କୋର୍ଟ କହିଛନ୍ତି ଯେ, ଏପରି ଅପବ୍ୟବହାର ଆର୍ଥିକ ଭାବେ କ୍ଷତି ପହଞ୍ଚାଇବା ସହ ଜଣେ ବ୍ୟକ୍ତିଙ୍କ ସମ୍ମାନ ଓ ଗରିମାକୁ କ୍ଷୁର୍ଣ୍ଣ କରିଥାଏ। ନୋଟିସ ପାଇବା ପରେ ୭୨ ଘଣ୍ଟା ମଧ୍ୟରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ କୋର୍ଟ ଗୁଗଲକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରଣାଳୟକୁ ମଧ୍ୟ ଯଥାଶୀଘ୍ର ଆବଶ୍ୟକୀୟ ପଦକ୍ଷେପ ନେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ଜାନୁଆରୀ ୧୫ରେ ଏହି ମାମଲାରେ ପରବର୍ତ୍ତୀ ଶୁଣାଣି ହେବ।

# ଆଜି ଶପଥ ନେବେ ନୂଆ ଉପ-ରାଷ୍ଟ୍ରପତି



ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ନବ ନିର୍ବାଚିତ ଉପ-ରାଷ୍ଟ୍ରପତି ସିପି ରାଧାକୃଷ୍ଣନ ଶୁକ୍ରବାର ଶପଥ ଗ୍ରହଣ କରିବେ। ଏଥିପାଇଁ ରାଷ୍ଟ୍ରପତି ଭବନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସକାଳ ୯ଟା୩୦ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇବେ ବୋଲି ସୂଚନା ମିଳିଛି। ତେବେ ଏ ନେଇ ଆନୁଷ୍ଠାନିକ ଭାବେ କୌଣସି ଘୋଷଣା କରାଯାଇନାହିଁ। ୬୭ ବର୍ଷୀୟ ରାଧାକୃଷ୍ଣନ ମଙ୍ଗଳବାର ବିରୋଧୀ ପ୍ରାର୍ଥୀ ବି ସୁଦର୍ଶନ ରେଡ୍ଡୀଙ୍କୁ ୧୫୨ ଭୋଟରେ ପରାସ୍ତ କରିଥିଲେ। ନୂଆ ଉପ-ରାଷ୍ଟ୍ରପତି ବୁଧବାର ଶ୍ରୀ ରେଡ୍ଡୀଙ୍କୁ ଭେଟିଥିଲେ। ଶପଥ ନେବାର ଦିନକ ପୂର୍ବରୁ ଆଜି ସେ ମହାରାଷ୍ଟ୍ର ରାଜ୍ୟପାଳ ପଦରୁ ଇସ୍ତଫା ଦେଇଛନ୍ତି। ରାଷ୍ଟ୍ରପତି ଏହାକୁ ଗ୍ରହଣ କରି ଗୁଜରାଟ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତଙ୍କୁ ମହାରାଷ୍ଟ୍ରର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି। ମହାରାଷ୍ଟ୍ରର ଦ୍ୱିତୀୟ ରାଜ୍ୟପାଳ ଭାବେ ଶ୍ରୀ ରାଧାକୃଷ୍ଣନ ଉପ-ରାଷ୍ଟ୍ରପତି ଭାବେ ଶପଥ ନେବାକୁ ଯାଉଛନ୍ତି।

# ମହିଳାଙ୍କୁ କୁକର୍ ସାହାଯ୍ୟରେ ହତ୍ୟାକଲେ ୪ ଜଣ

ହାଇଦରାବାଦ୍, ୧୧।୯ (ଏଜେନ୍ସି): ହାଇଦାରାବାଦ୍‌ରେ ଏକୁଟିଆ ଥିବା ଜଣେ ମହିଳାଙ୍କୁ ୪ ଜଣ ଲୋକ ତାଙ୍କ ଘରେ ପଶି ଏକ କୁକର ସାହାଯ୍ୟରେ ହତ୍ୟା କରିଛନ୍ତି। ଗୁରୁବାର ଏହି ଘଟଣା ସାମ୍ନାକୁ ଆସିଛି। ହତ୍ୟା ପରେ ଲୁଟେରାମାନେ ଘରୁ ଜିନିଷ ଚୋରି କରିଥିଲେ। ପୁଣି ଏହି କାଣ୍ଡ ଘଟାଇବା ପରେ ଚୋରମାନେ ସେହି ଘରେ ଗାଧୋଇବା ସହ ନୂଆ ପୋଷାକ ପିନ୍ଧି ବାହାରି ଯାଇଥିଲେ। ଲୁଟେରାମାନେ ୪୦ ଗ୍ରାମ ସୁନା ସହ ଲକ୍ଷେ ଟଙ୍କା ସାଥିରେ ନେଇ ଯାଇଥିଲେ। ପୁଲିସର ପ୍ରାରମ୍ଭିକ ଯାଞ୍ଚ ଅନୁସାରେ ସାଇବରାବାଦ ଅଞ୍ଚଳରେ ସ୍ୱାନ ଆପାର୍ଟମେଣ୍ଟରେ ସେପ୍ଟେମ୍ବର ୧୦ରେ ଏହି ଘଟଣା ଘଟିଥିଲା। ମୃତକ ମହିଳା ହେଉଛନ୍ତି ୫୦ ବର୍ଷୀୟା ରେଣୁ ଅଗ୍ରୱାଲ। ସେ ନିଜ ସ୍ୱାମୀ ଓ ପୁଅଙ୍କ ସହ ଏହି ଆପାର୍ଟମେଣ୍ଟରେ ୧୩ତମ ମହଲାରେ ରହୁଥିଲେ। ଘଟଣା ଦିନ ରେଣୁ ଏକାଥିଲେ। ସକାଳେ ୨୬ ବର୍ଷୀୟ ପୁଅ ଓ ସ୍ୱାମୀ ଅଫିସ ଯାଇଥିଲେ। ଏହାପରେ ଦୁଇଜଣ ଚୋର ଘରେ ପଶି ଥିଲେ। ରେଣୁ କବାଟ ନ ଖୋଲିବାରୁ ପ୍ଲମ୍ବରଙ୍କୁ ଡାକି ସ୍ୱାମୀ କବାଟ ଖୋଲିଥିଲେ। ପରେ ଓ ପୁଲିସକୁ ସୂଚନା ଦେଇଥିଲେ। ଚୋରମାନେ କୁକର ସାହଯ୍ୟରେ ତାଙ୍କୁ ମାରିବା ପରେ କଇଁଚିରେ ତାଙ୍କ ଗଳା କାଟିଥିଲେ। ଦୁଇଜଣ ଚୋର ଆପାର୍ଟମେଣ୍ଟରୁ ଯାଉଥିବା ସିସିଟିଭିରେ ଦେଖାଯାଉଛି। ପ୍ରାରମ୍ଭିକ ଯାଞ୍ଚରେ ଘରେ କାମ କରୁଥିବା ଚାକରକୁ ପୁଲିସ ସନ୍ଦେହ କରୁଛି। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇ ପଠାଇଛି।

# ୪ ରାଜ୍ୟରୁ ୫ ସନ୍ଦିଗ୍ଧ ଆତଙ୍କବାଦୀ ଗିରଫ

ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ ଓ କେନ୍ଦ୍ରୀୟ ଏଜେନ୍ସି ଏକ ଆତଙ୍କବାଦୀ ନେଟ୍‌ୱର୍କ ପର୍ଦ୍ଦାଫାସ୍ କରିବାରେ ସକ୍ଷମ ହୋଇଛି। ଏହି କ୍ରମରେ ୪ଟି ଦିଲ୍ଲୀ, ଝାଡ଼ଖଣ୍ଡ, ତେଲଙ୍ଗାନା ଓ ମଧ୍ୟପ୍ରଦେଶରେ ଏହି ୫ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ଏହି ଆତଙ୍କବାଦୀଙ୍କ ନିକଟରୁ ସଲ୍‌ଫର ପାଉଡର, ସଲଫ୍ୟୁରିକ ଏସିଡ୍, ନାଇଟ୍ରିକ୍ ଏସିଡ୍, ସୋଡିୟମ ବାଇକାର୍ବୋନେଟ, ବଲ୍ ବିୟରିଙ୍ଗ, ସେଫ୍ଟି ଗ୍ଲାସ, ରେସ୍ପିରେଟୋରୀ ମାସ୍କ, ସର୍କିଟ ତାର, ମଦର ବୋର୍ଡ, ଲାପଟପ୍ ଓ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଏହି ଆତଙ୍କବାଦୀ ସାମାଜିକ ଗଣମାଧ୍ୟମରେ ପାକିସ୍ତାନୀ ହାଣ୍ଡଲରମାନଙ୍କ ସମ୍ପର୍କରେ ଥିଲେ। ଏମାନେ ସାମାଜିକ ଗଣମାଧ୍ୟମ ଜରିଆରେ ଯୁବକମାନଙ୍କୁ ଭର୍ତ୍ତି କରାଉଥିଲେ। ଦାନିଶ ଏହି ଆତଙ୍କବାଦୀ ଟିମ୍‌ର ନେତୃତ୍ୱ ନେଉଥିଲା। ତାକୁ ଗଜନୀ ବୋଲି କୁହାଯାଉଥିଲା। ପୂର୍ବରୁ ୧୪ ଦିନ ତଳେ ବିହାରରେ ୩ ପାକିସ୍ତାନୀ ଆତଙ୍କବାଦୀ ଅନୁପ୍ରବେଶ କରିଥିଲେ ଓ ଏ ନେଇ ସେତେବେଳେ ଚର୍ଚ୍ଚା ହୋଇଥିଲା।

# ବିମାନରୁ ୨୦୦ ଯାତ୍ରୀଙ୍କୁ ଦିଲ୍ଲୀରେ ଓହ୍ଲାଇ ଦିଆଗଲା

ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ବୁଧବାର ରାତିରେ ସିଙ୍ଗାପୁର ଯାଉଥିବା ଏୟାର ଇଣ୍ଡିଆ ବିମାନରୁ ୨୦୦ ଜଣ ଯାତ୍ରୀଙ୍କୁ ଦିଲ୍ଲୀ ବିମାନ ବନ୍ଦରରେ ଓହ୍ଲାଇ ଦିଆଯାଇଥିଲା। ବିମାନର ଏୟାର କଣ୍ଡିସନିଂ ସିଷ୍ଟମ ଖରାପ ହେବା ଓ ଇଲେକଟ୍ରିକ୍ ସପ୍ଲାଇ ହୋଇପାରି ନ ଥିଲା। ଏହାସତ୍ତ୍ୱେ ଯାତ୍ରୀଙ୍କୁ ବିନା ଏସିରେ ବିମାନରେ ଦୁଇ ଘଣ୍ଟା ବସା ଯାଇଥିଲା। ଗରମ କାରଣରୁ ସେମାନେ ବ୍ୟସ୍ତ ହୋଇ ପଡ଼ିଥିଲେ। ଏହାପରେ କ୍ରୁ ମେମ୍ବରମାନେ କୌଣସି କାରଣ ନ ଦର୍ଶାଇ ଯାତ୍ରୀମାନଙ୍କୁ ଓହ୍ଲାଇଯିବାକୁ କହିଥିଲେ। ପାଖାପାଖି ୬ ଘଣ୍ଟା ବିଳମ୍ବରେ ଅର୍ଥାତ ଗୁରୁବାର ସକାଳ ୫ଟା ୩୬ରେ ଅନ୍ୟଏକ ବିମାନରେ ଯାତ୍ରୀଙ୍କୁ ସିଙ୍ଗାପୁର ପଠାଯାଇଥିଲା।

# ନେପାଳରେ ଅଚଳାବସ୍ଥା, ତୁଟୁନି ନେତା ବିବାଦ

## କିଏ ହେବେ ନେପାଳ ପ୍ରଧାନମନ୍ତ୍ରୀ; ସୁଶୀଳା ନା ଘିସିଂ?

## ଆନ୍ଦୋଳନକାରୀଙ୍କ ମଧ୍ୟରେ ତୀବ୍ର ମତଭେଦ



କାଠମାଣ୍ଡୁ, ୧୧।୯: ତିନି ଦିନ ଧରି ଅଶାନ୍ତ ରହିବା ପରେ ନେପାଳରେ ଆଜି ପରିସ୍ଥିତି ସ୍ୱାଭାବିକ ହେବାକୁ ଲାଗିଛି। ତେବେ ନୂଆ ପ୍ରଧାନମନ୍ତ୍ରୀ କିଏ ହେବ, ତାହାକୁ ନେଇ ଅଚଳାବସ୍ଥା ଲାଗି ରହିଛି। ଗତ ୮ ତାରିଖରେ ଆନ୍ଦୋଳନକାରୀଙ୍କ ଉଗ୍ର ବିକ୍ଷୋଭ ପରେ ୯ ତାରିଖରେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ କେପି ଶର୍ମା ଓଲି। ଓଲି ସରକାରର ପତନ ପରେ ସେନା ଅସ୍ଥାୟୀ ରୂପେ ଦାୟିତ୍ୱ ସମ୍ଭାଳିଛି। ଦେଶରେ ଗଠିତ ହେବାକୁ ଥିବା ମଧ୍ୟବର୍ତ୍ତିକାଳୀନ ସରକାରର ନେତୃତ୍ୱ କିଏ ନେବ, ତାହାକୁ ନେଇ 'ଜେନ୍ ଜେଡ୍' ନାମରେ ପରିଚିତ ଆନ୍ଦୋଳନକାରୀଙ୍କ ମଧ୍ୟରେ ସହମତି ହୋଇପାରି ନାହିଁ। ସେମାନଙ୍କ ମଧ୍ୟରେ ମତଭେଦ ଭିତରେ ପ୍ରଧାନମନ୍ତ୍ରୀ ପଦ ପାଇଁ ୪ ଜଣଙ୍କ ନାମକୁ ନେଇ ଚର୍ଚ୍ଚା ଚାଲିଛି। ସେମାନେ ହେଲେ କାଠମାଣ୍ଡୁ ମେୟର ବୁଲେନ ଶାହ, ପୂର୍ବତନ ପ୍ରଧାନ ବିଚାରପତି ସୁଶୀଳା କାର୍କି, ଇଞ୍ଜିନିୟର କୁଲମାନ ଘିସିଂ ଏବଂ ହାରକା ସମ୍ପଙ୍ଗ।

ଆନ୍ଦୋଳନକାରୀମାନେ ପ୍ରଥମେ ବୁଲେନ ଶାହଙ୍କ ନାମର ପ୍ରସ୍ତାବ ଦେଇଥିଲେ। ସେ କିନ୍ତୁ ରାଜି ନହେବାରୁ ଜଷ୍ଟିସ ସୁଶୀଳାଙ୍କ ନାମ ଉଠିଥିଲା। ଏହାକୁ ନେଇ ଏକ ପ୍ରକାର ସହମତି ମଧ୍ୟ ହୋଇଯାଇଥିଲା। ସୁଶୀଳା ମଧ୍ୟ ମଧ୍ୟବର୍ତ୍ତିକାଳୀନ ସରକାରର ନେତୃତ୍ୱ ନେବାଲାଗି ରାଜି ହୋଇଯାଇଥିଲେ। କେବଳ ଏତିକି ନୁହେଁ, ସେ ସେନା ସହିତ ବିଚାରବିମର୍ଶ ମଧ୍ୟ ଆରମ୍ଭ କରିଦେଇଥିଲେ। କିନ୍ତୁ ଆଜି ଆନ୍ଦୋଳନକାରୀଙ୍କ ଗୋଟିଏ ଗୋଷ୍ଠୀ ଜଷ୍ଟିସ ସୁଶୀଳାଙ୍କୁ ବିରୋଧ କରିବା ପରେ ମତଭେଦ ପଦାରେ ପଡ଼ିଥିଲା। ଏହି ଗୋଷ୍ଠୀ ପକ୍ଷରୁ କୁହାଯାଇଛି ଯେ ସୁଶୀଳାଙ୍କୁ ୭୩ ବର୍ଷ ହେଲାଣି ଏବଂ ଏ ବୟସରେ ସରକାରର ନେତୃତ୍ୱ ନେବା ତାଙ୍କ ପାଇଁ ଠିକ୍ ହେବନାହିଁ। ତାଙ୍କୁ ପ୍ରଧାନମନ୍ତ୍ରୀ କରିବା ରାସ୍ତାରେ ଅନ୍ତରାୟ ହୋଇଛି କେତେକ ସାମ୍ବିଧାନିକ ବ୍ୟବସ୍ଥା। ଜଣେ ପୂର୍ବତନ ବିଚାରପତି ପ୍ରଧାନମନ୍ତ୍ରୀ ହୋଇପାରିବେ ନାହିଁ ବୋଲି ସମ୍ବିଧାନରେ ବ୍ୟବସ୍ଥା ରହିଛି। ଗତକାଲି ପର୍ଯ୍ୟନ୍ତ ସୁଶୀଳାଙ୍କୁ ପ୍ରଧାନମନ୍ତ୍ରୀ ପଦ ଲାଗି ଦୃଢ଼ ଦାବିଦାର ବିବେଚନା କରାଯାଉଥିଲା। ତାଙ୍କ ସ୍ଥାନରେ ଏବେ ଯେଉଁ ନେତାଙ୍କ ନାମ ପ୍ରଧାନମନ୍ତ୍ରୀ ପଦ ଲାଗି ଶୁଣାଯାଉଛି ସେ ହେଲେ ବିଦ୍ୟୁତ ଇଞ୍ଜିନିୟର କୁଲମାନ ଘିସିଂ। ନେପାଳର ବିଦ୍ୟୁତ ସଙ୍କଟ ଦୂର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ୫୫ ବର୍ଷୀୟ ଘିସିଂ ନେପାଳ ବିଦ୍ୟୁତ ବୋର୍ଡର ମହାନିର୍ଦ୍ଦେଶକ ଅଛନ୍ତି। ତାଙ୍କୁ ନେଇ ସହମତି ହେଉଥିବାର ଖବର ମିଳିଛି। ଆନ୍ଦୋଳନକାରୀମାନେ କୌଣସି ରାଜନୈତିକ ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ପଦରେ ବସାଇବାକୁ ଚାହୁଁ ନାହାନ୍ତି। ସେନା ସହିତ ସେମାନଙ୍କର ଏ ସଂପର୍କରେ ବିଚାର ଆଲୋଚନା ଚାଲିଛି।

ଇତିମଧ୍ୟରେ ନେପାଳ ଆଜି ଶାନ୍ତ ରହିଛି। ସେନାର ଯବାନମାନେ ରାଜଧାନୀ କାଠମାଣ୍ଡୁ ଏବଂ ଅନ୍ୟ ଅଞ୍ଚଳରେ ପାଟ୍ରୋଲିଂ ଜାରି ରଖିଛନ୍ତି। ସୂଚନାଯୋଗ୍ୟ ଯେ ତିନି ଧରି ଚାଲିଥିବା ହିଂସାରେ ୩୧ ଜଣ ପ୍ରାଣ ହରାଇଥିବା ବେଳେ ୨ ହଜାରରୁ ଅଧିକ ଆହତ ହୋଇଥିଲେ। ୧୫ ହଜାରରୁ ଅଧିକ କଏଦୀ ବିଭିନ୍ନ ଜେଲରୁ ଫେରାର ହୋଇଯାଇଛନ୍ତି।

# ୟୁକ୍ରେନରେ ଫସିଛନ୍ତି ଭାରତୀୟ ଯୁବକ

ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ଦୀର୍ଘ ଦିନ ହେଲା ଜାରି ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ ହେବାର ନା ଧରୁନି। କିନ୍ତୁ ଏହି ଯୁଦ୍ଧ ଭାରତୀୟଙ୍କ ଲାଗି ବିପଦ ପାଲଟି ଯାଇଛି। ପ୍ରଥମେ ରୁଷ ସେନାରେ ଭାରତୀୟଙ୍କୁ ଜୋର ଜବରଦସ୍ତି ସାମିଲ କରାଯାଉଥିବା ଖବର ସାମ୍‌ନାକୁ ଆସିଥିଲା। କିନ୍ତୁ ଏବେ ୟୁକ୍ରେନରୁ ଏଭଳି ଖବର ଆସିଛି। ହରିୟାଣା ଏବଂ ପଞ୍ଜାବର ଅନେକ ଯୁବକ ୟୁକ୍ରେନ ଫସି ରହିଛନ୍ତି। ସେମାନଙ୍କୁ ଜୋର ଜବରଦସ୍ତି ଧମକ ଦେଇ ୟୁକ୍ରେନ ସେନାରେ ସାମିଲ କରାଯାଇଛି। ରୁଷ୍ ବିରୋଧରେ ଲଢିବାକୁ ବାଧ କରାଯାଉଛି। ଏମାନଙ୍କ ମଧ୍ୟରେ ହରିୟାଣା ଫତେହାବାଦର ୨ ଯୁବକ ସାମିଲ ଅଛନ୍ତି। ଉଭୟେ ନିଜ ସମ୍ପର୍କୀୟଙ୍କୁ ଭିଡିଓ ପଠାଇ ସହାୟତା ପାଇଁ ନିବେଦନ କରିଛନ୍ତି। ଭିଡିଓରେ କୁହାଯାଇଛି ଯେ ଆମ ହାତରେ ୨-୩ ଦିନ ସମୟ ରହିଛି। ପରେ ଯୁଦ୍ଧ କ୍ଷେତ୍ରକୁ ନେଇଯିବେ। ଏଠାରୁ ଯିଏ ଯୁଦ୍ଧ କ୍ଷେତ୍ରକୁ ଯାଉଛି ସେ ଆଉ ଫେରୁନାହିଁ। ପୂର୍ବରୁ ୧୩-୧୪ ଜଣ ସହଯୋଗୀ ଯାଉଥିଲେ। କିନ୍ତୁ ସେମାନେ ଆଉ ଫେରି ନ ଥିଲେ। ସମସ୍ତେ ପ୍ରାଣ ହରାଇ ଥିଲେ। ଫତେହାବାଦର ଅଙ୍କିତ ଜାଙ୍ଗଡ଼ା ଏବଂ ବିଜୟ ପୁନିଆ କହିଛନ୍ତି ଯେ ରୁଷ୍ ସେନାରେ ଚାକିରି ପାଇବାର ଲୋଭରେ ଆସି ୟୁକ୍ରେନରେ ଫସି ଯାଇଛନ୍ତି।

୧୫ ଜଣଙ୍କ ମଧ୍ୟରେ ଉତ୍ତର ପ୍ରଦେଶ, ପଞ୍ଜାବ, ଜମ୍ମୁ-କଶ୍ମୀରର ଯୁବକ ମଧ୍ୟ ଫସି ରହିଛନ୍ତି। ସମସ୍ତଙ୍କୁ ରୁଷ୍ ବିରୋଧରେ ଯୁଦ୍ଧକୁ ପଠାଇବା ପାଇଁ ବାଧ କରାଯାଉଛି। ମଙ୍ଗଳବାର ତାଙ୍କ ପରିବାର ମୁଖ୍ୟମନ୍ତ୍ରୀ ନାଏବ ସିଂହ ସାଇନିଙ୍କୁ ମଧ୍ୟ ଭେଟିଛନ୍ତି। ସେ ବିଦେଶ ମନ୍ତ୍ରାଳୟ ପାଖକୁ ମାମଲା ପଠାଇବା ପାଇଁ କହିଛନ୍ତି। ସରକାର ସମ୍ପୂର୍ଣ୍ଣ ସହାୟତା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅଙ୍କିତ ପଠାଇଥିବା ଭିଡିଓରେ ଦେଖାଯାଉଛି ଯେ ସେ ସେନା ପୋଷାକ ପିନ୍ଧିଛନ୍ତି। ତାଙ୍କ ପାଖରେ ଅନେକ ଯୁବକ ଜଙ୍ଗଲ ପାଖରେ ବସିଛନ୍ତି। ଏହା କୌଣସି ପ୍ରଶିକ୍ଷଣ ସ୍ଥଳ ମଧ୍ୟ ହୋଇପାରେ। ଏଠାରେ ଜଣେ ଶିଖ୍ ଯୁବକ ଥିବା ମଧ୍ୟ ଦେଖିବାକୁ ମିଳୁଛି। ସମସ୍ତଙ୍କ ମୁହଁରେ ଭୟ ଏବଂ ନିରାଶ ଦେଖିବାକୁ ମିଳୁଛି। ଅଙ୍କିତ କହୁଛନ୍ତି ଯେ ତାଙ୍କ ସହ ଜୋର ଜବରଦସ୍ତି କରାଯାଇପାରେ। ଏହା ଶେଷ ଭିଡିଓ ମଧ୍ୟ ହୋଇପାରେ। ସେ ୯ ସହଯୋଗୀଙ୍କ ସହ ପ୍ରଶିକ୍ଷଣ ନେବାକୁ ଯାଉଛନ୍ତି। ତାଙ୍କ ସହ ୨୫ ଜଣ ଆସିଥିଲେ। ସ୍ୱାକ୍ଷର ନେଇ ତାଙ୍କୁ ପ୍ରଶିକ୍ଷଣ ପାଇଁ ପଠେଇ ଦେଲେ। ସେନା ଗାଡ଼ି ଆସି ତାଙ୍କୁ ପ୍ରଶିକ୍ଷଣ କେନ୍ଦ୍ରକୁ ନେଇଯାଇଛି।



## ରୁଷ ସେନାରେ ଭାରତୀୟଙ୍କୁ ସାମିଲ କରା ନଯାଉ: ଭାରତ

ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ୨୦୨୨ ଫେବୃଆରୀରୁ ୟୁକ୍ରେନ ବିପକ୍ଷରେ ଯୁଦ୍ଧ ଚାଲୁ ରହିଥିବା ବେଳେ ରୁଷ ସୈନ୍ୟବାହିନୀରେ ଭାରତୀୟଙ୍କୁ ସାମିଲ କରାଯିବା ନେଇ ଭାରତ ସରକାର ଏବେ ଆପତ୍ତି ଉଠାଇଛନ୍ତି। ରୁଷିଆ ତା'ର ସେନାରେ ଭାରତୀୟଙ୍କୁ ସାମିଲ ବନ୍ଦ କରୁ ବୋଲି ଭାରତ କହିଛି। ଏଥିସହ ପୂର୍ବରୁ ସେନାରେ ସାମିଲ ହୋଇଥିବା ଭାରତୀୟଙ୍କୁ ମଧ୍ୟ ଛାଡିବାକୁ ରୁଷ୍‌କୁ କୁହାଯାଇଛି। ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ରୁଷ ସେନାରେ ଭର୍ତ୍ତି ହେବା ପାଇଁ ଦିଆଯାଉଥିବା ପ୍ରସ୍ତାବକୁ ଭାରତୀୟ ଗ୍ରହଣ ନ କରନ୍ତୁ। ଏହା ଅତ୍ୟନ୍ତ ବିପଜ୍ଜନକ।

ରୁଷ୍ ସେନାରେ ଭାରତୀୟଙ୍କୁ ସାମିଲ କରାଯିବାର ଖବର ମିଳିବା ପରେ ବୈଦେଶିକ ମନ୍ତ୍ରଣାଳୟ ତରଫରୁ ସତର୍କ ରହିବା ପାଇଁ ସ୍ପଷ୍ଟ କରାଯାଇଛି। ଏହି ଯୁଦ୍ଧରେ ରୁଷ୍ ଅନ୍ୟଦେଶର ନାଗରିକଙ୍କୁ ନିଜ ସେନାରେ ସାମିଲ କରିବା ନେଇ ଅଭିଯୋଗ ହୋଇଥିଲା। ରୁଷ୍ ସେନାରେ କେତେଜଣ ଭାରତୀୟଙ୍କୁ ମଧ୍ୟ ସାମିଲ କରାଯାଇଥିଲା। ଚାକିରି ସନ୍ଧାନରେ ରୁଷ ଯାଇଥିବା ଭାରତୀୟମାନେ ସେଠାରେ ଫସି ଯାଇଥିଲେ। ପୂର୍ବରୁ ଏ ସଂକ୍ରାନ୍ତରେ ଏକାଧିକବାର ଚେତାବନୀ ଦେଇଥିଲୁ ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ହରିୟାଣାର ଫତେହାବାଦ୍‌ର କେତେକ ଯୁବକ ୟୁକ୍ରେନ ସେନାରେ ସାମିଲ ହୋଇଥିଲେ। କିନ୍ତୁ ଗତ ସୋମବାର ଏହି ଯୁବକମାନେ ଭିଡିଓ ସେୟାର କରି ସେମାନଙ୍କ ପରିବାରକୁ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଏ ଯୁବକଙ୍କ ପରିବାର ଲୋକେ ମୁଖ୍ୟମନ୍ତ୍ରୀ ନାଏବ ସିଂ ସୈନିଙ୍କୁ ସାକ୍ଷାତ କରିଥିଲେ।

# ଆମେ ଚୁପ ହୋଇ ବସିବୁ ନାହିଁ

## ବିଲ୍ ଅନୁମୋଦନ ମାମଲାରେ ସୁପ୍ରିମକୋର୍ଟଙ୍କ କଡ଼ା ଆଭିମୁଖ୍ୟ




ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ଯଦି ଗଣତନ୍ତ୍ରର କୌଣସି ଗୋଟିଏ ଅଙ୍ଗ ନିଜ କର୍ତ୍ତବ୍ୟ ପାଳନ କରିବାରେ ବିଫଳ ହୁଏ, ତାହାହେଲେ ଆମେ ଚୁପ୍ ହୋଇ ବସିପାରିବୁ ନାହିଁ। ସେହି ବ୍ୟକ୍ତି ଯେତେ ଉଚ୍ଚ ପଦବୀରେ ଆସୀନ ହୋଇଥିଲେ ମଧ୍ୟ ଆମକୁ ନିରବ ରହିବା ଲାଗି ବାଧ କରାଯାଇ ପାରିବ ନାହିଁ। ରାଜ୍ୟ ବିଧାନସଭା ଦ୍ୱାରା ପାସ୍ ବିଲ୍ ଅନୁମୋଦନ ପାଇଁ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଲାଗି ସମୟସୀମା ଧାର୍ଯ୍ୟ ମାମଲାରେ କେନ୍ଦ୍ରର ଆପତ୍ତିକୁ ନେଇ ଆଜି ଏଭଳି କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି ସୁପ୍ରିମ କୋର୍ଟ। ଏସଂକ୍ରାନ୍ତରେ ପ୍ରେସିଡେନସିଆଲ ରେଫେରନ୍ସ ମାମଲା ଶୁଣାଣିର ଶେଷ ଦିନରେ ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇ କହିଲେ ଯେ ବ୍ୟକ୍ତି ଯେତେ ଉଚ୍ଚ ପଦବୀରେ ଥିଲେ ମଧ୍ୟ ସେ ଆଇନର ଉର୍ଦ୍ଧ୍ୱରେ ନୁହନ୍ତି। ମୁଁ କ୍ଷମତାର ପୃଥକୀକରଣରେ ବିଶ୍ୱାସ କରେ। କିନ୍ତୁ ଗଣତନ୍ତ୍ରର ଗୋଟିଏ ଅଙ୍ଗ ନିଜ ଦାୟିତ୍ୱ ପାଳନରେ ବିଫଳ ହେଲେ ସମ୍ବିଧାନର ରକ୍ଷକ ହିସାବରେ ଅଦାଲତ ଚୁପ ହୋଇ ବସିପାରିବ ନାହିଁ। ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ସମ୍ବିଧାନ ବେଞ୍ଚ କହିଲେ ଯେ ଏକ ନିର୍ଦ୍ଦିଷ୍ଟ ଉପାୟରେ ନିଷ୍ପତ୍ତି ନେବାଲାଗି ଆମେ ରାଜ୍ୟପାଳଙ୍କୁ କହିପନପାରୁ। କିନ୍ତୁ ନିଷ୍ପତ୍ତି ନେବାଲାଗି ଅଦାଲତ ରାଜ୍ୟପାଳଙ୍କୁ ନିର୍ଦ୍ଦେଶ ଦେଇପାରିବେ। ସୂଚନାଯୋଗ୍ୟ ଯେ ତାମିଲନାଡୁ ମାମଲାରେ ଗତ ଏପ୍ରିଲ ମାସରେ ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ ଦେଇ କହିଥିଲେ ଯେ ବିଧାନସଭା ଦ୍ୱାରା ପାରିତ ବିଲ ଉପରେ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କୁ ତିନି ମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ପଡ଼ିବ। କେନ୍ଦ୍ର ସରକାର ଏହାକୁ ବିରୋଧ କରି ଯୁକ୍ତି କରିଛନ୍ତି ଯେ ରାଷ୍ଟ୍ରପତିଙ୍କ ପାଇଁ ସମୟସୀମା ଧାର୍ଯ୍ୟ କରାଯାଇପାରିବ ନାହିଁ।

# ମଥୁରା-ବୃନ୍ଦାବନର ଅଧା ଅଞ୍ଚଳ ଜଳମଗ୍ନ

## ହରିୟାଣାର ଘାଗର ଡ୍ରେନ୍‌ରେ ଘାଇ

## ୩୦୦ ଏକର ଫସଲ ନଷ୍ଟ

ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ଉତ୍ତର ଭାରତରେ ବର୍ଷା ଓ ବନ୍ୟା ଯୋଗୁଁ ଏବେ ବି ସ୍ଥିତି ସଙ୍ଗୀନ ରହିଛି। ହରିୟାଣର ସିର୍ସାରେ ହିସାର ମଲ୍ଟିପର୍ପଜ ଘାଗର ଡ୍ରେନ୍ ଭାଙ୍ଗିବା କାରଣରୁ ୩୦୦ ଏକର ଜମିର ଫସଲ ନଷ୍ଟ ହୋଇଯାଉଛି। ଡ୍ରେନ୍‌ରେ ୫୦ ଫୁଟ ଓସାରର ଘାଇ ହୋଇଛି। ହରିୟାଣାର ୬ଟି ଜିଲ୍ଲାରେ ବର୍ଷା ହେବା ନେଇ ସତର୍କତା ଜାରି କରାଯାଇଛି। ସେହିପରି ଉତ୍ତରପ୍ରଦେଶରେ ପ୍ରବଳ ବର୍ଷା କାରଣରୁ ଗଙ୍ଗା, ଯମୁନା ସମେତ ଅନ୍ୟ ନଦୀଗୁଡିକରେ ପାଣି ତଥା ଜଳସ୍ତର ବୃଦ୍ଧି ପାଇଛି। ହାଥିନୀ କୁଣ୍ଡ ବ୍ୟାରେଜରେ ପାଣି ଛଡ଼ାଯିବା ଯୋଗୁଁ ମଥୁରା ଓ ବୃନ୍ଦାବନରେ ବନ୍ୟା ଆସିଛି ଓ ୫୦ ପ୍ରତିଶତ ଅଞ୍ଚଳ ଜଳମଗ୍ନ ହୋଇଛି। ସେହିପରି ରାଧାବଲ୍ଲଭ ମନ୍ଦିରରେ ମଧ୍ୟ ପାଣି ପଶିଯାଇଛି। ଛତିଶଗଡ଼ ରାଜଧାନୀ ରାୟପୁରରେ ବଜ୍ରପାତ ଯୋଗୁଁ ବିମାନବନ୍ଦରର ନାଭିଗେସନ ସିଷ୍ଟମ ଖରାପ ହୋଇଯାଇଛି। ଫଳରେ ୫ଟି ବିମାନର ଗତିପଥ ବଦଳାଯାଇଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଆଗାମୀ ୪-୫ ଦିନ ପର୍ଯ୍ୟନ୍ତ ପ୍ରଭାବ ପକାଇବ। ଏହାର ପ୍ରଭାବ କେବଳ ଦେଶର ଉପକୂଳ ଓ କେନ୍ଦ୍ର ଅଞ୍ଚଳରେ ରହିବ। ଫଳରେ ଓଡ଼ିଶା, ଅରୁଣାଚଳ ପ୍ରଦେଶ, ଆନ୍ଧ୍ରପ୍ରଦେଶ ସମେତ ପୂର୍ବାଞ୍ଚଳ ରାଜ୍ୟଗୁଡିକରେ ଶୁକ୍ରବାର ପ୍ରବଳ ବର୍ଷା ହେବ ବୋଲି ଆଶଙ୍କା କରାଯାଉଛି। ସେହିପରି ଗୁଜରାଟ ବନାସକାଣ୍ଠାରେ ୧୬ ଇଞ୍ଚର ବର୍ଷା କାରଣରୁ ୧୨ରୁ ଅଧିକ ଗାଁ ଜଳମଗ୍ନ ହୋଇଯାଇଛି। କର୍ଣ୍ଣାଟକ କଲବୁର୍ଗିରେ କ୍ରମାଗତ ବର୍ଷା କାରଣରୁ ସଡକରେ ପାଣି ବହିଛି। ହରିୟାଣାରେ ଏକ ଚଳନ୍ତା ସ୍କୁଲ ବସ୍ ସଡ଼କ ଉପରେ ହିଁ ଧସି ପଡ଼ିଛି।



# ରାଜନୈତିକ ଭାବେ ମୋତେ ଟାର୍ଗେଟ ପାଇଁ ଟଙ୍କା ଖର୍ଚ୍ଚ କରାଯାଉଛି: ଗଡକରୀ

ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ମୋତେ ରାଜନୈତିକ ଭାବେ ନିଶାଣ କରାଯାଉଛି। ଅର୍ଥ ଦେଇ ସାମାଜିକ ଗଣମାଧ୍ୟମରେ ମୋ ବିରୋଧରେ ପ୍ରଚାରପ୍ରସାର କରାଯାଉଛି। କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ ଏହି ଅଭିଯୋଗ ଲଗାଇଛନ୍ତି। 'ସୋସାଇଟି ଅଫ୍ ଅଟୋମୋବାଇଲ ମାନ୍ୟୁଫ୍ୟାକ୍ଟର'ର ବାର୍ଷିକ ସମ୍ମିଳନୀକୁ ସମ୍ବୋଧନ କରି ଇଥାନଲ ବେଣ୍ଡିଂକୁ ନେଇ ପଚରା ଯାଇଥିବା ପ୍ରଶ୍ନର ଉତ୍ତରରେ ଗଡ଼କରୀ ଏହି ଟିପ୍ପଣୀ ଦେଇଛନ୍ତି। ସେ କହିଛନ୍ତି ଯେ ଅଟମୋବାଇଲ ରିସର୍ଚ୍ଚ ଆସୋସିଏସନ ଅଫ୍ ଇଣ୍ଡିଆ (ଏଆରଏଆଇ) ଭଳି ଅଟୋମୋବାଇଲ ଉତ୍ପାଦକ ସଂଗଠନ ପେଟ୍ରୋଲରେ ଇଥାନଲ ମିଶାଇବାକୁ ନେଇ ରିପୋର୍ଟ ଦେଇଥିଲେ। ଯେଉଁ ଭଳି ଭାବେ ଏହି ଉଦ୍ୟୋଗ କାମ କରୁଛି ସେହିଭଳି ଭାବେ ରାଜନୀତି ମଧ୍ୟ ହେଉଛି। ଟଙ୍କା ଦେଇ ମୋ ବିରୋଧରେ ଅଭିଯାନ ଚଲାଯାଉଛି। ଏହା କେବଳ ରାଜନୈତିକ ନିଶାଣ କରିବା ଲାଗି ଉଦ୍ଦିଷ୍ଟ। ଇଥାନଲ୍ ମିଶ୍ରଣକୁ ନେଇ ସବୁ କିଛି ସ୍ପଷ୍ଟ ରହିଛି। ଏହା ଆମଦାନୀର ବିକଳ୍ପ, କମ୍ ଖର୍ଚ୍ଚ, ପ୍ରଦୂଷଣମୁକ୍ତ ଏବଂ ସ୍ୱଦେଶୀ। ଇ୨୦ ପେଟ୍ରୋଲ ଯୁଗାନ୍ତକାରୀ ସାବ୍ୟସ୍ତ ହେବ ବୋଲି ସରକାର କହୁଥିବାବେଳେ ଗାଡ଼ି ମାଲିକ ମାଇଲେଜ ହ୍ରାସ ପାଉଥିବା ଦାବି କରୁଛନ୍ତି। ଏ ନେଇ ବୃଥା ଯୁକ୍ତି କରାଯାଉଛି।

ଗଡକରୀ କହିଛନ୍ତି ଯେ ଜୀବାଶ୍ମ ଇନ୍ଧନ ଆମଦାନୀ ପାଇଁ ଭାରତ ବିପୁଳ ପରିମାଣର ଟଙ୍କା ଖର୍ଚ୍ଚ କରୁଛି। ଜୀବାଶ୍ମ ଇନ୍ଧନ ତଥା ଅଶୋଧିତ ତୈଳ ଆମଦାନୀ ହ୍ରାସ କରିବା ଏବଂ ସଞ୍ଚିତ ଟଙ୍କାକୁ ଭାରତୀୟ ଅର୍ଥନୀତିରେ ଲଗାଇବା କ'ଣ ଆର୍ଥିକ ଦୃଷ୍ଟିରୁ ଏକ ଭଲ ପଦକ୍ଷେପ ନୁହେଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଆମେ ମକାରୁ ଇଥାନଲ୍ ପାଇଲୁ। ଏଥିଯୋଗୁଁ ଚାଷୀମାନେ ୪୫ ହଜାର କୋଟି ଟଙ୍କା ଲାଭ କରିଛନ୍ତି। ସେହିପରି ପ୍ରଦୂଷଣ ହ୍ରାସ କରିବାକୁ ନେଇ ବିଶ୍ୱ ଏକମତ ରହିଛି। ଯଦି ଏହି ସ୍ତରର ପ୍ରଦୂଷଣ ଜାରି ରହେ ତେବେ ଦିଲ୍ଲୀ ବାସିନ୍ଦା ୧୦ ବର୍ଷ ଆୟୁଷ ହରାଇବେ।

# ମହାନଦୀ ନଦୀତଟ ବିକାଶ ଯୋଜନାକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ଭୁବନେଶ୍ୱର, ୧୧।୯ (ସମିସ): ମହାନଦୀ ନଦୀତଟ ବିକାଶ ଯୋଜନାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ମଞ୍ଜୁରୀ ଦେଇଛନ୍ତି। ଏହି ଯୋଜନା ୨୦୨୫-୨୬ରୁ ୨୦୨୭-୨୮ ମଧ୍ୟରେ କାର୍ଯ୍ୟକାରୀ ହେବ ଏବଂ ତିନି ବର୍ଷରେ୨୪୦ କୋଟି ଟଙ୍କା ଖର୍ଚ୍ଚ ହେବ। ଜଳସମ୍ପଦ ବିକାଶ ବିଭାଗ ଦ୍ୱାରା ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ଏହି ଅର୍ଥ ଖର୍ଚ୍ଚ ହେବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମହାନଦୀ ହେଉଛି ଓଡ଼ିଶାର



- ତିନି ବର୍ଷରେ ଖର୍ଚ୍ଚ ହେବ ୨୪୦ କୋଟି
- ସମ୍ବଲପୁରର ମାଣ୍ଡଲିଆରୁ ଚୌନପୁର ପର୍ଯ୍ୟନ୍ତ ମହାନଦୀ ତଟ ବିକାଶ ପାଇଁ ୧୬୦ କୋଟି,
- ଭୁବନେଶ୍ୱର ପାଣ୍ଡରା ନିକଟ କୁଆଖାଇ ଓ କୁଶଭଦ୍ରା ତଟ ବିକାଶ ପାଇଁ ୮୦ କୋଟି

ଜୀବନରେଖା। ମହାନଦୀର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ପରିବେଶ, ସାଂସ୍କୃତିକ ତଥା ଆଧ୍ୟାତ୍ମିକ ପର୍ଯ୍ୟଟନର ପ୍ରମୁଖ କେନ୍ଦ୍ରରେ ପରିଣତ କରାଯିବ। ଏହି ପର୍ଯ୍ୟଟନ ସ୍ଥଳଗୁଡ଼ିକ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଯୋଜନାରେ ଦୁଇଟି ସ୍ଥାନରେ ନଦୀତଟର ବିକାଶ କରାଯିବ। ପ୍ରଥମଟି ହେଉଛି, ସମ୍ବଲପୁରର ମନ୍ଦଲିଆରୁ ଚାଉଁରପୁର ପର୍ଯ୍ୟନ୍ତ ମହାନଦୀରେ ନଦୀକୂଳ ବିକାଶ। ଏଥିରେ ପାର୍କିଂ ସ୍ଥାନ, ଜଗିଙ୍ଗ୍ ପାର୍କ, ସେଲଫି ପଏଣ୍ଟ, ପାର୍କ, ଖୋଲା ଜିମ୍, ଘାଟର ଉନ୍ନତୀକରଣ, ସ୍ନାନଘାଟ ନିର୍ମାଣ, ଆରତୀ ଘାଟ, ଥିମ୍ ପ୍ଲାଜା, ସଫିଂ କମ୍ପ୍ଲେକ୍ସ, ଶୌଚାଳୟ ଆଦିର ବିକାଶ କରାଯିବ। ଏଥିପାଇଁ ୧୬୦ କୋଟି ଟଙ୍କା ବିନିଯୋଗ ହେବ।

ଦ୍ୱିତୀୟଟି ହେଉଛି, ଭୁବନେଶ୍ୱର ପାଣ୍ଡରା ନିକଟ କୁଆଖାଇ ଓ କୁଶଭଦ୍ରା ନଦୀରେ ନଦୀତଟ ବିକାଶ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିରେ ସୁରକ୍ଷା କାର୍ଯ୍ୟ ସହିତ ନଦୀକୂଳ ଘାଟର ବିକାଶ, ରିଂରୋଡ୍ ସହ ଦୃଶ୍ୟ ପଏଣ୍ଟ ବିକାଶ, ଭାସମାନ ଜେଟି, ଲକ୍‌ଗେଟ୍, ସେତୁ, ପାର୍କିଂ, କାଫେଟେରିଆ, ଶୌଚାଳୟ, ନଦୀପଥ ସହ ଆଭ୍ୟନ୍ତରୀଣ ପାଦଚଲା ରାସ୍ତା ନିର୍ମାଣ କରାଯିବ। ଏଥିପାଇଁ ୮୦ କୋଟି ଟଙ୍କା ବିନିଯୋଗ କରାଯିବ।

ସୂଚନାଯୋଗ୍ୟ, ନଦୀକୂଳରେ ସହର ପାଇଁ ସାମାଜିକ, ସାଂସ୍କୃତିକ ସୁବିଧା ଯୋଗାଇଦେବା ଏହି ଯୋଜନାର ପ୍ରମୁଖ ଉଦ୍ଦେଶ୍ୟ। ସେହିପରି ଯୋଜନା ଅଧୀନରେ ଘରୋଇ ସହଭାଗିତା ମାଧ୍ୟମରେ ଜଳକ୍ରୀଡ଼ା, ମନୋରଞ୍ଜନ ପାର୍କ, ବିଜ୍ଞାନ ପାର୍କ, ହର୍ବାଲ ଉଦ୍ୟାନ ଆଦିର ବିକାଶ ପାଇଁ ମୌଳିକ ଭିତ୍ତିଭୂମି ନିର୍ମାଣ, ନଦୀତଟ କ୍ଷୟ ତଥା ନଦୀ ସଂରଚନାର ନିୟନ୍ତ୍ରଣ, ଆବର୍ଜନା ନିଷ୍କାସନ ପଥ ପରିବର୍ତ୍ତନ କରି ନଦୀଜଳ ସଫା ରଖିବା, ଜଳ ସଂରକ୍ଷଣ ଦ୍ୱାରା ଜଳାଭାବ ସମୟରେ ନିକଟସ୍ଥ ଅଞ୍ଚଳକୁ ପାନୀୟ ଜଳ ଯୋଗାଣ ଏବଂ ସମ୍ବଲର ସ୍ଥାୟୀ ବିକାଶ ସହ ପାରିପାର୍ଶ୍ୱିକ କ୍ଷେତ୍ରକୁ ପୁନର୍ଜୀବିତ କରିବାକୁ ମଧ୍ୟ ଲକ୍ଷ୍ୟ ରଖାଯାଇଛି।

## ବିଡିଓଙ୍କ ବିଲ୍ ପାସ୍ କ୍ଷମତା ବୃଦ୍ଧିକୁ ବିଜେଡିର ଦୃଢ଼ ବିରୋଧ

# 'ପଞ୍ଚାୟତ ସମିତି କ୍ଷମତା ସଙ୍କୁଚିତ ନିଷ୍ପତ୍ତି ଅଗଣତାନ୍ତ୍ରିକ'

ଭୁବନେଶ୍ୱର, ୧୧।୯ (ସମିସ): ବୁଧବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍‌ରେ ବିଡିଓମାନଙ୍କ ଆର୍ଥିକ ମଞ୍ଜୁରି କ୍ଷମତା ବୃଦ୍ଧି କରାଯାଇଛି। ପଞ୍ଚାୟତ ସମିତି କାର୍ଯ୍ୟର ବିଲ୍ ପାସ କରିବା କ୍ଷେତ୍ରରେ ବିଡିଓମାନଙ୍କ କ୍ଷମତା କୌଣସି ପ୍ରତି ସ୍ୱାକ୍ଷର ବିନା ପୂର୍ବରୁ ୨ ଲକ୍ଷ ଥିବା ବେଳେ ଏହାକୁ ୧୦ ଲକ୍ଷକୁ ବୃଦ୍ଧି କରାଯାଇଛି। ସରକାରଙ୍କ ଏପରି ନିଷ୍ପତ୍ତିକୁ ବିଜେଡି ଦୃଢ଼ ସମାଲୋଚନା କରିଛି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଉପରେ କୁଠାରଘାତ ସଦୃଶ୍ୟ। ନବୀନ ସରକାରଙ୍କ ସମୟରେ ପଞ୍ଚାୟତ ସମିତିକୁ ପ୍ରଭୂତ କ୍ଷମତା ପ୍ରଦାନ କରାଯାଇଥିବା ବେଳେ ବର୍ତ୍ତମାନର ବିଜେପି ସରକାର ତାହାକୁ ପ୍ରତ୍ୟାହାର କରିବା ପାଇଁ ଅପଚେଷ୍ଟା କରୁଛି। ତେଣୁ, ଏହା ବିରୋଧରେ ଆନ୍ଦୋଳନ କରିବ ବୋଲି ଦଳ ଚେତାବନୀ ଦେଇଛି।

ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ବିଧାୟକ ଡ. ଅରୁଣ କୁମାର ସାହୁ, ଉପସଭାପତି ତଥା ରାଜ୍ୟ ବରିଷ୍ଠ ଗଣମାଧ୍ୟମ ସଂଯୋଜକ ପ୍ରତାପ ଜେନା ଏହି ନିଷ୍ପତ୍ତିକୁ ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ ବୋଲି କହିଛନ୍ତି।

ଡ. ସାହୁ କହିଥିଲେ ଯେ ପୂର୍ବରୁ ୨ଲକ୍ଷରୁ ଊର୍ଦ୍ଧ୍ୱ ପରିମାଣର ବିଲ୍ ଆସିଲେ, ସେଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ପ୍ରତି ସ୍ୱାକ୍ଷର ଆବଶ୍ୟକ ଥିଲା। ପରିବର୍ତ୍ତିତ ନିୟମ ଅନୁଯାୟୀ ବିଲ୍ ମୂଲ୍ୟ ୧୦ ଲକ୍ଷ ପର୍ଯ୍ୟନ୍ତ ଥିଲେ କେବଳ ବିଡିଓଙ୍କ ସ୍ୱାକ୍ଷର ପର୍ଯ୍ୟାପ୍ତ ହେବ। ପଞ୍ଚାୟତ ସମିତି ମାଧ୍ୟମରେ ହେଉଥିବା ବିଭିନ୍ନ କାର୍ଯ୍ୟଗୁଡ଼ିକର ବିଲ୍ ମୂଲ୍ୟ ପ୍ରାୟତଃ ୧୦ ଲକ୍ଷରୁ ତଳେ ରହିଥାଏ। କାଁ ଭାଁ ଗୋଟେ ଅଧେ



ବିଲ୍ ୧୦ ଲକ୍ଷରୁ ଅଧିକ ମୂଲ୍ୟର ଥାଏ। ତେଣୁ ସରକାରଙ୍କ ଏହି ନିଷ୍ପତ୍ତି କେବଳ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ କ୍ଷମତାକୁ ସଙ୍କୁଚିତ କରିବା ପାଇଁ ଉଦ୍ଦିଷ୍ଟ ବୋଲି ସ୍ପଷ୍ଟ। ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ପଞ୍ଚାୟତ ସମିତିରେ ନିର୍ବାଚିତ ପ୍ରତିନିଧି ମାଧ୍ୟମରେ କାର୍ଯ୍ୟ ହେଉଥିବାରୁ ଏହି ନିଷ୍ପତ୍ତି ସମ୍ବିଧାନ ବିରୋଧୀ ବୋଲି ସେ କହିଛନ୍ତି।

ସେ ଆହୁରି କହିଥିଲେ ଯେ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ। ରାଜ୍ୟର ଅଧିକାଂଶ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ବିଜେଡି ଦଖଲରେ ଥିବାରୁ ସେମାନଙ୍କ କ୍ଷମତା ସଂକୁଚିତ କରିବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି। ଅପରପକ୍ଷେ ଏହା କେବଳ ବାବୁରାଜକୁ ପ୍ରୋତ୍ସାହନ ଯୋଗାଉଛି।

ବିରୋଧୀ ଦଳରେ ଥିବା ବେଳେ ବାବୁରାଜ ବିରୋଧରେ

- ବିଡିଓଙ୍କ କ୍ଷମତା ବୃଦ୍ଧି ମାଧ୍ୟମରେ ବାବୁରାଜକୁ ପ୍ରୋତ୍ସାହନ
- ବିଡିଓଙ୍କୁ ଚାପରେ ରଖି ବିଜେପି ନେତାଙ୍କ ପାଇଁ ପିସି ସଂଗ୍ରହ ଲକ୍ଷ୍ୟ

ସ୍ୱର ଉତ୍ତୋଳନ କରିଆସୁଥିବା ବିଜେପି କ୍ଷମତାକୁ ଆସିବା ପରେ ବାବୁରାଜକୁ ପ୍ରୋତ୍ସାହନ ଦେଉଥିବା ଏହି ନିଷ୍ପତ୍ତିରୁ ସ୍ପଷ୍ଟ ହେଉଛି। ଏହା ପୂର୍ବରୁ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ପଞ୍ଚାୟତରୁ ଆସୁଥିବା ପ୍ରସ୍ତାବକୁ ପ୍ରତ୍ୟାଖାନ କରିବାକୁ ଜିଲ୍ଲାପାଳଙ୍କୁ କ୍ଷମତା ପ୍ରଦାନ କରାଯାଇଥିଲା। ଏହାଛଡ଼ା ବିଧାୟକମାନେ ମଧ୍ୟ ଏହି ଯୋଜନାର ୪୦ ପ୍ରତିଶତ ପ୍ରସ୍ତାବ ଦେଇପାରିବେ ବୋଲି ସରକାର ନିୟମ କରିଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି ଯେ ରାଜ୍ୟ ବିଜେପି ସରକାର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧିମାନଙ୍କଠାରୁ କ୍ଷମତା କାଢ଼ିନେଇ ନିଜେ ଉପଭୋଗ କରିବାକୁ ଉଦ୍ୟମ କରୁଛନ୍ତି। ଏହି ନିଷ୍ପତ୍ତି ବିରୋଧରେ ବିଜେଡି ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ।

ବରିଷ୍ଠ ନେତା ପ୍ରତାପ ଜେନା କହିଥିଲେ, ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ତୃଣମୂଳସ୍ତରରେ କ୍ଷମତାର ବିକେନ୍ଦ୍ରୀକରଣ। ରାଜ୍ୟ ସରକାର ନିଜ କ୍ଷମତାର ଅପବ୍ୟବହାର କରି ଏପରି ନିଷ୍ପତ୍ତି ନେଇଛନ୍ତି। ବିଡିଓମାନଙ୍କୁ ହାତବାରିସି କରି ଓ ତାଙ୍କ ଉପରେ ଚାପ ପକାଇ ପଞ୍ଚାୟତରେ ହେଉଥିବା କାର୍ଯ୍ୟଗୁଡ଼ିକରୁ ବିଜେପି ନେତାମାନେ କିପରି ପିସି ଆଦାୟ କରିପାରିବେ, ସେଥିପାଇଁ ରାଜ୍ୟ ସରକାର ଏହି ବ୍ୟବସ୍ଥା କରିଛନ୍ତି। ଏହାକୁ ତୁରନ୍ତ ପ୍ରତ୍ୟାହାର କରାନଗଲେ ରାଜ୍ୟର ସମସ୍ତ ବ୍ଲକ୍‌ର ଅଧ୍ୟକ୍ଷ, ପଞ୍ଚାୟତ ସମିତି ସଦସ୍ୟ ଓ ସରପଞ୍ଚମାନଙ୍କୁ ନେଇ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।

# ଏନ୍‌କାଉଣ୍ଟରରେ ୧୦ ମାଓବାଦୀ ନିହତ

ନୂଆପଡ଼ା/ମାଲକାନଗିରି, ୧୧।୯ (ସମିସ): ମାଓବାଦୀ ବିରୋଧୀ ଅଭିଯାନରେ ସୁରକ୍ଷାବାହିନୀକୁ ବଡ଼ ସଫଳତା ମିଳିଛି। ଛତିଶଗଡ଼ ଗରିଆବନ୍ଦ ଜିଲ୍ଲା ମୈନପୁରୀ ଜଙ୍ଗଲରେ ସୁରକ୍ଷାବାହିନୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଜାରି ରହିଛି। ଏହି ସଂଘର୍ଷରେ ୧୦ ମାଓବାଦୀ ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଏକ କୋଟି

- ବାଲକୃଷ୍ଣ ମୁଣ୍ଡ ଉପରେ ଥିଲା କୋଟିଏ ଟଙ୍କାର ପୁରସ୍କାର
- ନାରାୟଣପୁରରେ ୧୬ ମାଓବାଦୀଙ୍କ ଆତ୍ମସମର୍ପଣ

ଟଙ୍କା ପୁରସ୍କାର ଥିବା ଦୁର୍ଦ୍ଦାନ୍ତ ନକ୍ସଲି ମୋଡେମ ବାଲକୃଷ୍ଣ ସାମିଲ ରହିଛି। ସେହିପରି ୨ ଯବାନ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏବେ ବି ଉକ୍ତ ଅଞ୍ଚଳରେ ଏସ୍‌ପି ନିଖିଲ ରାଖେଚ ଏହି ସୂଚନା ଦେଇଛନ୍ତି। ଏହି ଏନ୍‌କାଉଣ୍ଟରରେ ସ୍ପେସିଆଲ ଟାର୍କ ଫୋର୍ସ (ଏସ୍‌ଟିଏଫ), ସିଆରପିଏଫର କୋବ୍ରା କମାଣ୍ଡୋ ଏବଂ ରାଜ୍ୟ ପୁଲିସ ବାହିନୀର ଅନେକ ଏଜେନ୍ସି ସାମିଲ ହୋଇଛନ୍ତି।

ରାୟପୁର ରେଞ୍ଜର ଆଇଜି ଅମରେଶ ମିଶ୍ର କହିଛନ୍ତି ଯେ ମୈନପୁରୀ ଜଙ୍ଗଲରେ ମାଓବାଦୀ ବିରୋଧୀ ଅଭିଯାନ ଚାଲିଥିଲା। ଏହି ସମୟରେ ସୁରକ୍ଷାବାହିନୀ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲା। ଦେଖୁ ଦେଖୁ ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ଆରମ୍ଭ ହୋଇ ଯାଇଥିଲା। ଜଙ୍ଗଲରେ ମାଓବାଦୀଙ୍କ ମୃତଦେହ ପଡ଼ି ରହିଛି। ଆଇଇଡି ଲଗା ଯାଇଥିବା ଆଶଙ୍କା କରାଯାଉଛି। ସେଥିପାଇଁ ରାତିରେ ତଲାସୀ ଅଭିଯାନ ଆରମ୍ଭ କରାଯାଇନାହିଁ।

ଅନ୍ୟପକ୍ଷରେ ନାରାୟଣପୁର ଜିଲ୍ଲାରେ ୧୬ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ବୁଧବାର ସନ୍ଧ୍ୟାରେ ବରିଷ୍ଠ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ଅସ୍ତ୍ର ଛାଡ଼ିଥିଲେ। ନାରାୟଣପୁର ଏସ୍‌ପି କହିଛନ୍ତି ଯେ ଆତ୍ମସମର୍ପଣ କରିଥିବା ବ୍ୟକ୍ତି ମାଓବାଦୀଙ୍କ ଚିନ୍ତାଧାରକୁ ନେଇ ବିଚଳିତ ଥିଲେ। ନିରୀହ ଆଦିବାସୀଙ୍କ ଉପରେ ସେମାନଙ୍କ ଦ୍ୱାରା କରାଯାଇଥିବା ଅତ୍ୟାଚାର ଏବଂ ନିଷିଦ୍ଧ ସଂଗଠନରେ ବଢ଼ୁଥିବା ଆଭ୍ୟନ୍ତରୀଣ ମତଭେଦକୁ ନେଇ ବୀତସ୍ପୃହ ହୋଇ ଯାଇଥିଲେ। ସମସ୍ତ ୧୬ ଜଣ ମାଓବାଦୀ ଜନତା ସରକାର, ଚେତନା ନାଟ୍ୟ ମଣ୍ଡଳି ଏବଂ ମାଓବାଦୀଙ୍କ ପଞ୍ଚାୟତ ମିଲିସିଆ ସଦସ୍ୟ ସମେତ ବିଭିନ୍ନ ୟୁନିଟର ନିମ୍ନ ସ୍ତରର କ୍ୟାଡର ଥିଲେ। ନିମ୍ନସ୍ତରରେ କାର୍ଯ୍ୟ କରୁଥିଲେ ମଧ୍ୟ ବିଭିନ୍ନ ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିଲେ।

## କଡ଼ାକଡ଼ି ହେଲା ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା

# ଚାରି ଦ୍ୱାରରେ ପୁଲିସ ପିନ୍ଧିବ ବଡି କ୍ୟାମେରା

ପୁରୀ, ୧୧।୯ (ସମିସ): ଏଣିକି ଶ୍ରୀମନ୍ଦିର ଭିତରକୁ ଆଉ ସନ୍ଦିଗ୍ଧ ବ୍ୟକ୍ତି ପ୍ରବେଶ କରିପାରିବେ ନାହିଁ। ପ୍ରବେଶପଥରେ ଯୁକ୍ତିତର୍କ କରୁଥିବା ବ୍ୟକ୍ତିଙ୍କ ଉପରେ ବି କଡ଼ା ନଜର ରହିବ। ଏଥିପାଇଁ ପୁରୀ ପୁଲିସ ପକ୍ଷରୁ ନୂଆ ପଦକ୍ଷେପ ଆରମ୍ଭ ହୋଇଛି। ବଡ଼ି କ୍ୟାମେରା ଲଗାଇ ସୁରକ୍ଷା କର୍ମୀ ଚାରିଦ୍ୱାରରେ ଜଗିବେ। ଏହାଦ୍ୱାରା ଦର୍ଶନ ବ୍ୟବସ୍ଥା ଆହୁରି ଶୃଙ୍ଖଳିତ ହେବା ସହ ସୁରକ୍ଷା କର୍ମୀମାନେ ସ୍ୱଚ୍ଛତାର ସହ ସେମାନଙ୍କ ଡ୍ୟୁଟି କରିପାରିବେ। ପୁଲିସର ଏଭଳି ପଦକ୍ଷେପକୁ ସବୁ ମହଲରେ ସ୍ୱାଗତ କରାଯାଇଛି।



ପୁଲିସ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଶ୍ରୀମନ୍ଦିର ଚାରିଦ୍ୱାରରେ ନିୟୋଜିତ ପୁଲିସ କର୍ମଚାରୀମାନଙ୍କୁ ବଡି କ୍ୟାମେରା ସହ ସଜ୍ଜିତ କରାଯାଇଛି। ସେଥିରେ ଅଡିଓ ରେକର୍ଡିଂ ଏବଂ ଯଥେଷ୍ଟ ସଂରକ୍ଷଣ କ୍ଷମତା ରହିଛି। ଏହାଦ୍ୱାରା ମନ୍ଦିର ପରିସରରେ ପ୍ରବେଶ କରୁଥିବା ସନ୍ଦିଗ୍ଧ ବ୍ୟକ୍ତିମାନଙ୍କ ଉପରେ ନଜର ରଖିହେବ। ମନ୍ଦିର ଭିତରକୁ ପ୍ରତିବନ୍ଧିତ ସାମଗ୍ରୀ ଆଣିବାକୁ ନିଷେଧ କରିବାରେ ମଧ୍ୟ କ୍ୟାମେରାଗୁଡ଼ିକ ସାହାଯ୍ୟ କରିବ। ଏହାବ୍ୟତୀତ ଅଣସେବାୟତଙ୍କୁ ଚିହ୍ନଟ ଏବଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସୁରକ୍ଷା କର୍ମୀମାନଙ୍କୁ ସୁବିଧା ହେବ। ଏହି କ୍ୟାମେରାଗୁଡ଼ିକ ଦ୍ୱାରା ରେକର୍ଡ ହୋଇଥିବା ଫୁଟେଜ୍ ମନ୍ଦିର ଭିତରେ ସାମଗ୍ରିକ ସୁରକ୍ଷା ଏବଂ ସୁରକ୍ଷାକୁ ଉନ୍ନତ କରିବାରେ ସାହାଯ୍ୟ କରିବ। ଏହି ଅଭିନବ ପଦ୍ଧତି ଶ୍ରୀମନ୍ଦିରକୁ ଆସୁଥିବା ଲକ୍ଷଲକ୍ଷ ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକଙ୍କୁ ସୁରକ୍ଷା ଯୋଗାଇବା ସହ ମନ୍ଦିରର ମର୍ଯ୍ୟାଦା ଏବଂ ପବିତ୍ରତାକୁ ବଜାୟ ରଖିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ତହସିଲ ଅଫିସ୍‌ରେ ବାର୍‌ହା ମାଂସର ଆସର

ଢେଙ୍କାନାଳ/ଗଁଦିଆ, ୧୧।୯ (ସମିସ): ଢେଙ୍କାନାଳ ବନଖଣ୍ଡ ଷଡ଼ଙ୍ଗୀ ରେଞ୍ଜ ଅନ୍ତର୍ଗତ ଗଁଦିଆ ତହସିଲ କାର୍ଯ୍ୟାଳୟ ପରିସର ସରକାରୀ ବାସଭବନରେ ବାର୍‌ହା ମାଂସ ଭୋଜିର ଆସର ଜମୁଥିବା ବେଳେ ବନବିଭାଗ ଚଢ଼ଉ କରି ମାଂସ ଜବତ କରିବା ସହ ୩ ଜଣଙ୍କୁ ଅଟକ ରଖିଛି। ଅଟକ ଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଜଣେ ରୋଷେୟା, ଜଣେ ସ୍ଥାନୀୟ ବାସିନ୍ଦା ଓ କାର୍ଯ୍ୟାଳୟର ପିଅନ।



ତହସିଲ କାର୍ଯ୍ୟାଳୟ ପରିସରରେ ଥିବା ଏକ ସରକାରୀ ବାସଭବନରେ ବାର୍‌ହା ମାଂସ ରୋଷେଇ ପାଇଁ ପ୍ରସ୍ତୁତି ଚାଲିଥିଲା। କୌଣସି ସୂତ୍ରରୁ ଖବର ପାଇ ଷଡ଼ଙ୍ଗୀ ବନ ବିଭାଗ ପକ୍ଷରୁ ସେଠାରେ ଅଚାନକ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ସେଠାରୁ କଟା ବାର୍‌ହା ମାଂସ ସହ କିଛି ମସଲା, ତେଲ ଓ ଅନ୍ୟ ଖାଦ୍ୟ ସାମଗ୍ରୀ ଜବତ କରାଯାଇଛି। ନିକଟରେ କପିଳାସ ଅଭୟାରଣ୍ୟ ଥିବାରୁ ଏହି ଅଞ୍ଚଳରେ ଜନ୍ତୁଶିକାର

**ରୋଷେଇ ବେଳେ ମାଡ଼ି ବସିଲା ବନ ବିଭାଗ; ୩ ଅଟକ**

ନିୟମିତ ଘଟଣାରେ ପରିଣତ ହୋଇଛି। ବିଶେଷକରି ହରିଣ ଓ ବାର୍‌ହାକୁ ଟାର୍ଗେଟ୍ କରି ଶିକାର କରାଯାଉଛି। ହରିଣ ମାଂସ କେଜି ୩୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ବାର୍‌ହା ମାଂସ ମଧ୍ୟ ୨ଶହ ଟଙ୍କାରେ ମିଳୁଛି। ଆଜିର ଘଟଣା ପରେ କପିଳାସ ଅଭୟାରଣ୍ୟରେ ଜନ୍ତୁ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଲୋକାୟୁକ୍ତରେ ଅଚଳାବସ୍ଥା

## ଖାଲି ପଡ଼ିଛି ଅଧ୍ୟକ୍ଷ ଓ ସଦସ୍ୟ ପଦ

କଟକ, ୧୧।୯ (ସମିସ): ଅଧ୍ୟକ୍ଷ ଓ ସଦସ୍ୟ ପଦ ଦୀର୍ଘ ଦିନ ଧରି ଖାଲି ପଡ଼ିବା କାରଣରୁ ଲୋକାୟୁକ୍ତରେ ଅଚଳାବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗରେ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଉକ୍ତ ପଦବୀ ପୂରଣ ସଂକ୍ରାନ୍ତରେ ଆସନ୍ତା ୨ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ଅଦାଲତ। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାନବାଧିକାର

**ସତ୍ୟପାଠ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ**



କର୍ମୀ ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅକ୍ଟୋବର ୧୬ତାରିଖକୁ ଧାର୍ଯ୍ୟ ହୋଇଛି। ଲୋକାୟୁକ୍ତର ଅଧ୍ୟକ୍ଷ, ଜଣେ ବିଚାର ବିଭାଗୀୟ ସଦସ୍ୟ ଏବଂ ଅନ୍ୟ ଦୁଇ ସଦସ୍ୟଙ୍କ ୫ବର୍ଷିଆ କାର୍ଯ୍ୟକାଳ ଯଥାକ୍ରମେ ଗତ ୨୦୨୪ ମାର୍ଚ୍ଚ ୧୯, ୨୦୨୪ ମାର୍ଚ୍ଚ ୩୦, ୨୦୨୪ ଏପ୍ରିଲ ୩ ଓ ଅଗଷ୍ଟ ୭ରେ ଶେଷ ହୋଇଥିଲା। ଗତ ୨୦୨୪ ଅଗଷ୍ଟ ୮ରୁ ଲେକାୟୁକ୍ତରେ ଏଥିପାଇଁ ଅଚଳାବସ୍ଥା ଦେଖାଦେଇଥିବା ଆବେଦନକାରୀ ଦର୍ଶାଇଛନ୍ତି। ୨୦୨୪ ମସିହା ଓ ୨୦୨୫ ମସିହା ମେ' ମାସ ପର୍ଯ୍ୟନ୍ତ ଲୋକାୟୁକ୍ତଙ୍କ ନିକଟରେ ମୋଟ ୪୪୪ଟି ମାମଲା ରୁଜୁ ହୋଇଥିଲା। ୨୦୨୪ରେ କେବଳ ୧୪୯ଟି ମାମଲା ଫଏସଲା ହୋଇପାରିଥିଲା। ୨୦୨୫ ଜାନୁଆରିରୁ ମେ' ପର୍ଯ୍ୟନ୍ତ ୮୩ଟି ମାମଲା ଦାୟର ହୋଇଥିଲା। ଲୋକାୟୁକ୍ତରେ ଅଧ୍ୟକ୍ଷ ଓ ସଦସ୍ୟ ପଦଗୁଡ଼ିକ ଖାଲି ପଡ଼ିଥିବାରୁ ଏହି ସବୁ ମାମଲା ବିଚାରାଧୀନ ଥିବା ଆବେଦନକାରୀ ସୂଚନା ଅଧିକାର ଆଇନରେ ହସ୍ତଗତ କରିଥିବା ତଥ୍ୟକୁ ଆବେଦନରେ ଉଲ୍ଲେଖ କରିଛନ୍ତି।

ଓଡ଼ିଶା ଲୋକାୟୁକ୍ତ ଆଇନ-୨୦୧୪ ଅନୁସାରେ, ସରକାର ୨୦୧୯ ଫେବ୍ରୁଆରି ୨୮ରେ ଲୋକାୟୁକ୍ତ ପ୍ରତିଷ୍ଠା କରିଥିଲେ। ୨୦୧୯ ମାର୍ଚ୍ଚ ୨୦ରେ ଲୋକାୟୁକ୍ତ ଅଧ୍ୟକ୍ଷ ଓ ପରବର୍ତ୍ତୀ ସମୟରେ ଏହାର ସଦସ୍ୟମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ୨୦୨୪ ମାର୍ଚ୍ଚ ୨୦ରୁ ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ଅନ୍ୟ ସଦସ୍ୟମାନଙ୍କ କାର୍ଯ୍ୟକାଳ ମଧ୍ୟ ୨୦୨୪ ଅଗଷ୍ଟ ୭ ସୁଦ୍ଧା ସରିଯାଇଛି। ଧାରା-୬ ଅନୁସାରେ ଲୋକାୟୁକ୍ତରେ ଅଧ୍ୟକ୍ଷ ଓ ସଦସ୍ୟ ପଦ ଖାଲି ହେବାର ୩ ମାସ ପୂର୍ବରୁ ଲୋକାୟୁକ୍ତ ଆଇନ ଅନୁସାରେ ପଦ ପୂରଣ ପାଇଁ ପଦକ୍ଷେପ ନିଆଯିବା କଥା। ରାଜ୍ୟ ସରକାର ଗତ ୨୦୨୪ ଫେବ୍ରୁଆରି ୨୧ର ଗେଜେଟ୍ ବିଜ୍ଞପ୍ତି ଅନୁସାରେ ଲୋକାୟୁକ୍ତ ଅଧ୍ୟକ୍ଷ ଓ ସଦସ୍ୟ ନିଯୁକ୍ତି ପାଇଁ ଚୟନ ଓ ସର୍ଚ୍ଚ କମିଟି ଗଠନ କରିଥିଲେ ସୁଦ୍ଧା ଅଦ୍ୟାବଧି ନିଯୁକ୍ତି ଦିଆଯାଇନଥିବାରୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଜିଏ ବିଭାଗର ପ୍ରମୁଖ ସଚିବଙ୍କୁ ଆବେଦନକାରୀ ପକ୍ଷଭୁକ୍ତ କରିଛନ୍ତି।

# ସାର ପାଇଁ ଟଙ୍କା ମାଗୁଛନ୍ତି ସଂପାଦକ

ଧରାକୋଟ/ସୋରଡ଼ା, ୧୧।୯ (ସମିସ): ସାର ଅଭାବକୁ ନେଇ ରାଜ୍ୟବ୍ୟାପୀ ଚାଷୀ ଅସନ୍ତୋଷ ଦେଖାଦେଇଥିବା ବେଳେ ଗଞ୍ଜାମ ଜିଲ୍ଲା ଏଥିରୁ ବାଦ୍ ପଡ଼ିନି। ଏହାକୁ ନେଇ ଧରାକୋଟ ବ୍ଲକ୍‌ର ଦୁଇ ଦୁଇଟି ସେବା ସମବାୟ ସମିତିରେ

- ସମିତି ଅଫିସ୍‌ରେ ଠେଲାପେଲା, ଥାନାରେ ମାମଲା
- ମାଣିକପୁରରେ ସାର ନଦେଇ ଭୟରେ ପଳାଇଲେ ସମ୍ପାଦକ

ଅପ୍ରୀତିକର ପରିସ୍ଥିତି ଦେଖାଦେଇଛି। ରୁଗୁମୁ ସେବା ସମବାୟ ସମିତିରେ ସାର ପାଇଁ ଚାଷୀଙ୍କୁ ଟଙ୍କା ମାଗିବାକୁ କେନ୍ଦ୍ର କରି ସମିତି ସଂପାଦକ ଓ ଜଣେ ଚାଷୀଙ୍କ ମଧ୍ୟରେ ଧସ୍ତାଧସ୍ତି, ଠେଲାପେଲା ଭଳି ପରିସ୍ଥିତି ଉପୁଜିଛି। ଏପରିକି, କଥା ଥାନା ପର୍ଯ୍ୟନ୍ତ ଯାଇଛି। ଏନେଇ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେହିପରି, ମାଣିକପୁର ସେବା ସମବାୟ ସମିତିରେ ଚାଷୀଙ୍କ ଲମ୍ବା ଲାଇନ୍ ଦେଖି ସାର ନଦେଇ ସମ୍ପାଦକ ଭୟରେ ପଳାଇବା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାନୁସାରେ, ଗତ ମଙ୍ଗଳବାର ସାର ନେବା ପାଇଁ ରୁଗୁମୁ ସେବା ସମବାୟ ସମିତି ଆଗରେ ଚାଷୀଙ୍କ ଲମ୍ବା ଲାଇନ ଲାଗିଥିଲା। ପ୍ରାୟ ୮୦୦ରୁ ଅଧିକ ଚାଷୀ ଧାଡ଼ିରେ ଅପେକ୍ଷା କରିଥିଲେ। କିନ୍ତୁ ମାତ୍ର ୪୫୦ ବସ୍ତା ମହଜୁଦ ଥିବାରୁ ସମସ୍ତଙ୍କୁ ସାର ମିଳିପାରି ନଥିଲା। ଏହି ସମୟରେ ଆଡ଼ିବନ୍ଧ ଗ୍ରାମର ଚାଷୀ ଭଜରାମ ସ୍ୱାଇଁ ସାର ପାଇଁ ସମିତି ସମ୍ପାଦକ ବିଜୟ କୁମାର ବିଷୋୟୀଙ୍କୁ କହିବାରୁ ସେ ତାଙ୍କୁ କିଛି ଟଙ୍କା ମାଗିଥିଲେ। କିନ୍ତୁ ଭଜରାମ ମନା



କରିଦେବାରୁ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ଟଙ୍କା ନ ଦେଲେ ସାର ମିଳିବନି ବୋଲି ସମ୍ପାଦକ ବିଜୟ କହିବା ସହ ଭଜରାମଙ୍କୁ ପେଲାଠେଲା କରିଥିଲେ। ତେବେ ଏହାର ପ୍ରତିବାଦ କରିବାରୁ ବିଜୟ ତାଙ୍କୁ ହତ୍ୟା ଧମକ ଦେଇଥିଲେ ବୋଲି ଭଜରାମ ବଡ଼ଗଡ଼ ଥାନାରେ ଏତଲା ଦେଇଛନ୍ତି। ଏହାକୁ ଗୁରୁତ୍ୱର ସହ ନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ସମ୍ପାଦକ ବିଜୟ ମଧ୍ୟ ଭଜରାମଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କୁ ଭଜରାମ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ସେ ଦର୍ଶାଇଛନ୍ତି। ଥାନା ଅଧିକାରୀ ଶୁଭ୍ରଜିତ ସାମନ୍ତରାୟଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ ଚାଷୀଜଣଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଛି। ପ୍ରକୃତ ଘଟଣାର ଅନୁସନ୍ଧାନ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ, ଗୁରୁବାର ଧରାକୋଟ ବ୍ଲକ୍ ମାଣିକପୁର ସେବା ସମବାୟ ସମିତିରେ ସାର ପାଇଁ ହାଇଡ୍ରାମା ଦେଖିବାକୁ ମିଳିଥିଲା। ସମିତି ଅଧୀନ ୩ଟି ପଞ୍ଚାୟତର ପ୍ରାୟ ୧୫ଶହ ଚାଷୀ ସକାଳୁ ସକାଳୁ ସମିତି ଆଗରେ ଲମ୍ବା ଲାଇନ୍ ଲଗାଇ ଆଧାର କାର୍ଡ ଜମା କରିଥିଲେ। ମାତ୍ର ୪୫୦ ବସ୍ତା ସାର ଗୋଦାମରେ ମହଜୁଦ ଥିବାରୁ କିଛି ଅଘଟଣ ଆଶଙ୍କା କରି ସମ୍ପାଦକ ସାର ନଦେଇ ଚାଲିଯାଇଥିଲେ। ଏହାକୁ ନେଇ ଚାଷୀମହଲରେ ଅସନ୍ତୋଷ ସହ ଉତ୍ତେଜନା ପ୍ରକାଶ ପାଇଥିଲା। ଧରାକୋଟ ବ୍ଲକ ଅଞ୍ଚଳରେ ୟୁରିଆ ସହ ପଟାସ୍ ସାରର ଘୋର ଅଭାବ ଦେଖାଦେଇଛି। ଫଳରେ ଚଳିତବର୍ଷ ଧାନ ଫସଲ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି।

# ଲମ୍ବା ଲାଇନ୍‌ରେ ଆଧାର କାର୍ଡ

ବଣାଇଁ,୧୧।୯ (ସମିସ): ସାରକୁ ନେଇ ଚାଷୀ ରାଜରାସ୍ତାରେ ଆନ୍ଦୋଳନ କରୁଥିବା ବେଳେ ବଣାଇଁରେ ନିଆରା ଦୃଶ୍ୟ ଦେଖିବାକୁ ମିଳିଛି। ଲ୍ୟାମ୍ପସ୍‌କୁ ଆସିଥିବା ଚାଷୀମାନେ ଲମ୍ବା ଲାଇନ୍‌ରେ ଛିଡ଼ା ହେବା ବଦଳରେ ଆଧାର କାର୍ଡ ରଖିଛନ୍ତି। ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ୍ ନରେନ୍ଦ୍ର ଲ୍ୟାମ୍ପସ୍‌ରେ ଗୁରୁବାର ସକାଳୁସକାଳୁ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଲାଇନ୍‌ରେ ନରହି ଚାଷୀ କେବଳ ସେମାନଙ୍କ ଆଧାରକାର୍ଡ ରଖିଥିଲେ। ୪ ଶହରୁ ଊର୍ଦ୍ଧ୍ୱ ଚାଷୀ ଲାଇନ୍‌ରେ ଛିଡ଼ା ହେବା ଅସମ୍ଭବ ହୋଇଥିବାରୁ ରାତି ୧ଟାରୁ ସେମାନେ ଆଧାର କାର୍ଡକୁ ଲାଇନ୍‌ରେ ଥୋଇ ଦେଇଥିଲେ। ଏହି ଲ୍ୟାମ୍ପସ୍‌ରେ ୫୦୦ରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜିକୃତ କରିଥିବା ବେଳେ ୨୨୦ ବସ୍ତା ସାର ଆସିଛି। ପ୍ରଥମେ ଋଣ ନେଇଥିବା ଚାଷୀଙ୍କୁ ୟୁରିଆ ସାର ଦେବାର ନିୟମ ସରକାର କରିଥିବାରୁ ଅଣ ଋଣୀ ଚାଷୀ ଆଧାରକାର୍ଡ ଲାଇନରେ ଲଗାଇ ଚିନ୍ତାରେ ରହିଛନ୍ତି। ତେବେ କମ୍ ସାର ଥିବା ବେଳେ ଅଧିକ ଚାଷୀ ଲାଇନ୍ ଲାଗିଥିବାରୁ ଚିନ୍ତାରେ ରହିଛନ୍ତି ଲ୍ୟାମ୍ପସ୍ କର୍ତ୍ତୃପକ୍ଷ। ଏଭଳି ଅବସ୍ଥା ଲାଗି ରହିଥିବାରୁ ବଣାଇଁର ବିଭିନ୍ନ ଅଞ୍ଚଳରେ ସାର କଳାବଜାର ହେଉଥିବା ଦେଖିବାକୁ ମିଳିଛି।



# ପୁଲିସକୁ ଭୁଜାଲି ଦେଖାଇ ଟ୍ରାକ୍ଟର୍ ଛଡ଼ାଇନେଲେ

ନୀଳଗିରି, ୧୧।୯ (ସମିସ): ପୁଲିସକୁ ଭୁଜାଲି ଦେଖାଇ ଜବତ ବାଲି ଟ୍ରାକ୍ଟର ଛଡ଼ାଇ ନେଲେ ବାଲିମାଫିଆ। ଏଭଳି ଏକ ଘଟଣା ଘଟିଛି, ବାଲେଶ୍ୱର ଜିଲ୍ଲା ନୀଳଗିରି ତହସିଲ ଅଞ୍ଚଳରେ। ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ସୋନ ନଦୀର କାଂଶ ନିକଟ ତିନଦେଶ ଘାଟରୁ ବେଆଇନ



ଭାବେ ନମ୍ବର ବିହୀନ ଏକ ଟ୍ରାକ୍ଟର ଯୋଗେ ବାଲି ଉଠାଯାଉଥିବା ଖବର ପାଇ ଘଟଣାସ୍ଥଳରେ ବାଲେଶ୍ୱରର କନିଷ୍ଠ ଖଣି ଅଧିକାରୀ ସମ୍ବିତ କୁମାର ମଣି ଓ ନୀଳଗିରି କନିଷ୍ଠ ଖଣି ଅଧିକାରୀ ଜିତେନ୍ଦ୍ର କୁମାର ଦାସ ଏକ ସ୍ୱତନ୍ତ୍ର ଟିମ୍ କରି ନୀଳଗିରି ପୁଲିସ ସହାୟତାରେ ଚଢ଼ଉ କରିଥିଲେ। ଘଟଣାସ୍ଥଳରୁ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରି ଅଯୋଧ୍ୟା ଫାଣ୍ଡିକୁ ଆଣୁଥିବା ବେଳେ ପ୍ରତାପପୁର ଛକ ନିକଟରେ ୧୫ଟି ବାଇକ୍‌ରେ ୨୫ରୁ ଊର୍ଦ୍ଧ୍ୱ ବାଲିମାଫିଆ ସେଠାରେ ରୁଣ୍ଡ ହେବା ସହ ଖଣି ଅଧିକାରୀଙ୍କୁ ଅଟକାଇଥିଲେ। ପରେ କନଷ୍ଟେବଳଙ୍କୁ ଭୁଜାଲି ଦେଖାଇ ଉକ୍ତ ଟ୍ରାକ୍ଟର୍‌ଟିକୁ ଛଡ଼ାଇ ନେଇଥିଲେ। ନୀଳଗିରି କନିଷ୍ଠ ଖଣି ଅଧିକାରୀ ଏ ସଂପର୍କରେ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଜଣକୁ ଅଟକ ରଖି ପଚରାଉଚରା ଚଳାଇଛି।


# ସୁଧୁରୁନି ପାନୀୟଜଳ ସମସ୍ୟା; ବିଡିଓଙ୍କୁ ଅଭିଯୋଗ



ଗୋପ,୧୧।୯ (ସମିସ): ଗୋପ ବ୍ଲକ୍ ଅଧୀନ ତରକୋର ପଞ୍ଚାୟତରେ ବର୍ଷ ବର୍ଷ ଧରି ପାନୀୟଜଳ ସମସ୍ୟା ଲାଗି ରହିଥିବାବେଳେ ଏହି ସମସ୍ୟାର ସମାଧାନ ହୋଇପାରୁନାହିଁ। ଫଳରେ ଏହି ପଞ୍ଚାୟତର ମାଲିଆଠୁଠ ଗ୍ରାମର ଗ୍ରାମବାସୀ ନଦୀପାଣି ପିଇବାକୁ ବାଧ୍ୟ ହେଉଛନ୍ତି। ଏନେଇ ବିଭିନ୍ନ ଦପ୍ତରରେ ଗ୍ରାମବାସୀମାନେ ଅଭିଯୋଗ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ। ପଞ୍ଚାୟତ ତରଫରୁ ପାନୀୟଜଳ ଯୋଗାଣ କରାଯାଉଥିଲେ ମଧ୍ୟ ମାସକୁ ମାତ୍ର ଦୁଇରୁ ତିନି ଥର ଜଳଯୋଗାଣ କରାଯାଉଥିବା ଅଭିଯୋଗ ହୋଇଛି। ବୁଧବାର ଗ୍ରାମର ମିଥୁନ ମହାରିଙ୍କ ନେତୃତ୍ୱରେ ୧୫ରୁ ଊର୍ଦ୍ଧ୍ୱ ଯୁବକ ଏହି ଘଟଣା ସମ୍ପର୍କରେ ଗୋପ ବିଡିଓ ଛବିରାଣୀ ସାହୁଙ୍କୁ ଭେଟି ଅଭିଯୋଗ କରିଛନ୍ତି।

ଗ୍ରାମରେ ପାନୀୟଜଳ ଯୋଗାଣ କରୁଥିବା ଟ୍ୟାଙ୍କର ସଠିକ୍ ଭାବେ ଜଳଯୋଗାଣ କରୁ ନ ଥିବା ଅଭିଯୋଗ ହୋଇଛି। ଏପରିକି ଜଳଯୋଗାଣ କରାଯାଉଥିବା ଟ୍ୟାଙ୍କର ଓ ପାଇପ୍ ସଫା କରାଯାଉ ନ ଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଅଭିଯୋଗ ପରେ ଗୋପ ବିଡିଓ ଛବିରାଣୀ ସାହୁ ଏହି ପଞ୍ଚାୟତରେ ବର୍ଷ ବର୍ଷ ଧରି ସମସ୍ୟା ଲାଗିରହିଛି, ପଞ୍ଚାୟତ ଉନ୍ନୟନ ପାଣ୍ଠି ସବୁ ଜଳଯୋଗାଣରେ ଖର୍ଚ୍ଚ ହେଉଛି, ଏବେ ପଞ୍ଚାୟତ ପାଣ୍ଠି ଶେଷ ହୋଇଛି। ଫଳରେ ୭ ମାସ ଧରି ଜଳଯୋଗାଣ କରୁଥିବା ଟ୍ୟାଙ୍କରକୁ ପ୍ରାପ୍ୟ ଦିଆଯାଇ ନାହିଁ। ଏହି ପଞ୍ଚାୟତକୁ ଜଳଯୋଗାଣ ଲାଗି ପାଣ୍ଠି ଯୋଗାଇବାକୁ ଉଚ୍ଚ ପଦାଧିକାରୀଙ୍କୁ ପତ୍ର ଲେଖାଯାଇଛି ବୋଲି ବିଡିଓ ଶ୍ରୀମତୀ ସାହୁ କହିଥିବାବେଳେ ଖୁବ୍‌ଶୀଘ୍ର ଏହି ପଞ୍ଚାୟତକୁ ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପରେ ସାମିଲ କରାଯିବ ବୋଲି କହିଛନ୍ତି। ତେବେ ଏହି ଅଭିଯୋଗପତ୍ର ପ୍ରଦାନ ସମୟରେ ରଞ୍ଜନ କୁମାର ପରିଡ଼ା, ମିଟୁ ମହାରି, ସୁଶାନ୍ତ ବେହେରା, ପିଣ୍ଟୁ ମହାରି, ରଞ୍ଜିତ ମହାରି ପ୍ରମୁଖ ଉପସ୍ଥିତ ଥିଲେ।

# ପୁଣି ଶ୍ରୀମନ୍ଦିର ଉପରେ ଉଡ଼ିଲା ଡ୍ରୋନ୍



ପୁରୀ,୧୧।୯ (ସମିସ): କିଛି ଦିନର ବ୍ୟବଧାନ ପରେ ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ପୁଣି ଡ୍ରୋନ୍ ଉଡ଼ିଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ପୁଲିସର ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୀର୍ଘ ୧୫ ମିନିଟ୍‌ରୁ ଊର୍ଦ୍ଧ୍ୱ ସମୟ ଧରି ଶ୍ରୀମନ୍ଦିର ନିକଟରେ ଏକ ଡ୍ରୋନ୍ ପଇଁତରା ମାରିଥିବାବେଳେ ପୁଲିସ ଡ୍ରୋନ୍‌କୁ କାବୁ କରିବାରେ ବିଫଳ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ରାତିରେ ଶ୍ରୀମନ୍ଦିର ନୀଳଚକ୍ର ସହ ଶ୍ରୀମନ୍ଦିର ନିକଟରେ ଏକ ଡ୍ରୋନ୍ ପଇଁତରା ମାରିଥିବା ଦେଖିବାକୁ ମିଳିଥିଲା। ଡ୍ରୋନ୍‌ଟି ନୀଳଚକ୍ରଠାରୁ ସିଂହଦ୍ୱାର, ପୁଣି ସିଂହଦ୍ୱାରଠାରୁ ଉତ୍ତରଦ୍ୱାର ପର୍ଯ୍ୟନ୍ତ ପରିକ୍ରମା ମାର୍ଗ ଉପରି ଭାଗରେ ପ୍ରାୟ ୧୫ ମିନିଟ୍ କାଳ ପଇଁତରା ମାରିଥିବା ଦେଖାଦେଇଛି। ତେବେ ଡ୍ରୋନ୍‌ଟି କେଉଁଠାରୁ ଅପରେଟ୍ ହେଉଥିଲା, କିଏ ଅପରେଟ୍ କରୁଥିଲା ତାହା ଜଣାପଡ଼ି ନ ଥିବାବେଳେ ପୁଲିସ ପକ୍ଷରୁ ଘଟଣାକୁ ନେଇ ଯାଞ୍ଚ କରାଯାଉଥିବା ଶୁଣିବାକୁ ମିଳିଛି। ପୂର୍ବରୁ ଅନେକ ଥର ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ିବା ଫଳରେ ପୁଲିସ ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ଚାରିପାଖରେ ପୋଷ୍ଟର ଲାଗାଇ ସଚେତନତା କରିଥିଲା। ମାତ୍ର କିଛି ମାସ ବ୍ୟବଧାନରେ ଏପରି ବେଆଇନ ଭାବରେ ଡ୍ରୋନ୍ ଉଡୁଥିବା ଦେଖିବାକୁ ମିଳୁଛି। ଶ୍ରୀମନ୍ଦିର ସୁରକ୍ଷା ଦୃଷ୍ଟିରୁ ଗତ ରଥଯାତ୍ରା ସମୟରେ ପ୍ରଶାସନ ପକ୍ଷରୁ ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ବ୍ୟବହାର କରାଯାଇଥିଲା। ତେଣୁ ଖାଲି ରଥଯାତ୍ରା ନୁହେଁ, ସବୁଦିନ ପାଇଁ ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ଶ୍ରୀମନ୍ଦିର ଚାରିପାଖରେ ଲଗାଯାଉ, ଯାହାଫଳରେ ଏପରି ବେଆଇନ ଡ୍ରୋନ୍ ଉଡ଼ାଣ ରୋକାଯାଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ଘରୋଇ ହଷ୍ଟେଲରୁ ନିଖୋଜ ଛାତ୍ର ୧୦ ଘଣ୍ଟା ପରେ ଉଦ୍ଧାର

ଗୋପ,୧୧।୯ (ସମିସ): ଗୋପ ଅଞ୍ଚଳରେ ଶିକ୍ଷା ବିଭାଗ ଆଇନକୁ ବେଖାତିର କରି କେତେକ ଘରୋଇ ଶିକ୍ଷାନୁଷ୍ଠାନ ଚାଲିଥିବାବେଳେ ଶିକ୍ଷା ବିଭାଗ ନିକଟରେ ଖବର ନାହିଁ। ଶିକ୍ଷା ବିଭାଗ କର୍ମଚାରୀଙ୍କୁ ହାତକରି ଚାଲିଛି ଘରୋଇ ଶିକ୍ଷାନୁଷ୍ଠାନ। ପାଠପଢ଼ା ଲାଗି ଓଟିଇଟିର ଆବଶ୍ୟକତା ରହିଥିବାବେଳେ କୌଣସି ଶିକ୍ଷାନୁଷ୍ଠାନ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଫଳରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ବୁଧବାର ଗୋପ ଅଞ୍ଚଳର ଏକ ଶିକ୍ଷାନୁଷ୍ଠାନର ବେଆଇନ ଭାବେ ଚାଲିଥିବା ଏକ ହଷ୍ଟେଲରୁ ଜଣେ ଛାତ୍ର ନିଖୋଜ ହୋଇଥିବା ନେଇ ଗୋପ ଥାନାରେ ଅଭିଯୋଗ ହୋଇଥିବାବେଳେ ୧୦ ଘଣ୍ଟା ପରେ ସମ୍ପୃକ୍ତ ଛାତ୍ର ପୁରୀରୁ ଉଦ୍ଧାର ହୋଇଥିବା ଜଣାପଡ଼ିଛି।

## ପାଇପ୍ ଜଳଯୋଗାଣ ପାଇଁ ରାସ୍ତା ଖନନ; ଯାତାୟାତ ବାଧା

କଣାସ,୧୧।୯ (ସମିସ): କଣାସ ବ୍ଲକ୍‌ର ୨୮ଟି ଗ୍ରାମପଞ୍ଚାୟତ ଓ ସତ୍ୟବାଦୀ ବ୍ଲକ୍‌ର ୪ଟି ଗ୍ରାମପଞ୍ଚାୟତ ଏବଂ ବ୍ରହ୍ମଗିରି ବ୍ଲକ୍‌ର ୪ଟି ଗ୍ରାମପଞ୍ଚାୟତକୁ ପାଇପ୍ ଯୋଗେ ଜଳ ଯୋଗାଇବା ପାଇଁ କଣାସ ବ୍ଲକ୍‌ର ତୁପୁରିଙ୍ଗି ନିକଟରେ ଏକ ମେଗା ପାନୀୟଜଳ ପ୍ରକଳ୍ପ କରାଯାଉଛି। ପ୍ରତି ଗ୍ରାମକୁ ପାଇପ୍ ମାଧ୍ୟମରେ ଜଳ ଯୋଗାଇବା ପାଇଁ ମୁଖ୍ୟ ରାସ୍ତା, ଗ୍ରାମ୍ୟ ରାସ୍ତା, କଂକ୍ରିଟ୍ ଓ ପିଚୁ ରାସ୍ତାକୁ ଖୋଳାଯାଇ ପାଇପ୍ ପକାଇବା ପରେ ସେଗୁଡ଼ିକୁ ବନ୍ଦ କରାଯାଉ ନ ଥିବାରୁ ସେହି ରାସ୍ତା ଖାଲଖମାରେ ଭର୍ତ୍ତି ରହିଥିବା ହେତୁ ବାରମ୍ବାର ଦୁର୍ଘଟଣାମାନ ଘଟୁଛି। ତୁରନ୍ତ ଖୋଳାଯାଇଥିବା ରାସ୍ତାକୁ ମରାମତି କରିବା ପାଇଁ ଜନସାଧାରଣରେ ଦାବି ହେଉଛି।

## ୧୫ରେ ଚାଷୀଙ୍କ ପକ୍ଷରୁ ରାସ୍ତାରୋକ ଆନ୍ଦୋଳନ

ଚାରିଛକ,୧୧।୯ (ସମିସ): ଚାରିଛକ-ନିମାପଡ଼ା ରାସ୍ତାର ଆମ୍ଭୋର ଛକ ନିକଟରେ ଆସନ୍ତା ୧୫ ତାରିଖରେ ଅଞ୍ଚଳର ଶତାଧିକ ଚାଷୀଙ୍କ ପକ୍ଷରୁ ମୁଖ୍ୟ ରାସ୍ତା ଅବରୋଧ କରାଯିବ ବୋଲି କୃଷକ ନେତା କୃଷ୍ଣଚନ୍ଦ୍ର ରାଉତ ଜଣାଇଛନ୍ତି। ବୁଲା ଗାଈଗୋରୁ ରାସ୍ତା ଅବରୋଧ କରିବା ସହ ବ୍ୟାପକ ଧାନ ଫସଲ ନଷ୍ଟ କରୁଥିବା ନେଇ ଚାଷୀମାନେ ଏକପ୍ରକାର ଚିନ୍ତାରେ ପଡ଼ିଯାଇଛନ୍ତି। ଏହାର ପ୍ରତିକାର ପାଇଁ ଗତ ୮ ତାରିଖରେ ସ୍ଥାନୀୟ ତହସିଲ୍‌ଦାରଙ୍କୁ ଏ ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ନିମ୍ନମାନର ନଳକୂଅ ଯନ୍ତ୍ରାଂଶର ଅବାଧ କାରବାର

ନୟାହାଟ,୧୧।୯ (ସମିସ): ପୁରୀ ଜିଲ୍ଲା ଗୋପ ବ୍ଲକ୍ ନୟାହାଟ ଅଞ୍ଚଳରେ ନିମ୍ନମାନର ନଳକୂଅ ଯନ୍ତ୍ରାଂଶ ଅବାଧ କାରବାର ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଗ୍ରାମାଞ୍ଚଳରେ ବସାଯାଇଥିବା ସରକାରୀ ନଳକୂଅରେ ନିମ୍ନମାନର ଯନ୍ତ୍ରାଂଶ ଯଥା ୱାସର୍, ସିଟିବଲ୍, ପରା, ରଡ୍ ଏବଂ ନଳକୂଅ ବସାଇବାରେ ପ୍ଲାଷ୍ଟିକ୍ ପାଇପ୍ ସବୁ ନକଲି ଜିନିଷ ବ୍ୟବହାର କରାଯାଉଥିବାରୁ ନଳକୂଅ ଅଳ୍ପ ଦିନରେ ଅଚଳ ହୋଇପଡ଼ିଥିବା ଓ ସରକାରୀ ଅର୍ଥ ତୋଷରପାତ ବୋଲି ଜଣେ ସରକାରୀ କର୍ମଚାରୀ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଏହିସବୁ ସାମଗ୍ରୀ ବିକ୍ରି କରୁଥିବା ସଂସ୍ଥାକୁ ଠାବ କରାଯାଇ ଚଢ଼ଉ କରିବାକୁ ସାଧାରଣରେ ଦାବି ହେଉଛି।

**■ କୁଶଭଦ୍ରା ନଦୀର ପୁନରୁଦ୍ଧାର ଓ ଗୌରବ ଫେରାଇ ଆଣିବାକୁ ଦାବି**

# ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ 'କୁଶଭଦ୍ରା କାନ୍ଦୁଛି ପରିବାର' ସଦସ୍ୟ



ନିମାପଡ଼ା,୧୧।୯ (ସମିସ): କୁଶଭଦ୍ରାର ଖନନ, ସୁରକ୍ଷା ଓ ସୌନ୍ଦର୍ଯ୍ୟ ଅଭିବୃଦ୍ଧିକୁ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଭୁବନେଶ୍ୱରସ୍ଥ ତାଙ୍କ ସରକାରୀ ବାସଭବନରେ ଭେଟିଛି 'କୁଶଭଦ୍ରା କାନ୍ଦୁଛି ପରିବାର'। ନିମାପଡ଼ାର ଜୀବନରେଖା କୁଶଭଦ୍ରାର ହୃତଗୌରବ ଫେରାଇ ଆଣିବା ଦିଗରେ ୭ଟି ଦାବିକୁ ଉତ୍ଥାପନ କରାଯାଇଛି। ନିମାପଡ଼ା-ଗୋପ ଏବଂ ଐତିହ୍ୟଗର୍ଭା କୁଶଭଦ୍ରାର ବିକାଶ ସମ୍ପର୍କିତ ଆଲୋଚନା କରିଛନ୍ତି ସଦସ୍ୟ। ବାଲିଅନ୍ତାସ୍ଥିତ କୁଆଖାଇ ନଦୀରୁ ସୃଷ୍ଟି ହୋଇଥିବା କୁଶଭଦ୍ରାର ମୁହାଁଣ ପୋତି ହୋଇଯାଇଥିବା ବେଳେ ନଦୀର ବିଭିନ୍ନ ସ୍ଥାନରେ ଏକପ୍ରକାର ବନ୍ଧ ହୋଇଗଲାଣି। ଚାଷ ଉପଯୋଗୀ କୁଶଭଦ୍ରା ପଠାରେ ମଧ୍ୟ ଚାଷୀ ସଠିକ୍ ଭାବେ ଫସଲ ଉତ୍ପାଦନ କରିପାରୁ ନାହାନ୍ତି। କୁଶଭଦ୍ରାକୁ ନେଇ ଅନେକ ଐତିହାସିକ ତଥ୍ୟ ଥିବାବେଳେ କୋଣାର୍କ ମନ୍ଦିର ନିର୍ମାଣରେ ମଧ୍ୟ ଉକ୍ତ ନଦୀର ଅବଦାନ ଅବର୍ଣ୍ଣନୀୟ। ତେଣୁ କୁଶଭଦ୍ରା ଚିରସ୍ରୋତା ହେବାର ଆବଶ୍ୟକତାକୁ ଅନୁଭବ କରି 'କୁଶଭଦ୍ରା କାନ୍ଦୁଛି ପରିବାର' ଉପମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବା ସହ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ଅବଗତ ହୋଇଥିଲେ। ଏହାର ସମାଧାନ ନେଇ ମଧ୍ୟ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ସଂଗଠନର ଆବାହକ ନିଗମାନନ୍ଦ ସାହୁ, ସଂଯୋଜକ ବିକାଶ ଚନ୍ଦ୍ର ବାରିକ, ସଦସ୍ୟ ନିରଞ୍ଜନ ସାହୁ, ଶିକ୍ଷାବିତ୍ ଶରତ କୁମାର ସେନାପତି, ସଚିନ୍ ଗୋଛାୟତ, ଭାଗିରଥୀ ଓଝା, ଦର୍ପନାରାୟଣ ସାହୁ, ଅମୂଲ୍ୟ ସ୍ୱାଇଁ, ପ୍ରଶାନ୍ତ ଖଟୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ପାଣି ଟାଙ୍କି ଉପରେ ଚଢ଼ି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ଗୋପ,୧୧।୯ (ସମିସ): ବୁଧବାର ବିଳମ୍ବିତ ରାତିରେ ହଠାତ୍ ଜଣେ ବିବାହିତ ଯୁବକ ଗୋପ ବ୍ଲକ୍ ଅନ୍ତର୍ଗତ ବଡ଼ତରା ପଞ୍ଚାୟତର ଶଙ୍ଖୁଆ ଗ୍ରାମ ନିକଟରେ ଥିବା 'ବସୁଧା' ପାଣି ଟାଙ୍କି ଉପରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିବାକୁ ଧମକ ଦେଉଥିବା ଜଣାପଡ଼ିଛି। ଏପରି ଏକ ଖବର ପାଇ ଗୋପ ଅଗ୍ନିଶମ ବିଭାଗ ଅଧିକାରୀ ମନୋଜ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଛି। ଆତ୍ମହତ୍ୟା ଉଦ୍ୟମ କରୁଥିବା ଯୁବକ ଜଣକ ଶଙ୍ଖୁଆ ଗ୍ରାମର ମଣ୍ଟୁ କାଣ୍ଡି(୩୨) ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ସନ୍ଧ୍ୟାବେଳେ କୌଣସି କଥାକୁ ନେଇ ମଣ୍ଟୁ ପରିବାର ଲୋକଙ୍କ ସହ ପାଟିତୁଣ୍ଡ କରିଥିଲେ। ପରେ ଅତ୍ୟଧିକ ନିଶାସକ୍ତ ଅବସ୍ଥାରେ ଗାଁ ନିକଟରେ ଥିବା ଏହି ପାଣି ଟାଙ୍କି ଉପରେ ଆତ୍ମହତ୍ୟା କରିବା ପାଇଁ ଚଢ଼ିଯାଇଥିଲେ। ସଙ୍ଗେ ସଙ୍ଗେ ପରିବାର ସଦସ୍ୟ ଓ ସ୍ଥାନୀୟ ଅଞ୍ଚଳର ଲୋକମାନେ ତାଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସେ ତଳକୁ ଆସି ନ ଥିଲେ। ପରିବାର ଲୋକେ ବଡ଼ତରା ପଞ୍ଚାୟତ ସରପଞ୍ଚଙ୍କ ସହଯୋଗୀ ବିବେକାନନ୍ଦ ମିଶ୍ରଙ୍କୁ ଅବଗତ କରିଥିଲେ। ଶ୍ରୀ ମିଶ୍ର ଗୋପ ଅଗ୍ନିଶମ ବିଭାଗକୁ ଜଣାଇବା ପରେ ସଙ୍ଗେ ସଙ୍ଗେ ଅଗ୍ନିକମାନେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିବା ଜଣାପଡ଼ିଛି।

**● ପ୍ରଥମ ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା**

# ଦ୍ୱିତୀୟ ବିବାହ ଅଭିଯୋଗରେ ସ୍ୱାମୀ ଗିରଫ

ବଳଙ୍ଗା,୧୧।୯ (ସମିସ): ଯୌତୁକ ଦାବିରେ ପ୍ରଥମ ସ୍ତ୍ରୀକୁ ନିର୍ଯାତନା ଦେଇ ଅନ୍ୟ ଜଣେ ମହିଳାଙ୍କୁ ଦ୍ୱିତୀୟ ବିବାହ କରିବା ମାମଲାରେ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି ବଳଙ୍ଗା ପୁଲିସ। ଗିରଫ ଅଭିଯୁକ୍ତ ହେଲେ ବଳଙ୍ଗା ଥାନା ବିଦ୍ୟାଧରପୁର ଗ୍ରାମର ବିଜୟ ବେହେରା।

ସୂଚନା ମୁତାବକ, ବିଜୟ ୨୦୨୩ରେ ଗୋପ ଥାନା ଚଢ଼େଇ ଗାଁର ରଘୁ ମାଣ୍ଡୋଇଙ୍କ ଝିଅ ବିନୁ ମାଣ୍ଡୋଇଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ବରଘର ଦାବି ମୁତାବକ ୧ଲକ୍ଷ ଟଙ୍କାରୁ ନଗଦ ୬୦ ହଜାର ଟଙ୍କା ସହ ସମସ୍ତ ଆସବାବପତ୍ର କନ୍ୟା ଘର ପକ୍ଷରୁ ଦିଆଯାଇଥିଲା। ମାତ୍ର ବିବାହର ଷୋଳମଙ୍ଗଳାଠାରୁ ବାକି ୪୦ ହଜାର ଟଙ୍କା ପାଇଁ ସ୍ୱାମୀ, ଶାଶୂ ଓ ନଣନ୍ଦମାନେ ବିନୁଙ୍କ ଉପରେ ଚାପ ପକାଇ ନିର୍ଯାତନା ଦେବା ଆରମ୍ଭ କରିଦେଇଥିଲେ। କିଛିଦିନ ପରେ ବିଜୟ କେରଳରେ କାମ କରୁଥିବାରୁ ସ୍ତ୍ରୀକୁ ସାଙ୍ଗରେ ନେଇ କେରଳରେ କିଛିଦିନ ରହିବା ପରେ ଘରକୁ ଯିବା ବାହାନାରେ ଆଣି ତାଙ୍କୁ ଟ୍ରେନ୍‌ରେ ଛାଡ଼ି କୁଆଡ଼େ ପଳାଇଥିଲେ। ବିନୁ ବହୁ କଷ୍ଟରେ ଶାଶୂଘରେ ପହଞ୍ଚିବା ପରେ ଶାଶୂ ଓ ନଣନ୍ଦମାନେ ତାଙ୍କୁ ଘରୁ ବାହାର କରିଦେଇଥିଲେ। ବିନୁ ବାପଘରେ ରହୁଥିବାବେଳେ ସ୍ୱାମୀ ବିଜୟ ଘରକୁ ଆସି ଅନ୍ୟ ଜଣେ ମହିଳାଙ୍କୁ ଦ୍ୱିତୀୟ ବିବାହ କରି କେରଳରେ ରହୁଥିବା ବିନୁ ଖବର ପାଇଥିଲେ। ଏ ନେଇ ବିନୁ ବଳଙ୍ଗା ଥାନାରେ ୨୦୨୪ ଜୁନ୍ ମାସରେ ଅଭିଯୋଗ କରିବା ପରେ ବଳଙ୍ଗା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲେ। ବିଜୟ ବୁଧବାର ଗ୍ରାମକୁ ଆସିଥିବା ଖବର ପାଇ ଏସ୍ଆଇ କେଦାର ଚନ୍ଦ୍ର ଦୋରାଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ବିଦ୍ୟାଧରପୁର ଗ୍ରାମରେ ଚଢ଼ଉ କରି ଅଭିଯୁକ୍ତ ବିଜୟକୁ ଗିରଫ କରିଥିଲା।

## ବୋମାମାଡ଼ ଘଟଣାରେ ଜଣେ କୋର୍ଟ ଚାଲାଣ

ଡେଲାଙ୍ଗ,୧୧।୯ (ସମିସ): ଡେଲାଙ୍ଗ ଥାନା ଅଧୀନ ଜୋରକଣି ଗ୍ରାମରେ ବୋମାମାଡ଼ କରିଥିବା ଜଣେ ଅଭିଯୁକ୍ତକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ହେଲା ଜୋରକଣି ଗ୍ରାମର ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଓରଫ ପୁନିଆ। ପୁନିଆ ଦୀର୍ଘ ଦିନ ଧରି ନିଜେ ଘରେ ବୋମା ତିଆରି କରିବା ସହିତ ଗାଁରେ ଫୁଟାଇବା ଘଟଣାକୁ କିଛି ଲୋକ ବିରୋଧ କରିଥିଲେ। ଗ୍ରାମବାସୀଙ୍କ ବିରୋଧ ପରେ ପୁନିଆ ସେମାନଙ୍କ ଘର ଉପରକୁ ବୋମା ପକାଇବାକୁ ଧମକ ଦେଇଥିବାବେଳେ ଗାଁର କିଛି ଲୋକ ଏନେଇ ଡେଲାଙ୍ଗ ଥାନାରେ ଲିଖିତ ଜଣାଇଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ ୩୪୮/୨୫ରେ ଏକ ମାମଲା ରୁଜୁ କରିବା ସହିତ ପୁନିଆକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ପକ୍ଷରୁ ସୂଚନା ମିଳିଛି। ଅନ୍ୟପଟେ ବୋମା ପ୍ରସ୍ତୁତି ନିମନ୍ତେ ଆବଶ୍ୟକୀୟ କଞ୍ଚା ମାଲ୍ ପୁନିଆ ଘରେ ରଖିଥିବା ଖବର ପାଇ ବିଶେଷଜ୍ଞ ଦଳ ସହିତ ଡେଲାଙ୍ଗ ପୁଲିସ ତାଙ୍କ ଘରେ ଛାନ୍‌ଭିନ୍ କରିଥିବା ଜଣାପଡ଼ିଛି।

## ଟି-୧୦ ଟେନିସ୍ ବଲ୍ କ୍ରିକେଟ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ



ପୁରୀ,୧୧।୯ (ସମିସ): ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମ୍‌ରେ ଗୁରୁବାରଠାରୁ ଆରମ୍ଭ ହୋଇଛି ତୃତୀୟ ସର୍ବଭାରତୀୟ ଟି-୧୦ ଟେନିସ୍ ବଲ୍ କ୍ରିକେଟ୍ ଚାମ୍ପିଅନସିପ୍। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମ୍ମାନିତ ଅତିଥି ଭାବେ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବିଜେପି ଜିଲ୍ଲା ସଭାପତି ଡ. ଦେବେନ୍ଦ୍ର ନାଥ ତରେଇ, ଟିବିସିଏଆଇ ସଭାପତି ଦଇତାପତି ଭବାନୀ ପ୍ରସାଦ ଦାସମହାପାତ୍ର, ଗଭର୍ଣ୍ଣିଂ ବଡି ଅଧ୍ୟକ୍ଷ ନିଶିକାନ୍ତ ମିଶ୍ର, କାର୍ଯ୍ୟକାରୀ ସମ୍ପାଦକ ସନ୍ତୋଷ କୁମାର ପ୍ରଧାନ, ରାଜ୍ୟ ସମ୍ପାଦକ ବ୍ରଜ କିଶୋର ଦାଶ ପ୍ରମୁଖ ଯୋଗଦେଇଥିଲେ। ସଭାକାର୍ଯ୍ୟ ପରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ସମେତ ଭାରତର ବିଭିନ୍ନ ରାଜ୍ୟର ୨୫ଟି ପୁରୁଷ ଦଳ ଏବଂ ୬ଟି ମହିଳା ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିନରେ ପୁରଷ ବିଭାଗ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ଗୋଆ ଏବଂ ଆସାମ ମଧ୍ୟରେ ଖେଳାଯାଇଥିବାବେଳେ ଗୋଆ ବିଜୟୀ ହୋଇଛି। ସେହିପରି ଦ୍ୱିତୀୟ ମ୍ୟାଚ୍ ଝାଡ଼ଖଣ୍ଡ ଏବଂ ହୋଷ୍ଟ ଓଡ଼ିଶା ମଧ୍ୟରେ ଖେଳାଯାଇଥିଲା ବେଳେ ଏଥିରେ ଝାଡ଼ଖଣ୍ଡ ବିଜୟୀ ହୋଇଛି। ତୃତୀୟ ମ୍ୟାଚ୍‌ରେ ପଶ୍ଚିମବଙ୍ଗ ଜିତିଥିଲା। ଶୁକ୍ରବାରଠାରୁ ମହିଳା ଟିମ୍‌ର ମ୍ୟାଚ୍ ଆରମ୍ଭ ହେବ। ସେହିପରି ୧୪ ତାରିଖ ସନ୍ଧ୍ୟାରେ ଉଭୟ ପୁରୁଷ ଓ ମହିଳା ଫାଇନାଲ୍ ମ୍ୟାଚ୍ ଖେଳାଯିବ।

## ପୋଷ୍ଟମାଷ୍ଟରଙ୍କୁ ମାଡ଼ମାରିବା ଅଭିଯୋଗରେ ଗିରଫ

କଣାସ,୧୧।୯ (ସମିସ): କଣାସ ବ୍ଲକ୍ ଗଡ଼ିଶାଗୋଡା ଥାନା ଗଡ଼ବଡ଼ପଦା ଗ୍ରାମର ବାବୁଲା ବଳିୟାରସିଂହ ବକୁ ପୋଷ୍ଟ ମାଷ୍ଟରଙ୍କୁ ଗାଳିକରିବା, ମାଡ଼ମାରିବା ଓ ପୋଷ୍ଟ ଅଫିସ୍ ବନ୍ଦ କରିବା ଅଭିଯୋଗରେ ଗଡ଼ିଶାଗୋଡା ଥାନା ପୁଲିସ ଗୁରୁବାର ତାଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ବକୁ ପୋଷ୍ଟ ଅଫିସ୍‌ର ପୋଷ୍ଟମାଷ୍ଟର ଚିନ୍ମୟ କୁମାର ମାଝୀଙ୍କ ଅଭିଯୋଗରୁ ଅନୁସାରେ, ବକୁ ପୋଷ୍ଟ ଅଫିସ୍‌ରେ ଷ୍ଟେଟ୍ ବ୍ୟାଙ୍କରେ ଥିବା କେୱାଇସି କରିବାକୁ ନେଇ ଗାଳି କରିବା, ମାଡ଼ମାରିବା ଓ ପୋଷ୍ଟ ଅଫିସ୍ ବନ୍ଦ କରିବା ନେଇ ଶ୍ରୀ ମାଝୀ ଗତ ୪ ତାରିଖରେ ଗଡ଼ିଶାଗୋଡା ଥାନାରେ ଅଭିଯୋଗ କରିଥିଲେ। ଏନେଇ ଗଡ଼ିଶାଗୋଡା ଥାନା ଆଇଆଇସି ସୁଧିର କୁମାର ଦାସ ଏକ ମାମଲା ରୁଜୁ କରି ଦଫା ୟୁଏସ୍ ୧୨୬(୨), ୧୧୫(୨), ୩୫୧(୨), ୨୯୬/୧୩୨/୩୨୪(୪)/୩(୫) ବିଏନ୍ଏସ୍ ଭାରତୀୟ ନ୍ୟାୟସଂହିତା ରୁଜୁ କରିଥିଲେ। ଏହି ଘଟଣାରେ ଅଭିଯୁକ୍ତ ବାବୁଲାର ଜାମିନ ଖାରଜ ହେବାରେ ଗଡ଼ିଶାଗୋଡା ପୁଲିସ୍ ଗୁରୁବାର କୋର୍ଟ ଚାଲଣ କରିଛି।

## ୩୨ ବର୍ଷ ପରେ ୨ କୁଖ୍ୟାତ ଅପରାଧୀ ଗିରଫ



କଣାସ,୧୧।୯ (ସମିସ): ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ କଣାସ ଥାନା ଆଇଆଇସି ପ୍ରଶନ୍ନ ନାୟକ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୩୨ବର୍ଷ ତଳେ ଅପରାଧ ଘଟାଇ ଫେରାର୍ ହୋଇଯାଇଥିବା ନନ୍ଦିଗୋଡା ଗ୍ରାମର ରଜନୀକାନ୍ତ ସ୍ୱାଇଁଙ୍କୁ କଣାସ ପୁଲିସ୍ ୱାରେଣ୍ଟ ବଳରେ ଗିରଫ କରିଛି। ସେ ହତ୍ୟା ଉଦ୍ୟମ ଭଳି ସଙ୍ଗିନ୍ ଅପରାଧରେ ସମ୍ପୃକ୍ତ ଥାଇ ୧୯୯୩ରୁ ପୁଲିସକୁ ଚକ୍‌ମା ଦେଖାଇ ଫେରାର୍ ହୋଇଥିଲେ। ପୁରୀ ସେସନ୍ସ କୋର୍ଟଙ୍କ ଗିରଫ ପରୱାନା ବଳରେ ତାଙ୍କୁ ପୁଲିସ ଗିରଫ କରିଛି। ସେହିପରି କଣାସ ଥାନା ଗାଣ୍ଡପଡ଼ା ଗ୍ରାମର ରୋହିତ ପ୍ରଧାନଙ୍କୁ ଗିରଫ ପରୱାନା ବଳରେ ଗିରଫ କରାଯାଇ କୋର୍ଟ ଚାଲଣ କରାଯାଇଥିବା ଆଇଆଇସି ଶ୍ରୀ ନାୟକଙ୍କଠାରୁ ପ୍ରକାଶ।

## ମାଛ ଚାଷୀଙ୍କ ତାଲିମ ଶିବିର

ସାକ୍ଷୀଗୋପାଳ,୧୧।୯ (ସମିସ): ବକୁଳବନ ମହିଳା ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ ତରଫରୁ ଗୁରୁବାର ଏକ ମାଛଚାଷ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ସତ୍ୟବାଦୀ ବ୍ଲକ୍‌ର ୨୪ଟି ପଞ୍ଚାୟତରୁ ୬୦ ଜଣ ମାଛଚାଷୀ ଯୋଗଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ର, ସାକ୍ଷୀଗୋପାଳ, ପୁରୀ ସହାୟତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ. ଅମ୍ବିକା ପ୍ରସାଦ ନାୟକ ଆଧୁନିକ ପ୍ରଣାଳୀରେ ମାଛଚାଷ ଓ ମାଛଚାଷର ବ୍ୟାବସାୟିକ ସୁବିଧାସୁଯୋଗ ଏବଂ ସରକାରୀ ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ। ଆଧୁନିକ, ବୈଜ୍ଞାନିକ ଓ ଉନ୍ନତ ପ୍ରଣାଳୀରେ ମାଛଚାଷ କରି ଚାଷୀ କିପରି ୧ ଏକରରୁ ବାର୍ଷିକ ଲକ୍ଷାଧିକ ଟଙ୍କା ଲାଭ କରିପାରିବେ, ସେ ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶିକା ଜ୍ୟୋତ୍ସ୍ନାରାଣୀ ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀପତି ମହାପାତ୍ର କାର୍ଯ୍ୟକ୍ରମ ସଫଳତା ବିଷୟରେ ଚାଷୀମାନଙ୍କ ସହିତ ଯୋଜନା ପ୍ରସ୍ତୁତ କରିଥିଲେ।

## ପଣ୍ଡିତ ସୁପ୍ରଭାନୁ ମିଶ୍ରଙ୍କ ପରଲୋକ



ଚାରିଛକ,୧୧।୯ (ସମିସ): ଚାରିଛକ ନିକଟସ୍ଥ ଟୋଲା ଗୋପୀନାଥପୁର ଗ୍ରାମର ପଣ୍ଡିତ ସୁପ୍ରଭାନୁ ମିଶ୍ର(୭୯)ଙ୍କ ପରଲୋକ ଘଟିଛି। ଶ୍ରୀ ମିଶ୍ର ତୁଳସୀପୁର ଗ୍ରାମର ପୂର୍ବତନ ମୁରବୀ ସ୍ୱର୍ଗତ ଅନାମ ଚରଣ ଦାଶଙ୍କ ଜାମାତା ଅଟନ୍ତି। ଶ୍ରୀ ମିଶ୍ର ଓ ତାଙ୍କ ସହଯୋଗୀ ପଣ୍ଡିତ ଅନ୍ତର୍ଯ୍ୟାମୀ କରଙ୍କ ସହିତ ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି ତୁଳସୀପୁର ଲକ୍ଷ୍ମୀ ବଜାରରେ ନିଷ୍ଠାପର ସହ ଗଜଲକ୍ଷ୍ମୀ ପୂଜା କରିଆସୁଥିଲେ। ସେ ବୁଧବାର ନିଆଳୀ ଷ୍ଟେଟ୍ ବ୍ୟାଙ୍କକୁ କୌଣସି କାର୍ଯ୍ୟରେ ଯାଇଥିବାବେଳେ ସେଠାରେ ତାଙ୍କର ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ଥକାମାରି ବସିପଡ଼ିଥିଲେ। ଏହା ଦେଖି ସ୍ଥାନୀୟ ଲୋକମାନେ ତୁରନ୍ତ ତାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ପଣ୍ଡିତଙ୍କ ବିୟୋଗ ଖବର ଶୁଣି ଲକ୍ଷ୍ମୀ ବଜାର ସଭାପତି ଆଇନଜୀବୀ ରଜନୀକାନ୍ତ ତ୍ରିପାଠୀ, ସମ୍ପାଦକ ପ୍ରଫୁଲ୍ଲ କୁମାର କର, ସହ ସମ୍ପାଦକ ପ୍ରସନ୍ନ ସାହୁ, କୋଷାଧ୍ୟକ୍ଷ ରଣଜିତ୍ ସାହୁ, ପୂଜା କମିଟି ସଦସ୍ୟ ହୃଦାନନ୍ଦ କର, ଗଜାନନ ତ୍ରିପାଠୀ, ବିଜୟ ମଲ୍ଲିକ, ବିଜୟ ସାହୁ, ସଞ୍ଜୟ ସାହୁ, ହୃଦାନନ୍ଦ ସାହୁ, ପଣ୍ଡିତ ଅନ୍ତର୍ଯ୍ୟାମୀ କର, ପ୍ରାଚୀ ସାହିତ୍ୟ ସଂସଦ ସଭାପତି ପ୍ରଫେସର ଗୋପୀନାଥ କର, ସମ୍ପାଦକ ଡ. ସନ୍ତୋଷ କୁମାର ମିତ୍ର, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ କାହ୍ନୁ ଚରଣ ବେହେରା, ଅବସରପ୍ରାପ୍ତ କେନ୍ଦ୍ରୀୟ ସହକାରୀ ଆୟୋଗ ଚନ୍ଦ୍ରକାନ୍ତ ଦଳାଇ, ପଣ୍ଡିତ ମୂରଲୀଧର ଭାରତୀ, ତୁଳସୀପୁର ଗ୍ରାମ୍ୟ କମିଟି ସଭାପତି ବନ ବିହାରୀ ଦାଶ, ବିଜେଡି ସଭାପତି ଅନିରୁଦ୍ଧ ତ୍ରିପାଠୀ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି।

**ରାଜ୍ୟରେ ସ୍ଥିତି ସଜାଡୁଛି କଂଗ୍ରେସ**

# ମତାମତ ଆଧାରରେ ଚୟନ ହେବେ ଜିଲ୍ଲା ସଭାପତି



ପୁରୀ,୧୧।୯ (ସମିସ): ଦୀର୍ଘବର୍ଷ ଧରି ଓଡ଼ିଶାରେ ଦୟନୀୟ ସ୍ଥିତିରେ ଥିବା କଂଗ୍ରେସ ଏବେ ସ୍ଥିତି ମଜଭୁତ କରିବା ଲାଗି ଉଦ୍ୟମ ଚଳାଇଛି। ଏଥିପାଇଁ ଦଳୀୟ ନେତୃତ୍ୱ ଚୟନ ଲାଗି ଦଳ ନୂଆ ଷ୍ଟ୍ରାଟେଜି ବି ଆପଣାଇଛି। ପୂର୍ବରୁ ଦଳର ଜିଲ୍ଲା ସଭାପତି ଚୟନ ଯେପରି ହେଉଥିଲା ସେମିତି ହେବନି। ନେତା ଶୀତତାପ ନିୟନ୍ତ୍ରିତ କୋଠରିରେ ନୁହେଁ ବରଂ ତୃଣମୂଳସ୍ତରର କର୍ମୀ, ବିଭିନ୍ନ ବର୍ଗର ଲୋକଙ୍କ ମତାମତ ନେଇ ଜିଲ୍ଲା ସଭାପତି ବଛାଯିବ। ହରିୟାଣା ଫର୍ମୁଲାକୁ ପୁରୀ ଜିଲ୍ଲାରେ କାର୍ଯ୍ୟକାରୀ କରାଯିବ। ଜଣେ ଅଭିଜ୍ଞ ବିଶେଷକରି ନେତୃତ୍ୱ ନେଇପାରୁଥିବା ବ୍ୟକ୍ତିଙ୍କୁ ହିଁ ଜିଲ୍ଲା ସଭାପତି ଦାୟିତ୍ୱ ଦିଆଯିବ। ତାଙ୍କୁ ସହଯୋଗ କରିବା ପାଇଁ ଦୁଇ ଜଣ କାର୍ଯ୍ୟକାରୀ ସଭାପତି ରହିବେ। ପୁରୀ ଜିଲ୍ଲାରେ କଂଗ୍ରେସ ଅବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଜିଲ୍ଲାର ୬ଟି ବିଧାନସଭା ନିର୍ବାଚନମଣ୍ଡଳୀ ଗସ୍ତ କରି ବିଭିନ୍ନ ବର୍ଗର ଲୋକଙ୍କ ସହ ଆଲୋଚନା କରି ଏହି ଫିଡ୍‌ବ୍ୟାକ୍ ପାଇଛନ୍ତି ପୁରୀ ପ୍ରଭାରୀ ତଥା ରାଜ୍ୟସଭା ସାଂସଦ ଜି.ସି. ଚନ୍ଦ୍ରଶେଖର। ଗୁରୁବାର ସର୍କିଟ ହାଉସ୍ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଚନ୍ଦ୍ରଶେଖର ଜିଲ୍ଲାରେ କଂଗ୍ରେସର ସ୍ଥିତି ନୈରାଶ୍ୟଜନକ ରହିଛି। ଗତ ସାଧାରଣ ନିର୍ବାଚନରେ ଜିଲ୍ଲାର ଗୋଟିଏ ନିର୍ବାଚନମଣ୍ଡଳୀରେ କେବଳ ୩୦ ହଜାରରୁ ଅଧିକ ଭୋଟ୍ ମିଳିଛି। ଆଉ ସବୁ ନିର୍ବାଚନମଣ୍ଡଳୀରେ ୧୦ ହଜାରରୁ କମ୍ ଭୋଟ୍ ପାଇଛି ଦଳ। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପୁନର୍ବାର କଂଗ୍ରେସ ଦଳକୁ ସବୁ ରାଜ୍ୟରେ ମଜଭୁତ କରିବା ସହ ସଂଗଠନକୁ ସୁଦୃଢ଼ କରିବା ପାଇଁ ନୂଆ ରଣନୀତି ଆପଣାଇଛନ୍ତି। ଏଥିପାଇଁ ଏଆଇସିସିର ବରିଷ୍ଠ ନେତୃତ୍ୱକୁ ଓଡ଼ିଶାରେ ଜିଲ୍ଲାୱାରୀ ଜିଲ୍ଲା କଂଗ୍ରେସ କମିଟି ସଭାପତି ମନୋନୟନ ପାଇଁ ଦାୟିତ୍ୱ ଦିଆଯାଇଛି। କଂଗ୍ରେସ ପକ୍ଷରୁ ଆରମ୍ଭ କରାଯାଇଥିବା ସଂଗଠନ ସୃଜନ କାର୍ଯ୍ୟକ୍ରମକୁ ଅଧିକ ଆଗେଇନେବା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ସର୍ବନିମ୍ନ ଦଳ ପାଇଁ ୫ ବର୍ଷ କାର୍ଯ୍ୟ କରିଥିବା ଏବଂ ୩୦ ବର୍ଷରୁ ଊର୍ଦ୍ଧ୍ୱ ଓ ୫୫ ବର୍ଷରୁ କମ୍ ହୋଇଥିବା ଯୋଗ୍ୟ ୬ ଜଣଙ୍କ ନାଁ ଏଆଇସିସିକୁ ପଠାଯିବ। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଚଳିତ ମାସ ଶେଷ ସୁଦ୍ଧା ଜିଲ୍ଲା କଂଗ୍ରେସ କମିଟି ସଭାପତି ଭାବେ କାର୍ଯ୍ୟ କରିବା ପାଇଁ ଘୋଷଣା କରାଯିବ ବୋଲି ଜି.ସି. ଚନ୍ଦ୍ରଶେଖର କହିଛନ୍ତି। ଏହି ଅବସରରେ ସେ କାହାକୁ ଜିଲ୍ଲା ଦାୟିତ୍ୱ ଦିଆଯିବ ସେ ନେଇ ବିଭିନ୍ନ ବର୍ଗର ଲୋକଙ୍କଠାରୁ ସିଧାସଳଖ ମତ ନେଇଥିଲେ। ଏହି ଅବସରରେ ଦଳର ବରିଷ୍ଠ ନେତା ଜଗନ୍ନାଥ ପଟ୍ଟନାୟକ, ପୁରୀ ଜିଲ୍ଲା କଂଗ୍ରେସ ସଂଯୋଜକ ଇଂ. ରାଜେଶ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


**ଶୀତତାପ ନିୟନ୍ତ୍ରିତ କକ୍ଷରେ ଜିଲ୍ଲା ସଭାପତି ବଛା ଯିବେନି: ଜି.ସି. ଚନ୍ଦ୍ରଶେଖର**

# ଶ୍ରୀକ୍ଷେତ୍ର ସିଟି

୧୧/ ୯ /୨୦୨୫ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୪,୮୪,୬୪୮/- ସୁନା: ୦୮.୩୦୦ ଗ୍ରାମ୍ ରୁପା: ୧୪.୬୫୦ ଗ୍ରାମ୍





### ଜୀବନ ପ୍ରତି ବିପଦ ଆଶଙ୍କା

## ପୁଲିସକୁ ସୁରକ୍ଷା ମାଗିଲେ ପୁରୀ ଜିଲ୍ଲା ଆପ୍ ସଭାପତି

ପୁରୀ,୧୧।୯ (ସମିସ): ନିଜ ଜୀବନ ପ୍ରତି ବିପଦ ଆଶଙ୍କା କରି ଏସ୍‌ପିଙ୍କୁ ସୁରକ୍ଷା ମାଗିଛନ୍ତି ପୁରୀ ଜିଲ୍ଲା ଆପ୍ ସଭାପତି ସଞ୍ଜୀବ କୁମାର ମହାନ୍ତି। ଏସ୍‌ପିଙ୍କୁ ଦେଇଥିବା ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ, ଜଣେ ସଚେତନ ନାଗରିକ ହିସାବରେ ପୁରୀର ସ୍ୱାର୍ଥ ରକ୍ଷା ପାଇଁ ସେ ବିଭିନ୍ନ ସମୟରେ ସ୍ୱର ଉତ୍ତୋଳନ କରିଆସୁଛନ୍ତି। ବିଶେଷକରି ବିଭିନ୍ନ ପ୍ରକାର ରାଜସ୍ୱ ଲୁଟ୍, ଜମି ଜବରଦଖଲ ତଥା ବାଲୁଖଣ୍ଡ ଅଭୟାରଣ୍ୟ ମଧ୍ୟରେ ଜମି ପ୍ଲଟିଂ ନେଇ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଅଭିଯୋଗ କରିବା ସହ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗୁଛନ୍ତି। ଏହିସବୁ ପ୍ରସଙ୍ଗକୁ ସେ ତାଙ୍କ ସୋସିଆଲ ମିଡିଆ ସାଇଟ୍‌ରେ ପୋଷ୍ଟ କରିଥା'ନ୍ତି। ଏଣୁ କିଛି ଖଳ ପ୍ରକୃତିର ଲୋକ ଯଥା ଜମି ମାଫିଆ, ବାଲି ମାଫିଆ ଜେଲ୍ ଫେରନ୍ତା ଓ କିଛି ଠିକାଦାର ଗୁଣ୍ଡା ଶ୍ରେଣୀୟ ଯୁବକଙ୍କୁ ନିୟୋଜିତ କରି ତାଙ୍କୁ ଆକ୍ରମଣ ତଥା ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରୁଥିବା ସେ ସୂଚନା ପାଇଥିବା ଏସ୍‌ପିଙ୍କୁ ଅବଗତ କରାଇଛନ୍ତି ସଞ୍ଜୀବ। ତାଙ୍କ ଅଭିଯୋଗ ଏକ୍ସ ସମେତ ବିଭିନ୍ନ ଗଣମାଧ୍ୟମେ ପ୍ରକାଶ ପାଇବା ଯୋଗୁ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଫଳରେ ଭ୍ରଷ୍ଟାଚାରୀ ତଥା ଅସାମାଜିକ ବ୍ୟକ୍ତିମାନଙ୍କ ବେଆଇନ ଅର୍ଥ ଉପାର୍ଜନ ତଥା ଜମି ହଡ଼ପ ବାଧକ ହେଉଥିବାରୁ ସେମାନେ ତାଙ୍କୁ ଆକ୍ରମଣ ତଥା ହତ୍ୟା କରି ରାସ୍ତାରୁ ହଟାଇଦେବାକୁ ଯୋଜନା କରୁଥିବା ଏସ୍‌ପିଙ୍କୁ ଜଣାଇଛନ୍ତି। ତେଣୁ ତାଙ୍କୁ ସୁରକ୍ଷା ଯୋଗାଇଦେବାକୁ ଏସ୍‌ପିଙ୍କୁ ଅନୁରୋଧ କରିଛନ୍ତି ଆପ୍ ଜିଲ୍ଲା ସଭାପତି ସଞ୍ଜୀବ।

## ବିନୋବା ଥିଲେ ଭୂମିହୀନଙ୍କ ବନ୍ଧୁ

ପୁରୀ,୧୧।୯ (ସମିସ): ଆଚାର୍ଯ୍ୟ ବିନୋବା ଭାବେ ସ୍ମୃତି ପରିଷଦ ପକ୍ଷରୁ ସର୍ବୋଦୟ ନଗରଠାରେ ଗୁରୁବାର ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୩୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିନୋବାଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ବିନୟ ନୃସିଂହ ମହାପାତ୍ର ଯୋଗଦେଇ କହିଲେ, ବିନୋବା ଭୂଦାନ ଆନ୍ଦୋଳନ ମାଧ୍ୟମରେ ଭାରତ ସାରା ପଦଯାତ୍ରା କରିବା ସହ ଭୂମି ମାଲିକଙ୍କଠାରୁ ଅବ୍ୟବହୃତ ଜମି ସଂଗ୍ରହ କରି ସେହି ଅଞ୍ଚଳର ଭୂମିହୀନଙ୍କୁ ଦାନ କରୁଥିଲେ। ସେ ଥିଲେ ଆର୍ଥିକ ସମତା ଓ ସମାଜବାଦୀ ସମାଜର ଅଗ୍ରଦୂତ। ଅନ୍ୟମାନଙ୍କ ମଧ୍ୟରେ ସ୍ମୃତି ପରିଷଦ ପକ୍ଷରୁ ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଡ. କାର୍ତ୍ତିକ କୁମାର ଦାସ, ଅଶୋକ କୁମାର ମିଶ୍ର, ପ୍ରାକ୍ତନ ପୁଲିସ ଅଧିକାରୀ କୃପାସିନ୍ଧୁ ରାଉତରାୟ, ରାଜକିଶୋର ମହାନ୍ତି, ଶଙ୍କର ବାରିକ, ସର୍ବୋଦୟ ନଗର ସଭାପତି ଶରତ ଚନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ।

### ବ୍ଲକିଂ, ଚେକିଂ ଜୋର୍‌ଦାର କଲା ଜିଲ୍ଲା ପୁଲିସ୍

## ୨୪ ଘଣ୍ଟାରେ ୫ ଲକ୍ଷ ଟଙ୍କା ଜରିମାନା ଆଦାୟ

ପୁରୀ,୧୧।୯ (ସମିସ): ଆଗକୁ ଆସୁଛି ପାର୍ବଣ ଋତୁ। ପାର୍ବଣ ଋତୁରେ ଅପରାଧୀଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଇବ। ଏହାକୁ ଦୃଷ୍ଟିରେ ରଖି ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶରେ ପୁରୀ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ରାତିରେ ନାକାବନ୍ଦୀ ଆରମ୍ଭ ହୋଇଛି। ଆଇନଶୃଙ୍ଖଳା ବଜାୟ ରଖିବା ଓ ଅପରାଧୀଙ୍କୁ ସାବାଡ଼ କରିବା ପାଇଁ ଏହି ପଦକ୍ଷେପ ଆରମ୍ଭ କରାଯାଇଛି। ପୁରୀକୁ ଶାନ୍ତିପୂର୍ଣ୍ଣ ଓ ପର୍ଯ୍ୟଟକ, ସାଧାରଣ ଲୋକଙ୍କୁ ସୁରକ୍ଷିତ ଓ ନିରାପତ୍ତା ଯୋଗାଇଦେବା ପାଇଁ ପୁରୀ ପୁଲିସ ଏହି ଅଭିଯାନ ଜାରି ରଖିଥିବାବେଳେ ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ନୂଆ ଏସ୍‌ପିଙ୍କ ଯୋଗଦାନ ପରେ ଏବେ ଆକ୍ସନମୋଡ୍‌କୁ ଆସିଛି ପୁରୀ ପୁଲିସ। ଜିଲ୍ଲାବ୍ୟାପୀ ପୁଲିସ ବ୍ୟବସ୍ଥାକୁ ଚଳଚଞ୍ଚଳ କରାଯାଇଥିବା ବେଳେ ଅପରାଧୀମାନେ ମଧ୍ୟ ପୁଲିସର ଆଭିମୁଖ୍ୟକୁ ଦେଖି ଛାନିଆଁ ହେଲେଣି। ତେବେ ଏହାରି ଭିତରେ ଗାଡ଼ି ମୋଟର ଚେକିଂକୁ ବି ଜୋର୍‌ଦାର କରାଯାଉଛି। ପୁରୀ ସହର ମଧ୍ୟରେ ବିଶେଷକରି ଅଟୋଗୁଡ଼ିକ ଯେଉଁଭଳି ଭାବେ ଅବ୍ୟବସ୍ଥିତ ଢଙ୍ଗରେ ଚଳାଚଳ କରୁଛନ୍ତି ସେଥିପାଇଁ ପୁଲିସ ପକ୍ଷରୁ ଧରପଗଡ଼ ଚାଲିଛି। ବେଆଇନ ଗାଡ଼ିମୋଟର ଚଳାଚଳ ଏବଂ ପାର୍କିଂ କରିବା ଆଦି ବିଭିନ୍ନ କାରଣ ପାଇଁ ଗତ ୨୪ ଘଣ୍ଟାରେ ପୁଲିସ ଚାଳକଙ୍କଠାରୁ ଆଦାୟ କରିଛି ୫ ଲକ୍ଷ ୧୬ ହଜାର ଟଙ୍କା ଜରିମାନା। ସହରର ବିଭିନ୍ନ ସ୍ଥାନରେ ପୁଲିସ ପକ୍ଷରୁ ନାକା ଯାଞ୍ଚ ଓ ବ୍ଲକିଂ ସମୟରେ ଏହି ଜରିମାନା ଆଦାୟ କରାଯାଇଛି। ଟାଉନ ଥାନା ଅଞ୍ଚଳରୁ ସର୍ବାଧିକ ୧ଲକ୍ଷ ୪୦ ହଜାର ଟଙ୍କା, ଟ୍ରାଫିକ୍ ଥାନା ୯୬ ହଜାର ଟଙ୍କା, ତାଳବଣିଆ ଥାନା ୭୦ହଜାର, କୁମ୍ଭାରପଡ଼ା ଥାନା ୬୧ ହଜାର ଟଙ୍କା, ସମୁଦ୍ରକୂଳ ଥାନା ୪୭ ହଜାର ଟଙ୍କା, ବାସେଳିସାହି ଥାନା ୪୦ ହଜାର ଟଙ୍କା ଏବଂ ବଳିଆପଣ୍ଡା ଥାନା ଅଞ୍ଚଳରୁ ୨୭ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ପୁରୀକୁ ଆସୁଥିବା ପର୍ଯ୍ୟଟକ ଏବଂ ସହରବାସୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ପୁଲିସ ତା'ର ଅଭିଯାନକୁ ଆଗକୁ ଆହୁରି କଡ଼ାକଡ଼ି କରିବ ବୋଲି ସୂଚନା ଦେଇଛି।



## ଚୋରି ଦେଖିଦେବାରୁ ପରିବା ଦୋକାନୀଙ୍କୁ ଆକ୍ରମଣ

ପୁରୀ, ୧୧।୯ (ସମିସ): ଚୋରି ଦେଖିଦେବାରୁ ଜଣେ ପରିବା ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇଥିବା ପରିବା ଦୋକାନୀ ହେଲେ ଚୁଡ଼ଙ୍ଗସାହି ମଧୁବନର ସୁକାନ୍ତ ଦାସ। ଏହି ଘଟଣାରେ ଟାଉନ ଥାନା ପୁଲିସ ଜଣେ ନାବାଳକୁ କାବୁ କରିଥିବାବେଳେ ଅନ୍ୟ ୨ ଜଣ ନାବାଳକ ଫେରାର୍ ଅଛନ୍ତି। ଅଭିଯୁକ୍ତ ନାବାଳକଠାରୁ ପୁଲିସ ଏକ ଜିଆଇ ପାଇପ୍‌ରେ ସଂଯୁକ୍ତ ସାଇକଲ୍ କ୍ରାଙ୍କ ଜବତ କରିଛି। ଅଭିଯୋଗ ଅନୁଯାୟୀ, ବୁଧବାର ରାତି ପ୍ରାୟ ସାଢ଼େ ୧୦ଟା ସମୟରେ ସୁକାନ୍ତ ତାଙ୍କ ପରିବା ଦୋକାନ ବନ୍ଦ କରି ଜଗନ୍ନାଥ ବଲ୍ଲଭ ମଠ ପଛପାଖ୍ୱର୍ ଦେଇ ଘରକୁ ଯାଉଥିଲେ। ଏହି ସମୟରେ ୩ ଜଣ ନାବାଳକ ଏକ କ୍ୟାବିନ୍ ଭାଙ୍ଗି ଚୋରି କରିବାକୁ ଉଦ୍ୟମ କରୁଥିଲେ। ଏହାଦେଖି ସୁକାନ୍ତ ସେମାନଙ୍କୁ ବାରଣ କରିଥିଲେ। ହେଲେ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ନାବାଳକ ସୁକାନ୍ତଙ୍କୁ ଜିଆଇ ପାଇପ୍ ସଂଯୁକ୍ତ ସାଇକଲ କ୍ରାଙ୍କ୍‌ରେ ଆକ୍ରମଣ କରିଥିଲେ। ତାଙ୍କ ବାମ ହାତରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ଖବର ପାଇ ଟାଉନ ଥାନା ପୁଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସୁକାନ୍ତଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା (ନଂ.୪୩୯/୨୫) ରୁଜୁ କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଜଣେ ନାବାଳକକୁ ଧରିବାକୁ ସଫଳ ହୋଇଥିଲା। ଗୁରୁବାର ତାକୁ ଜେଜେବିରେ ହାଜର କରାଯାଇଥିବାବେଳେ ଅନ୍ୟ ୨ ନାବାଳକଙ୍କୁ ଖୁବ୍‌ଶୀଘ୍ର ଧରାଯିବ। ଏହି ଘଟଣାରେ ଅନ୍ୟ କାହାର ହାତ ରହିଛି ତାଙ୍କୁ ଧରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି।

## ମହାପ୍ରଭୁଙ୍କର ହେଲା ବନକଲାଗି

ପୁରୀ,୧୧।୯ (ସମିସ): ଶ୍ରୀମନ୍ଦିରରେ ଗୁରୁବାର ମହାପ୍ରଭୁଙ୍କ ବନକଲାଗି କରାଯାଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ଣ ୫ଟା ୧୦ରେ ଦ୍ୱିତୀୟ ଭୋଗମଣ୍ଡପ ସରିବା ପରେ ମଇଲମ, ତଡ଼ପଲାଗି ହୋଇ ସନ୍ଧ୍ୟା ୫ଟା ୫୦ରେ ସନ୍ଧ୍ୟା ଆଳତି ବଢ଼ିଥିଲା। ସନ୍ଧ୍ୟା ୬ଟାରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବା ଲାଗି ପ୍ରବେଶ କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଦାରୁବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୁତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ବନକଲାଗି ନୀତି ପରେ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁଁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢ଼ାହୁଏ ତା'ର ଗରମ ବାଷ୍ପ ଯୋଗୁଁ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁଁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

## ପୁରୀରୁ ଅପହୃତ ନାବାଳିକା ଆନ୍ଧ୍ରରୁ ଉଦ୍ଧାର

ପୁରୀ,୧୧।୯ (ସମିସ): ପୁରୀରୁ ନିଖୋଜ ଜଣେ ନାବାଳିକାକୁ ଆନ୍ଧ୍ରପ୍ରଦେଶରୁ ଉଦ୍ଧାର କରିଛି ପୁରୀ ପୁଲିସ। ଅଭିଯୋଗ ଅନୁଯାୟୀ, ସମୁଦ୍ରକୂଳ ଥାନା ଅନ୍ତର୍ଗତ ରାମ ମନ୍ଦିର ନିକଟରୁ ଜଣେ ନାବାଳିକା ନିଖୋଜ ହୋଇଯାଇଥିଲେ। ଝିଅକୁ କେହି ଅପହରଣ କରିଥିବା ପରିବାର ପକ୍ଷରୁ କିଛିଦିନ ପୂର୍ବରୁ ଥାନାରେ ଅଭିଯୋଗ କରାଯାଇଥିଲା। ଏହାକୁ ଗୁରୁତ୍ୱର ସହ ନେଇଥିଲା ପୁଲିସ। ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୨୩୩/୨୫) ରୁଜୁ କରି ତଦନ୍ତ ଚଳାଇଥିଲା। ମୋବାଇଲ କଲ୍ ରେକର୍ଡିଂ ଏବଂ ବିଭିନ୍ନ ଲୋକଙ୍କୁ ପଚରାଉଚରା କରିବା ପରେ ପୁଲିସର ଏକ ୪ ଜଣିଆ ଟିମ୍ ଆନ୍ଧ୍ରପ୍ରଦେଶ ଯାଇଥିଲେ। ଗୁରୁବାର ସନ୍ଧ୍ୟାରେ ସେଠାରୁ ନାବାଳିକାକୁ ସୁରକ୍ଷିତ ଭାବେ ଉଦ୍ଧାର କରି ପୁରୀ ଫେରୁଛନ୍ତି। ନାବାଳିକା ପୁରୀରେ ପହଞ୍ଚିବା ପରେ ତାକୁ ଶିଶୁ ମଙ୍ଗଳ କମିଟି ସମ୍ମୁଖରେ ହାଜର କରାଯିବ।

ଏହାପରେ ତାଙ୍କ ପରିବାର ଲୋକଙ୍କୁ ନାବାଳିକାକୁ ହସ୍ତାନ୍ତର କରାଯିବ। ଏ ସମ୍ପର୍କରେ ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ପୁରୀ ପୁଲିସ ସର୍ବଦା ମହିଳା, ଶିଶୁଙ୍କ ସୁରକ୍ଷା ପ୍ରତି ସଚେତନ ଓ ସତର୍କ ରହିଛି। କୌଣସି ପ୍ରକାର ଚାଲାଣ, ଶୋଷଣ ବା ଅପରାଧିକ କାର୍ଯ୍ୟକଳାପ ସହିତ ଜଡ଼ିତ ବ୍ୟକ୍ତିଙ୍କୁ ଆଦୌ ଛଡ଼ାଯିବ ନାହିଁ। ଯଦି ନାବାଳିକା, ମହିଳାଙ୍କ ପ୍ରତି କେହି ବ୍ୟକ୍ତି କିଛି ସନ୍ଦେହଜନକ କାର୍ଯ୍ୟକଳାପ କରିବାର ନଜରକୁ ଆସୁଛି ତେବେ ପୁଲିସକୁ ସୂଚନା ଦେବା ପାଇଁ ଏସ୍‌ପି ଶ୍ରୀ ସିଂ କହିଛନ୍ତି।

## ଆମେ ଭିନ୍ନ-ଅନନ୍ୟ ; ଭବିଷ୍ୟତପ୍ରସୂ ଶିକ୍ଷା ପ୍ରଦାନ ଆମର ଲକ୍ଷ୍ୟ



**ଶ୍ରୀ ଦେବଦତ୍ତ ସ୍ୱାଇଁ**
ଅଧ୍ୟକ୍ଷ
ସରସ୍ୱତୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ

**୧୯୯୯ ମସିହାରେ କଟକରେ ଏକ ଛୋଟ କୋଠରୀରେ ଆରମ୍ଭ ହୋଇଥିବା ଏକ କମ୍ପ୍ୟୁଟର ପ୍ରଶିକ୍ଷଣ କେନ୍ଦ୍ର ଆଜି ପରିଣତ ହୋଇଛି ବିଶାଳ ଅନୁଷ୍ଠାନରେ । ସେହି ଅନୁଷ୍ଠାନ ହେଉଛି ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ସ । ସାମ୍ପ୍ରତିକ ଆବାସିକ ଓ ଦିବାଧାୟୀ ଶିକ୍ଷା ବ୍ୟବସ୍ଥାରେ ସରସ୍ୱତୀ ଗ୍ରୁପ୍‌ର ଶିକ୍ଷଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭିନ୍ନ, ସ୍ୱତନ୍ତ୍ର ଓ ଅନନ୍ୟ । ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାନୁଷ୍ଠାନଟି ଦ୍ୱିତୀୟ ଗୃହ ଅର୍ଥାତ୍ 'ହୋମ୍ ଫାର୍ ଫ୍ରମ୍ ହୋମ୍' । ସମନ୍ୱିତ ଶିକ୍ଷଣ ବ୍ୟବସ୍ଥା, ଶିକ୍ଷାର୍ଥୀଙ୍କ ଶୈକ୍ଷିକ ବିକାଶ ଓ ଆନ୍ତରିକ ପରିବେଶ ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌କୁ ଏକ ଭିନ୍ନ ଶିକ୍ଷାନୁଷ୍ଠାନର ପରିଚୟ ଦେଇଛି । ଏ ସଂକ୍ରାନ୍ତରେ ଶିକ୍ଷା ପ୍ରତିଷ୍ଠାନ ସମୂହର ଅଧ୍ୟକ୍ଷ ଦେବଦତ୍ତ ସ୍ୱାଇଁଙ୍କ ସହ ଆନ୍ତରିକ ବାର୍ତ୍ତାଳାପ...**

୧. **କାହିଁକି ଶିକ୍ଷା କ୍ଷେତ୍ରରେ ପ୍ରବେଶ କରିବାକୁ ଇଚ୍ଛା କଲେ?**

● ଯେତେବେଳେ ମୁଁ ଏକ ପ୍ରାଇଭେଟ୍ ଇଞ୍ଜିନିୟରିଂ କଲେଜରେ ଏକ ନନ୍-ଟିଚିଂ ପୋଷ୍ଟରେ କାମ କରୁଥିଲି, ସେତେବେଳେ ମୁଁ ଅନୁଭବ କଲି ଯେ ଓଡିଶାରେ, ବିଶେଷ କରି କଟକରେ, ଗୁଣାତ୍ମକ କମ୍ପ୍ୟୁଟର ଶିକ୍ଷାର ଏକ ବିଶାଳ ଅଭାବ ରହିଛି । ତରୁଣମାନଙ୍କ ମଧ୍ୟରେ ପ୍ରଯୁକ୍ତି ବିଦ୍ୟା ପ୍ରତି ଅଦ୍ଭୁତ କୌତୁହଳ ଥିଲା, କିନ୍ତୁ ଉପଯୁକ୍ତ ଶିକ୍ଷା ଓ ସୁଯୋଗର ଅଭାବ ଥିଲା । ଏହି ଅଭାବକୁ ପୂରଣ କରିବା, ଯୁବପିଢ଼ିକୁ ଭବିଷ୍ୟତପ୍ରସୂ ଶିକ୍ଷା ପ୍ରଦାନ କରିବା ଏବଂ ସେମାନଙ୍କ ଜୀବନକୁ ଗଠନ କରିବାର ଏକ ଦୃଢ଼ ଇଚ୍ଛା ମୋତେ ଏହି କ୍ଷେତ୍ରକୁ ଆସିବାକୁ ପ୍ରେରଣା କରିଥିଲା ।

୨. **ଆପଣଙ୍କ ଶିକ୍ଷାନୁଷ୍ଠାନର ଶିକ୍ଷାର୍ଥୀମାନଙ୍କର ବୁଦ୍ଧିମତ୍ତାକୁ କିଭଳି ଆସେସ୍ କରାଯାଉଛି?**

● ଆମେ ବିଶ୍ୱାସ କରୁ ଯେ ପ୍ରତ୍ୟେକ ଛାତ୍ର-ଛାତ୍ରୀ ଅନନ୍ୟ ବୁଦ୍ଧିମତ୍ତା କେବଳ ଏକାଡେମିକ୍ ମାର୍କଦ୍ୱାରା ଆସେସ୍ ହୋଇପାରେ ନାହିଁ । ଆମର ଆସେସମେଣ୍ଟ ପଦ୍ଧତି ସର୍ବାଙ୍ଗୀନ । ଏଥିରେ ନିୟମିତ କାପାସିଟି ବିଲ୍ଡିଂ କ୍ଲାସ, ପ୍ରୋଜେକ୍ଟ-ବେସ୍‌ଡ୍ ଲର୍ଣ୍ଣିଂ, କ୍ୱିଜ୍, ଡିବେଟ୍, ଅଲିମ୍ପିଆଡ୍ ଏବଂ ବ୍ୟବହାରିକ କାର୍ଯ୍ୟଦକ୍ଷତା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଏ । ଆମେ ଛାତ୍ରମାନଙ୍କର ସୃଜନଶୀଳତା, ସାମାଜିକ ଦକ୍ଷତା, ନେତୃତ୍ୱ ଗୁଣ ଏବଂ ସମସ୍ୟା ସମାଧାନ କ୍ଷମତାକୁ ମଧ୍ୟ ମାପିଥାଉ ।

୩. **ଆପଣଙ୍କ ଇନ୍‌ଷ୍ଟିଚ୍ୟୁଟ ମୂଳଲକ୍ଷ୍ୟ ହେଲା ପିଲାମାନଙ୍କର ବେଟର୍ କ୍ୟାରିଅର୍, ଏହା ତ ସବୁ ଶିକ୍ଷାନୁଷ୍ଠାନର ମୂଳଲକ୍ଷ୍ୟ, ଏଥିରେ ଫରକ୍ କଣ ରହିଲା?**

● ହଁ, କ୍ୟାରିଅର୍ ଗଠନ ହେଉଛି ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ଏକ ଲକ୍ଷ୍ୟ କିନ୍ତୁ ଆମେ କେବଳ ଏକ ଚାକିରି ପାଇଁ ଛାତ୍ରମାନଙ୍କୁ ପ୍ରସ୍ତୁତ କରୁନାହୁଁ, ଆମେ ଏକ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ଗଠନ ଉପରେ ଧ୍ୟାନ ଦେଉଛୁ । ଆମର ଫରକ୍ ହେଉଛି ଏକ 'ହୋଲିସ୍ଟିକ୍ ଆପ୍ରୋଚ୍' । ଏଥିରେ ଶିକ୍ଷା ସହିତ ସଂସ୍କାର, ନୈତିକତା, ଦୟା ଓ ସାମାଜିକ ଦାୟିତ୍ୱବୋଧର ଶିକ୍ଷା ମଧ୍ୟ ଅନ୍ତର୍ଭୁକ୍ତ । ଆମେ ଛାତ୍ରମାନଙ୍କୁ ଏକ ଭଲ ନାଗରିକ ଏବଂ ଭଲ ମନୁଷ୍ୟ ହେବାପାଇଁ ପ୍ରସ୍ତୁତ କରୁଛୁ ।

୪. **କ୍ୟାଫେଟେରିଆ ଶିକ୍ଷାଦାନ କଣ? ଯାହା ଆପଣଙ୍କ ଇନ୍‌ଷ୍ଟିଚ୍ୟୁଟ୍‌ର ଶିକ୍ଷାଦାନକୁ ଗୌରବ ମଣ୍ଡିତ କରିଛି?**

● କ୍ୟାଫେଟେରିଆ ଶିକ୍ଷାଦାନ ହେଉଛି ଏକ ନମନୀୟ ଶିକ୍ଷଣ ପଦ୍ଧତି ଯେଉଁଥିରେ ଛାତ୍ରମାନେ ନିଜର ରୁଚି ଓ ଆବଶ୍ୟକତା ଅନୁସାରେ ବିଭିନ୍ନ ବିଷୟ ବାଛିପାରନ୍ତି । ଏହା ଏକ ଷ୍ଟାଣ୍ଡାର୍ଡାଇଜ୍‌ଡ୍ ପାଠ୍ୟକ୍ରମକୁ ଅନୁସରଣ କରେ ନାହିଁ, ବରଂ ଛାତ୍ରମାନଙ୍କ ବ୍ୟକ୍ତିଗତ ଶକ୍ତିକୁ ଉନ୍ନତ କରେ । ଆମ ଅନୁଷ୍ଠାନରେ ଏହି ପଦ୍ଧତି ଅନୁସରଣ କରାଯାଏ, ଯାହା ଛାତ୍ରମାନଙ୍କୁ ନିଜ ପସନ୍ଦ ଓ କ୍ଷମତା ଅନୁଯାୟୀ ବିଭିନ୍ନ ବିଷୟ ଏବଂ କ୍ରିୟାକଳାପ ବାଛିବାର ସ୍ୱାଧୀନତା ଦେଇଥାଏ । ଏହି ନମନୀୟତା ଓ ବ୍ୟକ୍ତିଗତ ଧ୍ୟାନ ହେଉଛି ଆମ ଶିକ୍ଷାଦାନ ପ୍ରଣାଳୀର ଗୌରବ ।

୫. **ଆପଣଙ୍କ ଶିକ୍ଷାନୁଷ୍ଠାନରେ କେଉଁ ପଦ୍ଧତିରେ ଶିକ୍ଷାଦାନ କରାଯାଉଛି ଯାହା ଅନ୍ୟ ଶିକ୍ଷାନୁଷ୍ଠାନଠାରୁ ପୃଥକ୍ ବୋଲି ଆପଣ ଭାବୁଛନ୍ତି?**

● ଆମର ପ୍ରଧାନ ପଦ୍ଧତି ହେଉଛି 'ସମନ୍ୱିତ ଶିକ୍ଷଣ' । ଏଥିରେ ପାରମ୍ପରିକ କ୍ଲାସରୁମ୍ ଶିକ୍ଷଣ ସହିତ ପ୍ରଯୁକ୍ତିବିଦ୍ୟା, ବ୍ୟବହାରିକ ପ୍ରୟୋଗ, ପ୍ରୋଜେକ୍ଟ ୱାର୍କ ଏବଂ ଶିକ୍ଷା ଭ୍ରମଣକୁ ସମନ୍ୱିତ କରାଯାଏ । ଆମେ ଶିକ୍ଷକ- କେନ୍ଦ୍ରିକ ଶିକ୍ଷଣ ପରିବର୍ତ୍ତେ ଛାତ୍ର- କେନ୍ଦ୍ରିକ ଶିକ୍ଷଣ ଉପରେ ଗୁରୁତ୍ୱ ଦେଉଛୁ ପ୍ରତ୍ୟେକ ଛାତ୍ରଙ୍କ ଦୁର୍ବଳତା ଓ ସାମର୍ଥ୍ୟକୁ ଚିହ୍ନଟ କରି ସେଥିପାଇଁ ବ୍ୟକ୍ତିଗତ ଧ୍ୟାନ ଦିଆଯାଏ । ଏହି ବ୍ୟକ୍ତିଗତ ଯତ୍ନ ଓ ଆଧୁନିକ ପଦ୍ଧତିର ସମନ୍ୱୟ ଆମକୁ ଅନ୍ୟଠାରୁ ପୃଥକ୍ କରେ ।

୬. **ଶିକ୍ଷା କ୍ଷେତ୍ରରେ ହେଉଥିବା ପରିବର୍ତ୍ତନ, ବିଶେଷ କରି ପ୍ରଯୁକ୍ତିବିଦ୍ୟାର ଭୂମିକାସହିତ, ଆପଣଙ୍କ ଅନୁଷ୍ଠାନ କିଭଳି ଖାପ ଖୁଆଇ ଚାଲିଛି?**

● ଆମେ ପ୍ରଯୁକ୍ତିବିଦ୍ୟାକୁ ଆମ ଶିକ୍ଷଣ ପ୍ରଣାଳୀର ଏକ ଅଭିନ୍ନ ଅଂଶ ଭାବରେ ଗ୍ରହଣ କରିଛୁ । ସ୍ମାର୍ଟ କ୍ଲାସରୁମ୍, ଡିଜିଟାଲ୍ ଲାଇବ୍ରେରୀ, କମ୍ପ୍ୟୁଟର- ଏଡେଡ୍ ଲର୍ଣ୍ଣିଂ ମଟେରିଆଲ୍ ଆମର ନିତିଦିନିଆ ଅଭ୍ୟାସ । ଆମେ ଛାତ୍ରମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା (AI), ଡାଟା ଆନାଲିଟିକ୍ସ, କ୍ଲାଉଡ୍ କମ୍ପୁଟିଂ ଆଦି ଆଧୁନିକ ଟ୍ରେଣ୍ଡସମୂହ ସହିତ ଅପଡେଟେଡ୍ ରଖୁଥାଉ । ତଥାପି, ଆମେ ଏହା ମଧ୍ୟ ନିଶ୍ଚିତ କରୁଛୁ ଯେ ପ୍ରଯୁକ୍ତିବିଦ୍ୟା ଏକ ସାଧନ ମାତ୍ର, ଲକ୍ଷ୍ୟ ନୁହେଁ । ଶିକ୍ଷକଙ୍କ ମାର୍ଗଦର୍ଶନ ଏବଂ ମାନବିକ ମୂଲ୍ୟବୋଧ ଆମର ମୂଳଭିତ୍ତି ରହିଛି ।

୭. **ସରସ୍ୱତୀ ପବ୍ଲିକ ସ୍କୁଲ, ସାଇନ୍ସ ହାଇୟର ସେକେଣ୍ଡାରୀ ସ୍କୁଲ୍, ଡିଗ୍ରୀ ସାଇ କଲେଜ ଖୋଲି କେବଳ ବିଜ୍ଞାନକୁ କାହିଁକି ଗୁରୁତ୍ୱ ଦେଇଛନ୍ତି?**

● ବିଜ୍ଞାନ ହେଉଛି ଆଧୁନିକ ଯୁଗର ମୂଳଭିତ୍ତି । ଏହା କେବଳ ଏକ ବିଷୟ ନୁହେଁ, ବରଂ ଏକ ଚିନ୍ତାଧାରା ତର୍କ, ବିଶ୍ଳେଷଣ ଓ ଗବେଷଣାକୁ ପ୍ରୋତ୍ସାହିତ କରେ । ଓଡିଶା ଏବଂ ଦେଶର ବିକାଶ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଦକ୍ଷ ଯୁବଶକ୍ତିର ଆବଶ୍ୟକତା ଅନିବାର୍ଯ୍ୟ ଆମେ ଚାହୁଁଛୁ ଯେ ଆମର ଛାତ୍ରମାନେ ବିଜ୍ଞାନ ଓ ଟେକ୍ନୋଲୋଜିରେ ଦକ୍ଷତା ଅର୍ଜନ କରି ରାଜ୍ୟ ଓ ଦେଶର ପ୍ରଗତିରେ ଅଗ୍ରଣୀ ଭୂମିକା ନିଅନ୍ତୁ ।

୮. **କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ଭଳି ସଫ୍ଟୱେର୍ ଥିବା ବେଳେ ଆପଣଙ୍କ ଇନ୍‌ଷ୍ଟିଚ୍ୟୁଟ୍ PM WANI Wi-Fi କାହିଁକି ଆପଣେଇଛି?**

● PM WANI WI-FI ଏକ ମହତ୍ତ୍ୱପୂର୍ଣ୍ଣ ସରକାରୀ ଯୋଜନା ଯାହା ସମସ୍ତଙ୍କୁ ସୁଲଭ ମୂଲ୍ୟରେ ହାଇ- ସ୍ପିଡ୍ ଇଣ୍ଟରନେଟ୍ ସୁବିଧା ପ୍ରଦାନ କରେ । AI ଭଳି ସଫ୍ଟୱେର୍ ହେଉଛି ଏକ ସାଧନ, କିନ୍ତୁ ସେଥିରେ ପ୍ରବେଶ ପାଇଁ ଦ୍ରୁତ ଓ ସୁଲଭଇଣ୍ଟରନେଟ୍ ଆବଶ୍ୟକ । ଆମେ ଚାହୁଁଛୁ ଆମର ପ୍ରତ୍ୟେକ ଛାତ୍ର, ସେମାନଙ୍କର ଆର୍ଥିକ ଅବସ୍ଥା ଯାହାବି ହେଉ, ବିନା ବାଧାରେ ଡିଜିଟାଲ୍ ବିଶ୍ୱ ସହିତ ସଂଯୁକ୍ତ ହୋଇପାରନ୍ତୁ । ଏହି ଉଦ୍ଦେଶ୍ୟରେ ଆମେ PM WANI WI-FI ଆପଣେଇଛୁ, ଯାହା ଡିଜିଟାଲ୍ ବିଭେଦ ଦୂର କରି ସମସ୍ତଙ୍କୁ ସମାନ ସୁଯୋଗ ପ୍ରଦାନ କରେ ।

୯. **ବିଜ୍ଞାନ ରେସିଡେନ୍ସିଆଲ୍ କଲେଜ୍ ଖୋଲିବାର ଆପଣଙ୍କର ମାତ୍ର ୧୦ ବର୍ଷର ଅଭିଜ୍ଞତା, କିନ୍ତୁ ଏବେ ଅନ୍ୟ ଘରୋଇ କଲେଜଠାରୁ ଆପଣଙ୍କର ରେଜଲ୍ଟ୍ ଆଶାତୀତ, ଏ ବିଷୟରେ କଣ କହିବେ?**

● ଏହାର ରହସ୍ୟ ହେଉଛି ଆମର ଦୃଢ଼ ନିଷ୍ଠା, କଠିନ ପରିଶ୍ରମ ଏବଂ ଏକ ନିର୍ଦ୍ଦିଷ୍ଟ ଦର୍ଶନ ବର୍ଷ ଅଳ୍ପ ହେଲେ ବି ଆମେ ଗୁଣାତ୍ମକ ଶିକ୍ଷା, ଉତ୍କୃଷ୍ଟ ଫ୍ୟାକଲ୍ଟି, ଛାତ୍ରମାନଙ୍କୁ ବ୍ୟକ୍ତିଗତ ଧ୍ୟାନ ଏବଂ ଏକ ଅନୁକୂଳ ଶିକ୍ଷଣ ବାତାବରଣ ଉପରେ କେବଳ ଧ୍ୟାନ ଦେଇଆସିଛୁ । ଆମର ଫଳାଫଳ ହେଉଛି ଆମ ଛାତ୍ର ଓ ଶିକ୍ଷକଙ୍କ ସମ୍ମିଧାନର ଫଳ ଆମେ ଶିକ୍ଷାର ଗୁଣବତ୍ତାକୁ ପରିମାଣ ଉପରେ ପ୍ରାଧାନ୍ୟ ଦେଉଛୁ, ଏବଂ ଫଳାଫଳ ସ୍ୱଚ୍ଛଭାବେ ଭଲ ହୋଇଆସୁଛି ।

୧୦. **ଚଳିତ ବର୍ଷ ଆପଣଙ୍କ ଇନ୍‌ଷ୍ଟିଚ୍ୟୁସନ୍‌ର ଯୁକ୍ତ ୨ ବିଜ୍ଞାନ ଟପ୍‌ପର, ଏ ଶ୍ରେୟ କାହାକୁ ଦେବେ?**

● ଏହି ଅଭୂତପୂର୍ବ ସଫଳତାର ଶ୍ରେୟ ସମ୍ପୂର୍ଣ୍ଣ ରୂପେ ଆମର ମେଧାବୀ ଛାତ୍ର, ତାଙ୍କର ଅବିଶ୍ରାନ୍ତ ପରିଶ୍ରମ ଓ ନିଷ୍ଠା ଏବଂ ତା'ସହିତ ଆମର ଶିକ୍ଷକମାନଙ୍କର ଅନନ୍ୟ ତ୍ୟାଗ, ଯୋଗ୍ୟ ମାର୍ଗଦର୍ଶନ ଏବଂ ଅଭିଭାବକମାନଙ୍କର ଅବିଚଳିତ ସହଯୋଗ ମଧ୍ୟ ଏହି ସଫଳତାର ମୂଳ କାରଣ । ଏହା ଏକ ସାମୂହିକ ଉପଲବ୍ଧି ଏବଂ ଶ୍ରେୟ ସମସ୍ତଙ୍କୁ ଯାଏ ।

୧୧. **ବିଭିନ୍ନ ଘରୋଇ କଲେଜରେ ଫାକୁଲ୍ଟି ପ୍ରାୟତଃ ଶିକ୍ଷା ବର୍ଷ ପୂର୍ବରୁ ବଦଳିଯାଆନ୍ତି, କିନ୍ତୁ ଏଥିରେ ଆପଣଙ୍କ ବ୍ୟତିକ୍ରମ ଘଟିଛି, ପ୍ରତ୍ୟେକ ଫାକଲ୍ଟି ପାଇଁ କେତେ ଜଣ ଅଧ୍ୟାପିକା/ଅଧ୍ୟାପକ ନିଯୁକ୍ତି ଦେଇଥାନ୍ତି?**

● ଆମେ ବିଶ୍ୱାସ କରୁ ଯେ ଶିକ୍ଷକଙ୍କ ସ୍ଥିରତା ଛାତ୍ରମାନଙ୍କ ଶିକ୍ଷାର ଗୁଣବତ୍ତା ପାଇଁ ଅତ୍ୟନ୍ତ ଜରୁରୀ । ଆମେ ଆମର ଶିକ୍ଷକମାନଙ୍କୁ କେବଳ ଏକ କର୍ମଚାରୀ ଭାବରେ ନୁହେଁ, ବରଂ ପରିବାରର ସଦସ୍ୟ ଭାବରେ ଦେଖି ଆମେ ସେମାନଙ୍କୁ ଉତ୍ତମ ବେତନ, ସୁବିଧା, ସମ୍ମାନ ଏବଂ ଏକ ସୁରକ୍ଷିତ କାର୍ଯ୍ୟବାତାବରଣ ପ୍ରଦାନ କରୁ ଫଳରେ, ଶିକ୍ଷକମାନଙ୍କ ମଧ୍ୟରେ ଚାକିରି ଛାଡ଼ିବାର ହାର ଅତ୍ୟନ୍ତ କମ୍ । ପ୍ରତ୍ୟେକ ବିଭାଗ ପାଇଁ ଆମେ ଏକ ନିର୍ଦ୍ଦିଷ୍ଟ ଶିକ୍ଷକ-ଛାତ୍ର ଅନୁପାତ ( Faculty-Student Ratio) ବଜାୟ ରଖୁ, ଯାହା ଦ୍ୱାରା ପ୍ରତ୍ୟେକ ଛାତ୍ରଙ୍କୁ ଯଥେଷ୍ଟ ଧ୍ୟାନ ମିଳେ ।

୧୨. **ସାମ୍ପ୍ରତିକ ପରିସ୍ଥିତିରେ ଶିକ୍ଷାର ଗାଇଡଲାଇନ୍, ଯାହା ଆପଣଙ୍କ ଶିକ୍ଷାନୁଷ୍ଠାନର ଅନୁଶାସନ କିଭଳି?**

● ଆଜିର ପରିବେଶରେ ଅନୁଶାସନ କେବଳ ନିୟମ କାନୁନର ବିଷୟ ନୁହେଁ, ବରଂ ଏହା ଛାତ୍ରମାନଙ୍କ ସହିତ ସଂଯୋଗ ଓ ବାର୍ତ୍ତାଳାପ ଉପରେ ଆଧାରିତ ଆମର ଅନୁଶାସନ ପଦ୍ଧତି ସ୍ୱଚ୍ଛ, ପାରଦର୍ଶୀ ଏବଂ ନ୍ୟାୟପୂର୍ଣ୍ଣ । ଛାତ୍ରମାନେ ଯେ କୌଣସି ସମସ୍ୟା ନେଇ ସିଧାସଳଖ ଆମ ସହିତ ଆଲୋଚନା କରିପାରନ୍ତି । ଆମେ ଛାତ୍ରମାନଙ୍କୁ ନୈତିକ ମୂଲ୍ୟବୋଧ, ଅନୁଶାସନ ଓ ସ୍ୱାଧୀନତାର ସନ୍ତୁଳନ ଶିଖାଉଛୁ । ଆମର ଲକ୍ଷ୍ୟ ହେଉଛି ଏକ ଅନୁଶାସିତ କିନ୍ତୁ ଭୟମୁକ୍ତ ବାତାବରଣ ସୃଷ୍ଟି କରିବା, ଯେଉଁଠାରେ ଛାତ୍ରମାନେ ସ୍ୱଚ୍ଛନ୍ଦରେ ଶିଖିପାରିବେ ଏବଂ ବଢ଼ିପାରିବେ ।

୧୩. **ରାଜ୍ୟର ଅନ୍ତର୍ଜାତୀୟ ଘରୋଇ କଲେଜରେ ବହୁବାର ରାଗିଂର ଅଭିଯୋଗ ଆସିଛି । ଆପଣଙ୍କ ଇନ୍‌ଷ୍ଟିଚ୍ୟୁଟ୍‌ରେ ଏଭଳି ଘଟଣା ନ ଘଟିବ ବୋଲି କଣ ଗ୍ୟାରେଣ୍ଟି ଦେଇପାରିବେ?**

● ହଁ, ମୁଁ ଦୃଢ଼ତାର ସହିତ କହିପାରିବି ଯେ ଆମ ଅନୁଷ୍ଠାନରେ ରାଗିଂ ନାମକ ଜିନିଷଟି ପ୍ରାୟ ଅସ୍ତିତ୍ୱହୀନ । ଏହାର ପ୍ରମାଣ ହେଉଛି ଆମର ଅତୀତର ନିର୍ବିବାଦ ଇତିହାସ । ଆମର ଗ୍ୟାରେଣ୍ଟି ହେଉଛି ଆମର ପ୍ରତିଷ୍ଠା ଓ ମୂଲ୍ୟବୋଧ ଆମେ ଛାତ୍ରମାନଙ୍କ ମଧ୍ୟରେ ଭ୍ରାତୃତ୍ୱବୋଧ, ସମ୍ମାନ ଓ ସହଯୋଗକୁ ପ୍ରୋତ୍ସାହିତ କରୁଛୁ ଆମର ଶିକ୍ଷକ ଓ ଷ୍ଟାଫ୍ ସର୍ବଦା ସଚେତନ ରହନ୍ତି ଏବଂ ହଷ୍ଟେଲରେ ସିସିଟିଭି ଓ ନିୟମିତ ପରିଦର୍ଶନ ରହିଥାଏ । କୌଣସି ପ୍ରକାରର ଉତ୍ପୀଡ଼ନକୁ କଠୋର ଭାବରେ ଦଣ୍ଡିତ କରାଯାଏ ।

୧୪. **ହଷ୍ଟେଲକୁ 'ହୋମ୍ ଫାର୍ ଫ୍ରମ୍ ହୋମ୍' ବୋଲି କହିବାର ଉଦ୍ଦେଶ୍ୟ କଣ?**

● 'ହୋମ୍ ଫାର୍ ଫ୍ରମ୍ ହୋମ୍'ର ଅର୍ଥ ହେଉଛି ଏକ ଘର ଯାହା ଆପଣାର ଘର ଭଳି, କିନ୍ତୁ ଘର ନୁହେଁ । ଆମର ଉଦ୍ଦେଶ୍ୟ ହେଉଛି ହଷ୍ଟେଲକୁ ଏକ ନିରାପଦ, ଆରାମଦାୟକ ଓ ସ୍ନେହପୂର୍ଣ୍ଣ ବାତାବରଣରେ ପରିଣତ କରିବା, ଯେଉଁଠାରେ ଛାତ୍ରମାନେ ନିଜକୁ ଘରେ ଥିବା ଭଳି ଅନୁଭବ କରିପାରିବେ । ଏଠାରେ ସେମାନେ ପାରିବାରିକ ସମ୍ପର୍କ ଗଢ଼ିପାରିବେ, ଏକାଠି ରହିବା ଶିଖିବେ ଏବଂ ଜୀବନର ଅମୂଲ୍ୟ ସମୟ ଅତିବାହିତ କରିପାରିବେ । ଏହି ଆତ୍ମୀୟତା ଓ ସୁରକ୍ଷିତ ଅନୁଭୂତି ହେଉଛି ଆମର ଲକ୍ଷ୍ୟ

୧୫. **ଆପଣଙ୍କ ସ୍କୁଲ୍ କେବଳ କ୍ୟାରିଅର୍ ଏକାଡେମିକ୍ ପିଲାଙ୍କୁ ପ୍ରାଧାନ୍ୟ ଦେଇନାହିଁ, ବରଂ କମ୍ ମାର୍କ ରଖିଥିବା ବିଦ୍ୟାର୍ଥୀଙ୍କୁ ବିଦ୍ୟାଳୟରେ ସୁଯୋଗ ଦେଇ ଟପ୍‌ପର କରାଇ ପାରୁଛନ୍ତି? ଏହା କିଭଳି ସମ୍ଭବ ହେଉଛି?**

● କାରଣ ଆମେ ବିଶ୍ୱାସ କରୁ ଯେ ପ୍ରତ୍ୟେକ ପିଲାର ଏକ ଅନନ୍ୟ ପ୍ରତିଭା ଅଛି । କେବଳ ଏକାଡେମିକ୍ ମାର୍କ୍ ଦ୍ୱାରା ଏକ ପିଲାର ସମ୍ଭାବନାକୁ ଆସେସ୍ କରିହୁଏ ନାହିଁ । ଆମେ ପ୍ରତ୍ୟେକ ଛାତ୍ରଙ୍କ ଶକ୍ତି କ୍ଷେତ୍ରକୁ ଚିହ୍ନଟ କରି ସେଥିପାଇଁ ବିଶେଷ ମାର୍ଗଦର୍ଶନ ଓ ସୁଯୋଗ ପ୍ରଦାନ କରୁ । ଯେଉଁ ଛାତ୍ର ଏକାଡେମିକ୍ସରେ ଦୁର୍ବଳ, ସେ ହୋଇପାରେ କଳା, ସଙ୍ଗୀତ, କ୍ରୀଡ଼ା, ନେତୃତ୍ୱ ବା ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶୀ । ଆମେ ସେହି ପ୍ରତିଭାକୁ ଚିହ୍ନଟ କରି ତାକୁ ଉନ୍ନତ କରିବାରେ ସାହାଯ୍ୟ କରୁ ଏହି ବ୍ୟକ୍ତିଗତ ଧ୍ୟାନ ଓ ପ୍ରୋତ୍ସାହନ ଦ୍ୱାରା ଅନେକ ଛାତ୍ର ଆଶ୍ଚର୍ଯ୍ୟଜନକ ଉନ୍ନତି କରିଛନ୍ତି ।

୧୬. **ବିଦ୍ୟାର୍ଥୀଙ୍କ ସୃଜନାତ୍ମକ ଚିନ୍ତାଧାରାକୁ ବାସ୍ତବ ରୂପାୟନ ଦେବାରେ ଆପଣ କେତେ ସଫଳ?**

● ଆମେ ଏହା ଉପରେ ବିଶେଷ ଗୁରୁତ୍ୱ ଦେଉଛୁ ଏବଂ ଆମକୁ ଯଥେଷ୍ଟ ସଫଳତା ମଧ୍ୟ ମିଳିଛି । ଆମେ ଛାତ୍ରମାନଙ୍କୁ ସାଇନ୍ସ ଏକ୍ସିବିସନ୍, ପ୍ରୋଜେକ୍ଟ କମ୍ପିଟିସନ୍, ଇନୋଭେସନ୍ ୱର୍କସପ୍ ଆଦି ଆୟୋଜନ କରୁଛୁ ଆମର ଛାତ୍ରମାନେ ନିଜର ଆବିଷ୍କାର ଓ ପ୍ରୋଜେକ୍ଟ ପାଇଁ ରାଜ୍ୟ ଓ ଜାତୀୟ ସ୍ତରରେ ପୁରସ୍କାର ମଧ୍ୟ ପାଇଛନ୍ତି । ଆମର ଲକ୍ଷ୍ୟ ହେଉଛି ଏକ ଅନୁପ୍ରାଣିତ କରୁଥିବା ବାତାବରଣ ସୃଷ୍ଟି କରିବା, ଯାହା ଛାତ୍ରମାନଙ୍କୁ ନୂତନତା ହାସଲ କରିବାକୁ ଉତ୍ସାହିତ କରେ

୧୭. **ସ୍କୁଲ୍ ସହିତ ଆପଣଙ୍କ ଯାତ୍ରାର ସବୁଠୁ ସ୍ମରଣୀୟ ମୁହୂର୍ତ୍ତ କଣ?**

● ଆମର ଯାତ୍ରାର ପ୍ରତ୍ୟେକ ପର୍ଯ୍ୟାୟ ସ୍ମରଣୀୟ । କିନ୍ତୁ ୧୯୯୯ ମସିହାରେ କଟକରେ ଥିବା ଏକ ଛୋଟ କୋଠରୀରେ ଆମର ପ୍ରଥମ କମ୍ପ୍ୟୁଟର୍ ସେଣ୍ଟର୍ ଖୋଲିବାର ମୁହୂର୍ତ୍ତ, ସବୁଠାରୁ ସ୍ୱତନ୍ତ୍ର । ସେହି ଛୋଟ ଆରମ୍ଭ, ଯେଉଁଠାରେ କେବଳ କିଛି କମ୍ପ୍ୟୁଟର୍ ଓ ଏକ ବୃହତ ସ୍ୱପ୍ନ ଥିଲା, ତାହା ଆଜି ଏହି ବିଶାଳ ଅନୁଷ୍ଠାନରେ ପରିଣତ ହୋଇଛି । ପ୍ରତ୍ୟେକ ବର୍ଷ ପ୍ରଥମ ବ୍ୟାଚ୍ ଛାତ୍ରମାନଙ୍କୁ ପାସ୍ କରାଇବା, ପ୍ରଥମ କଲେଜ୍ ଖୋଲିବା, ଏବଂ ପ୍ରତ୍ୟେକ ଛାତ୍ରଙ୍କ ସଫଳତାର ମୁହୂର୍ତ୍ତ ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ।

୧୮. **ସ୍କୁଲ ବିକାଶ ପ୍ରଗତିରେ ଅଭିଭାବକ ମାନଙ୍କର ଭୂମିକା କଣ ରହିବା ଆବଶ୍ୟକ?**

● ଅଭିଭାବକମାନେ ଆମର ଅଭିନ୍ନ ଅଂଶ । ସେମାନଙ୍କ ସହଯୋଗ ଓ ମାର୍ଗଦର୍ଶନ ବିନା ଆମର ସଫଳତା ସମ୍ଭବ ହୋଇନଥାନ୍ତା । ଅଭିଭାବକଙ୍କର ଭୂମିକା କେବଳ ଫି ଦେବାରେ ସୀମିତ ନୁହେଁ । ଆମେ ନିୟମିତ PTA (Parent-Teacher Association) ମିଟିଂ ଆୟୋଜନ କରି ଛାତ୍ରମାନଙ୍କ ଅଗ୍ରଗତି ଓ ସମସ୍ୟା ନେଇ ଆଲୋଚନା କରୁ ଅଭିଭାବକମାନଙ୍କର ମୂଲ୍ୟବାନ ପରାମର୍ଶ ଆମର ନୀତି ନିର୍ଦ୍ଧାରଣରେ ସାହାଯ୍ୟ କରେ । ଏକତ୍ରିତ ଭାବରେ ଆମେ ଛାତ୍ରମାନଙ୍କ ଭଲପାଇଁ କାମ କରିପାରୁ ।

୧୯. **ଅଧ୍ୟକ୍ଷ ଭାବରେ ଆପଣଙ୍କ ସାମ୍ନାରେ ଆସିଥିବା ସବୁଠାରୁ ବଡ଼ ଚ୍ୟାଲେଞ୍ଜ୍ କଣ ଥିଲା? ତାକୁ କିଭଳି ସାମ୍ନା କରିଥିଲେ?**

● ସବୁଠାରୁ ବଡ଼ ଚ୍ୟାଲେଞ୍ଜ୍ ଥିଲା ଆରମ୍ଭର ଦିନଗୁଡିକରେ ସୃଜନଶୀଳ ହେବା ସହିତ ଗୁଣାତ୍ମକ ଶିକ୍ଷା ନିଶ୍ଚିତ କରିବା । ସୀମିତ ସମ୍ବଳ ଥାଇ ମଧ୍ୟ ଶିକ୍ଷାର ଗୁଣବତ୍ତାକୁ କମ୍ କରିନଥିଲୁ ଏହାକୁ ସାମ୍ନା କରିବା ପାଇଁ ଆମେ ଆମର ଅଧିକାଂଶ ଲାଭକୁ ପୁନର୍ବିନିଯୋଗ କରିଛୁ, ଉତ୍ତମ ଶିକ୍ଷକଙ୍କୁ ନିଯୁକ୍ତି ଦେଇ ସେମାନଙ୍କୁ ରଖିବାକୁ ଚେଷ୍ଟା କରିଛୁ, ଏବଂ ଧୀରେ ଧୀରେ ଆମର ପ୍ରସାର କରିଛୁ । ଦୃଢ଼ ଇଚ୍ଛାଶକ୍ତି, ଧୈର୍ଯ୍ୟ ଓ ଏକ ନିଷ୍ଠାବାନ ଟିମ୍ ଏହି ସବୁ ଚ୍ୟାଲେଞ୍ଜ୍ ମୁକାବିଲା କରିବାରେ ସାହାଯ୍ୟ କରିଛି!

୨୦. **ଆଜିର ଛାତ୍ରମାନଙ୍କ ପାଇଁ ଆପଣଙ୍କର କଣ ପରାମର୍ଶ ରହିବ? ମୋର ପରାମର୍ଶ ହେବ ଯେ, ତୁମେ କେବଳ ଏକାଡେମିକ୍**

● ରେକର୍ଡ଼ ସୃଷ୍ଟି କରିବା ଉପରେ ଧ୍ୟାନ ଦିଅ ନାହିଁ, ବରଂ ଏକ ସମୃଦ୍ଧ ବ୍ୟକ୍ତିତ୍ୱ ଗଠନ କରାଇ ନିଜର କୌତୁହଳ ଓ ପସନ୍ଦକୁ ଅନୁସରଣ କର, ନୂଆ ଜିନିଷ ଶିଖିବାକୁ କେବେହେଲେ ଭୟ କର ନାହିଁ । ନୈତିକତା ଓ ସଚ୍ଚୋଟତା ଠାରୁ କେବେହେଲେ ବିସ୍ମୃତ ହୁଅ ନାହିଁ । ପ୍ରଯୁକ୍ତିବିଦ୍ୟାକୁ ଏକ ସାଧନ ଭାବରେ ବ୍ୟବହାର କର, କିନ୍ତୁ ମାନବୀୟ ମୂଲ୍ୟବୋଧକୁ କେବେହେଲେ ଅଣଦେଖା କର ନାହିଁ । ତୁମର ପରିବାର, ସମାଜ ଓ ଦେଶ ପ୍ରତି ଥିବା ଦାୟିତ୍ୱକୁ ସବୁଦିନ ସ୍ମରଣ ରଖ ।

# ସମ୍ପାଦକୀୟ



ଶିଶୁମାନେ ବିଶ୍ୱର ସବୁଠାରୁ ମୂଲ୍ୟବାନ ସମ୍ପଦ।

- ଜେ ଏଫ୍. କେନେଡ଼ି

ସକାଳ THE SAKALA

## ଗଣତନ୍ତ୍ରରେ ଗୋଳ

କୋଭିଡ୍ ମହାମାରୀ ପରବର୍ତ୍ତୀ ସମୟରେ ଗୋଟିଏ ପରେ ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚିତ ସରକାରମାନେ ଜନଆକ୍ରୋଶର ଶିକାର ହୋଇ ଗାଦିଚ୍ୟୁତ ହେଉଥିବା ଧାରାକୁ ଦେଖିଲେ ଲାଗୁଛି ଗଣତନ୍ତ୍ରକୁ ସତେଯେମିତି ଗ୍ରହଣ ଲାଗିଛି। ୨୦୨୨ରେ ଶ୍ରୀଲଙ୍କାରୁ ଆରମ୍ଭ ହୋଇଥିବା ଶାସକ ବିରୋଧୀ ଜନଆକ୍ରୋଶର ଧାରା କ୍ରମେ ବାଂଲାଦେଶ, ଇଣ୍ଡୋନେସିଆ, ନେପାଳ ପରେ ଏବେ ବିକଶିତ ରାଷ୍ଟ୍ର ଫ୍ରାନ୍ସରେ ପହଞ୍ଚିଲାଣି।

ଉପରୋକ୍ତ ଗଣତାନ୍ତ୍ରିକ ଦେଶରେ ଯାହା ଘଟୁଛି ସେ ସବୁ ପଛରେ କେବଳ ଆମେରିକା କିମ୍ବା ଚୀନ୍‌ର ବିସ୍ତାରବାଦୀ ଆଭିମୁଖ୍ୟର ଷଡ଼ଯନ୍ତ୍ରକୁ ଦାୟୀ କଲେ ହେବ ନାହିଁ। ବିଗତ କିଛିବର୍ଷର ଘଟଣାକ୍ରମକୁ ଲକ୍ଷ୍ୟ କଲେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ପରିବାରବାଦ ଓ ଗୋଷ୍ଠୀବାଦର ପ୍ରଭାବ ଏବଂ ତଦ୍‌ଜନିତ ଦୁର୍ନୀତି ଓ ଭ୍ରଷ୍ଟାଚାରର ସାମଞ୍ଜସ୍ୟଟି ଜଳଜଳ ଦିଶୁଛି। ଶ୍ରୀଲଙ୍କା, ବାଂଲାଦେଶ, ଇଣ୍ଡୋନେସିଆ, ନେପାଳ ଆଦି ଦେଶର ସାମାଜିକ-ଅର୍ଥନୈତିକ ବ୍ୟବସ୍ଥା ଫ୍ରାନ୍ସଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଅଥଚ ଜନଆକ୍ରୋଶ, ବିଦ୍ରୋହ ପଛର କାରଣ ସମାନ। ଦକ୍ଷିଣ ଏସିଆର ଉପରୋକ୍ତ ବିକାଶଶୀଳ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକରେ ଶାସନ ବିରୋଧୀ ଜନଆକ୍ରୋଶ ପଛରେ ବେରୋଜଗାର, ଦରଦାମ ବୃଦ୍ଧି, ମୌଳିକ ସୁବିଧା ସଯୋଗର ସଂକୋଚନ ଆଦି ଯୋଡ଼ି ହୋଇଥିବାରୁ ବାହ୍ୟଶକ୍ତିର ପ୍ରରୋଚନରେ ସରକାର ବିରୋଧୀ ବିପ୍ଳବ ମୁଣ୍ଡ ଟେକିଥିବା ଅଭିଯୋଗକୁ ସ୍ୱୀକାର କରାଯାଇପାରେ। କିନ୍ତୁ ବିକଶିତ ରାଷ୍ଟ୍ର ଫ୍ରାନ୍ସର ଜନତା ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ରୋଜଗାର ଆଦି ସବୁକ୍ଷେତ୍ରରେ ବହୁ ଆଗୁଆ। ତେଣୁ ସେମାନେ ଯେ କୌଣସି ବାହ୍ୟଶକ୍ତିର ପ୍ରରୋଚନରେ ସରକାରୀ ବିରୋଧୀ ବିକ୍ଷୋଭ ପାଇଁ ବହୁମୂଲ୍ୟ ସମୟ ଅପଚୟ କରିବେ ସେ ବିଶ୍ୱାସ ଆପାତତଃ ଆସୁନାହିଁ। ଘଟଣାକ୍ରମର ଆଉ ଏକ ସାମଞ୍ଜସ୍ୟ ହେଲା କ୍ଷମତା ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି ଜେନ୍-ଜେଡ୍ ବା ଛାତ୍ରସମାଜ। ଯେତେବେଳେ ଛାତ୍ରସମାଜ ଆନ୍ଦୋଳନକୁ ଓହ୍ଲାନ୍ତି ସେତେବେଳେ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ଓ ମୌଳିକ ସାମାଜିକ-ଅର୍ଥନୈତିକ ଭିତ୍ତିଭୂମି ଉପରେ ପ୍ରଶ୍ନ ଚିହ୍ନଟିଏ ଲାଗିଯାଏ, ଯେଉଁଥିରୁ ଦ୍ରୁତଅଭିବୃଦ୍ଧିଶୀଳ ରାଷ୍ଟ୍ରର ମାନ୍ୟତା ପାଇଥିବା ବାଂଲାଦେଶ ଅଦ୍ୟାବଧି ମୁକୁଳି ପାରିନାହିଁ।

ଶ୍ରୀଲଙ୍କାରେ ରାଷ୍ଟ୍ରପତି ଗୋଟାବାୟା ରାଜପକ୍ଷଙ୍କ ପରିବାର ଗଣତନ୍ତ୍ରକୁ ପରିବାରତନ୍ତ୍ରରେ ପରିଣତ କରିଦେଇଥିବା ବେଳେ ଲୋକଙ୍କ ସମସ୍ୟା ସମାଧାନ ଗୌଣ ହୋଇପଡ଼ିଥିଲା। ଅଦୂରଦର୍ଶୀ ନୀତି ଯୋଗୁଁ ଦେଶ ଗୁରୁତର ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଥିଲା। ଶୂନ୍ୟପ୍ରାୟ ବୈଦେଶିକ ବିନିମୟ ମୁଦ୍ରା ଭଣ୍ଡାର ଯୋଗୁଁ ଲୋକଙ୍କ ଅତ୍ୟାବଶ୍ୟକ ସାମଗ୍ରୀ ଏପରିକି ଖାଦ୍ୟ ଯୋଗାଇବାରେ ସେଠାକାର ସରକାର ବିଫଳ ହେଲେ। ଅର୍ଥନୈତିକ ଓ ମାନବିକ ସଙ୍କଟ ଜନଆକ୍ରୋଶରେ ପରିଣତ ହେଲା। ଲୋକେ ଆଇନ ହାତକୁ ନେଲେ। ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପକ୍ଷେ ଓ ଶେଷରେ ରାଷ୍ଟ୍ରପତି କ୍ଷମତାଚ୍ୟୁତ ହେଲେ। ବାଂଲାଦେଶରେ ନିଯୁକ୍ତି କ୍ଷେତ୍ରରେ ମାତ୍ରାଧିକ ସଂରକ୍ଷଣ ଘୋଷଣା ଛାତ୍ରସମାଜକୁ ଉତ୍‌କ୍ଷିପ୍ତ କଲା ଏବଂ ତଦ୍‌ଜନିତ ହିଂସା ଅପ୍ରତିଦ୍ୱନ୍ଦ୍ୱୀ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଗାଦିଚ୍ୟୁତ କରିବା ସହିତ ଦେଶଛାଡ଼ି ପଳାୟନ କରିବାକୁ ବାଧ୍ୟ କଲା। ଗଣତାନ୍ତ୍ରିକ ରାଷ୍ଟ୍ର ଇଣ୍ଡୋନେସିଆରେ ବେରୋଜଗାରୀ ଓ ଦରଦାମ ବୃଦ୍ଧି ପାଉଥିବା ବେଳେ ନିର୍ବାଚିତ ଜନପ୍ରତିନିଧିମାନେ ସେମାନଙ୍କ ଦରମା ଓ ଭତ୍ତା ବୃଦ୍ଧି କରିନେଲେ। ଜନକଲ୍ୟାଣ ପରିପନ୍ଥୀ ଏହି ନିଷ୍ପତ୍ତିରେ ସ୍ୱାଭାବିକ ଭାବେ ଜନଆକ୍ରୋଶ ହିଂସାର ରୂପ ନେଲା। ନେପାଳରେ ଶାସକ ବର୍ଗର କ୍ରମାଗତ ଦୁର୍ନୀତି ଓ ପ୍ରିୟାପ୍ରୀତିତୋଷଣ ବିରୋଧରେ ଜନତାଙ୍କ ସହନଶୀଳତା ଯେତେବେଳ ସୀମା ଲଂଘିଲା, ନାଗରିକମାନେ ନିଜ ଜୀବନକୁ ବାଜି ଲଗାଇବାକୁ ମଧ୍ୟ ଡରିଲେ ନାହିଁ। ଶେଷରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ଇସ୍ତଫା ଦେଲେ। ଦଳୀୟ ଶାସନ ବ୍ୟବସ୍ଥା ଉପରୁ ଆସ୍ଥା ହରାଇ ନେପାଳୀମାନେ ସମ୍ବିଧାନ ପରିବର୍ତ୍ତନ ଓ ଅଣ-ରାଜନୈତିକ ଦଳର ବ୍ୟକ୍ତିତ୍ୱଙ୍କୁ ଶାସନ ମୁଖ୍ୟ ଭାବେ ଉପସ୍ଥାପନ କରିବାକୁ ଚାହୁଁଛନ୍ତି।

ଏସବୁର ଊର୍ଦ୍ଧ୍ୱରେ ପ୍ରଶ୍ନ ଉଠୁଛି ବିଜ୍ଞାନ, କାରିଗରୀ, ଅର୍ଥନୀତି ସମୃଦ୍ଧ ବିକଶିତ ରାଷ୍ଟ୍ର ଫ୍ରାନ୍ସର ସ୍ଥିତି ଏପରି କ'ଣ ହେଲା ଯେ ରଣପାହାଡ଼ର ଆକାର ସମେତ ବଜେଟ୍ ନିଅଣ୍ଟ ପରିମାଣ ବଢ଼ିଚାଲିଲା? ଏହାପଛରେ ଥିଲା ମନ୍ତ୍ରିପରିଷଦର ତ୍ରୁଟିପୂର୍ଣ୍ଣ ଓ ଆତ୍ମକୈନ୍ଦ୍ରିକ ନୀତି। ଋଣଦାତା ଓ ସାମରିକ ବାହିନୀ ହାତକୁ ଦେଶ ଚାଲିଯିବାର ଆଶଙ୍କା ସହିତ ରାଷ୍ଟ୍ରୀୟ ସ୍ୱାଧୀନତା, ନାଗରିକଙ୍କ ଭବିଷ୍ୟତ, ଲୋକସେବା, ସାମାଜିକ ବ୍ୟବସ୍ଥାକୁ ନେଇ ସନ୍ଦୀହାନ ହୋଇପଡ଼ିଥିବା ନାଗରିକ ଶେଷରେ ଅତିଷ୍ଠ ହୋଇ ରାଜରାସ୍ତାକୁ ଓହ୍ଲାଇଛନ୍ତି। ସେହି ଗଣତାନ୍ତ୍ରିକ ରାଷ୍ଟ୍ରରେ ଗତ ୨୦ ମାସ ଭିତରେ ତିନି ଜଣ ପ୍ରଧାନମନ୍ତ୍ରୀ ପରିବର୍ତ୍ତନ ହୋଇଥିବା ବେଳେ ଧାରାରେ ଚତୁର୍ଥ ପ୍ରଧାନମନ୍ତ୍ରୀ ଭାବେ ସଦ୍ୟତମ ସାମିଲ୍ ହୋଇଛନ୍ତି ଫାଙ୍କସ୍ୱା ବାଇରୋ। ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଧାରାରେ ସାମିଲ୍ ହୋଇଛି ଆଉ ଏକ ବିକଶିତ ଗଣତାନ୍ତ୍ରିକ ରାଷ୍ଟ୍ର ଜାପାନ୍। ସେଠାରେ ୧୯୯୫ରୁ କ୍ରମାଗତ କ୍ଷମତାସୀନ ଲିବରାଲ୍ ଡେମୋକ୍ରାଟିକ୍ ପାର୍ଟି ଆର୍ଥିକ ପରିଚାଳନାରେ ଅନିୟମିତତା, ନିଯୁକ୍ତି ଓ ମଜୁରୀ ବୃଦ୍ଧିରେ ସ୍ଥାଣୁତା, ଶ୍ରମିକ ସଂଖ୍ୟା ହ୍ରାସ, କ୍ରମବର୍ଦ୍ଧିଷ୍ଣୁ ମୁଦ୍ରାସ୍ଫୀତି, ଜନସାଂଖ୍ୟିକ ବୈଷମ୍ୟ ଯୋଗୁଁ ସମାଲୋଚିତ ହୋଇଆସୁଛି। ଶାସନତନ୍ତ୍ରରେ ଦୁର୍ନୀତି ନାଗରିକଙ୍କୁ ଏତେ ଅତିଷ୍ଠ କଲା ଯେ ୨୦୨୨ ଜୁଲାଇରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସିଞ୍ଜୁ ଆବେଙ୍କୁ ଏକ ସାଧାରଣ ସଭାରେ ଗୁଳି କରି ହତ୍ୟା କରାଗଲା। ଶାସକ ଦଳର ୪୫ ଜଣ ନୀତି ନିର୍ଦ୍ଧାରକଙ୍କ ବିରୋଧରେ ଗୁରୁତର ଦୁର୍ନୀତି ଅଭିଯୋଗ ଆସିଛି ଏବଂ ଦୁର୍ନୀତି ଯୋଗୁଁ ଜାପାନ୍ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୈତିକ ଶକ୍ତିର ମାନ୍ୟତା ହରାଇଛି।

ଏକଛତ୍ରବାଦ ଓ ସ୍ୱୈରଚାର ଆକ୍ରାନ୍ତ ରାଜତନ୍ତ୍ରର ସର୍ବୋଚ୍ଚ ବିକଳ୍ପ ଭାବେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବିଶ୍ୱାଦୃତ ହୋଇଥିଲା। କିନ୍ତୁ ଏବେ କ୍ରମଶଃ ଗଣତନ୍ତ୍ର ଏହାର ମୂଳ ମହତ୍ ଲକ୍ଷ୍ୟଠାରୁ ଦୂରେଇ ଯାଉଥିବା ଅନୁଭୂତ ହେଉଛି। ଗଣତନ୍ତ୍ର ଲୋକଙ୍କ ଶାସନ - ଏହା କେବଳ ସଜ୍ଞାରେ ସୀମିତ ରହିଯାଇଛି। ଲୋକଙ୍କ ଦ୍ୱାରା ଗଠିତ ଏହି ଶାସନ ବ୍ୟବସ୍ଥା ଆଉ ଲୋକଙ୍କ ପାଇଁ ହୋଇ ଆଉ ରହିନାହିଁ। ତେଣୁ ଜନଆକ୍ରୋଶ ବିକ୍ଷୋଭର ରୂପ ନେଉଛି। ପ୍ରାକ୍-ବିଶ୍ୱଯୁଦ୍ଧ ଇତିହାସ କଡ଼ ଲେଉଟାଉଛି। ସବୁଠାରୁ ଉଦ୍‌ବେଗଜନକ ହେଉଛି ଗଣତନ୍ତ୍ରର ମୂଳାଧାର ନିର୍ବାଚନ ପ୍ରକ୍ରିୟା ଉପରେ ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ତୁଟି ଯାଇଥିବା ଭଳି ହୃଦ୍‌ବୋଧ ହେଉଛି। ଏହା ହିଁ ଗଣତନ୍ତ୍ରର ସବୁଠାରୁ ବଡ଼ ବିପର୍ଯ୍ୟୟ।।

## ଏକ କର୍ମଯୋଗୀ ସାମର୍ଥ୍ୟ ଆୟୋଗ ସପକ୍ଷରେ

ମନୋରଞ୍ଜନ ମହାନ୍ତି

ଚତୁର୍ଦ୍ଦିଗରେ ଠକାମି, ଅପାରଗତା, ଅବହେଳା, ଦୁର୍ଭାଗ୍ୟ, ଦୁଃସ୍ଥିତିର ପରିବେଶ। ଅପରପକ୍ଷରେ ପ୍ରଚଳିତ ମାନବସମ୍ବଳ ବିନିଯୋଗ ପଦ୍ଧତି ବୌଦ୍ଧିକ, ସାମାଜିକ, ଆଧ୍ୟାତ୍ମିକ ମାନସମ୍ପନ୍ନ ବ୍ୟକ୍ତିମାନଙ୍କୁ ଉପଯୁକ୍ତ ଉପଯୋଗ କରିବାରେ ବିଫଳ ହୋଇଥିବା ଅଭିଯୋଗ ହୁଏ। ପ୍ରଚଳିତ ବ୍ୟବସ୍ଥାରେ ନିଷ୍କର୍ମାମାନଙ୍କ ଦ୍ୱାରା ସ୍ୱାୟତ୍ତତା ଓ ଉତ୍ତରଦାୟିତ୍ୱ ନଷ୍ଟ ହେଉଛି। ଅପରପକ୍ଷରେ କର୍ମଠମାନଙ୍କର କାର୍ଯ୍ୟଭାର ଚାପ ବଢ଼ିଚାଲିଛି। କିଛି ବିଭାଗରେ ଅନେକ କାମ ହୋଇପାରୁ ନାହିଁ। ଆଉ କିଛି ବିଭାଗରେ କାମ ନଥାଇ କର୍ମଚାରୀମାନେ ବସିରହୁଛନ୍ତି। ଏହି ପୃଷ୍ଠଭୂମିରେ ରାଜଧାନୀ ଦିଲ୍ଲୀରେ ୫୧ଟି ମନ୍ତ୍ରାଳୟ ୨୫କୁ, ୧୦୦ରୁ ଊର୍ଦ୍ଧ୍ୱ ବିଭାଗ ୫୦କୁ ଖସାଇ ଦିଆଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି।

ଭାରତରେ ଏପରି ଏକ ଲୋକସେବା ଆବଶ୍ୟକ, ଯାହା ଉଭୟ ସୃଜନଶୀଳ (କ୍ରିଏଟିଭ୍) ଓ ଲକ୍ଷ୍ୟ ପ୍ରାପ୍ତିରେ ସହାୟକ ବା ଅନୁକୂଳ (ଷ୍ଟ୍ରାଟେଜିକ୍) ହୋଇଥିବ। ତେଣୁ 'ସାମର୍ଥ୍ୟ ଗଠନ ଆୟୋଗ' ଏକ ଅଭିନବ ମହତ ପରିକଳ୍ପନା, ଯାହା ଆବଶ୍ୟକ ସଂଖ୍ୟକ କର୍ମଚାରୀ ନିଯୁକ୍ତି, ଗଠନ, ପ୍ରଶିକ୍ଷଣ, କାର୍ଯ୍ୟ ପରିଚାଳନା, ବେତନ, ସଂସ୍କୃତି ଜରିଆରେ ସଂସ୍କାରଗୁଡ଼ିକୁ ସଂହତ କରାଇ କର୍ମଚାରୀମାନଙ୍କୁ କର୍ମଯୋଗୀରେ ପରିଣତ କରିବାର ଲକ୍ଷ୍ୟ ରଖେ। ଏହା ଉତ୍କର୍ଷ ସମ୍ବଳକୁ ଆକର୍ଷଣ କରେ କିମ୍ବା ସମ୍ବଳ ଉତ୍କର୍ଷକୁ ଆକର୍ଷଣ କରେ ଜାଣିବା ଅସମ୍ଭବ, କିନ୍ତୁ ଯଦି ପ୍ରତିଯୋଗିତା, ନବୀନ ପରିକଳ୍ପନା/ପଦ୍ଧତି, ବିଶେଷଜ୍ଞାନ ପ୍ରାପ୍ତି, ପରୀକ୍ଷଣ, ପରିବର୍ତ୍ତନ ପ୍ରତି ସମ୍ବେଦନଶୀଳତା ମାଧ୍ୟମରେ ଉଭୟ ଉତ୍କର୍ଷ ଓ ସମ୍ବଳ କାର୍ଯ୍ୟ କରନ୍ତି, ତଦ୍ୱାରା ଯାଦୁକରୀ ଫଳ ପ୍ରାପ୍ତି ହୁଏ। ଆନି ମ୍ୟାରୀ ସ୍ଲଟର୍ ସ୍ୱରଚିତ ପୁସ୍ତକ 'ଦି ଚେସ୍ ବୋର୍ଡ ଆଣ୍ଡ ଦି ୱେବ୍'ରେ ଦର୍ଶାଇଛନ୍ତି ଯେ ଲୋକ ସେବା(ସିଭିଲ୍ ସର୍ଭିସ୍)ରେ ପରିଚାଳନାଗତ ଦକ୍ଷତା ପାଇଁ ବ୍ୟକ୍ତି ସଦ୍ୟତମ ସୂଚନା ପ୍ରାପ୍ତ ହେବା ଏବଂ ତା'ର ମନ ଆଧୁନିକ ଜ୍ଞାନର ନବୀନତମ ସ୍ତର ପର୍ଯ୍ୟନ୍ତ ପହଞ୍ଚିବା ଉଚିତ।

ମନେ କରାଯାଉ ଜଣେ ସାଧାରଣ ଲୋକ ନିଜର କୌଣସି କାର୍ଯ୍ୟ ଉଦ୍ଦେଶ୍ୟରେ ଗୋଟେ ଦପ୍ତରକୁ ଯାଉଛନ୍ତି। ସମୟକ୍ରମେ ଭେଟୁଛନ୍ତି ଚାରିଜଣଙ୍କୁ: ଫାଟକରେ ନିରାପତ୍ତାରକ୍ଷୀ, ତା'ପରେ ଅଭ୍ୟର୍ଥନାକାରୀ, ପ୍ରକୋଷ୍ଠରେ ସଂପୃକ୍ତ ଅମଲା, କ୍ୟାବିନ୍ ଭିତରେ ମୁଖ୍ୟ କାର୍ଯ୍ୟନିର୍ବାହୀ। ଅଭ୍ୟର୍ଥନାକାରୀ ବସୁଥିବା ସ୍ଥାନରେ ଲେଖାହୋଇଛି 'ଡିଉଟି ଇଜ୍ ଗଡ୍' (କର୍ତ୍ତବ୍ୟ ହିଁ ଈଶ୍ୱର), ସଂପୃକ୍ତ ଅମଲାଙ୍କ ପ୍ରକୋଷ୍ଠ କାନ୍ଥରେ କାର୍ଡବୋର୍ଡଟିଏ ଟଙ୍ଗାଯାଇଛି, ଯେଉଁଥିରେ ଲେଖାଯାଇଛି- 'ୱାର୍କ୍ ଇଜ୍ ୱର୍‌ସିପ୍'(କର୍ମ ହିଁ ଉପାସନା), ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ କ୍ୟାବିନ୍ ଭିତରେ ଲେଖାଅଛି 'ଶ୍ରଦ୍ଧା ସବୁରୀ'। କିନ୍ତୁ ସାଧାରଣ ଲୋକ ଲକ୍ଷ୍ୟ କରୁଛନ୍ତି ସେହି ସମସ୍ତ ଚାରିଜଣଙ୍କ ଶୁଷ୍କ, ଗମ୍ଭୀର ମୁହଁରେ ଅଶ୍ରଦ୍ଧା, ଅବିଶ୍ୱାସ, ଅଧୈର୍ଯ୍ୟ, ଅଳସପଣର ଚିହ୍ନ। ଅନୁଭବ କରୁଛନ୍ତି ସବୁଠି କାଳକ୍ଷେପଣ ନୀତି, ଦୀର୍ଘସୂତ୍ରତା, କୌଣସି ସମସ୍ୟାକୁ ସରଳ ସମାଧାନ ନକରି ଜଟିଳରୁ ଜଟିଳତର କରିବାର ଯାନ୍ତ୍ରିକ ପ୍ରକ୍ରିୟା, ସାଧାରଣ ମଣିଷର ଦୁଃଖରେ ସୁଖୀ ହେବାର ଅମଲାତନ୍ତ୍ରୀ ସ୍ୱଭାବ। ଶ୍ରଦ୍ଧା ସଂଚାର କରେ ବିଶ୍ୱାସ, ଉର୍ଜା (ଶକ୍ତି), ଈଶ୍ୱରପ୍ରଣିଧାନ (ଈଶ୍ୱରଙ୍କ ପ୍ରତି ପ୍ରତିଶ୍ରୁତିବଦ୍ଧତା)। 'ଶ୍ରଦ୍ଧା' ବିଶ୍ୱାସର, 'ସବୁରୀ' ଧୈର୍ଯ୍ୟ, ଅଧ୍ୟବସାୟର ସୂଚକ। ଅମଲାତନ୍ତ୍ରରେ ଶ୍ରଦ୍ଧାର ଅଭାବ ହେତୁ ଆମ ଅମଲାତନ୍ତ୍ରୀଙ୍କ ନିଜ ଓ ଅନ୍ୟ ଉପରେ ବିଶ୍ୱାସର ଅଭାବ, ସାଧାରଣ ମଣିଷର ସମସ୍ୟା ଶୁଣିବା ପାଇଁ ଧୈର୍ଯ୍ୟର ଅଭାବ, ସମସ୍ୟା ସମାଧାନ ପାଇଁ ଅଧ୍ୟବସାୟ ଓ ଶକ୍ତିର ଅଭାବ। କେବଳ କେତୋଟି ନିର୍ଦ୍ଧାରିତ ପାଠ୍ୟପୁସ୍ତକ ଘୋଷି ଲିଖିତ ଓ ମୌଖିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ପଦସ୍ଥ ଅମଲାତନ୍ତ୍ରୀ ହୋଇ ନିଜ ଦପ୍ତର, ବାସଭବନକୁ ଚାକଚକ୍ୟମୟ କରିବା ଏବଂ ଅଙ୍ଗରକ୍ଷୀ ସହିତ ବାତାନୁକୂଳ ଯାନରେ ଯାତାୟତ କରିବା ଦ୍ୱାରା ଅମଲାତନ୍ତ୍ରର ସଂସ୍କାର ହୁଏ ନାହିଁ। ସଂସ୍କାର ହୁଏ ଅମଲାତନ୍ତ୍ରୀଙ୍କ ସ୍ୱଭାବରେ ସଂସ୍କାର ହେଲେ। ଅର୍ଥାତ୍ ଅମଲାତନ୍ତ୍ରୀ ଉନ୍ନତ ଜ୍ଞାନ, ଉତ୍ତମ ଚରିତ୍ର ଅର୍ଜନ କରି ଶ୍ରଦ୍ଧା, ଶାନ୍ତି, ଶକ୍ତିକୁ ସ୍ୱଭାବରେ ପରିଣତ କଲେ। ଅପରପକ୍ଷରେ ଏହାର ବିପରୀତ ଅମଲାତନ୍ତ୍ରୀ ଅଛନ୍ତି, ଯେଉଁମାନେ ଅମଲାତନ୍ତ୍ର ବ୍ୟବସ୍ଥା, କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା, ସାଧୁତା ଓ ଶୃଙ୍ଖଳା ପାଇଁ ଉଦାହରଣୀୟ, ଅନୁକରଣୀୟ ଭାବେ ସୁନାମ ଅର୍ଜନ କରିଛନ୍ତି। ପ୍ରେରଣାର ଉତ୍ସ ଭାବେ ଇତିହାସ ସୃଷ୍ଟି କରିଛନ୍ତି। ଏଭଳି ଆଦର୍ଶସ୍ଥାନୀୟ ଅମଲାଙ୍କ କାର୍ଯ୍ୟଧାରା ଓ ମାନସିକତାକୁ ଅମଲାତନ୍ତ୍ର ବହୁଳ ଭାବେ ଗ୍ରହଣ କରିବାରେ ଉଦାସୀନତା ଓ ଅବହେଳା କରୁଥିବାରୁ ଜନସାଧାରଣରେ ଅଯଥା ସମାଲୋଚିତ ହେଉଛି।

ଅମଲାତନ୍ତ୍ର ପ୍ରତି ଥିବା ନକାରାତ୍ମକ ଧାରଣା ପଛରେ ଅନେକ କାରଣ ଦାୟୀ। ଜନପ୍ରତିନିଧି ହେବାକୁ ଚାହୁଁଥିବା କିଛିଲୋକ ପଞ୍ଚାୟତ, ବିଧାନସଭା, ଲୋକସଭା ନିର୍ବାଚନଗୁଡ଼ିକୁ ଅପ୍ରମିତ ଅର୍ଥ କାରବାରର ଅମରାବତୀ, ବିପୁଳ ବାହୁବଳର ପ୍ରୟୋଗଶାଳା, ପାରସ୍ପରିକ ଅଶାଳୀନ ବାକ୍ୟବାଣ ନିକ୍ଷେପର ବ୍ୟୋମମଣ୍ଡଳରେ ପରିଣତ କରିଛନ୍ତି। କ୍ଷମତାସୀନ ରାଜନେତାଙ୍କ କବଳରେ ରହିଛନ୍ତି ବ୍ଲକ, ତହସିଲ୍, ଜିଲ୍ଲା କାର୍ଯ୍ୟାଳୟ, ଭିନ୍ନଭିନ୍ନ ନିର୍ଦ୍ଦେଶାଳୟ, ଆୟୋଗ, ସଚିବାଳୟର କିଛି କିଛି ଅମଲାତନ୍ତ୍ରୀ, ଯେଉଁମାନେ ନିଯୁକ୍ତି ଓ ପଦୋନ୍ନତି ପାଇଁ ରାଜନେତାଙ୍କ ସ୍ତାବକତା କରିବାକୁ ସୌଭାଗ୍ୟ ଓ ସୁକୃତ ମଣୁଛନ୍ତି।

ଏପରି ସ୍ଥିତିରେ ଅମଲାତନ୍ତ୍ରର ଗତି ସହଜରେ ଅନୁମେୟ। ସମୂହ ସ୍ୱାର୍ଥ ରକ୍ଷା କରି ଗଣଜୀବନକୁ ଆନନ୍ଦମୟ କରିବା ହେଉଛି ଗଣତନ୍ତ୍ରର ମୂଳ ଲକ୍ଷ୍ୟ, ଯେଉଁ ଲକ୍ଷ୍ୟର ପ୍ରାପ୍ତି ନିମିତ୍ତ ରାଜନୈତିକ ଇଚ୍ଛାଶକ୍ତି, ଅମଲାତାନ୍ତ୍ରିକ ତତ୍ପରତା ଆବଶ୍ୟକ। ଅଥଚ ଆମ ଦେଶରେ ଏ ଦୁଇଟିର ଅଭାବ ସର୍ବତ୍ର ଅନୁଭୂତ। ସଦ୍‌ଗୁରୁ ଜାଗୀ ବାସୁଦେବଙ୍କ ମତରେ - "ପ୍ରତ୍ୟେକ ପ୍ରାଣୀ ପାଇଁ 'କିପରି ବଞ୍ଚିବାକୁ ହେବ' ସ୍ଥିରୀକୃତ, ମଣିଷ ପାଇଁ 'କିପରି ବଞ୍ଚିବାକୁ ହେବ' ସମ୍ପୂର୍ଣ୍ଣ ଆମ ହାତରେ ଅଛି। ଏହା ଆମର ମହତ ଅଧିକାର। ଜୀବନକୁ ଆମେ କେତେ ସୁନ୍ଦର, ମହତ କିମ୍ବା ଅଦରକାରୀ, ନିଷ୍କ୍ରିୟ କରିବାକୁ ଚାହୁଁ ତାହା ଆମ ଉପରେ ନିର୍ଭର କରେ। ଲୋକମାନେ ମୋତେ ପଚାରନ୍ତି, 'ନୂଆ ବର୍ଷରେ ସଂକଳ୍ପ କ'ଣ?' ମୁଁ ସେମାନଙ୍କୁ ପଚାରେ, 'ଆନନ୍ଦମୟ ଜୀବନ ବଞ୍ଚିବାର ସଂକଳ୍ପ ସଂଯୋଜନା ପାଇଁ ଦେଶର ସମ୍ବିଧାନକୁ ସଂଶୋଧନ କରିବା ଆବଶ୍ୟକ କି?' ସଚେତନ ହେବା ପାଇଁ ସଂକଳ୍ପର ଆବଶ୍ୟକତା ନାହିଁ। ତୁମେ କେବଳ ନିଜକୁ ପଚାର, 'ବିଗତ ବର୍ଷ ଜଣେ ମଣିଷ ଭାବରେ ମୋର ଅଗ୍ରଗତି ହୋଇଛି ନା ପଶ୍ଚାତ୍‌ଗତି?' ଯଦି ତୁମେ ନିଜ ଭିତରେ କମ୍ ଘର୍ଷଣ, ସଂଘର୍ଷ, ବିଶୃଙ୍ଖଳା, ଅନିଶ୍ଚିତତା ଅନୁଭବ କରୁଛ, ତେବେ ତାହା ଏକ ସୂଚନା ଯେ ତୁମେ ଠିକ୍ ଦିଗରେ ଗତି କରୁଛ।"

ଅମଲାତନ୍ତ୍ରୀମାନେ ଉନ୍ନତ ଜ୍ଞାନ, ଉତ୍ତମ ଚରିତ୍ର ସମନ୍ୱୟରେ ମନୁଷ୍ୟତ୍ୱ ବଳରେ ନିଜ ନିଜର ଜୀବନକୁ ସୁନ୍ଦର, ମହତ, ଦରକାରୀ, ସକ୍ରିୟ କଲେ ଯାଇ ସାଧାରଣ ମଣିଷମାନଙ୍କର ମାର୍ଗଦର୍ଶକ ହୋଇପାରିବେ ଏବଂ ସେମାନଙ୍କ ସମସ୍ୟାଗୁଡ଼ିକର ସରଳ ସମାଧାନ କରିବା ସହିତ ନିଷ୍ପକ୍ଷ ଭାବରେ କର୍ତ୍ତବ୍ୟ ନିର୍ବାହ କରି ସାଧାରଣ ଜୀବନଯାତ୍ରାକୁ ଆନନ୍ଦମୟ କରିପାରିବେ। ବାହ୍ୟ ପ୍ରଭାବରୁ ମୁକ୍ତ ହୋଇ ବିବେକାନୁମୋଦିତ ପନ୍ଥା ଅବଲମ୍ବନରେ ଅନ୍ତଃକରଣର ବିଚାରଶକ୍ତି ପ୍ରୟୋଗରେ କର୍ତ୍ତବ୍ୟ କଲେ ଯାଇ ଜଣେ ଅମଲାତନ୍ତ୍ରୀ ଚାକିରିକାଳ ମଧ୍ୟରେ ଯେତେ ଯେତେ ବିଭାଗରେ ଭିନ୍ନଭିନ୍ନ ଭୂମିକାରେ କାର୍ଯ୍ୟ କଲେ ବି ଜଣେ ଯଶସ୍ୱୀ ବ୍ୟକ୍ତିର ଭାବମୂର୍ତ୍ତି ରକ୍ଷା କରିପାରିବେ। ସଂସାରରେ ପ୍ରତ୍ୟେକ ମଣିଷର ପ୍ରାର୍ଥନା ତାହା ହିଁ ହେବା ଉଚିତ୍ ଯେ 'ହେ ଈଶ୍ୱର! ମୁଁ ମରଣଶୀଳ। ମୃତ୍ୟୁ ପର୍ଯ୍ୟନ୍ତ ମୋତେ ଅସତ୍ୟ, ଅନ୍ୟାୟ, ଅସାଧୁତା, ଅହଂକାର ଓ ଯାବତୀୟ ତୁଚ୍ଛତାରୁ ମୁକ୍ତି ଦିଅ, ଚୈତନ୍ୟ ଓ ଅନୁଭୂତିର ଉଚ୍ଚତର ସ୍ତରକୁ ମୋତେ ଉନ୍ନୀତ କର, ଯେପରି ମୁଁ ଜଣେ ମହତ୍ତ୍ୱପୂର୍ଣ୍ଣ ମଣିଷର ଜୀବନ ବଞ୍ଚିଥିଲି ବୋଲି ମୋର ମୃତ୍ୟୁବେଳେ ଲୋକେ କହିବେ।'


(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର), ମୋ: ୯୮୫୩୨୮୨୯୬୨

## ମହାକାଶରୁ ସୌରବିଦ୍ୟୁତ୍

ଇଂ ମାୟାଧର ସ୍ୱାଇଁ

ପୃଥିବୀ ବର୍ତ୍ତମାନ ଜାଗତିକ ଉଷ୍ଣତା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଭଳି ପାରିବେଶିକ ସମସ୍ୟା ଦେଇ ଗତି କରୁଛି। ବାୟୁମଣ୍ଡଳକୁ କାର୍ବନ ଉତ୍ସର୍ଜନ ସୀମିତ କରିବା ପାଇଁ ଅନ୍ତର୍ଜାତୀୟ ସ୍ତରରେ ସ୍ଥିର କରାଯାଇଛି। ଅନେକ ୟୁରୋପୀୟ ଦେଶ ୨୦୫୦ ମସିହା ସୁଦ୍ଧା ନେଟ୍ ଶୂନ କାର୍ବନ ଉତ୍ସର୍ଜନ ହାସଲ କରବା ପାଇଁ ଘୋଷଣା କରିଛନ୍ତି। ଭାରତ ୨୦୭୦ ମସିହା ସୁଦ୍ଧା ଏବଂ ଚୀନ୍ ୨୦୬୦ ମସିହା ସୁଦ୍ଧା ଏହା ହାସଲ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ବାୟୁମଣ୍ଡଳକୁ କାର୍ବନ ଉତ୍ସର୍ଜନ ପଛରେ ତାପଜ ବିଦ୍ୟୁତ୍ କେନ୍ଦ୍ର ଅନ୍ୟତମ ମୁଖ୍ୟକାରକ। ଏଣୁ ତାପଜ ବିଦ୍ୟୁତ୍ ଉତ୍ପାଦନ ହ୍ରାସ କରି ସ୍ୱଚ୍ଛ ଓ ପରିବେଶବନ୍ଧୁ ଅକ୍ଷୟ ଶକ୍ତି ଉତ୍ସ ପ୍ରତି ପ୍ରାୟ ପ୍ରତ୍ୟେକ ଦେଶ ଆଗ୍ରହ ପ୍ରକାଶ କରିଛନ୍ତି।

ଅକ୍ଷୟ ଶକ୍ତି ଉତ୍ସ ମଧ୍ୟରେ ସୌର ଶକ୍ତି ହେଉଛି ଅନ୍ୟତମ। ସୌର ବ୍ୟାଟେରି ସାହାଯ୍ୟରେ ସୂର୍ଯ୍ୟାଲୋକରୁ ବିଦ୍ୟୁତ୍ ଉତ୍ପାଦନ କରାଯାଉଛି। ଅନ୍ତର୍ଜାତୀୟ ଶକ୍ତି ସଂସ୍ଥାର ଏକ ଆକଳନ ଅନୁଯାୟୀ ୨୦୨୪ ଓ ୨୦୩୦ ମସିହା ମଧ୍ୟରେ ପୃଥିବୀରେ ପ୍ରତିଷ୍ଠିତ ହେବାକୁ ଥିବା ଅକ୍ଷୟ ଶକ୍ତି ଉତ୍ସ ମଧ୍ୟରେ ଶକ୍ତିର ଅଂଶ ୮୦ ପ୍ରତିଶତ ହେବ। ଏହିସବୁ ସତ୍ତ୍ୱେ ସୌର ବିଦ୍ୟୁତ୍ ଉତ୍ପାଦନରେ କେତେକ ପ୍ରତିବନ୍ଧକ ଅଛି। ପ୍ରଥମତଃ, ଏହା କେବଳ ଦିନ ସମୟରେ ଉତ୍ପାଦିତ ହୋଇଥାଏ ଏବଂ ଦ୍ୱିତୀୟରେ ଦିନ ବେଳା ମଧ୍ୟ ଆକାଶରେ ମେଘ ଥିଲେ ବିଦ୍ୟୁତ୍ ଉତ୍ପାଦନ ହୋଇ ପାରେ ନାହିଁ। ତୃତୀୟରେ ଅନ୍ୟ ପ୍ରଯୁକ୍ତି ବିଦ୍ୟା ତୁଳନାରେ ଏଥିପାଇଁ ପ୍ରତି ୟୁନିଟ ବିଦ୍ୟୁତ୍ ଉତ୍ପାଦନ ପାଇଁ ଅଧିକ ଜାଗା ଆବଶ୍ୟକ ହୋଇଥାଏ।



ସୌର ବିଦ୍ୟୁତ୍ ଉତ୍ପାଦନର ଏହିସବୁ ଅସୁବିଧାଗୁଡ଼ିକୁ ଦୂର କରିବା ପାଇଁ ବୈଜ୍ଞାନିକମାନେ ଏକ ଅଭିନବ ପରିକଳ୍ପନା କରିଛନ୍ତି। ଏହା ହେଉଛି ମହାକାଶରେ ସୌରଫଳକ ସାହାଯ୍ୟରେ ବିଦ୍ୟୁତ୍ ଉତ୍ପାଦନ କରି ପୃଥିବୀକୁ ସଞ୍ଚାରଣ କରିବା। ମହାକାଶରେ ସର୍ବଦା ସୌରକିରଣ ଉପଲବ୍ଧ ଥାଏ ଏବଂ ସେଠାରେ ମେଘ ନାହିଁ। ପୁନଶ୍ଚ ପୃଥିବୀ ପୃଷ୍ଠରେ ସୌର କିରଣର ତୀବ୍ରତା ଯେତିକି ଥାଏ ପୃଥିବୀର ବାୟୁମଣ୍ଡଳ ଉପରେ ଏହି ତୀବ୍ରତା ଦଶଗୁଣ ଥାଏ, ଯାହା ଅଧିକ ପରିମାଣର ବିଦ୍ୟୁତ୍ ଉତ୍ପାଦନ କରିପାରିବ।

ମହାକାଶରୁ ସୌର ବିଦ୍ୟୁତ୍ ଉତ୍ପାଦନ କରିବା ନୂଆ ଧାରଣା ନୁହେଁ। ଅନେକ ବର୍ଷ ପୂର୍ବରୁ ଏଥର ମୌଳିକ କାରିଗରୀ ବିଦ୍ୟା ଜଣା ଅଛି। କିନ୍ତୁ ବର୍ତ୍ତମାନର ପ୍ରଯୁକ୍ତିବିଦ୍ୟାଗତ ଉନ୍ନତି ଆମର ଏହି ସ୍ୱପ୍ନକୁ ସାକାର କରିବାକୁ ଯାଉଛି। ଚଳିତ ବର୍ଷ ଅଗଷ୍ଟ ମାସରେ 'ଜୁଲ' ପତ୍ରିକାରେ ପ୍ରକାଶିତ ଏକ ନିବନ୍ଧରେ ମହାକାଶ ଆଧାରିତ ସୌର ବିଦ୍ୟୁତ୍ ସମ୍ଭାବନାକୁ ପ୍ରକାଶ କରାଯାଇଛି। ମହାକାଶରେ ଭୂସ୍ଥିର କକ୍ଷରେ ସୌରଫଳକ ଅବସ୍ଥାପିତ କରି ତାହା ସାହାଯ୍ୟରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯିବ। ଏହାକୁ ମାଇକ୍ରୋୱେଭ ଆକାରରେ ୨.୪୫ ଗିଗାହର୍ଜ ଆବୃତ୍ତିରେ ବିନା ତାରରେ ପୃଥିବୀକୁ ସଞ୍ଚାରଣ କରାଯିବ। ପୃଥିବୀପୃଷ୍ଠରେ ସ୍ଥାପିତ ସଂଗ୍ରାହକ କେନ୍ଦ୍ର 'ରେକ୍ଟେନା' ଏହାକୁ ସଂଗ୍ରହ କରି ପୁଣି ବିଦ୍ୟୁତ୍‌ରେ ରୂପାନ୍ତରଣ କରିବ ଏବଂ ବିଦ୍ୟୁତ୍ ଗ୍ରୀଡକୁ ପ୍ରଦାନ କରାଯିବ। ଏହାର ଏକ ଆକର୍ଷଣୀୟ ଦିଗ ହେଉଛି ଯେ ଏହାର ସଞ୍ଚାରଣ ପାଇଁ କୌଣସି ତାର ଦରକାର ହେଉ ନଥିବାରୁ ଏହାକୁ ମହାକାଶରୁ ଯେକୌଣସି ସ୍ଥାନକୁ ପଠାଇ ହେବ। ଏଣୁ ଏହାକୁ ଚନ୍ଦ୍ର କିମ୍ବା ମଙ୍ଗଳ ପୃଷ୍ଠକୁ ପଠାଇ ସେଠାରେ ବିଭିନ୍ନ ପରୀକ୍ଷା କରିବାର ଆମର ଦକ୍ଷତାକୁ ବୃଦ୍ଧି କରାଯାଇପାରିବ।

ଏହା କାଳ୍ପନିକ ନୁହେଁ କିମ୍ବା କେବଳ ତାତ୍ତ୍ୱିକ ପରିକଳ୍ପନା ନୁହେଁ। ପରୀକ୍ଷାମୂଳକ ଭାବେ ଏହାକୁ ସାବ୍ୟସ୍ତ କରାଯାଇଛି। ଯୁକ୍ତରାଷ୍ଟ୍ର ଆମେରିକାର କାଲିଫର୍ଣ୍ଣିଆ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିଠାରେ ୨୦୨୩ ମସିହା ମଇ ୨୨ ତାରିଖରେ ଏହି ଉପାୟରେ ପରୀକ୍ଷାମୂଳକ ଭାବେ ବିଦ୍ୟୁତ୍ ଉତ୍ପାଦନ କରାଯାଇଛି। ଗୋଟିଏ କୃତ୍ରିମ ଉପଗ୍ରହରେ ଥିବା 'ମାପଲ' ନାମକ ସୌରଫଳକରୁ ମାଇକ୍ରୋୱେଭ ଆକାରରେ ପୃଥିବୀକୁ ବିଦ୍ୟୁତ୍ ପଠାଯାଇଥିଲା ଏବଂ କାଲିଫର୍ଣ୍ଣିଆରେ ଏହା ସାହାଯ୍ୟରେ ଦୁଇଟି ବତୀକୁ ଆଲୋକ ପ୍ରଦାନ କରାଯାଇଥିଲା।

ମହାକାଶରୁ ଅଧିକ ପରିମାଣର ସୌର ବିଦ୍ୟୁତ୍ ଆହରଣ କରିବାରେ କେତେକ ପ୍ରତିବନ୍ଧକ ଅଛି। ଏଥିପାଇଁ ଭୂକକ୍ଷରେ ସୌର ଶକ୍ତି ଉପଗ୍ରହର ଆକାର ଏକ କିଲୋମିଟରରୁ ଅଧିକ ହୋଇପାରେ। ଏଥିପାଇଁ ରକେଟ ସାହାଯ୍ୟରେ ଏହାର ଫଳକ ଓ ଅନ୍ୟ ଯନ୍ତ୍ରପାତିଗୁଡ଼ିକୁ ଶତାଧିକ ଥର ଉତ୍‌କ୍ଷେପଣ କରିବାକୁ ପଡ଼ିବ। ରକେଟ ଦ୍ୱାରା ଉତ୍‌କ୍ଷେପଣ ବ୍ୟୟବହୁଳ। ଫଳରେ ଆର୍ଥନୀତିକ ଦୃଷ୍ଟିରୁ ଏହା ଲାଭଜନକ ହେବ ନାହିଁ ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି। ମାତ୍ର ମହାକାଶ ଅଭିଯାନ କ୍ଷେତ୍ରରେ ବେସରକାରୀ କମ୍ପାନୀଗୁଡ଼ିକର ପ୍ରବେଶ ଏହାର ଅଭିଯାନ ଖର୍ଚ୍ଚକୁ ହ୍ରାସ କରିପାରିଛି। ଉଦାହରଣ ସ୍ୱରୂପ, ମହାକାଶ ଯୁଗର ଅଧିକାଂଶ ଅଭିଯାନରେ ଭୂକକ୍ଷକୁ ଏକ କି.ଗ୍ରାର ବସ୍ତୁ ପଠାଇବା ପାଇଁ ପ୍ରାୟ ଦଶହଜାର ଡଲାର ଖର୍ଚ୍ଚ ହେଉଥିଲା। ମାତ୍ର ସ୍ପେସ୍ ଏକ୍ସର ପୁନଃବ୍ୟବହାରଯୋଗ୍ୟ ଫାଲକନ ରକେଟ ବିକାଶ ପରେ ଏହା ଏକ ହଜାର ଡଲାରକୁ ହ୍ରାସ ପାଇଛି। ପୁନଶ୍ଚ ଏହି କମ୍ପାନୀର ପ୍ରସ୍ତାବିତ ଷ୍ଟାରସିପ୍ ଏହି ଖର୍ଚ୍ଚକୁ ମାତ୍ର ଦୁଇ ଶହ ଡଲାରକୁ କମାଇ ଦେବ ବୋଲି ଆକଳନ କରାଯାଇଛି। ଯୁକ୍ତରାଷ୍ଟ୍ର ଆମେରିକା, ୟୁରୋପୀୟ ମହାକାଶ ସଂସ୍ଥା, ଚୀନ୍ ଓ ଜାପାନ ମହାକାଶ-ଆଧାରିତ ସୌରବିଦ୍ୟୁତ୍ ଆହରଣ ପାଇଁ ଯୋଜନା କରିଛନ୍ତି। ଚୀନ୍‌୨୦୩୦ ମସିହା ସୁଦ୍ଧା ଏକ ମେଗାୱାଟ କ୍ଷମତା ବିଶିଷ୍ଟ ଏକ ସୌରବିଦ୍ୟୁତ୍ କେନ୍ଦ୍ର ମହାକାଶରେ ସ୍ଥାପନା କରିବା ପାଇଁ ଘୋଷଣା କରିଛି।

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

## ଶ୍ରୀରାମଙ୍କ ସହିତ ପୂଜା ପାଆନ୍ତି ରାବଣଙ୍କ ପରିବାର

ଓଜସ୍ୱିନୀ

### ବିଚିତ୍ର ବିଶ୍ୱାସ

ଭାରତରେ ଏଭଳି ଏକ ମନ୍ଦିର ଅଛି, ଯେଉଁଠି ଶ୍ରୀରାମଙ୍କ ସହିତ ରାବଣ ପରିବାର ସମସ୍ତ ସଦସ୍ୟ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ମଧ୍ୟପ୍ରଦେଶର ଇନ୍ଦୋର୍ ସହରର କାନାଡିଆ ରୋଡ୍‌ସ୍ଥିତ ବୈଭବନଗରରେ ଥିବା ଏହି ବିଚିତ୍ର ମନ୍ଦିରର ନାମ ହେଉଛି 'ଆପ୍‌ନେ ରାମ୍ କା ନିରାଲା ଧାମ୍'। ସ୍ଥାନୀୟ ଲୋକମାନେ ଏହି ମନ୍ଦିରକୁ 'ଛୋଟ ଅଯୋଧ୍ୟା' ନାମରେ ନାମିତ କରିଛନ୍ତି। ରାମାୟଣର ସମସ୍ତ ଚରିତ୍ର ଶ୍ରୀରାମଙ୍କ ସହିତ ଜଡ଼ିତ ଥିବାରୁ ସମସ୍ତେ ପୂଜନୀୟ ବୋଲି ଭକ୍ତଙ୍କ ବିଶ୍ୱାସ ଓ ଆସ୍ଥା ଏହି ମନ୍ଦିର ସହିତ ରହିଛି। ମନ୍ଦିରର ପୂଜାରୀଙ୍କ କହିବା ଅନୁଯାୟୀ ସ୍ୱୟଂ ହନୁମାନ ଏହି ମନ୍ଦିରର ନିର୍ମାଣ କରିବା ପାଇଁ ସ୍ୱପ୍ନାଦେଶ ଦେଇଥିଲେ। ତେଣୁ ପ୍ରାୟ ୧୯୯୦ ମସିହାରେ ପୂଜାରୀଙ୍କ ନିଜସ୍ୱ ଜମିରେ ମନ୍ଦିରଟି ନିର୍ମାଣ କରାଯାଇଛି। ମନ୍ଦିରର ଖ୍ୟାତି ଦୂରଦୂରାନ୍ତର ପର୍ଯ୍ୟନ୍ତ ରହିଛି। ବର୍ତ୍ତମାନ ସମୟରେ ଏହି ମନ୍ଦିର ପର୍ଯ୍ୟଟନ ସ୍ଥଳରେ ପରିଣତ ହୋଇଛି ଏବଂ ଅନେକ ବିଦେଶୀ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି।

ମନ୍ଦିରଟି ସମ୍ପୂର୍ଣ୍ଣ ଭାବେ ଦକ୍ଷିଣ ଭାରତୀୟ ମନ୍ଦିରଶୈଳୀରେ ନିର୍ମାଣ କରାଯାଇଛି। ମନ୍ଦିର ପ୍ରତ୍ୟେକ କାନ୍ଥ ଓ ଖମ୍ବରେ ରାମାୟଣର ବିଭିନ୍ନ ଚରିତ୍ରର ମୂର୍ତ୍ତି ଖୋଦିତ ହୋଇଛି। ଏହି ମନ୍ଦିରରେ ଶ୍ରୀରାମଙ୍କ ସହିତ କୈକେୟୀ, ମନ୍ଥରା, ରାବଣ, କୁମ୍ଭକର୍ଣ୍ଣ, ମେଘନାଦ, ବିଭୀଷଣ, ତ୍ରିଜଟା, ସୁପର୍ଣଖାଙ୍କ ମୂର୍ତ୍ତି ମଧ୍ୟ ରହିଛି। ଏହା ସହିତ ଶବରୀ, ଅହଲ୍ୟା, ମନ୍ଦୋଦରୀ ଓ ତାରାଙ୍କ ମୂର୍ତ୍ତି ମଧ୍ୟ ଅଛି। ମନ୍ଦିରର ମୁଖ୍ୟଦ୍ୱାରର ଊର୍ଦ୍ଧ୍ୱରେ ହନୁମାନଙ୍କ ପ୍ରତିମା ରହିଛି ଏବଂ ମନ୍ଦିର ପରିସରରେ ଶ୍ରୀବିଷ୍ଣୁଙ୍କ ୭୦ ଫୁଟ ଉଚ୍ଚତା ବିଶିଷ୍ଟ ବିଶାଳ ମୂର୍ତ୍ତି ଅଛି। ଏହା ସହିତ ମନ୍ଦିରରେ ଭଗବାନ ରାମେଶ୍ୱରମ୍‌ଙ୍କ ସହିତ ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ବିରାଜିତ ଏବଂ ଜ୍ୟୋର୍ତିଲିଙ୍ଗ ପୂଜାର୍ଚ୍ଚନା କରୁଥିବା ମୁଦ୍ରାରେ ରାବଣଙ୍କୁ ଦେଖିବାକୁ ମିଳେ। ଏହାବ୍ୟତୀତ ପରିସରରେ ରାବଣଙ୍କର ଏକ ସ୍ୱତନ୍ତ୍ର ମନ୍ଦିର ଅଛି, ଯେଉଁଠି ରାବଣ ଓ ବିଭୀଷଣଙ୍କ ପରିବାର ଶିବଙ୍କ ଆରାଧନା କରୁଥିବାର ମୂର୍ତ୍ତି ରହିଛି। ଏହାର ଗୋଟିଏ ପାର୍ଶ୍ୱରେ କୁମ୍ଭକର୍ଣ୍ଣ ଶୟନ କରୁଥିବାର ଗୋଟିଏ ମୂର୍ତ୍ତି ମଧ୍ୟ ଅଛି। ଏହି ମନ୍ଦିରରେ ଭଗବାନଙ୍କ ସହିତ ଅସୁରଙ୍କ ପ୍ରତିମା ସ୍ଥାନିତ ହେବା ପଛରେ ବିଶ୍ୱାସ ରହିଛି ଯେ, ସମସ୍ତଙ୍କ ଭିତରେ କିଛି ନା କିଛି ଦୈବୀ ଗୁଣ ଅଛି ଏବଂ ସମସ୍ତଙ୍କର ଜୀବନଗାଥା ଶିକ୍ଷଣୀୟ। ନକାରାତ୍ମକ ଚରିତ୍ରର ଗୁଣ ଓ ପରିଣାମ ସମ୍ପର୍କରେ ଏହି ସବୁ ମୂର୍ତ୍ତି ଶିକ୍ଷା ଦେଉଛି ବୋଲି ଭକ୍ତଙ୍କ ବିଶ୍ୱାସ ଅଛି। ତେଣୁ ଏଠାରେ ଶ୍ରଦ୍ଧାଳୁମାନେ ଅସୁରଙ୍କୁ ମଧ୍ୟ ଭକ୍ତି ସହକାରେ ଦର୍ଶନ କରିଥା'ନ୍ତି।

ଏହି ମନ୍ଦିରର ଦୁଇଟି ବିଶେଷତ୍ୱ ଅଛି। ପ୍ରଥମଟି ହେଉଛି- ମନ୍ଦିର ଭିତରକୁ ପ୍ରବେଶ କରିବାକୁ ହେଲେ ଶ୍ରଦ୍ଧାଳୁମାନଙ୍କୁ ଶ୍ରୀରାମଙ୍କର ୧୦୮ ନାମ କିମ୍ବା ୧୦୮ ଥର 'ଶ୍ରୀରାମ'ଲେଖିବାକୁ ହୋଇଥାଏ। ଛୋଟରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଏହି ନିୟମ ଲାଗୁ ହୋଇଛି। ଦ୍ୱିତୀୟରେ ଏହି ମନ୍ଦିରରେ ପାରମ୍ପରିକ ଭାବେ କୌଣସି ପୂଜାର୍ଚ୍ଚନା କରାଯାଏ ନାହିଁ ଏବଂ ଏଠାରେ କୌଣସି ଦାନବାକ୍ସ ନାହିଁ। ଏଠାରେ ଧୂପଦୀପ କିମ୍ବା ଭୋଗ ମଧ୍ୟ ଅର୍ପଣ କରାଯାଏ ନାହିଁ। ଏହି ମନ୍ଦିରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆତ୍ମାର ଶୁଦ୍ଧତା ଓ ମୁକ୍ତି ପ୍ରାପ୍ତିର କାମନା, ଯାହାକି କେବଳ ରାମନାମ ଜପ ବା ଉଚ୍ଚାରଣ ଏବଂ ଶ୍ରୀରାମଙ୍କ ଦର୍ଶନ ଦ୍ୱାରା ସମ୍ଭବ ହୋଇପାରିବ। ଏହାବ୍ୟତୀତ ମନ୍ଦିର ପରିସର ମଧ୍ୟରେ ଥିବା ରାବଣଙ୍କ ପ୍ରତିମା ନିକଟରେ ଲେଖାଯାଇଥିବା ଗୋଟିଏ ବାର୍ତ୍ତା ସମସ୍ତଙ୍କର ଧ୍ୟାନ ଆକର୍ଷଣ କରିଥାଏ। ଯଥା - 'ମୋତେ ଭସ୍ମ କରିବା ବନ୍ଦ କର। ନିଜ ଭିତରର ରାଗ, ଦ୍ୱେଷ ଓ ଅହଂକାରକୁ ଭସ୍ମ କର'। ସେହିଭଳି ଶନିଦେବଙ୍କ ଉଦ୍ଦେଶ୍ୟରେ ମଧ୍ୟ ଗୋଟିଏ ସୁନ୍ଦର ବାର୍ତ୍ତା ରହିଛି - 'ମୋ ଉପରେ ତେଲ ଢାଳିବା ବନ୍ଦ କର। କେବଳ ରାମନାମ ଜପ କର। ମୁଁ ତୁମାନଙ୍କୁ ସମସ୍ତ ବିପଦରୁ ମୁକ୍ତି ଦେବି'। ତେଣୁ ଏହି ମନ୍ଦିରରେ ଧୂପଦୀପ, ଭୋଗ ଓ ଦାନ ଭଳି କୌଣସି ଭୌତିକ ବସ୍ତୁର ଉପଯୋଗ ହୁଏନାହିଁ। କେବଳ ରାମନାମକୁ ପାଥେୟ କରି ଶ୍ରଦ୍ଧାଳୁମାନେ ମୁକ୍ତିର କାମନା ପାଇଁ ଶ୍ରୀରାମଙ୍କୁ ଦର୍ଶନ କରିବା ପାଇଁ ଆସିଥା'ନ୍ତି। 'ରାମନାମ ଜପର ଏହି ସାଧନା ଶେଷରେ ମୁକ୍ତିର ପଥ ଉନ୍ମୋଚନ କରୁ' ବୋଲି ଭକ୍ତମାନେ ପୂଜାରୀଙ୍କଠାରୁ ଆଶୀର୍ବାଦ ପ୍ରାପ୍ତ କରିଥା'ନ୍ତି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୬୫ ● ପାଉଣ୍ଡ ୧୧୯.୯୬
- ୟୁରୋ ୧୦୩.୬୩ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୦୧,୩୦୦ (ଭୁବନେଶ୍ୱର)
- ରୁପା : ୧,୩୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୫୪୮.୦୦
- ନିଫ୍ଟି ୨୫,୦୦୫.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଅକ୍ଟୋବର ୧୦ରେ ଇପିଏଫ୍‌ଓ ବୋର୍ଡ ବୈଠକ

# ୨୫୦୦ ଟଙ୍କା ହେବ ସର୍ବନିମ୍ନ ପେନ୍‌ସନ୍

ନୂଆଦିଲ୍ଲୀ,୧୧।୯ (ଏଜେନ୍ସି)

କେନ୍ଦ୍ର ସରକାର ଦୀପାବଳି ପୂର୍ବରୁ ଦେଶରୁ ପ୍ରାୟ ୮ କୋଟି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ଉପଭୋକ୍ତାଙ୍କୁ କିଛି ସୁବିଧା ଦେବାକୁ ପ୍ରସ୍ତୁତ ହେଉଛନ୍ତି। ଏଥିରେ ସର୍ବନିମ୍ନ ପେନସନ ମଧ୍ୟ ବୃଦ୍ଧି କରାଯାଇପାରେ। ବର୍ତ୍ତମାନ ମାସିକ ସର୍ବନିମ୍ନ ପେନ୍‌ସନ୍ ୧୦୦୦ ଟଙ୍କା ରହିଛି, କିନ୍ତୁ ଟ୍ରେଡ ୟୁନିଅନଗୁଡ଼ିକ ଦୀର୍ଘ ଦିନ ହେବ ଏହାକୁ ବୃଦ୍ଧି କରିବାକୁ ଦାବି କରିଆସୁଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ଇପିଏଫ୍‌ଓର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ବୈଠକ କେନ୍ଦ୍ର ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡଭିଆଙ୍କ ଅଧ୍ୟକ୍ଷତାରେ ଅକ୍ଟୋବର ୧୦ ଏବଂ ୧୧ ଦୁଇ ଦିନ ଧରି ଅନୁଷ୍ଠିତ ହେବ। ବୈଠକରେ ସର୍ବନିମ୍ନ ଇପିଏଫ୍ ପେନସନ ୨୫୦୦ ଟଙ୍କାକୁ ବୃଦ୍ଧି କରିବା ଉପରେ ନିଷ୍ପତ୍ତି ନିଆଯାଇପାରେ।





କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡର ସବୁଠାରୁ ବଡ଼ ନୀତି ନିର୍ଦ୍ଧାରଣକାରୀ ସଂସ୍ଥା ହେଉଛି ଇପିଏଫ୍‌ଓ। ଏହି ବୈଠକରେ ନିଯୁକ୍ତିଦାତା, କର୍ମଚାରୀ, ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ପ୍ରତିନିଧି ସାମିଲ ଅଛନ୍ତି। ତଥାପି, ବୈଠକରେ କେଉଁ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ଏହା ଅଧୀନରେ, ସଦସ୍ୟମାନେ ଏଟିଏମ୍‌ରୁ ସେମାନଙ୍କର ପିଏଫ୍ ଅର୍ଥର କିଛି ଅଂଶ ଉଠାଇପାରିବେ। ଏହାସହିତ, ସେମାନେ ୟୁପିଆଇ ମାଧ୍ୟମରେ ପେମେଣ୍ଟ କରିପାରିବେ। ତେବେ ବୈଠକରେ ଇପିଏଫ୍‌ଓରୁ ଆଂଶିକ ପ୍ରତ୍ୟାହାରକୁ ଅନୁମତି ଦେବା ପ୍ରସ୍ତାବକୁ ଟ୍ରେଡ ୟୁନିଅନଗୁଡ଼ିକ ବିରୋଧ କରିପାରନ୍ତି। କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଏବଂ ବିବିଧ ବ୍ୟବସ୍ଥା ଆଇନ ଅନୁଯାୟୀ, ଅସୁସ୍ଥତା, ଶିକ୍ଷା, ବିବାହ ଏବଂ ଘର ଭଳି ଗୁରୁତ୍ୱପୂର୍ଣ୍ଣ କାମ ପାଇଁ ଅଟୋ କ୍ଲେମ୍ ସୁବିଧା ଅଧୀନରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଉଠାଣ କରିବାର ସୁବିଧା ଅଛି। ଏହି ଟଙ୍କା ତିନି ଦିନ ମଧ୍ୟରେ ପ୍ରାପ୍ତ ହୁଏ। ବର୍ତ୍ତମାନ ଉଠାଣ ପ୍ରକ୍ରିୟା ଅତି କମରେ ଦୁଇ-ତିନି ଦିନ ସମୟ ନେଇଥାଏ। ଏଥିରେ ନେଫ୍ଟ କିମ୍ବା ଆର୍‌ଟିଜିଏସ୍ ମାଧ୍ୟମରେ ଟଙ୍କା ସ୍ଥାନାନ୍ତର କରାଯାଏ। ଏଟିଏମ୍‌ରୁ ଟଙ୍କା ଉଠାଣ ପାଇଁ ପ୍ରସ୍ତାବ ଇପିଏଫ୍‌ଓ ଏଜେଣ୍ଡାର ଏକ ଅଂଶ।

### ଟ୍ରଷ୍ଟି ବୋର୍ଡ ନେବ ନିଷ୍ପତ୍ତି

ଇପିଏଫ୍‌ଓ ଖୁବ୍ ଶୀଘ୍ର ଏହାର ନୂତନ ଡିଜିଟାଲ୍ ସେବା 'ଇପିଏଫ୍‌ଓ ୩.୦'ଆରମ୍ଭ କରିବାକୁ ଯାଉଛି। ଏହା କେବଳ ଉଠାଣ ପ୍ରକ୍ରିୟାକୁ ସରଳ କରିବ ନାହିଁ, ବରଂ ସୂଚନା ଅପଡେଟ୍ କରିବା ଏବଂ ଦାବି ପ୍ରକ୍ରିୟାକୁ ମଧ୍ୟ ତ୍ୱରାନ୍ୱିତ କରିବ। କର୍ମଚାରୀମାନେ ୟୁଏଏନ୍ ସକ୍ରିୟ କରି ଏବଂ ଆଧାରକୁ ଆକାଉଣ୍ଟ ସହିତ ଲିଙ୍କ୍ କରି ଏଟିଏମ୍‌ରୁ ଟଙ୍କା ଉଠାଇପାରିବେ। ଏହି ନୂତନ ପ୍ରକ୍ରିୟାରେ, ଇପିଏଫ୍‌ଓ ଏହାର ଗ୍ରାହକମାନଙ୍କୁ ଏକ ସ୍ୱତନ୍ତ୍ର ଏଟିଏମ୍ କାର୍ଡ ପ୍ରଦାନ କରିବ, ଯାହା ସେମାନଙ୍କର ପିଏଫ୍ ଆକାଉଣ୍ଟ ସହିତ ଲିଙ୍କ୍ ହେବ। ଏହି କାର୍ଡ ବ୍ୟବହାର କରି, ଗ୍ରାହକମାନେ ସିଧାସଳଖ ଏଟିଏମ୍ ମେସିନରୁ ସେମାନଙ୍କର ପିଏଫ୍ ଟଙ୍କା ଉଠାଇପାରିବେ। ୟୁପିଆଇରୁ ଟଙ୍କା ଉଠାଇବା ପାଇଁ ପିଏଫ୍ ଆକାଉଣ୍ଟକୁ ୟୁପିଆଇ ସହିତ ଲିଙ୍କ୍ କରିବାକୁ ପଡିବ। ଏହା ପରେ ଗ୍ରାହକମାନେ ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟକୁ ପିଏଫ୍ ଟଙ୍କା ସ୍ଥାନାନ୍ତର କରିପାରିବେ।

## ଭାରତ ଫେରିବେ ମେହୁଲ୍ ଚୋକ୍‌ସୀ;୧୫ରୁ ପ୍ରକ୍ରିୟା ଆରମ୍ଭ

ନୂଆଦିଲ୍ଲୀ,୧୧।୯ (ଏଜେନ୍ସି): ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକସିଙ୍କ ବେଲଜିୟମରୁ ଭାରତ ପ୍ରତ୍ୟର୍ପଣ ପ୍ରକ୍ରିୟା ସେପ୍ଟେମ୍ବର ୧୫ରୁ ଆରମ୍ଭ ହେବ। ଚୋକସିଙ୍କ ଉପରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ୧୩,୮୫୦ କୋଟି ଟଙ୍କାର ଠକେଇ ଅଭିଯୋଗ ରହିଛି। ଏହି ମାମଲାର ଶୁଣାଣି ବେଲଜିୟମର ଫେଡେରାଲ କୋର୍ଟରେ ହେବ। ଏଥିରେ, ସିବିଆଇ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଇଏ) ର ଆଇନଜୀବୀମାନେ ଭାରତ ପକ୍ଷରୁ ସେମାନଙ୍କର ପକ୍ଷ ଉପସ୍ଥାପନ କରିବେ। ସେପ୍ଟେମ୍ବର ୮ରେ ଭାରତ ବେଲଜିୟମକୁ ଏକ ଲିଖିତ ଗ୍ୟାରେଣ୍ଟି ଦେଇଛି। କେନ୍ଦ୍ର ଏକ ଚିଠିରେ ବେଲଜିୟମ ସରକାରଙ୍କୁ କହିଥିଲା ଯେ ଚୋକ୍‌ସିଙ୍କୁ ମୁମ୍ବାଇର ଆର୍ଥର ରୋଡ୍ ଜେଲର ବାରାକ୍ ନମ୍ବର-୧୨ ରେ ରଖାଯିବ। ଗୋଟିଏ ସେଲ୍‌ରେ ୬ ଜଣ ରହିବାପରିବାର କ୍ଷମତା ଅଛି। ଚିଠିରେ କୁହାଯାଇଛି ଯେ ଯଦି ଚୋକସିଙ୍କୁ ବେଲଜିୟମରୁ ଭାରତ ଅଣାଯାଏ, ତେବେ ତାଙ୍କୁ ମାନବୀୟ ବ୍ୟବହାର କରାଯିବ। ତାଙ୍କୁ ଜେଲ୍‌ରେ ୪ରୁ ଅଧିକ ସୁବିଧା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଏଥିରେ ୨୪ ଘଣ୍ଟା ଚିକିତ୍ସା ସେବା, ସ୍ୱଚ୍ଛ ପାଣି, ଭଲ ଖାଦ୍ୟ ଏବଂ ବିଶେଷଜ୍ଞ ଡାକ୍ତର ଭଳି ସୁବିଧା ଅନ୍ତର୍ଭୁକ୍ତ।



## ଫୋନ୍‌ପେ' ଡିଜିଟାଲ-ଫାଷ୍ଟ ଉଦ୍ୟମ ଆସିଷ୍ଟ ପଞ୍ଜୀକରଣ ବ୍ୟବସ୍ଥା ଆରମ୍ଭ

ନୂଆଦିଲ୍ଲୀ,୧୧।୯: ଫୋନପେ ଡିଜିଟାଲ-ଫାଷ୍ଟ ଉଦ୍ୟମ ଜେନେରେସନର ଶୁଭାରମ୍ଭ କରାଯାଇଛି। କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଜିତନ ରାମ ମାଂଝି ଏବଂ ଏସଆଇଡିବିଆଇର ମୁଖ୍ୟ ମହାପ୍ରବନ୍ଧକ ୱାଇ.ଏମ. କୁମାରୀ ଏଥିରେ ଅତିଥି ଭାବରେ ଯୋଗଦେଇଥିଲେ। ଏହା ସହିତ ଫୋନପେ ନିଜର ମର୍ଚ୍ଚାଣ୍ଟମାନଙ୍କୁ ସିଧାସଳଖ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏକ ସମ୍ପୂର୍ଣ୍ଣ ଡିଜିଟାଲ ସମାଧାନ ପ୍ରଦାନ କରୁଥିବା ପ୍ରଥମ ଫିନଟେକ କମ୍ପାନୀରେ ପରିଣତ କରିଛି ଯାହା ଅନ୍ୟାନ୍ୟ ପ୍ଲାଟଫର୍ମ ଦ୍ୱାରା ବ୍ୟବହୃତ ପାରମ୍ପରିକ 'ଉଦ୍ୟମ' ସାର୍ଟିଫିକେଟ ପ୍ରଦାନ ପ୍ରକ୍ରିୟାଠାରୁ ଅଲଗା।

# ଓଡ଼ିଶାରେ ପ୍ରତିଷ୍ଠା ହେବ ୨ଟି ହାଇଡ୍ରୋଜେନ୍ ଟ୍ରକ୍ କରିଡର

ନୂଆଦିଲ୍ଲୀ,୧୧।୯ (ଏଜେନ୍ସି): ଦେଶରେ ପ୍ରତିଷ୍ଠା ହେବ ହାଇଡ୍ରୋଜେନ୍ ଟ୍ରକ୍ କରିଡର। ଏଥିରେ ଦେଶରେ ୧୦ ରାଜପଥ ଚିହ୍ନଟ କରାଯାଇଛି। ଏହି ହାଇଡ୍ରୋଜେନ୍ ଟ୍ରକ୍ କରିଡରରେ ଓଡ଼ିଶାର ଦୁଇ କରିଡରକୁ ସାମିଲ କରାଯାଇଛି। ସେହି ଦୁଇ କରିଡର ହେଉଛି ଭୁବନେଶ୍ୱର-ପୁରୀ-କୋଣାର୍କ ଏବଂ ଜାମସେଦପୁର-କଳିଙ୍ଗନଗର। ପ୍ରତିଷ୍ଠା ହେବାକୁ ଥିବା ଅନ୍ୟ ହାଇଡ୍ରୋଜେନ୍ ଟ୍ରକ୍ କରିଡରଗୁଡିକ ହେଉଛି, ଗ୍ରେଟର ନୋଏଡା-ଦିଲ୍ଲୀ-ଆଗ୍ରା, ଅହମ୍ମଦାବାଦ-ଭଦୋଦରା-ସୁରଟ, ସାହିବାବାଦ-ଫରିଦାବାଦ-ଦିଲ୍ଲୀ, ତିରୁବନନ୍ତପୁରମ୍-କୋଚି ଏବଂ ଜାମନଗର-ଅହମ୍ମଦାବାଦ ଆଦି ଅନ୍ତର୍ଭୁକ୍ତ।

- ଭୁବନେଶ୍ୱର-ପୁରୀ-କୋଣାର୍କ, ଜାମସେଦପୁର-କଳିଙ୍ଗନଗର ସାମିଲ
- ଦେଶରେ ୧୦ ରାଜପଥ ଚିହ୍ନଟ



ବସ୍ ଆଣ୍ଡ କାର ଅପରେଟର୍ସ କନଫେଡେରେସନ ଅଫ୍ ଇଣ୍ଡିଆ (ବିଓସିଆଇ) ଦ୍ୱାରା ଆୟୋଜିତ ଭାରତ ପ୍ରବାସ ପୁରସ୍କାରରେ ଉଦବୋଧନ ଦେଇ ଗଡକରୀ କହିଛନ୍ତି, ଆମେ ଜାତୀୟ ରାଜପଥ ବ୍ୟବହାର କରୁଥିବା ରାଜ୍ୟ ଏବଂ ଘରୋଇ ବସ୍ ଅପରେଟରମାନଙ୍କୁ ଲାଭ ପ୍ରଦାନ କରିବା ପାଇଁ ଏକ ଟୋଲ୍ ନୀତି ଉପରେ କାମ କରୁଛୁ। ଯାନବାହାନ ପ୍ରଦୂଷଣ ହ୍ରାସ କରିବା ପାଇଁ ସରକାର ସବୁଜ ହାଇଡ୍ରୋଜେନ୍ ଚାଳିତ ଟ୍ରକ୍ ଚଳାଇବା ପାଇଁ ୧୦ଟି ରାଜପଥ ଷ୍ଟ୍ରେଚ୍ ଚିହ୍ନଟ କରିଛନ୍ତି। ଏହି ଷ୍ଟ୍ରେଚଗୁଡ଼ିକରେ ଇଣ୍ଡିଆନ୍‌ଅଏଲ୍ ଏବଂ ରିଲାଏନ୍ସ ପେଟ୍ରୋଲିୟମ୍ ଦ୍ୱାରା ପ୍ରତିଷ୍ଠା କରାଯିବାକୁ ଥିବା ହାଇଡ୍ରୋଜେନ୍ ଫିଲିଂ ଷ୍ଟେସନ୍ ସହିତ ସଜ୍ଜିତ ହେବ। ଗଡକାରୀ ଆହୁରି ମଧ୍ୟ କହିଛନ୍ତି ଯେ ଟାଟା ମୋଟର୍ସ, ଅଶୋକ ଲେଲ୍ୟାଣ୍ଡ ଏବଂ ଭଲଭୋ ସମେତ ଟ୍ରକ୍ ନିର୍ମାତାମାନେ ପୂର୍ବରୁ ହାଇଡ୍ରୋଜେନ୍ ଚାଳିତ ଯାନ ନିର୍ମାଣ ଆରମ୍ଭ କରିସାରିଛନ୍ତି।

ଜଳବାୟୁ ପରିବର୍ତ୍ତନ ହେଉଛି ଆଜି ଭାରତ ସାମ୍ନାରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ। ଯଦି ଭାରତକୁ ୫ଟ୍ରିଲିୟନ ଡଲାର ଅର୍ଥନୀତି ଏବଂ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ପଡିବ, ତେବେ ଆମକୁ ଆମର ଭିତ୍ତିଭୂମିକୁ ଆହୁରି ମଜବୁତ କରିବାକୁ ପଡିବ। ଭାରତ ବିଶ୍ୱର ସର୍ବବୃହତ ସବୁଜ ହାଇଡ୍ରୋଜେନ୍ ରପ୍ତାନିକାରୀ ହେବାର ସମ୍ଭାବନା ରଖିଛି ସରକାରଙ୍କ ଲକ୍ଷ୍ୟ ହେଉଛି ଆଗାମୀ ୫ ବର୍ଷ ମଧ୍ୟରେ ଭାରତର ଅଟୋମୋବାଇଲ୍ ଶିଳ୍ପକୁ ବିଶ୍ୱର ଏକ ନମ୍ବର କରିବା ବୋଲି ସେ କହିଛନ୍ତି। ସମ୍ପ୍ରତି ଜାତୀୟ ସଡ଼କ ପରିବହନ ମନ୍ତ୍ରଣାଳୟ ଏକ ଟୋଲ୍ ନୀତି ପ୍ରସ୍ତୁତ କରୁଛି। ଏ ସମ୍ପର୍କରେ ଆଜି କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ସୂଚନା ଦେଇଛନ୍ତି। ସରକାର ଅଗଷ୍ଟ ୧୫ରୁ ଅଣ-ବାଣିଜ୍ୟିକ ଯାନବାହାନ ପାଇଁ ୩୦୦୦ ଟଙ୍କାରେ ଏକ ଫାସ୍‌ଟ୍ୟାଗ୍-ଆଧାରିତ ବାର୍ଷିକ ପାସ୍ ଲାଗୁ କରିସାରିଛନ୍ତି, ଯାହା ରାଜପଥ ଯାତ୍ରାକୁ ସହଜ କରିବ।

## ହୋଣ୍ଡା ଏଲିଭେଟ୍‌ର ନୂତନ ସଂସ୍କରଣ ବଜାରରେ

ଭୁବନେଶ୍ୱର,୧୧।୯ (ସମିସ): ଭାରତରେ ପ୍ରିମିୟମ କାରଗୁଡିକର ଏକ ଅଗ୍ରଣୀ ନିର୍ମାତା, ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ (ଏଚସିଆଇଏଲ) ପକ୍ଷରୁ ଆଜି ଏହାର ଲୋକପ୍ରିୟ ଏସୟୁଭି ହୋଣ୍ଡା ଏଲିଭେଟ ରେ ନୂତନ ଅପଡେଟ କରାଯାଇଛି। ଏହି ନୂଆ ଅପ୍‌ଡେଟରେ ଇଣ୍ଟେରିୟର କଲର ବିକଳ୍ପ, ଉନ୍ନତ ଏକ୍ସଟେରିୟର ଷ୍ଟାଇଲିଂ ଏଲିମେଣ୍ଟ ଏବଂ ବିଭିନ୍ନ ପ୍ୟାକେଜ ସାମିଲ ରହିଛି ଯାହା ପାର୍ବଣ ଋତୁ ପାଇଁ ଏସୟୁଭିର ପ୍ରିମିୟମ ଲୁକ ଦେବାକୁ ଲକ୍ଷ୍ୟ ରଖିଛି। ଅନ୍ୟପକ୍ଷରେ ଉଭୟ ଏଡିସନରେ ଏକ ଅଲ୍-ବ୍ଲାକ ଇଂଟେରିୟର ଥିମ ରହିଛି ଯାହା ଯାନର ପ୍ରିମିୟମ ଲୁକ୍‌କୁ ବୃଦ୍ଧି କରୁଛି। ଭି ଓ ଭିଏକ୍ସ ଗ୍ରେଡର ମୂଲ୍ୟ ଯଥାକ୍ରମେ ୧୨,୩୯,୦୦୦ ଓ ୧୪,୧୩,୭୦୦ ଟଙ୍କା ରହିଛି (ଏକ୍ସ ସୋରୁମ ଦିଲ୍ଲୀ)।





## ବାରିପଦାରେ ହୋଣ୍ଡାର ୨ଟି ନୂଆ ବାଇକ୍‌ର ବଜାର ପ୍ରବେଶ

ବାରିପଦା,୧୧।୯ (ସମିସ): ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚଏମ୍‌ଏସଆଇ) ଓଡ଼ିଶାର ବାରିପଦାରେ ଅଲ୍-ନିୟୁ ସିବି୧୨୫ ହର୍ନେଟ୍ ଏବଂ ସାଇନ୍ ୧୦୦ ଡିଏକ୍ସର ବଜାର ପ୍ରବେଶ କରାଇଛି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କମ୍ପାନୀର ଓଡିଶା ସେଲ୍ସ ମୁଖ୍ୟ ରାଜେଶ ଚୌଧୁରୀ ଓ କ୍ଷେତ୍ର ପରିଚାଳକ ଜୟଦୀପ ସାହା, ବାରିପଦା ସନ ହୋଣ୍ଡା ସୋରୁମର ସ୍ୱତ୍ୱାଧିକାରୀ ସ୍ୱଜନ ଅଗ୍ରୱାଲା ଓ ତାଙ୍କର ତିନି ପୁତ୍ର ଅରୁଣ, ଅନେଶ ଓ ଦୀନେଶଙ୍କ ସହିତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ହୋଣ୍ଡା ଅଲ୍-ନିୟୁ ହୋଣ୍ଡା ସିବି୧୨୫ ହର୍ନେଟ୍‌ର ମୂଲ୍ୟ ୧,୧୨,୦୦୦ ଟଙ୍କା (ସ୍ୱତନ୍ତ୍ର ଶୁଭାରମ୍ଭ ମୂଲ୍ୟ) ରଖାଯାଇଥିବାବେଳେ ସାଇନ୍ ୧୦୦ ଡିଏକ୍ସର ମୂଲ୍ୟ ୭୬,୮୦୯ ଟଙ୍କା, ଏକ୍ସ-ସୋରୁମ୍ ରହିଛି। ଉଭୟ ବାଇକ ପରବର୍ତ୍ତୀ ପିଢ଼ିର ଚାଳକଙ୍କୁ ଲକ୍ଷ୍ୟ ରଖି ନିର୍ମାଣ କରାଯାଇଥିବା କୁ କମ୍ପାନୀ ପକ୍ଷରୁ କୁହାଯାଇଛି। ଗ୍ରାହକମାନେ ଏହି ବାଇକ ଗୁଡିକ ସେମାନଙ୍କର ନିକଟସ୍ଥ ହୋଣ୍ଡାର ସ୍ୱୀକୃତିପ୍ରାପ୍ତ ଡିଲରସିପକୁ ଯାଇ ବୁକ୍ କରିପାରିବେ। ହୋଣ୍ଡା ସିବି୧୨୫ ହର୍ନେଟ୍‌ରେ ଦମଦାର ଷ୍ଟ୍ରିଟ-ଷ୍ଟାଇଲ ଡିଜାଇନ ରହିଛି ଏବଂ ଏହା ଚାରିଟି ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ। ଏଥିରେ ଏହି ଶ୍ରେଣୀରେ ପ୍ରଥମ ଗୋଲ୍ଡେନ ୟୁଏସ୍‌ଡି ସମ୍ମୁଖ ଫର୍କ, ଅଲ୍-ଏଲଇଡି ଲାଇଟିଂ ବ୍ୟବସ୍ଥା ଏବଂ ପ୍ରତିବନ୍ଧକଶୂନ୍ୟ ଦିଗ ନିର୍ଣ୍ଣୟ, କଲ୍ ଏବଂ ଏସଏମଏସ୍ ଆଲର୍ଟ ନିମନ୍ତେ ବ୍ଲୁଟୁଥ୍ ସମର୍ଥିତ ହୋଣ୍ଡା ରୋଡ୍ସିଙ୍କ୍ ସହିତ ଏକ ୪.୨ ଇଞ୍ଚ ଟିଏଫ୍ଟି ଡିସ୍ପ୍ଲେ ରହିଛି। ସିବି୧୨୫ ହର୍ନେଟ୍‌ରେ ଶକ୍ତିଶାଳୀ ୧୨୩.୯୪ ସିସି, ସିଙ୍ଗଲ-ସିଲିଣ୍ଡର, ଫୁଏଲ-ଇଞ୍ଜେକ୍ଟେଡ, ଓବିଡି୨ବି ଅନୁପାଳନକାରୀ ଇଞ୍ଜିନ ଖଞ୍ଜାଯାଇଛି, ଯାହା ୮.୨ କେଡବ୍ଲ୍ୟୁ ଶକ୍ତି ଏବଂ ୧୧.୨ ଏନଏମ୍ ପିକ୍ ଟର୍କ ପ୍ରଦାନ କରୁଛି। ସାଇନ୍ ୧୦୦ ଡିଏକ୍ସରେ ଏକ ଡିଜିଟାଲ ଏଲସିଡି ଇନ୍‌ଷ୍ଟ୍ରୁମେଣ୍ଟ କ୍ଲଷ୍ଟର ଖଞ୍ଜାଯାଇଛି। ଯାହା ବାସ୍ତବ ସମୟର ମାଇଲେଜ, ଇନ୍ଧନ ଶେଷ ହେବାକୁ ଥିବା ଦୂରତା ଏବଂ ସର୍ଭିସ ଅବଧି ସମ୍ପର୍କରେ ସ୍ମରଣ କରାଇଦେବା ପ୍ରଦର୍ଶନ ବ୍ୟବସ୍ଥା ରହିଛି।



## ଜିଏସ୍‌ଟି ହ୍ରାସ ପରେ ଜାୱା ୟେଜ୍‌ଦି ମୂଲ୍ୟ କମିଲା

ନୂଆଦିଲ୍ଲୀ,୧୧।୯: କ୍ଲାସିକ ଲିଜେଣ୍ଡ୍ସ (ସିଏଲ) ଜାୱା ୟେଜଦି ମୋଟରସାଇକେଲ ଅଧୀନରେ ଏହାର ପ୍ରସିଦ୍ଧ ପ୍ରଦର୍ଶନ କ୍ଲାସିକ୍ ପାଇଁ ନୂତନ ମୂଲ୍ୟ ଘୋଷଣା କରିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ, ଆଡଭେଂଚର, ରୋଡଷ୍ଟର, ବବର, ସ୍କ୍ରାମ୍ବଲର ପର୍ଯ୍ୟନ୍ତ, ବର୍ତ୍ତମାନ ୨ ଲକ୍ଷ ଟଙ୍କାରୁ କମ୍ ମୂଲ୍ୟରେ ଉପଲବ୍ଧ। ଦଶନ୍ଧି ପୂର୍ବେ, ଏକ ନୀତି ପରିବର୍ତନ ପରିବେଶ ପାଇଁ ଅନୁପଯୁକ୍ତ ବୋଲି ବିବେଚିତ ୨-ଷ୍ଟ୍ରୋକ୍ ମୋଟରସାଇକେଲକୁ ନିଷିଦ୍ଧ କରିଥିଲା, ଯାହା ଭାରତରେ ଜାୱା ଏବଂ ୟେଜଦିର ଯାତ୍ରାକୁ ବନ୍ଦ କରିଦେଇଥିଲା, ଯେଉଁମାନେ ସେତେବେଳେ ସେମାନଙ୍କ କ୍ଷେତ୍ରରେ ମାର୍କେଟ୍ ଲିଡର ଥିଲେ। ଏହି ମାସରେ, ଆଉ ଏକ ପ୍ରଗତିଶୀଳ ନୀତି ପରିବର୍ତନ ସେମାନଙ୍କୁ କେନ୍ଦ୍ର ସ୍ତରରେ ଫେରାଇ ଆଣିଛି। ୩୫୦ ସିସି ତଳେ ମୋଟରସାଇକେଲ୍ ପାଇଁ ଜିଏସଟି ହାରକୁ୨୮% ରୁ ୧୮% କୁ ସଂଶୋଧନ କରିବା ଦ୍ୱାରା ଜାୱା ୟେଜଦି ମୋଟରସାଇକେଲ୍ ଏବଂ ଏହାର ଟାର୍ଗେଟ ଗ୍ରାହକମାନେ ବିଶ୍ୱର ସର୍ବବୃହତ ଦୁଇଚକିଆ ବଜାରରେ ସବୁଠାରୁ ଅଧିକ ଲାଭବାନ ହୋଇଛନ୍ତି।

## ଏନ୍‌ଏସ୍‌ଇ-ଇଣ୍ଡିଆ ହାବିଟାଟ ସେଣ୍ଟର ଏମ୍‌ଓୟୁ

ନୂଆଦିଲ୍ଲୀ,୧୧।୯: ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ପକ୍ଷରୁ ଇଣ୍ଡିଆ ହାବିଟାଟ ସେଣ୍ଟର (ଆଇଏଚସ) ନୂଆଦିଲ୍ଲୀ, ସହ ଏକ ଏମଓୟୁ ସ୍ୱାକ୍ଷର କରାଯାଇଛି। ଆଇଏଚସି ସହ ଜଡିତ ସମ୍ଭାବ୍ୟ ଓ ବିଦ୍ୟମାନ ନିବେଶକମାନଙ୍କ ପାଇଁ ଏକାଧିକ ଆର୍ଥିକ ସାକ୍ଷରତା ଓ ନିବେଶକ ସଚେତନତା କାର୍ଯ୍ୟକ୍ରମରେ ସହଯୋଗ ଓ ପରିଚାଳନା କରିବା ପାଇଁ ଏନଏସଇ ଏହି ସହଭାଗିତା କରିଛି। ଏହି ସହଭାଗିତା ନାଗରିକଙ୍କୁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସୂଚନା ଓ ଦକ୍ଷତା ସହ ସଶକ୍ତ କରିବା, ସେମାନଙ୍କୁ ପୁଞ୍ଜି ବଜାରରେ ସୂଚିତ ନିଷ୍ପତି ନେବା ପାଇଁ ସକ୍ଷମ କରିବା ଲାଗି ଉଭୟ ସଂସ୍ଥାର ଏକ ମିଳିତ ଦୃଷ୍ଟିକୋଣକୁ ପ୍ରତିଫଳନ କରୁଛି। ଏନଏସଇ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ଏହି ଅଧିବେଶନଗୁଡିକ ଆର୍ଥିକ ଯୋଜନା, ପୁଞ୍ଜି ବଜାରର ମୌଳିକତା, ମ୍ୟୁଚୁଆଲ ଫଣ୍ଡ, ନିବେଶକଙ୍କ ଅଧିକାର ଓ କର୍ତ୍ତବ୍ୟ, ଠକାମି ପ୍ରତିରୋଧ ଓ ସୁରକ୍ଷିତ ନିବେଶ ଅଭ୍ୟାସ ଆଦି ପ୍ରସଙ୍ଗକୁ କଭର କରିବ।

## କଳାହାଣ୍ଡିର ୨୧ ଯୁବ ତୀରନ୍ଦାଜ ଓଡ଼ିଶା ରାଜ୍ୟ ମୁକ୍ତ ତୀରନ୍ଦାଜ ପ୍ରତିଯୋଗିତାକୁ ମନୋନୀତ

ଭୁବନେଶ୍ୱର, ୧୧।୯ (ସମିସ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଲାଞ୍ଜିଗଡ଼ରେ ଏହାର ପ୍ରମୁଖ କ୍ରୀଡା ତାଲିମ ପଦକ୍ଷେପ ମାଧ୍ୟମରେ କଳାହାଣ୍ଡି ଜିଲ୍ଲାର ଯୁବ ତୀରନ୍ଦାଜମାନଙ୍କୁ ସମର୍ଥନ କରୁଛି। ସମ୍ପ୍ରତି, ଏହି କ୍ରୀଡାବିତମାନଙ୍କ ମଧ୍ୟରୁ ୨୧ ଜଣ ଯୁବ ତୀରନ୍ଦାଜ ଆଗାମୀ ୨୬ତମ ଓଡ଼ିଶା ରାଜ୍ୟ ମୁକ୍ତ ତୀରନ୍ଦାଜ ପ୍ରତିଯୋଗିତା ୨୦୨୫ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ବେଦାନ୍ତର ସହାୟତାରେ କଳାହାଣ୍ଡି ଆଥଲେଟିକ୍ ଆସୋସିଏସନ୍ ଦ୍ୱାରା ଆୟୋଜିତ ଲାଞ୍ଜିଗଡ଼ର ଏସ୍‌ଏସ୍‌ଡି ସ୍କୁଲରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପରୀକ୍ଷଣରୁ ଏହି ଯୋଗ୍ୟତା ହାସଲ କରିଛନ୍ତି, ଯେଉଁଠାରେ ମୋଟ ୪୦ ଜଣ ତୀରନ୍ଦାଜ ଭାରତୀୟ ରାଉଣ୍ଡ, କମ୍ପାଉଣ୍ଡ ଏବଂ ରିକର୍ଭ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ୨୦୧୮ ରେ ଆରମ୍ଭ ହୋଇଥିବା ବେଦାନ୍ତ ଲାଞ୍ଜିଗଡ଼ର କ୍ରୀଡା ପଦକ୍ଷେପ କଳାହାଣ୍ଡିର ଯୁବ ପ୍ରତିଭାକୁ ବୃତ୍ତିଗତ ତାଲିମ,



ଜାତୀୟ ସ୍ତରୀୟ ପ୍ରଶିକ୍ଷଣ, ଆଧୁନିକ ଉପକରଣ ଏବଂ କିଟ୍, ଲଜିଷ୍ଟିକ୍ ସହାୟତା ପ୍ରଦାନ କରୁଥିବା ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି।


**AFFIDAVIT**

By virtue of an affidavit vide Sl. No. 791, dtd. 11.09.2025, I, Ajit Kumar Nayak, At/Po- Badakutru, Ps- Jayapatna, Dist.- Kalahandi have changed my minor son's name from Pratush Nayak to Pratyush Kumar nayak. Henceforth he will be known as Pratyush Kumar Nayak for all purposes.

Sd/- Ajit Kumar Nayak

**AFFIDAVIT**

By Virtue Of an Affidavit no. 1/2 dtd. 8.9.2025 the Executive Magistrate Odagaon, I Prabhata Barika S/o- Bijay Kumar Barik At- Akhupadar, Po- Rabara, Ps - Odagaon, Dist- Nayagarh have changed my daughter's name Jamuna Barika to Santoshini Barika. Henceforth she will be known as **Santoshini Barika** for all purposes.

S/d- Prabhata Barika

**AFFIDAVIT**

By an affidavit CF No.: 33 sworn before Executive Magistrate, Bhubaneswar on Dtd.: 24.04.2025 I, **G. Kokila,** W/o: P. Raj Sekhar, R/o: Plot No.: 56, Forest Park, PS: Capital, Bhubaneswar, Khordha- 751009, declare that I have changed the name of my minor daughter from V. Vasnavi to **P. Vaishnavi.** Henceforth, she shall be known as **P. Vaishnavi** for all future purposes.

**NOTICE**

By virtue of an affidavit sworn before Executive Magistrate, Ulunda, dated 09/09/2025 I, Sashibhusan Padhan, Address At-Hingama, Po-Raxa, Ps- Birmaharajpur, Dist-Subarnapur, Odisha, Pin - 767062 declare that I have changed the name of my daughter from Lovly Padhan to Lovely Padhan. Henceforth, she shall be known as Lovely Padhan for all purposes.

Sashibhusan Padhan

**AFFIDAVIT**

I, Sarmista Garnaik, W/o Biswaranjan Garnaik, a resident of Village - Girang, PO- Kulad, PS- Nalconagar, District- Angul, Odisha 759145 declare by this affidavit vide no. 2979 dt.30.08.25 that now onwards I shall be known as **SARMISTA SATPATHY** for all future purposes.

(Sd- **SARMISTA SATPATHY**)

**AFFIDAVIT**

By virtue of an affidavit sworn before EXECUTIVE MAGISTRATE, MAHANGA, dated 16/07/25.I KANHA SAHOO, Address At/Po- Kusupur, P.S- Mahanga, Dist- Cuttack, Odisha-754204, declare that I have changed my name from BRAJA KISHORE SAHOO to KANHA SAHOO. Henceforth I shall be known as **KANHA SAHOO** for all purposes.

KANHA SAHOO

**AFFIDAVIT**

By the virtue of an affidavit sworn before the Notary public, Daringibadi, Dated 09.09.2025. I Bijay Pradhan, S/o- Pitabash Pradhan, Vill : Brahasalaka , Po: Siangabali, Ps: Daringbadi, Dist: Kandhamal, State: Odisha-762021 declare that I have changed my minor daughter's name from SALINITY PRADHAN to SALINI PRADHAN. Henceforth, She will be known as **SALINI PRADHAN** for all purposes.

**AFFIDAVIT**

By virtue of an affidavit (CF No. 05) sworn before the Notary Public, Padampur on dated- 10/09/2025. I, **Hiralal Bishi,** S/o Premananda Bishi, permanent resident of At- Amdahan, Po- Dahita, Dist- Bargarh, Odisha, Pin- 768036 declare that I have changed my minor son's name from **Ranveer Bishi** (old name) to **Yash Bishi** (new name). Henceforth, I shall be known as **Yash Bishi** (new name) for all future purposes.

**Hiralal Bishi**

**AFFIDAVIT**

I, Purostam Sahoo, S/o- Dinabandhu Sahoo, resident of Kalinga Basti, Badagarh Brit Colony, Dist- Khurda, Pin- 751018, Odisha declared by this affidavit No. 732, dtd- 09/09/2025 that now onwards I shall be known as **PURASTAM SAHOO** for all future purposes.

**AFFIDAVIT**

I SUSHIL MANDAL, S/o- SUBASH MANDAL resident of EPDP Colony, Po./Ps.- Kalimela, DT- MALKANGIRI - 764047, Odisha declare by this Affidavit No.3675, Dated -08/09/2025 that, now onwards I shall be known as **SUSIL MANDAL** for all future purpose.

**AFFIDAVIT**

By virtue of an affidavit sworn before Executive Magistrate, Nabarangpur vide no.776 Dt.10/09/2025 I Sri Puppala Srinivas, S/o- Late Puppala Jagannath Rao resident of Gill Petrol pump back side, Chamuriaguda, Nabarangapur, Dist.- Nabarangapur, Odisha state that, my son's name is **Puppala Sohan Kumar** and his short name is **P. Sohan Kumar**. My name is **Puppala Srinivas** and my short name is **P. Srinivas**. My wife's full name is **Puppala Kalpana** and her short name is **P. Kalpana**.

**AFFIDAVIT**

I, Bhagyalaxmi Sendha, W/o- Sudhir Kumar Sendha, Resident of Vill/PO- Sarasada, Word No. 09, Room No- 14(house), P.S.- Bhandaripokhari, Dist- Bhadrak, Odisha, Pin- 756120, declare by this Affidavit No. 2358, Dated 11.09.2025, that now onwards I shall be known as **BHAGYALAXMI MOHAPATRA** for all future purposes.

**ହଜିଛି**

**ମୁଁ, ଶ୍ରୀ ପ୍ରକାଶ ଚନ୍ଦ୍ର ମହାପାତ୍ର,** ବୟସ-୬୦ବର୍ଷ, ପିତା: ୰ ରାଜକିଶୋର ମହାପାତ୍ର, ବାସସ୍ଥାନ: ଗ୍ରାମ: ସୁବୁଦ୍ଧିପଡା, ପୋ: ମଙ୍ଗଳପୁର, ଥାନା: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା, ବର୍ତ୍ତମାନ ଠିକଣା: ପ୍ଲଟ୍ ନଂ.: ୮୩୧/୨୯୧୮, ଖାରବେଳ ବିହାର, ଶିଶୁପାଳଗଡ, ଥାନା: ଧଉଳି, ଭୁବନେଶ୍ୱର-୭୫୧୦୦୨, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଏତଦ୍ଦ୍ୱାରା ଶପଥପାଠ ପୂର୍ବକ ଘୋଷଣା କରୁଛି କି,ମୁଁ, ଓଡ଼ିଶା ସମବାୟ ସମିତି ଆକ୍ଟ,୧୯୬୨ (ଆକ୍ଟ ୨,୧୯୬୩) ଅନୁଯାୟୀ ପଞ୍ଜିକୃତ ସୋସାଇଟି ଏକ୍ସ-ସର୍ଭିସ ମେନ୍ସ ମଲ୍ଟି-ପର୍ପସ କୋ-ଅପରେଟିଭ ସୋସାଇଟି ଲିଃ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପଞ୍ଜିକୃତ ନଂ.: ୧୪୧, ତାରିଖ: ୦୪.୦୧.୧୯୯୨, ଏହାର ସମ୍ପାଦକ ଶ୍ରୀ ଦେବଦାସ ମାନସିଂହଙ୍କ ଠାରୁ ଏକ ଜମି କ୍ରୟ କରିଥିଲି ଯାହାର କାଗଜାତ୍ ନଂ.: ୨୧୯୭, ତା.୨୯.୦୪.୧୯୯୭ରିଖ ଅଟେ । ତା.୧୬.୦୬.୨୦୨୫ରିଖରେ ବାଇକ୍ ଯୋଗେ ମୋ ଗାଁରୁ ମୁଁ ବର୍ତ୍ତମାନର ବାସସ୍ଥାନକୁ ଆସୁଥିବା ସମୟରେ ବାଟରେ କୌଣସି ସ୍ଥାନରେ କଥିତ ମୂଳ ପଞ୍ଜିକୃତ ବିକ୍ରୟ ଦଲିଲ୍ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର କେଉଁଠାରେ ହଜିଯାଇଛି । ମୋର ସର୍ବୋତ୍ତମ ପ୍ରଚେଷ୍ଟା ସତ୍ତ୍ୱେ ମଧ୍ୟ ଏଗୁଡିକ ମିଳିପାରୁନାହିଁ । ଯଦି କୌଣସି ବ୍ୟକ୍ତି ଉପରୋକ୍ତ ବିକ୍ରୟ ଦଲିଲ୍ ଏବଂ ଅନ୍ୟାନ୍ୟ କାଗଜପତ୍ର ପାଇଥାନ୍ତି କିମ୍ବା ପାଆନ୍ତି ତେବେ ମୋତେ ମୋ ମୋବାଇଲ ନଂ.: **୯୩୯୩୪୮୬୧୯୫**ରେ ଯୋଗାଯୋଗ କରିବାକୁ ଅନୁରୋଧ ।

## ଶିକ୍ଷା ବିଭାଗ କର୍ମଚାରୀ ବୀମା ଏଜେଣ୍ଟ ଭାବେ କାର୍ଯ୍ୟ କରିବା ଘଟଣା

# ବିଇଓଙ୍କ ତଦନ୍ତ ରିପୋର୍ଟ ଦାଖଲକୁ ବିତିଲା ୩ ମାସ

ନୟାଗଡ଼,୧୧।୯(ସମିସ): ନୟାଗଡ଼ ଜିଲ୍ଲା ଶିକ୍ଷା ବିଭାଗ କର୍ମଚାରୀ ବୀମା କମ୍ପାନୀ ଏଜେଣ୍ଟ ସାଜିବା ଘଟଣାକୁ ନେଇ 'ସକାଳ'ରେ ପ୍ରକାଶିତ ଖବର ଆଧାରରେ ନୟାଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଚିରଞ୍ଜନ ପାଣ୍ଡେ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଗତ ମେ' ୧୫ ତାରିଖରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିଠି ନଂ ୩୩୧୯୭ ଅନୁଯାୟୀ ଏହି ନିର୍ଦ୍ଦେଶ ଦିଆଯାଇଥିଲା। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ, ନୂଆଗାଁ ବିଇଓ ଓ ଗଣିଆ ବିଇଓଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ନୂଆଗାଁ ବ୍ଲକରେ କାର୍ଯ୍ୟରତ ଆକାଉଣ୍ଟାଣ୍ଟ କମ୍ ସପୋର୍ଟିଂ କର୍ମଚାରୀ ତାପସ କୁମାର ମହାନ୍ତିଙ୍କ ସମ୍ପର୍କରେ ନୂଆଗାଁ ବିଇଓ ତଦନ୍ତ କରି ଗତ ଜୁନ୍ ୬ ତାରିଖରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ ରିପୋର୍ଟ ଦାଖଲ କରିଛନ୍ତି। ଏହି ରିପୋର୍ଟ ଦାଖଲ କରିବାକୁ ୩ ମାସ ବିତିଥିବାବେଳେ ନୟାଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଫାଇଲକୁ ଚାପି ଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ କୁଆଡ଼େ ଭିତିରି କାରବାର ହୋଇଥିବା ଆଲୋଚନା ହେଉଛି। ଯେଉଁଥିପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ନେବାକୁ ଆଗଭର ହୋଇ ନ ଥିବା ଚର୍ଚ୍ଚା ହେଉଛି। ନୂଆଗାଁ ବିଇଓଙ୍କ ତଦନ୍ତ ରିପୋର୍ଟ "ସକାଳ" ହାତରେ ଲାଗିଛି। ଏହି ରିପୋର୍ଟରେ ସ୍ପଷ୍ଟ ଭାବେ ତାପସ କୁମାର ମହାନ୍ତି ବୀମା ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିବା ଦର୍ଶାଯାଇଛି। ବିଇଓ ବିଭିନ୍ନ ବିଦ୍ୟାଳୟକୁ ଗସ୍ତ ସମୟରେ ବିଦ୍ୟାଳୟଗୁଡ଼ିକରେ ତାପସ ଏସ୍‌ବିଆଇ ଲାଇଫ୍ ବୀମା ଏଜେଣ୍ଟ ଭାବେ କାର୍ଯ୍ୟ କରିବାର ପ୍ରଚାର କ୍ୟାଲେଣ୍ଡର ଝୁଲୁଥିବା ଦେଖିବାକୁ ପାଇଥିଲେ। ଯେଉଁ କ୍ୟାଲେଣ୍ଡରରେ ତାଙ୍କ ବୀମା ଏଜେଣ୍ଟ କୋଡ୍ ନଂ ୯୯୧୦୨୩୭୫୭ ବୋଲି ଉଲ୍ଲେଖ ରହିଥିବା ଦର୍ଶାଯାଇଛି। ଏହା ସହିତ ବିଭିନ୍ନ ଶିକ୍ଷକଙ୍କ ସହ ଆଲୋଚନାବେଳେ ତାପସ ଏସ୍‌ବିଆଇ ଲାଇଫ୍ ବୀମା କରିବାକୁ ଶିକ୍ଷକଙ୍କୁ ପ୍ରବର୍ତ୍ତାଇଥିବା ବିଇଓ ସୂଚନା ପାଇଥିବା ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏହା ସହିତ ତାପସ ଏସ୍‌ବିଆଇ ଲାଇଫ୍‌ର ସମ୍ବନ୍ଧିତ ହେବା ଫଟୋକପି ଏବଂ କ୍ୟାଲେଣ୍ଡର କପିକୁ ବିଇଓ ପ୍ରମାଣ ଭାବେ ଦାଖଲ କରିଛନ୍ତି। ସମସ୍ତ ପ୍ରମାଣ ଓ ତଥ୍ୟ ସହ ନୂଆଗାଁ ବିଇଓ ତଦନ୍ତ ରିପୋର୍ଟ ଦାଖଲ କରିଥିବାବେଳେ ଜିଲ୍ଲା ଶିକ୍ଷା ଅଧିକାରୀ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏବେକାର ସ୍ଥିତିରେ ତାପସ ତାଙ୍କ ନିଜସ୍ୱ ଏଜେଣ୍ଟ କୋଡ୍ ବଦଳରେ ତାଙ୍କ ସମ୍ପର୍କିୟଙ୍କ ନାମରେ ଏକ ଏଜେଣ୍ଟ କୋଡ୍ ବାହାର କରି କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଜିଲ୍ଲା ଶିକ୍ଷା ବିଭାଗରେ କାର୍ଯ୍ୟରତ କର୍ମଚାରୀମାନେ ବୀମା କମ୍ପାନୀ ଏଜେଣ୍ଟ କରି କିମ୍ବା ତାଙ୍କ ସମ୍ପର୍କିୟଙ୍କୁ ଏଜେଣ୍ଟ କରି ଶିକ୍ଷକ, ପେନ୍‌ସନ୍‌ଧାରୀ ଏବଂ ଶିକ୍ଷା କର୍ମଚାରୀଙ୍କୁ ଶୋଷଣ କରୁଥିବାବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ଚୁପ୍ ବସିଥିବା ସମସ୍ତଙ୍କ ଭିତରେ ସନ୍ଦେହ ଦୃଢ଼ୀଭୂତ କରାଉଛି।

ଏଠାରେ ପ୍ରକାଶଯୋଗ୍ୟ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଜିତେନ୍ଦ୍ର କୁମାର ମହାନ୍ତି ନିକଟରେ ନୟାଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟକୁ ବଦଳି ହୋଇଥିଲେ ବି ସେ ତାଙ୍କ ପତ୍ନୀ ଲୀନାରାଣୀ ଖୁଣ୍ଟିଆଙ୍କ ନାମରେ ଏଜେଣ୍ଟ କୋଡ୍ ବାହାର କରି ନିଜେ କାର୍ଯ୍ୟ କରୁଛନ୍ତି। ସେହିଭଳି ନୟାଗଡ଼ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଶିକ୍ଷା ସେବକ ଶୁଭ୍ରା ନିଜ ପତ୍ନୀ ସୋନାଳି ମହାପାତ୍ରଙ୍କ ନାମରେ ଏଜେଣ୍ଟ କୋଡ୍ ବାହାର କରି କାମ କରୁଛନ୍ତି। ଏହା ସହିତ ଗଣିଆ ବ୍ଲକରେ ଶିକ୍ଷକ ପ୍ରଫୁଲ୍ଲ ମିଶ୍ର ତାଙ୍କ ଭାଇ ରମେଶ ମିଶ୍ରଙ୍କ ନାମରେ ଏଜେଣ୍ଟ କୋଡ୍ ବାହାର କରି କାର୍ଯ୍ୟ କରୁଛନ୍ତି। ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ଚିରଞ୍ଜନ ପାଣ୍ଡେଙ୍କୁ ପଚାରିବାରେ, ଆପଣଙ୍କ ପାଖରେ କି ରିପୋର୍ଟ ଲାଗିଛି ମୋତେ ଦିଅନ୍ତୁ ବୋଲି କହିଥିଲେ। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ ରିପୋର୍ଟ ରହିଥିବାବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ରିପୋର୍ଟ ନ ପାଇବା ଆଶ୍ଚର୍ଯ୍ୟଜନକ ମନେହେଉଛି।





**'ସକାଳ' ହାତରେ ଲାଗିଲା ବିଇଓଙ୍କ ତଦନ୍ତ ରିପୋର୍ଟ**
**କାର୍ଯ୍ୟାନୁଷ୍ଠାନ ବଦଳରେ ଫାଇଲ୍ ଚାପିଦେଲେ କି ଡିଇଓ**
**ଭିତିରି କାରବାର ପରେ ସୁରକ୍ଷା ଦିଆଯାଉଥିବା ଚର୍ଚ୍ଚା**

## ● ଚର୍ଚ୍ଚାରେ ଶିମିଳିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

# ନିଶାସେବନ କରି ଶୋଇଛନ୍ତି ସହକାରୀ ଶିକ୍ଷକ

**ବୁଧବାର ନିଲମ୍ବିତ ହୋଇଥିଲେ ପ୍ରଧାନଶିକ୍ଷକ**



ନୟାଗଡ଼,୧୧।୯(ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ଜାକେଡ଼ା ଶିମିଳିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବର୍ତ୍ତମାନ ଜିଲ୍ଲାରେ ଚର୍ଚ୍ଚାରେ ରହିଛି। ବୁଧବାର ପ୍ରଧାନଶିକ୍ଷକ ନିଲମ୍ବନ ହୋଇଥିବାବେଳେ ଗୁରୁବାର ସହକାରୀ ଶିକ୍ଷକ ବିଦ୍ୟାଳୟରେ ସମାନ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟାଳୟକୁ ନିଶାସେବନ କରିଆସୁଥିବା ଏବଂ ମାତ୍ରାଧିକ ଅନୁପସ୍ଥିତ ରହୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଯାହାକୁ ନେଇ ବୁଧବାର ନୂଆଗାଁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜ୍ୟୋତ୍ସ୍ନାରାଣୀ ସେଠୀ ଏବଂ ଜାକେଡ଼ା କ୍ଲଷ୍ଟର ସିଆର୍‌ସିସି ପ୍ରସନ୍ନ କୁମାର ବେହେରା ଅଚାନକ ବିଦ୍ୟାଳୟରେ ପହଞ୍ଚିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ଅର୍ଜୁନ ମଲ୍ଲିକ ମାତ୍ରାଧିକ ନିଶା ସେବନ କରି ବିଦ୍ୟାଳୟ ଚଟାଣରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏବିଇଓ ତାଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ଉଠି ନ ଥିଲେ। ସ୍ଥାନୀୟ ଲୋକେ ଏନେଇ ଏବିଇଓଙ୍କୁ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ଯାହାକୁ ନେଇ ବୁଧବାର ପ୍ରଧାନଶିକ୍ଷକ ଶ୍ରୀ ମଲ୍ଲିକଙ୍କୁ ନିଲମ୍ବନ କରାଯାଇଥିଲା। ଗୁରୁବାର ଉକ୍ତ ବିଦ୍ୟାଳୟର ସହକାରୀ ଶିକ୍ଷକ ଅଚ୍ୟୁତାନନ୍ଦ ଦାଶ ସମାନ ସ୍ଥିତିରେ ବିଦ୍ୟାଳୟ ଚଟାଣରେ ସାର୍ଟ ଖୋଲି ପଡ଼ିଥିବା ଦେଖାଯାଇଥିଲା। ସ୍ଥାନୀୟ ଲୋକେ ସହକାରୀ ଶିକ୍ଷକ ନିଶାସେବନ କରି ଗୁରୁବାର ପଡ଼ିଥିବା ଅଭିଯୋଗ କରିଛନ୍ତି। ଏହାର ଫଟୋ ଭାଇରାଲ ହେଉଥିବାବେଳେ ନୂଆଗାଁ ବିଇଓଙ୍କ ପକ୍ଷରୁ ଏନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ସହକାରୀ ଶିକ୍ଷକ ଜଣକ ନିଶାସେବନ କରି ବିଦ୍ୟାଳୟରେ ପଡ଼ିଥିବା ଅଭିଯୋଗ ହୋଇଛି।

**ମଗରବନ୍ଧ ଗାଁରେ କଙ୍ଗାରୁ କୋର୍ଟ**

# ଘର ଆଗରେ କଣ୍ଟା ପକାଇ ଅବରୋଧ

ନୟାଗଡ଼/ଶରଣକୁଳ,୧୧।୯(ସମିସ): ନୟାଗଡ଼ ଜିଲ୍ଲାରେ କଙ୍ଗାରୁକୋର୍ଟ ମାତ୍ରା କମିବା ପରିବର୍ତ୍ତେ ଦିନକୁ ଦିନ ବୃଦ୍ଧିପାଉଛି। କେଉଁଠି ନିଆଁ-ପାଣି ବାସନ୍ଦ କରାଯାଉଛି ତ ପୁଣି କେଉଁଠି କଙ୍ଗାରୁକୋର୍ଟରେ ଲକ୍ଷାଧିକ ଟଙ୍କା ଜରିମାନା କରାଯାଇ ଗାଁରୁ ବିତାଡ଼ିତ କରାଯାଉଛି। କାହା ଦୁଆରେ ବିଷ୍ଠା ପକାଯାଉଛି ତ ପୁଣି କାହା ଦୁଆରେ କଣ୍ଟା ଛଟାଯାଉଛି। ଏପରି ଏକ ଘଟଣା ଶରଣକୁଳ ଥାନା ଅନ୍ତର୍ଗତ ମଗରବନ୍ଧ ପଞ୍ଚାୟତରେ ଦେଖିବାକୁ ମିଳିଛି। କଙ୍ଗାରୁକୋର୍ଟକୁ ନ ମାନିବାରୁ ଘର ଆଗରେ କଣ୍ଟାଛାଟି ଅବରୋଧ କରିଥିବା ଦେଖିବାକୁ ମିଳିଛି। ମଗରବନ୍ଧ ପଞ୍ଚାୟତ ଅନ୍ତର୍ଗତ ମା' ବୈଷ୍ଣବୀ ଦେବୀ ମନ୍ଦିର ନିକଟରେ ମଗରବନ୍ଧ ଗ୍ରାମ ଗୋଡ଼ିସାହିର ଗୌରାଙ୍ଗ ନାୟକଙ୍କ ନିଜ ନାମରେ ୫୦ ଡିସିମିଲ ଜାଗା ରହିଛି। ଉକ୍ତ ଜାଗାକୁ ତାଙ୍କର ସାନଭାଇ ରମେଶ ନାୟକ ଜୋର୍‌ଜବରଦସ୍ତ ନେବା ପାଇଁ କହିବାରୁ ଏଥିରେ ପରିବାର ଲୋକେ ରାଜି ହୋଇ ନ ଥିଲେ। ଏହି ଘଟଣାରେ ଗ୍ରାମ୍ୟ କମିଟି ହସ୍ତକ୍ଷେପ କରି ଗୁରୁବାର ସକାଳେ ଗ୍ରାମ୍ୟ କମିଟି ସଭାପତି, ସମ୍ପାଦକ ସମେତ ୮ ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଗୌରାଙ୍ଗଙ୍କ ଘରକୁ ଯାଇ ଘରର ଆସବାବପତ୍ର ସହିତ ଭାତହାଣ୍ଡି ଫିଙ୍ଗାଫୋପଡ଼ା କରି ଘର ପାଖରେ ଥିବା କଣିକାବାଡ଼ ଉପାଡ଼ି ଦେଇଥିଲେ। ପରେ ଗାଁର ଶତାଧିକ ବ୍ୟକ୍ତି ଏକଜୁଟ ହୋଇ ଘର ଆଗରେ କଣ୍ଟାଛାଟି ଅବରୋଧ କରିଦେଇଛନ୍ତି। ଯାହା ଫଳରେ ପରିବାର ଲୋକେ ବାହାରକୁ ବାହାରିପାରି ନ ଥିଲେ। ଏନେଇ ଗୌରାଙ୍ଗଙ୍କ ପୁଅ ବଳରାମ ଶରଣକୁଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସ ଉପସ୍ଥିତିରେ ପରିବାର ଲୋକେ ଘର ଆଗରୁ କଣ୍ଟା ବାହାର କରିଥିବା ଜଣାପଡ଼ିଛି। ଶରଣକୁଳ ଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ହେଁ ମାମଲା ରୁଜୁ ହୋଇ ନ ଥିବା ସୂଚନା ମିଳିଛି।



# ସୁସ୍ଥ ନାରୀ ଓ ସଶକ୍ତ ପରିବାର ଅଭିଯାନ ବୈଠକ

ନୟାଗଡ଼,୧୧।୯(ସମିସ): ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୁସ୍ଥ ନାରୀ ଓ ସଶକ୍ତ ପରିବାର ଅଭିଯାନ ବୈଠକ ଅନୁଷ୍ଠିତ ହେଇଥିଲା। ଏହି ଅଭିଯାନ ଆସନ୍ତା ୧୭ ତାରିଖରୁ ଅକ୍ଟୋବର ୨ ପର୍ଯ୍ୟନ୍ତ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ସଠିକ୍ ଭାବରେ ପହଞ୍ଚାଇବା ତଥା ଜିଲ୍ଲାକୁ ରାଜ୍ୟସ୍ତରରେ ଏକ ଉତ୍ତମ ସ୍ଥାନରେ ପହଞ୍ଚାଇବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ଏନେଇ ସମସ୍ତ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଏବଂ ଅନ୍ୟ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ସମସ୍ତ ବୟସ୍କ ମହିଳାଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ ତଥା ପ୍ରାଥମିକ ସ୍ୱାସ୍ଥ୍ୟ ଯାଞ୍ଚ, ପ୍ରତ୍ୟେକ ବ୍ଲକ୍ ଶିବିର ଆୟୋଜନ କରି ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ସଚେତନତା ପ୍ରସାର କରାଯିବ। ମହିଳା ଓ କିଶୋରୀମାନେ ପାଇଁ ରକ୍ତଚାପ, ମଧୁମେହ, ରକ୍ତାହୀନତା, କଷ୍ଟରୋଗ ଏବଂ ସ୍ତନ କର୍କଟ ଯାଞ୍ଚ କରାଯିବ। ସବୁ ଗାଁରେ ପୋଷଣ ଶିବିର ଆୟୋଜନ କରି ସ୍ୱାସ୍ଥ୍ୟ ସହିତ ପୋଷଣ ସଚେତନତା ଉପରେ ଚର୍ଚ୍ଚା କରାଯିବ। ସମସ୍ତ ପରିବାର ମଧ୍ୟରେ ସ୍ୱାସ୍ଥ୍ୟ ସେବାର ଉପଲବ୍ଧତା ବୃଦ୍ଧି କରିବା ପାଇଁ ଏହି ଅଭିଯାନ ନିମିତ୍ତ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ଦାସ, ଅନ୍ୟ ବିଭାଗୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ତଥା ଜାତୀୟ ସ୍ୱାସ୍ଥ୍ୟ ମିଶନ, ସମସ୍ତ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



**ନୋତର ଓଡ଼ିଶା ଆଦର୍ଶ ବିଦ୍ୟାଳୟରୁ ଚାଉଳ ଚୋରି**

# ୨ ଶିକ୍ଷକଙ୍କ ସମେତ ୬ ଜଣ ଗିରଫ

ନୟାଗଡ଼,୧୧।୯(ସମିସ): ନୟାଗଡ଼ ଜିଲ୍ଲା ସଦର ବ୍ଲକ୍ ନୋତର ଓଡ଼ିଶା ଆଦର୍ଶ ବିଦ୍ୟାଳୟରୁ ମଧ୍ୟାହ୍ନ ଭୋଜନ ଚାଉଳ ଚୋରି କରାଯାଉଥିବାବେଳେ ଇଟାମାଟି ଥାନା ପୁଲିସ ୬ ଜଣଙ୍କୁ ଗିରଫ କରିଛି। ବୁଧବାର ବିଳମ୍ବିତ ରାତିରେ ଚାଉଳ ବିଦ୍ୟାଳୟରୁ ବାହାରକୁ ନିଆଯାଉଥିବା ସମ୍ପର୍କରେ ପୁଲିସ ଖବର ପାଇଥିଲା। ଇଟାମାଟି ଥାନା ଅଧିକାରୀ ସଦଳବଳେ ବିଦ୍ୟାଳୟରେ ପହଞ୍ଚିବା ବେଳକୁ ଏକ ଗାଡ଼ିରେ ଚାଉଳ ଲୋଡ୍ କରାଯାଉଥିବା ଦେଖିବାକୁ ମିଳିଥିଲା। ପୁଲିସ ସମସ୍ତଙ୍କୁ ଅଟକ ରଖି ଏନେଇ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଅବଗତ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ତ୍ରିଲୋଚନ ଷଡ଼ଙ୍ଗୀ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଦେଖିବା ପରେ ଥାନାରେ ଏତଲା ଦେଇଥିଲେ। ପୁଲିସ ଚାଉଳବୋଝେଇ ହୋଇଥିବା ଗାଡ଼ିକୁ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ଦୁଇ ଜଣ ଶିକ୍ଷକଙ୍କ ସମେତ ୬ ଜଣଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ପୁଲିସ ୧୩ କ୍ୱିଣ୍ଟାଲ୍ ୫୦ କେଜି ଚାଉଳ ଜବତ କରିଛି। ଘଟଣାରେ ବିଦ୍ୟାଳୟର ୨ଜଣ ଶିକ୍ଷକ, ଜଣେ ଲାବ୍ ଆସିଷ୍ଟାଣ୍ଟ, ଗାଡ଼ି ମାଲିକ, ବେପାରୀ ଏବଂ ଜଣେ ଶ୍ରମିକଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଗିରଫ ଦୁଇ ଶିକ୍ଷକଙ୍କ ମଧ୍ୟରେ ବାଣିଜ୍ୟ ବିଭାଗ ଶିକ୍ଷକ କମଳ ବିକାଶ, କେମେଷ୍ଟ୍ରି ଶିକ୍ଷକ ଅଶୋକ କୁମାର ନାୟକ, ଲାବ୍ ଆସିଷ୍ଟାଣ୍ଟ ନୋତର ଗ୍ରାମର ଜଳଧର ସ୍ୱାଇଁଙ୍କ ପୁଅ ବସନ୍ତ କୁମାର ସ୍ୱାଇଁଙ୍କୁ ପୁଲିସ ଗିରଫ କରିଛି। ଏମାନଙ୍କ ସହିତ ନିକଟସ୍ଥ ଜନୈକ ଡିଲର ଇନ୍ଦ୍ରମଣୀ ସ୍ୱାଇଁ, ପିକ୍‌ଅପ୍ ଭ୍ୟାନ୍ ଡ୍ରାଇଭର ପ୍ରକାଶ ସ୍ୱାଇଁ, ଶ୍ରମିକ ଗୋଲେଖ ବିହାରୀ ପରିଡ଼ାଙ୍କୁ ଗିରଫ କରାଯାଇଛି। ବିଳମ୍ବିତ ରାତିରେ ଏହି ୬ ଜଣ ବିଦ୍ୟାଳୟ ଗୋଦାମରୁ ଚାଉଳ ବସ୍ତାକୁ ବାହାରକୁ ନେବା ପାଇଁ ଗାଡ଼ିରେ ଲୋଡ୍ କରୁଥିବା ସମୟରେ ପୁଲିସ ହାବୁଡ଼ରେ ପଡ଼ିଥିଲେ। ପୁଲିସ ଗୁରୁବାର ୬ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଜିଲ୍ଲା ଶିକ୍ଷା ଅଧିକାରୀ ବିଦ୍ୟାଳୟକୁ ଯାଇ ଘଟଣାର ତଦନ୍ତ ପାଇଁ କମିଟି ଗଠନ କରିଛନ୍ତି। ତଦନ୍ତ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଅଧ୍ୟାପକଙ୍କ ଆଚରଣକୁ ନେଇ ଛାତ୍ର ଅଶାନ୍ତି

**ଫାଟକରେ ତାଲା, ଟାୟାର ଜାଳି ବିକ୍ଷୋଭ**



ଓଡ଼ଗାଁ,୧୧।୯(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟରେ ଛାତ୍ରଙ୍କୁ ଅଶାଳୀନ ଗାଳିଗୁଲଜ କରି ଅପମାନ କରିବା ସହିତ ସର୍ବସମ୍ମୁଖରେ ଉଠ୍‌ବସ୍ କରିଥିବା ପ୍ରତିବାଦରେ ଓଡ଼ଗାଁ କଲେଜର ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମୁଖ୍ୟ ଫାଟକରେ ତାଲା ପକାଇ ଟାୟାର ଜାଳି ଅଧ୍ୟାପକଙ୍କ ବଦଳି ଦାବି କରିଛନ୍ତି। ଗୁରୁବାର ମଧ୍ୟାହ୍ନ ୧୨ଟାରୁ ପ୍ରାୟ ୩ ଘଣ୍ଟା ଧରି କଲେଜ ଫାଟକ ବନ୍ଦ ରହିଥିଲା। ଖବର ପାଇ ଓଡ଼ଗାଁ ଥାନା ଅଧିକାରୀ ଅଭୟ ବେହେରା, ଏଏସ୍‌ଆଇ ମନୋରଞ୍ଜନ ଦେହୁରୀ ଓ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି କଲେଜ ଅଧ୍ୟକ୍ଷ ରାଜକିଶୋର ସାହୁ ଓ ଅନ୍ୟ ବିଭାଗୀୟ ମୁଖ୍ୟ ଅଧ୍ୟାପକଙ୍କ ଉପସ୍ଥିତିରେ ଛାତ୍ରଙ୍କ ସହିତ ଆଲୋଚନା କରିଥିଲେ। ଛାତ୍ରଙ୍କୁ ଅପମାନ ଦେଇଥିବା ସମ୍ପୃକ୍ତ ଅଧ୍ୟାପକ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ବ୍ୟବହାର ଯଦି ଛାତ୍ରଙ୍କୁ କଷ୍ଟ ଦେଇଥାଏ, ସେଥିପାଇଁ ସେ ଦୁଃଖିତ ବୋଲି କହିଥିଲେ। ୩ ମାସ ମଧ୍ୟରେ ସମ୍ପୃକ୍ତ ଅଧ୍ୟାପକଙ୍କୁ ଏଠାରୁ ବଦଳି କରାଯିବ ବୋଲି ପ୍ରତିଶ୍ରୁତି ପାଇବା ପରେ ଛାତ୍ରମାନେ ଧାରଣାରୁ ଓହରି ଯାଇଥିଲେ। ବୁଧବାର ରାଜନୀତି ବିଜ୍ଞାନ ଅଧ୍ୟାପକ ଜଣକ ଶ୍ରେଣୀ କକ୍ଷରେ ଶିକ୍ଷାଦାନ କରୁଥିବାବେଳେ ଅନ୍ୟ ଶ୍ରେଣୀର ଜଣେ ଛାତ୍ର ଏହି କ୍ଲାସ୍ ପରେ ତାଙ୍କର କ୍ଲାସ୍ ହେବ କି ନାହିଁ ପଚାରିବାରୁ ଅଧ୍ୟାପକ ରାଗିଯାଇ ଛାତ୍ରଙ୍କୁ ଅପମାନଜନକ ମନ୍ତବ୍ୟ ଦେବା ସହିତ ବସ୍‌ଉଠ୍ କରିଥିଲେ। ଛାତ୍ର ଜଣକ ଏନେଇ ଗୁରୁବାର ଅଧ୍ୟକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅଧ୍ୟାପକଙ୍କ ବଦଳି ଦାବି ଅଭିଯୋଗ ସମ୍ପର୍କରେ ସବ୍‌କଲେକ୍ଟରଙ୍କୁ ଜଣାଇବା ନିମନ୍ତେ ଅଧ୍ୟକ୍ଷ କହିଥିଲେ। ଅନ୍ୟପକ୍ଷରେ ଅଭିଯୋଗ ସମ୍ପର୍କରେ ଅଧ୍ୟକ୍ଷ ଶାନ୍ତି କମିଟିରେ ଥିବା ୧୪ ବିଭାଗର ମୁଖ୍ୟଙ୍କ ସହିତ କୌଣସି ଆଲୋଚନାର ଶୁଣାଣି ହେବା ପୂର୍ବରୁ ଟାୟାର ଜାଳି ନାରାବାଜି ଦେଇ ଛାତ୍ରଛାତ୍ରୀ ମେଳି ବାନ୍ଧି ତୀବ୍ର ବିକ୍ଷୋଭ ପ୍ରଦର୍ଶନ କରିଥିବା ଜଣାପଡ଼ିଛି।

# ଅଗ୍ନିଶମ ହାବିଲ୍‌ଦାରଙ୍କ ପରଲୋକ



ଭାପୁର,୧୧।୯(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଦମକଳ ଅଫିସରେ କାର୍ଯ୍ୟରତ ଅଗ୍ନିଶମ ବିଭାଗର ଜଣେ ହାବିଲ୍‌ଦାରଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଯାଇଛି। ମୃତକଙ୍କ ନାମ ପ୍ରାଣକୃଷ୍ଣ ସାହୁ। ପ୍ରାଣକୃଷ୍ଣ ମଙ୍ଗଳବାର ଅଫିସରେ ଡ୍ୟୁଟି କରୁଥିବା ସମୟରେ ତାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ଭାପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ହୃଦ୍‌ଘାତ ହୋଇଥିବା କହିବା ସହ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରିଥିଲେ। ସେ ଭୁବନେଶ୍ୱର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସମୟରେ ବୁଧବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କ ମରଶରୀରକୁ ଭାପୁର ଦମକଳ କେନ୍ଦ୍ରକୁ ଅଣାଯାଇ ଦମକଳ କେନ୍ଦ୍ରର ଅଧିକାରୀ ନୀଳକଣ୍ଠ ମହାନ୍ତି ଓ ଅନ୍ୟମାନେ ମିଳିତ ହୋଇ ଗୁରୁବାର ସକାଳେ ଗାର୍ଡ ଅଫ୍ ଅନର ପ୍ରଦାନ କରିଥିଲେ। ଏହାପରେ ତାଙ୍କ ପାର୍ଥିବ ଶରୀରକୁ ତାଙ୍କ ଜନ୍ମମାଟି କଟକ ଜିଲ୍ଲା ନରସିଂହପୁର ଥାନା ସାଗର ଗାଁକୁ ପଠାଯାଇଥିଲା। ସେଠାରେ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସେ ଜଣ ଭଦ୍ର ଓ ଅମାୟିକ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଭାପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଦୁର୍ଘଟଣାରେ ଆଇନଜୀବୀଙ୍କ ମୃତ୍ୟୁ



ଭାପୁର,୧୧।୯(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ଗୋଳାପୋଖରୀ ପଞ୍ଚାୟତ ତରବାଲୋ ଗ୍ରାମର ଶିକ୍ଷକ ନେତା ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ପରମଗୁରୁଙ୍କ ବଡ଼ପୁଅ ସୁପ୍ରିମକୋର୍ଟ ଆଇନଜୀବୀ ବିଶ୍ୱରଞ୍ଜନ ପରମଗୁରୁ(୪୦)ଙ୍କ ସଡ଼କ ଦୁର୍ଘଟଣାରେ ଅକାଳ ବିୟୋଗ ହୋଇଯାଇଛି। ବୁଧବାର ବିଶ୍ୱରଞ୍ଜନ ନିଜ ମଝିଆଁ ଭାଇକୁ ଦିଲ୍ଲୀ ଯିବା ପାଇଁ ଭୁବନେଶ୍ୱର ବିମାନ ବନ୍ଦରରେ ଛାଡ଼ି ନିଜର ଅନ୍ୟ କାମ ସାରି ବାଇକ୍‌ରେ ଘରକୁ ଫେରୁଥିଲେ। ଅପରାହ୍ଣ ୪ଟା ସମୟରେ ଗଡ଼ଖୋର୍ଦ୍ଧାଠାରେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା। ଗୁରୁବାର ଶବ ବ୍ୟବଚ୍ଛେଦ ପରେ ମଧ୍ୟାହ୍ନରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କର ଗୋଟିଏ ୭ ବର୍ଷର ଝିଅ ରହିଛି। ମୃତ ବିଶ୍ୱରଞ୍ଜନ ପରମଗୁରୁ ଦେଶର ପ୍ରଖ୍ୟାତ ଆଡ୍‌ଭୋକେଟ ରାମ ଜେଠମାଳିନୀଙ୍କ ଶିଷ୍ୟ ଥିଲେ। ବିଶ୍ୱରଞ୍ଜନ ଜଙ୍ଗଲ ଓ ପରିବେଶ ନେଇ ସୁପ୍ରିମକୋର୍ଟରେ କେତେକ ମାମଲା ଲଢ଼ି ବେଶ୍ ସୁନାମ ଅର୍ଜନ କରିଥିଲେ। ଖବର ଶୁଣି ଶହ ଶହ ଲୋକ ତରବାଲୋ ଗ୍ରାମରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ।

# ଗିରଫ ଦୁଇ ଅଭିଯୁକ୍ତ କୋର୍ଟ ଚାଲାଣ

ଭାପୁର,୧୧।୯(ସମିସ): ଗଞ୍ଜେଇ ଚୋରା ଚାଲାଣବେଳେ ଗିରଫ ହୋଇଥିବା ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ଗଣିଆ ପୁଲିସ। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ବୁଧବାର କନ୍ଧମାଳରୁ ଗଞ୍ଜେଇ ଆଣି ଆସୁଥିବାବେଳେ ଗଣିଆ ବ୍ଲକ୍ ମା' କଳାପାଟ ପୀଠ ନିକଟରୁ ଦୁଇଜଣଙ୍କୁ ଗିରଫ କରିଥିଲା ଗଣିଆ ପୁଲିସ। ଗିରଫ ଅଭିଯୁକ୍ତ ଯୁଧିଷ୍ଠିର ରଣାଙ୍କ ଘର ବାଲୁଗାଁ ହୋଇଥିବାବେଳେ ସେ ଯାଜପୁରର ଉଦୟପୁରଠାରେ ରହୁଥିବାବେଳେ ଅନ୍ୟ ଅଭିଯୁକ୍ତ ଅଭୟ ଜେନାଙ୍କ ଘର ଯାଜପୁରର ବ୍ରହ୍ମବରଦା ବୋଲି ଜଣାପଡ଼ିଛି। ଦୁଇଟି ବ୍ୟାଗ୍‌ରୁ ୨୦ କିଲୋ ୧୦୦ ଗ୍ରାମ୍ ଗଞ୍ଜେଇ ଜବତ କରାଯିବା ସହିତ ଗଞ୍ଜେଇ ଚାଲାଣରେ ବ୍ୟବହୃତ ନୀଳ ରଙ୍ଗର ପଲ୍‌ସର ବାଇକ୍‌ଟିକୁ ମଧ୍ୟ ପୁଲିସ ଜବତ କରିଛି। କନ୍ଧମାଳ ଗଞ୍ଜେଇ ବେପାରୀଙ୍କ ଚରାଭୂଇଁ ପାଲଟିଥିବାବେଳେ ଦଶପଲ୍ଲା-ଗଣିଆ ରାସ୍ତା ସେମାନଙ୍କ ପାଇଁ ସେଭ୍ ଜୋନ୍ ସାବ୍ୟସ୍ତ ହୋଇଛି। ଧରାପଡୁଥିବା ବେପାରୀଙ୍କ ଅପେକ୍ଷା ଖସି ପଳାଉଥିବା ବେପାରୀଙ୍କ ସଂଖ୍ୟା ବହୁ ଅଧିକ। ତେବେ ପୁଲିସ ମହାନିର୍ଦ୍ଦେଶକଙ୍କ ଅପରେସନ ପ୍ରହାର ଫଳରେ ଆଗାମୀ ଦିନରେ ଚୋରା ବେପାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା ପ୍ରକାଶ କରିଛନ୍ତି।

# ମା' ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

ଖଣ୍ଡପଡ଼ା,୧୧।୯(ସମିସ): ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ୨୦୦୬ ବ୍ୟାଚ୍ ମାଟ୍ରିକ୍ ସହପାଠୀମାନେ ପ୍ରତିବର୍ଷ ମା' ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ପାଳନ କରି ଆସୁଥିବାବେଳେ ଚଳିତ ବର୍ଷ ଏଥିନିମନ୍ତେ ଏକ ପ୍ରସ୍ତୁତି ବୈଠକ ମା' ଉମାଦେବୀଙ୍କ ମନ୍ଦିର ପରିସରରେ ସହପାଠୀ ରାଜ କିଶୋର ସାହୁଙ୍କ ଆବାହକତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୨୦ରୁ ଉର୍ଦ୍ଧ୍ୱ ସହପାଠୀ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ। ଚଳିତ ବର୍ଷ ମା' ଗଜଲକ୍ଷ୍ମୀଙ୍କ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

# ଜନଆରୋଗ୍ୟ ସମିତି ବୈଠକ

ଗଣିଆ,୧୧।୯(ସମିସ): ଗଣିଆ ବ୍ଲକ୍ ଆଡ଼କଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜନଆରୋଗ୍ୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ନରେଶ କୁମାର ବେହେରା, ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମଧୁସୂଦନ ଦାସ, ସରପଞ୍ଚ ସୁଭାଷିନୀ ବାରିକି, ଡାକ୍ତର ସୁନିଲ କୁମାର, କମଳା ମହାରଣାଙ୍କ ସମେତ ସମିତିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ପ୍ରତିକ୍ଷାଳୟ ନିର୍ମାଣ କରିବାକୁ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆଉ ଗୋଟିଏ ବୋରିଂ ନିର୍ମାଣ କରିବାକୁ ସଦସ୍ୟମାନେ ଜଣାଇଥିଲେ। ଏଠାରେ ସିସିଟିଭି ଲଗାଇବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

**ପ୍ରଶାସନିକ ଅବହେଳାର ଶିକାର ହାତୀଦାନ୍ତ କାଷ୍ଠ କାରିଗରୀ ଶିଳ୍ପ**

# ଦୀର୍ଘ ବର୍ଷ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ସମିତି ଗୃହ

ଖଣ୍ଡପଡ଼ା,୧୧।୯(ସମିସ)





ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ୍ ବିଭିନ୍ନ କୁଶଳୀ କାରିଗରଙ୍କ କୁଟୀରଶିଳ୍ପ କାରୁକାର୍ଯ୍ୟ ପାଇଁ ଖ୍ୟାତିଲାଭ କରିଥିବାବେଳେ ବହୁ ପୁରାତନ ହାତୀଦାନ୍ତ କାଷ୍ଠ ହସ୍ତଶିଳ୍ପ ସଂସ୍ଥା ଏବେ ରୁଗ୍‌ଣ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ବିଭିନ୍ନ ମୌଳିକ ସମସ୍ୟା ଯୋଗୁଁ ଦୀର୍ଘ ବର୍ଷର ସୋସାଇଟି ଗୃହଟି ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି।

ଉଲ୍ଲେଖଯୋଗ୍ୟ ଯେ, ୧୯୫୩ ମସିହାରେ ଖଣ୍ଡପଡ଼ାରେ ପ୍ରତିଷ୍ଠା ହୋଇଥିବା ହାତୀଦାନ୍ତ କାଷ୍ଠ କାରିଗରୀ ବିକ୍ରି ସହଯୋଗ ସମିତି ଏବେ ନାନା ପ୍ରକାର ସମସ୍ୟା ଦେଇ ଗତି କରୁଥିବା ସଭ୍ୟମାନେ ଅଭିଯୋଗ କରିଛନ୍ତି। ସେମାନଙ୍କ କହିବା କଥା ହେଲା ହାତୀଦାନ୍ତ କାଷ୍ଠ କାରିଗରୀ କ୍ଷୁଦ୍ର ଶିଳ୍ପ ସମିତିରେ ପ୍ରାୟ ୧୫ଟି ପରିବାର କାର୍ଯ୍ୟ କରି ନିଜର ପେଟ ପୋଷୁଛନ୍ତି। ମାତ୍ର ସେମାନଙ୍କ ପାଇଁ ଭିତ୍ତିଭୂମି ଏବଂ ବିଭିନ୍ନ ଆନୁଷଙ୍ଗିକ ପ୍ରୋତ୍ସାହନ ସୁବିଧା ନ ଥିବାରୁ ଏହି କ୍ଷୁଦ୍ରଶିଳ୍ପକୁ ଆଗକୁ ନେବାରେ ସକ୍ଷମ ହେଉ ନ ଥିବା ନେଇ ଅଭିଯୋଗ ହୋଇଛି। ପ୍ରାୟ ୭୦ବର୍ଷରୁ ଉର୍ଦ୍ଧ୍ୱ ସମୟଧରି ବଂଶାନୁକ୍ରମେ ଏହି କୌଳିକ ବୃତ୍ତିକୁ ଆପଣାଇଥିବା ଯୁବକମାନେ ଆବଶ୍ୟକ ଅନୁଯାୟୀ କାର୍ଯ୍ୟ ନ ମିଳିବାରୁ ହତୋତ୍ସାହିତ ହୋଇପଡ଼ିଛନ୍ତି। କେବଳ କୂଳବେଉସା ଓ କାଷ୍ଠ କାରିଗରୀ କାମକୁ ବଞ୍ଚାଇ ରଖିବା ପାଇଁ କିଛି ପରିବାର ନିଜକୁ ଏହି କାର୍ଯ୍ୟରେ ନିୟୋଜିତ କରିଥିବା ଜଣାପଡ଼ିଛି। ବିଶେଷକରି ଗମ୍ଭାରୀ, କୋରୁଆଁ, ଆକାଶିଆ, କଟ୍ରାଙ୍ଗ, କୁରୁମ, ଶିଶୁ ଆଦି କାଠରେ ଫୁଲଦାନି, ଚୁଡ଼ି ଷ୍ଟାଣ୍ଡ, ଧୂପଦାନୀ, ସିନ୍ଦୂର ଫରୁଆ, ଚଢ଼େଇ, ବଗବଗୁଲି, ମୟୂର, ଚିଙ୍ଗୁଡ଼ି, ମାଛ, ହାତୀ, ଗଛ ଆଦିର ସୁନ୍ଦର କାରୁକାର୍ଯ୍ୟ କରୁଥିବା ଜଣାପଡ଼ିଛି। ଏତଦ୍‌ବ୍ୟତୀତ ମୂଲ୍ୟବାନ ସିଙ୍ଗରେ ବିଭିନ୍ନ ପ୍ରକାର ପାନିଆ, ଚଢ଼େଇ, ଫୁଲଦାନି ଭଳି ଆଖିଦୃଶିଆ କାରୁକାର୍ଯ୍ୟ ହେଉଥିଲେ ମଧ୍ୟ ଏସବୁ ପାଇଁ କଞ୍ଚାମାଲ୍‌ର ଅଭାବ ଥିବା କାରିଗରମାନେ କ୍ଷୋଭର ସହ କହିଛନ୍ତି। ଅନ୍ୟପକ୍ଷରେ କାଠର ମୂଲ୍ୟ ଅହେତୁକ ବୃଦ୍ଧିପାଇଥିବାରୁ କାରିଗର ମୁଣ୍ଡରେ ହାତ ଦେଇ ବସିଛନ୍ତି। ସେହିପରି ପାରମ୍ପରିକ ହତିଆର ଯଥା- ବଟାଳି, ବାରିସି, କରତ, ନିହାଣ ଆଦିରେ କାମ କରିବା ଯୋଗୁଁ ଅଧିକ ସମୟ ସହ କାଠ ମଧ୍ୟ ଅପଚୟ ହେଉଛି। ଏହି ଅସୁବିଧା ଦୂର କରିବା ନିମନ୍ତେ ଆଧୁନିକ ମେସିନ୍ ତଥା ପ୍ରଶିକ୍ଷଣ ସହ ଆର୍ଥିକ ସହାୟତା ମିଳିପାରିଲେ ଏମାନେ ବହୁ ଆଗକୁ ବଢ଼ିପାରନ୍ତେ ବୋଲି ପ୍ରତିକ୍ରିୟା ରଖିଛନ୍ତି। ଅନ୍ୟପକ୍ଷରେ ଗୋଟିଏ ସ୍ଥାନରେ ବସି ଉକ୍ତ ଜିନିଷ ସବୁ ତିଆରି କରିବା ନିମନ୍ତେ ଘର ଅଭାବ ପ୍ରମୁଖ ସମସ୍ୟା। କାରଣ ଦୀର୍ଘ ବର୍ଷର ସୋସାଇଟି ଗୃହଟି ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କଲେ ଏହି କୁଟୀରଶିଳ୍ପ ବଞ୍ଚିରହିବା ସଙ୍ଗେ ସଙ୍ଗେ ବହୁ କାରିଗର ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ।

● ବିଲରୁ ଗାଈ ଘଉଡ଼ିବାରୁ ମରଣାନ୍ତକ ଆକ୍ରମଣ

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରିଲେ ଗ୍ରାମବାସୀ

ଖୋର୍ଦ୍ଧା,୧୧।୯ (ସମିସ): ବିଲରେ ଗାଇ ପଶି ଧାନ ଖାଇବାକୁ କେନ୍ଦ୍ରକରି ଚାଷୀଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି କେତେକ ଯୁବକ। ଏଥିରେ ଚାଷୀ ଗୁରୁତର ଆହତ ହୋଇଛନ୍ତି। ଚାଷୀ ଜଣକ ହେଲେ ଆଦର୍ଶ ଥାନା ଅନ୍ତର୍ଗତ ଜାଗୁଳିପାଟଣା ଗ୍ରାମର ଲୋକନାଥ ପ୍ରଧାନ। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ଗ୍ରାମବାସୀ ଆଦର୍ଶ ଥାନା ଘେରଉ କରିଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ଚଳିତ ବର୍ଷ ଚାଷୀ ବହୁ ବାଧାବିଘ୍ନ ସତ୍ତ୍ୱେ ଧାନ ଫସଲ କରିଛି। ମାତ୍ର ଚାଷୀ ଉପରେ ଗାଈଗୋରୁ, ବାର୍ହା ପ୍ରଭୃତି ଦାଉ ସାଧୁଛନ୍ତି। ଗତ ୮ତାରିଖ ରାତି ସାଢ଼େ ୯ଟା ସମୟରେ ଜାଗୁଳିପାଟଣା ଗ୍ରାମର ଲୋକନାଥ ପ୍ରଧାନଙ୍କ ଜମିରେ ଗାଈ ଧାନ ଖାଉଥିବାରେ ଦେଖି ସେ ଗାଈକୁ ବିଲରୁ ଉପରକୁ ଘଉଡ଼ି ଘରକୁ ଆସିଥିଲେ। ପରେ ସେ କୌଣସି କାମରେ ରାସ୍ତାରେ ଯାଉଥିବାବେଳେ ନିକଟସ୍ଥ ଗ୍ରାମ ମୁସ୍‌ଲିମ ସାହିର ୩ ଜଣ ଯୁବକ କାହିଁକି ଗାଈ ଘଉଡ଼ିଲ ବୋଲି କହି ଗାଳିଗୁଲଜ କରିଥିଲେ। ବଚସାରୁ ଏହା ଉଗ୍ରରୂପ ଧାରଣ କରିଥିଲା। ଉକ୍ତ ଯୁବକ ୩ ଜଣ ଲୋକନାଥଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡ ଫାଟିଥିବାବେଳେ ଫୋନ୍‌ରେ ଅନ୍ୟ ୧୦-୧୨ଜଣ ସହଯୋଗୀଙ୍କୁ ଡାକି ପୁନର୍ବାର ଆକ୍ରମଣ କରିଥିଲେ। ଏଥିରେ ଅନ୍ୟଜଣେ ସୁବାସ ପ୍ରଧାନଙ୍କ ଦୋକାନ ଘର ଭାଙ୍ଗିବା ସହ ମାନସ ବେହେରାଙ୍କ ମୋବାଇଲକୁ ଉକ୍ତ ଯୁବକମାନେ ଛଡ଼ାଇନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଉପରେ ପୁଲିସ ବିଏନ୍‌ଏସ୍ ୧୨୬(୨), ୧୧୫(୨), ୩୦୩(୨), ୩୨୪(୪), ୩୫୧(୩) ଓ ୩(୫)ରେ ୩୯୪/୨୫ରେ ଏକ ମାମଲା ରୁଜୁ କରିଛି। କିନ୍ତୁ ଅଭିଯୁକ୍ତ ଗିରଫ ନ ହେବାରୁ ଗ୍ରାମର ଶତାଧିକ ଲୋକ ଗୁରୁବାର କିଛି ସମୟ ପାଇଁ ଆଦର୍ଶ ଥାନା ଘେରଉ କରିଥିଲେ। ପରେ ଏକ ପ୍ରତିନିଧିମଣ୍ଡଳୀ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ସହ ଆଲୋଚନା କରିଥିଲେ। ଅଭିଯୋଗ ଉପରେ ମାମଲା ରୁଜୁ ହୋଇଛି। ଭ୍ୟାନ୍ ବୁଲୁଛି, ଅଭିଯୁକ୍ତମାନେ ଫେରାର୍ ରହିଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବାରେ ଗ୍ରାମବାସୀ ଫେରିଥିବା ଜଣାଯାଇଛି।

## ୨୦୦୦ ଲିଟର ମଦ ଓ ଗାଡ଼ି ଜବତ

ଜଟଣୀ,୧୧।୯ (ସମିସ): ଜଟଣୀ ଥାନା ଅନ୍ତର୍ଗତ ଖୁଦୁପୁର ଅଞ୍ଚଳରୁ ବେଆଇନ ଭାବେ ଦେଶୀ ମଦ ଚାଲାଣ ହେଉଥିବା ଘଟଣାରେ ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ଖୋର୍ଦ୍ଧା ମୁକୁନ୍ଦପ୍ରସାଦର କାହ୍ନୁ ଚରଣ ବେହେରା (୩୩)। ତା' ହେପାଜତରୁ ଏକ ଗାଡ଼ିରୁ ୪୦୦ କାର୍ଟୁନ୍ ଅର୍ଥାତ୍ ୨୦୦୦ ଲିଟର ଦେଶୀ ମଦ ଜବତ କରିଛି ପୁଲିସ। ସୂଚନାଯୋଗ୍ୟ ଯେ, ଦେଶୀ ମଦ ଚୋରା ଚାଲାଣ ହେଉଥିବା ଖବର ପାଇ ଥାନା ଏଏସ୍‌ଆଇ ରାଜୀବ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଟିମ୍ ଖୁଦୁପୁର ଛକ ନିକଟରେ ଚଢ଼ଉ କରିଥିଲେ। ଚାଲାଣ ହେଉଥିବା ଏକ ବଡ଼ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲେ। ଗାଡ଼ିରେ ପେଟି ପେଟି ମଦ ଥିବା ଜାଣି ଡ୍ରାଇଭର ସହ ଗାଡ଼ିକୁ ଅଟକ ରଖିଥିଲା ପୁଲିସ। ଅଧିକ ପଚରାଉଚରା ବେଳେ ଅଭିଯୁକ୍ତ ଦେଶୀ ମଦକୁ କୋଣାର୍କ ଅଞ୍ଚଳକୁ ଚାଲାଣ କରୁଥିବା ଜଣାପଡ଼ିଛି। ଏ ନେଇ ଥାନାରେ ଏକ କେସ୍ (ନଂ ୪୨୪/୨୫)ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।




## ଦୁଇ ଯୁବକଙ୍କୁ ଉଠାଇନେଇ ମରଣାନ୍ତକ ଆକ୍ରମଣ

ଖୋର୍ଦ୍ଧା,୧୧।୯ (ସମିସ): ବୋଲଗଡ଼ ଥାନା ହାଟବସ୍ତ ଗ୍ରାମଠାରୁ ସ୍ଥାନୀୟ ଅଞ୍ଚଳର ବଡ଼କୁମାରୀ ଗ୍ରାମର ଦୁଇଜଣ ଯୁବକଙ୍କୁ ବୁଧବାର ରାତିରେ ୫ଟି ବାଇକ୍‌ରେ ଆସି ଅପହରଣ କରିନେଇ ମରଣାନ୍ତକ ଆକ୍ରମଣ କରିଥିବା ଜଣାଯାଇଛି। ବୋଲଗଡ଼ ଥାନା ନିରୀକ୍ଷିକା ସ୍ନିଗ୍ଧାମୟୀ ବରାଳଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ଏଥିରେ ଗୁରୁତର ଦୁଇ ଯୁବକ ହେଉଛନ୍ତି ବଡ଼କୁମାରି ଗାଁର ମାନସ ଜେନା ଓ ଟୁଲୁ ପରିଡ଼ା। ଉଭୟଙ୍କୁ ମରଣାସ୍ତ୍ରରେ ଆକ୍ରମଣ ହୋଇଥିବା ସୂଚନା ମିଳିଛି। ଉଭୟଙ୍କ ଦେହରେ ଗଭୀର କ୍ଷତ ହୋଇଛି। ଦୁହିଁଙ୍କୁ ସ୍ଥାନୀୟ ପଲିସ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲା। ପରେ ସେମାନଙ୍କୁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି। ଶ୍ରୀମତୀ ବରାଳଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ହାଟବସ୍ତଠାରୁ ଦୁଇ ଯୁବକଙ୍କୁ ଅପହରଣ ହୋଇଥିବା ଖବର ପାଇ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ପିଛା କରି ଫତେଗଡ଼ ଥାନା ଅଞ୍ଚଳ ବାଲିଆପଟା ଗ୍ରାମ ନିକଟରୁ ଗୁରୁତର ଅବସ୍ଥାରେ ମାନସ ଏବଂ ଟୁଲୁଙ୍କୁ ଉଦ୍ଧାର କରିଥିଲେ। ମାନସଙ୍କ ଭାଇ ନିହାର ଜେନାଙ୍କ ଅଭିଯୋଗକୁ ଆଧାରକରି ପୁଲିସ ଦୁଇ ଜଣଙ୍କୁ ଥାନାରେ ଅଟକ ରଖି ପଚାରାଉଚରା ଚଳାଇଛି।

## ଚିଲିକା କେଭିରେ ଛାତ୍ରଛାତ୍ରୀଙ୍କ ବୃକ୍ଷରୋପଣ

ବାଲୁଗାଁ,୧୧।୯ (ସମିସ): ଭାରତୀୟନୌସେନା ତାଲିମ କେନ୍ଦ୍ର ଚିଲିକା ପରିସରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ(କେଭି) ରେ ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ବୃକ୍ଷରୋପଣ କରାଯାଇଛି। ଏହାଦ୍ୱାରା ମୃତ୍ତିକା ସଂରକ୍ଷଣ ସହ ପରିବେଶ ସନ୍ତୁଳନକୁ ପ୍ରାଧାନ୍ୟ ଦେଇ ବିଦ୍ୟାଳୟ ପରିସରରେ ଶିକ୍ଷକ ଓ ଛାତ୍ରଛାତ୍ରୀ ବିଭିନ୍ନ ପ୍ରଜାତିର ଚାରାରୋପଣ କରିବା ସହ ସମସ୍ତେ ଗୋଟିଏ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେବାକୁ ଶପଥ ନେଇଥିଲେ। ଛାତ୍ରଛାତ୍ରୀ ଏହିଭଳି କାର୍ଯ୍ୟକ୍ରମରେ ସାମିଲ୍ ହୋଇ ପରିବେଶ ସୁରକ୍ଷା ଦିଗରେ ପ୍ରଚେଷ୍ଟା କରିବା ପାଇଁ ପ୍ରୋତ୍ସାହିତ କରାଯାଉଛି।

# ଡମଣଭୂମିରେ ୩୫ ଛାତ୍ରଛାତ୍ରୀ ଜଣ୍ଡିସ୍ ଆକ୍ରାନ୍ତ

ନିରାକାରପୁର,୧୧।୯ (ସମିସ): କିଛିଦିନ ହେବ ଖୋର୍ଦ୍ଧା ଜିଲ୍ଲା ଓଳସିଂହ ପଞ୍ଚାୟତ ଡମଣଭୂମି ଗ୍ରାମରେ ଜଣ୍ଡିସ୍ ରୋଗ ବ୍ୟାପୁଥିବା ଜଣାପଡ଼ିବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। କ୍ଲୋରିନେଶନଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟକର୍ମୀମାନେ ସ୍ୱାସ୍ଥ୍ୟ ପରୀକ୍ଷା କରିବା, ଔଷଧ ବଣ୍ଟନ କରିବା, ବିଶୁଦ୍ଧ ପାଣି ପିଇବା ପାଇଁ ସଚେତନ କରିବା ସହିତ ପରାମର୍ଶ ଦେଉଥିବା ଦେଖାଦେଇଛି। ଡମଣଭୂମି ନୋଡାଲ ଉଚ୍ଚ ବିଦ୍ୟାଳୟର ୩୫ ଜଣ ଛାତ୍ରଛାତ୍ରୀଙ୍କ ନିକଟରେ ଜଣ୍ଡିସ୍ ରୋଗ ଲକ୍ଷଣ ଜଣାପଡ଼ିବା ପରେ ଚିକିତ୍ସା ଆରମ୍ଭ



ପଞ୍ଚାୟତରେ ଯୋଗାଣ ହେଉଥିବା ପାଇପ୍‌ଜଳ ଗ୍ରାମ୍ୟ ଜଳଯୋଗାଣ ବିଭାଗ ତରଫରୁ

● ସ୍ୱାସ୍ଥ୍ୟ ବିଭାଗର ତତ୍ପରତା; ବିଶୋଧନ କରାଯାଉଛି ପାନୀୟଜଳ
● ଏମ୍‌ସ ଡାକ୍ତରୀ ଦଳର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ

ବିଶୋଧନ କରାଯାଇ ଛଡ଼ାଯାଉଛି। ପାଣିରେ କୌଣସି ଅସୁବିଧା ଥିବା ଆଶାରେ ବିଭାଗୀୟ ଅଧିକାରୀଙ୍କୁ ପରୀକ୍ଷା ପାଇଁ କୁହାଯିବା ସହିତ ଗ୍ରାମରେ ବିକ୍ରି କରୁଥିବା ଗୁପ୍‌ଚୁପ୍, ଦହିବରା ବେପାରୀଙ୍କୁ ବାରଣ କରାଯାଇଛି। ବିଦ୍ୟାଳୟ ତରଫରୁ ସ୍ୱାସ୍ଥ୍ୟ ବିଭାଗକୁ ଚିଠି କରିବା ପରେ ବୁଧବାର ଏମ୍‌ସର ଏକ ଡାକ୍ତରୀ ଦଳ, ଟାଙ୍ଗୀ ପିଏଚ୍‌ଓ ଝୁମାରାଣୀ ଚକ୍ରବର୍ତ୍ତୀ ଓ ସ୍ଥାୟୀ ସ୍ୱାସ୍ଥ୍ୟ କର୍ମୀ, ଆଶାକର୍ମୀ ଆସି ଆକ୍ରାନ୍ତ ଛାତ୍ରଛାତ୍ରୀଙ୍କ ସମେତ ଅନ୍ୟ କିଛି ଛାତ୍ରଛାତ୍ରୀଙ୍କୁ ପରୀକ୍ଷା କରିଥିଲେ। ଓଳସିଂହ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର କିନାରା ମହାନ୍ତି କହିଛନ୍ତି, ପାଣି ଯୋଗୁଁ ଏହି ଜଣ୍ଡିସ୍ ରୋଗ ହୋଇଥିବା ସନ୍ଦେହ କରାଯାଉଛି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବୃକ୍ଷରୋପଣ



ଜଟଣୀ,୧୧।୯ (ସମିସ): ଓଡ଼ିଶା ପରିବେଶ ସମିତି (ଓଇଏସ୍) ଏବଂ ଇଣ୍ଡିଆନ ବ୍ୟାଙ୍କ୍ ଭୁବନେଶ୍ୱର କ୍ଷେତ୍ର କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଜଟଣୀ ଷଣ୍ଢପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଏକ ପରିବେଶ କାର୍ଯ୍ୟକ୍ରମ ଓ ବୃକ୍ଷରୋପଣ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର କାର୍ଯ୍ୟକାରୀ ଅଧକ୍ଷା ଲୋପାମୁଦ୍ରା ପ୍ରିୟଦର୍ଶିନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ର କାର୍ଯ୍ୟାଳୟର ଡିଜିଏମ୍ ରଣୟ ସିଂହ, ଅନ୍ୟତମ ଅତିଥି ଭାବେ ଏଜିଏମ୍ ମନୋରଞ୍ଜନ ସେଠୀ ଯୋଗଦେଇଥିଲେ। ଏଥିସହ ଓଇଏସ୍ କାର୍ଯ୍ୟକାରୀ ସଭାପତି ଜୟକୃଷ୍ଣ ପାଣିଗ୍ରାହୀ, ଉପସଭାପତି ଲାଲା ଏକେ ସିଂହ, ସମ୍ପାଦକ ମନୋରଞ୍ଜନ ମିଶ୍ର, ସଂଯୋଜକ ନିରଦ ବରଣ ଖୁଣ୍ଟିଆ, ସଦସ୍ୟ ନିମାଇଁ ଚରଣ ମିଶ୍ର, ବିଶ୍ୱନାଥ ପୁହାଣ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ପିଜିଟି ହରେକୃଷ୍ଣ ମହାପାତ୍ର, ମିନତୀ ମହାପାତ୍ର ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୂର୍ବରୁ ପରିବେଶ ପ୍ରସଙ୍ଗ ଉପରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ଦିଆଯାଇଥିଲା।

ଚିଲିକାକୁ ଉପଖଣ୍ଡ ମାନ୍ୟତା ଦାବି

## ଆଇନ ମନ୍ତ୍ରୀଙ୍କୁ ଭେଟିଲେ ବିକାଶ ପରିଷଦ ସଦସ୍ୟ

ଚିଲିକା,୧୧।୯ (ସମିସ): ଚିଲିକାକୁ ଉପଖଣ୍ଡ ମାନ୍ୟତା ଦାବି ନେଇ "ଚିଲିକା ଆଞ୍ଚଳିକ ବିକାଶ ପରିଷଦ'ର ସଦସ୍ୟମାନେ ସ୍ଥାନୀୟ ବିଧାୟକ ତଥା ପୂର୍ତ୍ତ, ଅବକାରୀ ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭୁବନେଶ୍ୱରସ୍ଥ ସରକାରୀ ବାସଭବନଠାରେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପରିଷଦର ସଦସ୍ୟମାନେ ମନ୍ତ୍ରୀଙ୍କୁ ଭେଟି ଉପଖଣ୍ଡ କାର୍ଯ୍ୟାଳୟ ଚିଲିକା ବ୍ଲକ୍‌ଠାରେ ହେଲେ ଏହା ଟାଙ୍ଗୀ, ଚିଲିକା ଓ ବାଣପୁର ବ୍ଲକ୍‌ର କେନ୍ଦ୍ରସ୍ଥଳୀ ହେବ। ତତ୍‌ସହିତ କାର୍ଯ୍ୟାଳୟ ନିମନ୍ତେ ଆବଶ୍ୟକୀୟ ସରକାରୀ ଜମି, ଗମନାଗମନ ପାଇଁ ରେଳ ଓ ସଡ଼କପଥର ସମସ୍ତ ସୁବିଧା ଥିବାରୁ ଉପଖଣ୍ଡ ଅଧୀନରେ ଆସୁଥିବା ତିନିଟି ବ୍ଲକ୍‌ର ଜନସାଧାରଣ ଉପକୃତ ହୋଇପାରିବେ ବୋଲି ପ୍ରତିନିଧି ମଣ୍ଡଳୀ ଆଇନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମନ୍ତ୍ରୀ ଦାବିପତ୍ରକୁ ଗ୍ରହଣ କରିବା ସହ ପ୍ରଶାସନିକ ଦୃଷ୍ଟିରୁ ଯେଉଁ ସ୍ଥାନଟି ଠିକ୍ ହେବ ସେଠାରେ ଉପଖଣ୍ଡ କାର୍ଯ୍ୟାଳୟ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଚିଲିକାରେ ଉପଖଣ୍ଡ ଦାବି ବ୍ୟତୀତ ଚିଲିକା ଆଞ୍ଚଳିକ ବିକାଶ ପରିଷଦ ତରଫରୁ ଚିଲିକା ଅଞ୍ଚଳର ଉନ୍ନତି ନିମନ୍ତେ ଅନ୍ୟାନ୍ୟ ଦାବି ଉପସ୍ଥାପନ କରାଯାଇଥିଲା।



ଉକ୍ତ ଆଲୋଚନାରେ ଚିଲିକା ଆଞ୍ଚଳିକ ବିକାଶ ପରିଷଦର ସଭାପତି ଆଡ୍‌ଭୋକେଟ୍ ଦେବାଶିଷ ରଥ, ସମ୍ପାଦକ ପ୍ରମୋଦ କୁମାର ଦାସ, ପୂର୍ବତନ ସମ୍ପାଦକ ଗୋଦାବରୀଶ ବିଶ୍ୱାଳ, କୋଷାଧକ୍ଷ ଜୟକୁମାର ମିଶ୍ରଙ୍କ ସମେତ ଚିଲିକା ବ୍ଲକ୍ ଅଧକ୍ଷା ଜ୍ୟୋସ୍ନାରାଣୀ ବେହେରା, ଉପାଧକ୍ଷ ଅରୁଣ ପଟ୍ଟନାୟକ, ହରିପୁର ସରପଞ୍ଚଙ୍କ ପ୍ରତିନିଧି ବିଜୟ କୁମାର ବେହେରା, ବରଷ୍ଠ ସାମ୍ବାଦିକ ଅରୁଣ କୁମାର ଦାଶ, ସମାଜସେବୀ ଆଲୋକ ଶତ୍ରୁଶଲ୍ୟ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ସାହୁ, ଆଡ୍‌ଭୋକେଟ୍ ଅଜୟ ଖୁଣ୍ଟିଆ, ନାଚୁଣୀ ବରିଷ୍ଠ ନାଗରିକ ସଂଘ ଉପସଭାପତି ମକରଧ୍ୱଜ ପଲାଇ, ପୂର୍ବତନ ସରପଞ୍ଚ ଦୁର୍ଗା ହରିଚନ୍ଦନ, ପୂର୍ବତନ ସରପଞ୍ଚ ଧର୍ମାନନ୍ଦ ସେଣ, ଶ୍ରମିକ ନେତା ପଞ୍ଚାନନ ମହାରଣା, ପ୍ରମୋଦ ଶତପଥି, ସନ୍ତୋପ କୁମାର ଶତପଥି, ରାମଚନ୍ଦ୍ର ଖୁଣ୍ଟିଆ, ସ୍ମୃତିରଞ୍ଜନ ମାନସିଂହ ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ୍‌ର ୫ଟି ପଞ୍ଚାୟତ ଯଥା- ନଇରୀ, ବଉଳାବନ୍ଧ, ହରିପୁର କୁମାଣ୍ଡଳ ପାଟଣା, ବିରିବାଡ଼ି ପଞ୍ଚାୟତ ଓ ବାଣପୁର ବ୍ଲକ୍‌ର ନାଚୁଣୀ ଓ ମୋରାମୋରି ପଞ୍ଚାୟତର ଯୁବ ଛାତ୍ର, ଓକିଲ, ସାମ୍ବାଦିକ, ବୁଦ୍ଧିଜୀବୀ ଓ ବିଭିନ୍ନ ରାଜନୈତିକ ଦଳର ସଦସ୍ୟମାନଙ୍କୁ ନେଇ ଏହି ବିକାଶ ପରିଷଦ ଗଢ଼ାଯାଇଛି।

## କେଭିରେ ପ୍ରବେଶ ଉତ୍ସବ




ଖୋର୍ଦ୍ଧା,୧୧।୯ (ସମିସ): ଖୋର୍ଦ୍ଧା ଉପକଣ୍ଠ ତରତୁଆସ୍ଥିତ ଆଇଟିବିପି କ୍ୟାମ୍ପସ୍‌ରେ ନୂତନ ଭାବେ ଆରମ୍ଭ ହୋଇଥିବା କେନ୍ଦ୍ରୀୟ ବିଦ୍ୟାଳୟ(କେଭି)ରେ ପ୍ରଥମ ବ୍ୟାଚ୍‌ରେ ନାମଲେଖାଇଥିବା ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ପିଲାଙ୍କୁ ଫୁଲ, ଚନ୍ଦନ ଲଗାଇ ସ୍ୱାଗତ କରିଥିଲେ। ଶିକ୍ଷକ ପରମେଶ୍ୱର ଓ ତପନ ସ୍ୱାଇଁ ସଂଯୋଜନା କରିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ରବିନ୍ଦ୍ର କୁମାର ଝାଙ୍କର ବିଦ୍ୟାଳୟର ନୀତିନିୟମ ବିଷୟରେ ଅଭିଭାବକ, ଛାତ୍ରଛାତ୍ରୀଙ୍କୁ ବୁଝାଇବା ସହ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଖୋର୍ଦ୍ଧାରୋଡ୍‌ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ହାସ୍ୟବ୍ୟଙ୍ଗ କଳାକାର ଶଶୀକାନ୍ତ ଉତ୍ସବରେ ଅତିଥିଭାବେ ଯୋଗେଇ ପିଲାଙ୍କୁ ହାସ୍ୟ କଥା କହି ଉତ୍ସାହିତ କରିଥିଲେ।

## ଶରଧାପୁର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ସେମିରେ ଏସ୍‌ଏସ୍‌ଏ

ଖୋର୍ଦ୍ଧା,୧୧।୯ (ସମିସ): ଖୋର୍ଦ୍ଧା ଉପକଣ୍ଠ ଶରଧାପୁର ସ୍ପୋର୍ଟସ୍ ଆସୋସିଏସନ (ଏସ୍‌ଏସ୍‌ଏ) ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡ଼ିଆରେ ଚାଲିଥିବା ଦ୍ୱିତୀୟ ଶରଧାପୁର ଫୁଟ୍‌ବଲ ଲିଗ୍ ଟୁର୍ଣ୍ଣାମେଣ୍ଟ ଚତୁର୍ଥ କ୍ୱାର୍ଟର ଫାଇନାଲ୍‌ରେ ଏସ୍‌ଏସ୍‌ଏ ବିଜୟଲାଭ କରି ସେମି ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଆୟୋଜକ ଟିମ୍ ଏସ୍‌ଏସ୍‌ଏ ସହ ଡାଇନାମିକ୍ କ୍ଲବ୍ ଜଟଣୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ଆୟୋଜକ ଟିମ୍ ଲଗାତାର ଦୁଇଟି ଗୋଲ୍ ଦେଇ ୨-୦ ବ୍ୟବଧାନରେ ବିଜୟଲାଭ କରି ସେମିରେ ପ୍ରବେଶ କରିଛି। ଶୁକ୍ରବାର ପ୍ରଥମ ସେମି ଫାଇନାଲ୍ ପାକଇ କତିଗିରିଆ କ୍ଲବ୍ ଏବଂ ମର୍ଣ୍ଣିଂ କ୍ଲବ୍ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସମ୍ପାଦକ ଏସ୍.ଇ. ହୁଦା ସୂଚନା ଦେଇଛନ୍ତି।

## ଆଶ୍ୱିନରେ ବୈଶାଖୀ ଖରାର ଅନୁଭୂତି

ବାଲୁଗାଁ,୧୧।୯ (ସମିସ): ବର୍ତ୍ତମାନ ଧାରାଶ୍ରାବଣର ବର୍ଷାରେ ଧରାପୃଷ୍ଠ ଶୀତଳ ହୋଇ ଶରତ ଋତୁର ଆଗମନ ହୋଇ ଆଶ୍ୱିନ ମାସ ଆରମ୍ଭ ହୋଇଯାଇଛି। ଶରତ ଋତୁର ଶିଶିରରେ ଧରାପୃଷ୍ଠକୁ ଆଶ୍ୱିନ ମାସ ପାର୍ବଣ ଆଣିଦେଇଛି। ଆଶ୍ୱିନ ମାସ ସମଗ୍ର ଚିଲିକା ନିର୍ବାଚନମଣ୍ଡଳୀ ତଥା ବାଲୁଗାଁ ବାଣପୁର ଅଞ୍ଚଳରେ ବୈଶାଖୀ ଖରା ତଥା ପ୍ରବଳ ଗ୍ରୀଷ୍ମପ୍ରବାହ ସହ ଗୁଳୁଗୁଳି ଅନୁଭୂତ ହେଉଛି। ବିଗତ ବର୍ଷମାନଙ୍କ ଅପେକ୍ଷା ସମୟାନୁକ୍ରମେ ଆଶ୍ୱିନ ମାସରେ ବର୍ତ୍ତମାନ ଧୀରେ ଧୀରେ ଗରମ ରେକର୍ଡ ଭାଙ୍ଗିବା ସହ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଥିବା ବୟସ୍କ ବ୍ୟକ୍ତି ମତପ୍ରକାଶ କରିଛନ୍ତି। ଶରତ ଋତୁରେ ଆଶ୍ୱିନରେ ଏବେ ବାଣପୁର ଓ ବାଲୁଗାଁ ଅଞ୍ଚଳରେ ତାପମାତ୍ରା ୩୭ ଡିଗ୍ରୀ ପାର୍ କରୁଥିବାବେଳେ ପ୍ରବଳ ଗୁଳୁଗୁଳି ସହ ଅସହ୍ୟ ଗରମ ଅନୁଭୂତି ହେବା ସହ ଟାଣ ଖରା ହେଉଛି। ଚିଲିକା ଅବବାହିକା ଅଞ୍ଚଳରେ ଏପରି ତାପମାତ୍ରା ବୃଦ୍ଧି ଲୋକଙ୍କ ଚିନ୍ତାର କାରଣ ପାଲଟିଛି।

● ବିଦେଶରେ ଦୁର୍ଘଟଣାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

## ୨୨ ଦିନ ପରେ ଗାଁକୁ ଫେରିଲା ମୃତଦେହ

ବାଣପୁର,୧୧।୯ (ସମିସ): ବିଦେଶରେ କାର୍ଯ୍ୟରତ ଜଣେ ଓଡ଼ିଆ ଶ୍ରମିକ ଦୁର୍ଘଟଣାରେ ପ୍ରାଣ ହରାଇଥିବାବେଳେ ମୃତ୍ୟୁର ୨୨ ଦିନ ପରେ ଉକ୍ତ ଯୁବକଙ୍କ ମୃତଦେହ ଗ୍ରାମକୁ ଫେରିଛି। ଗ୍ରାମରେ ଏକ ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ମୃତ ଓଡ଼ିଆ ଶ୍ରମିକ ଜଣକ ହେଲେ ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ ଗାଲୁଆ ଗ୍ରାମର ଭାଗିରଥି ବାରିକିଙ୍କ ବଡ଼ ପୁଅ ମନୋଜ ବାରିକି (୪୦)।




ସୂଚନା ମୁତାବକ, ଗାଲୁଆ ଗ୍ରାମର ମନୋଜ ବିଗତ ୩ ବର୍ଷ ହେଲା ସୁଦୂର ସାଉଦିଆରବର ଜିଜାନ ସହରରେ ଏବିଆର କନ୍‌ଷ୍ଟ୍ରକ୍ସନ କୋ.ଲିମିଟେଡ୍ ନାମକ ଏକ କମ୍ପାନୀରେ ଶ୍ରମିକ ଭାବେ କାମ କରି ପରିବାର ପ୍ରତିପୋଷଣ କରିଆସୁଥିଲେ। ଗ୍ରାମରେ ମନୋଜଙ୍କ ପତ୍ନୀ, ଦୁଇଟି ଛୋଟ ପୁଅ ଓ ବୃଦ୍ଧ ବାପା-ମାଆ ରୁହନ୍ତି। ଗତ ଅଗଷ୍ଟ ୨୧ରେ ମନୋଜ କାମସାରି ସାଇକଲ ଯୋଗେ ରୁମ୍‌କୁ ଫେରୁଥିବା ସମୟରେ ଏକ ଦ୍ରୁତଗାମୀ କାର୍ ତାଙ୍କ ସାଇକଲକୁ ଶକ୍ତ ଧକ୍କା ଦେଇଥିଲା। ତୁରନ୍ତ ମନୋଜଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ପରିବାର ଲୋକଙ୍କୁ ମନୋଜଙ୍କ ମୃତ୍ୟୁ ଖବର ତାଙ୍କ ସାଙ୍ଗ ଜଣାଇଥିଲେ। ଘରର ରୋଜଗରିଆ ପୁଅର ମୃତ୍ୟୁ ଖବର ଶୁଣି ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଥିବାବେଳେ ମନୋଜଙ୍କ ମୃତଦେହ ଗ୍ରାମକୁ ଫେରାଇ ଆଣିବା ଚିନ୍ତାରେ ପଡ଼ି ପରିବାର ପକ୍ଷରୁ ମନୋଜ କାମ କରୁଥିବା କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ତେବେ ଜୀବନବୀମା ନିଗମର ପୁରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ବାବୁଲି ସାହୁ ବୈଦେଶିକ ମନ୍ତ୍ରାଳୟ ଓ ଜେହାଦସ୍ଥିତ ଭାରତୀୟ ରାଷ୍ଟ୍ର ଦୂତାବାସ କାର୍ଯ୍ୟାଳୟର ଅଧିକାରୀ ଦେବବଂସ ରାଓ ଏବଂ କମ୍ପାନୀର ମହମ୍ମଦ ହାତନ ଅଲ୍ଲୀଙ୍କ ସହ ଯୋଗାଯୋଗ କରି ତାଙ୍କ ସହଯୋଗରେ ମୃତ୍ୟୁର ୨୨ ଦିନ ପରେ ଗୁରୁବାର ମନୋଜଙ୍କ ମୃତଦେହ ଗାଲୁଆ ଗ୍ରାମରେ ପହଞ୍ଚିଛି। ଗ୍ରାମରେ ଏକ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ଅନ୍ୟପକ୍ଷେ ପୁଅର ବକେୟା ପ୍ରାପ୍ୟ, ଦରମା ସମେତ ମୃତ୍ୟୁକାଳୀନ ସହାୟତା ପାଇବା ନିମନ୍ତେ ପରିବାର ଲୋକ ଉକ୍ତ କମ୍ପାନୀ, ସ୍ଥାନୀୟ ଓ ଜିଲ୍ଲା ପ୍ରଶାସନ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଆକୁଳ ନିବେଦନ କରିଛନ୍ତି।

## ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା




ଟାଙ୍ଗୀ,୧୧।୯ (ସମିସ): ଟାଙ୍ଗୀ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ବଳରାମ ଦେବ ବିଦ୍ୟାପୀଠ ଖେଳପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା ପ୍ରତିଯୋଗିତାକୁ ମୁଖ୍ୟ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବେହେରା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବଳରାମ ଦେବ ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଶ୍ୱଜିତ୍ ପଲାଇ ଯୋଗଦେଇଥିଲେ। ଏହି ବ୍ଲକ୍ ଅଧୀନସ୍ଥ ୨୨ଟି ବିଦ୍ୟାଳୟର ୨୯୫ ଜଣ ଖେଳାଳି କବାଡ଼ି, ଖୋ ଖୋ, ରଗ୍‌ବି, ଫୁଟ୍‌ବଲ୍ ଓ ହକି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବ୍ଲକ୍ ତରଫରୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଖେଳାଳି ମନୋନୀତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡ଼ା ପ୍ରଶିକ୍ଷକ ବିଜୟ ରାଉତ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ ଯୋଗଦେଇ ଖେଳରେ ହାର୍‌ଜିତ୍ ବଡ଼କଥା ନୁହେଁ। ପ୍ରତିଯୋଗିତାରେ ଭାଗନେବା ଖେଳାଳିମାନଙ୍କ ଲକ୍ଷ୍ୟ ହେବା ଉଚିତ୍ ବୋଲି ମନ୍ତବ୍ୟ ରଖିଥିଲେ। ବ୍ଲକ୍ କ୍ରୀଡ଼ା ସମ୍ପାଦକ ଗୀତାଂଶୁ ଶେଖର ମହାନ୍ତି କ୍ରୀଡ଼ା ପ୍ରତିଯୋଗିତାର ବିବରଣୀ ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ନିରଞ୍ଜନ ସାହୁ, ମନୋଜ କୁମାର ଭଞ୍ଜଦେଓ, ପୁଣ୍ୟବ୍ରତ ମହାପାତ୍ର, ଲକ୍ଷ୍ମୀଧର ପାତ୍ର, କ୍ରୀଡ଼ା ଶିକ୍ଷୟିତ୍ରୀ ତିଳୋତ୍ତମା ଜେନା ପ୍ରମୁଖ ଖେଳ ପରିଚାଳନା କରିଥିଲେ।

ପୋଖରୀରେ ଲୀନ ହେବାକୁ ବସିଲାଣି ଗ୍ରାମର ୧୮ ଫୁଟିଆ ରାସ୍ତା

# ବିପଦରେ ୧୦ ପରିବାର; ସମାଧାନ ପାଇଁ ଦାବି

ବାଣପୁର,୧୧।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ୍ ଅନ୍ତର୍ଗତ ଆୟତପୁର ପଞ୍ଚାୟତର ବେଲଡିହ ଗ୍ରାମରେ ଏକ ଅଭାବନିୟ ପରିସ୍ଥିତି ଦେଖିବାକୁ ମିଳିଛି। ଗ୍ରାମର ରାସ୍ତା ପାଶ୍ୱର୍ରେ ଥିବା ଏକ ପୋଖରୀର ପାଣିରେ ୧୮ ଫୁଟିଆ ରାସ୍ତା ଧୋଇଯାଇ ଏବେ ଆଉ ମାତ୍ର ୨ରୁ ୩ ଫୁଟ୍ ରାସ୍ତା ରହିଛି। ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ବାବୁ ମୁଦୁଲି ଓ ସୁରେଶ ବେହେରା ପ୍ରମୁଖଙ୍କ ସମେତ ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଗ୍ରାମର ଉକ୍ତ ପୋଖରୀର ପୁନଃଉଦ୍ଧାର କାର୍ଯ୍ୟ ନିମନ୍ତେ ୬ ଲକ୍ଷ ୯୮ ହଜାର ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିବାବେଳେ ପୋଖରୀ ପୁନଃଉଦ୍ଧାର କାର୍ଯ୍ୟ କରିବାକୁ ସ୍ଥାନୀୟ ସରପଞ୍ଚ ଉପଯୁକ୍ତ ସମୟରେ ପୋଖରୀର ପୁନଃଉଦ୍ଧାର କାର୍ଯ୍ୟ ନ କରି ଏବେ ବର୍ଷା ଦିନରେ ପୋଖରୀର ପୁନଃଉଦ୍ଧାର ନିମନ୍ତେ ପାଣି ପମ୍ପ୍ ଲଗାଇ ପୋଖରୀ ଶୁଖାଇଦେବା



ସହ ପୋଖରୀର ପଶ୍ଚିମ ପାଶ୍ୱର୍ରୁ ପ୍ରାୟ ଦେଢ଼ ମଣିଷ ଗଭୀରର ମାଟି ଖୋଳି ଦେଇଥିଲେ। ହେଲେ ପୋଖରୀର ଚତୁଃପାଶ୍ୱର୍ରେ ମାଟିକୁ ସ୍ଲୋପ୍ ନ କରି ଦେଢ଼ ମଣିଷ ଗାଡ଼ା ଖୋଳି ଦେଇଥିଲେ। ମାତ୍ର ପୋଖରୀ ଖୋଳା କାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ସମାପନ ହୋଇ ନ ଥିବାବେଳେ ଧର୍ମକୁ ଆଖିଠାର ପରି ନାମକୁ ମାତ୍ର ପୋଖରୀ ଭିତରେ କିଛି ଅଂଶ ଗାଡ଼ୱାଲ ନିର୍ମାଣ କରାଯାଇଛି। ଯାହା ପାଣି ଭିତରେ ବୁଡ଼ି ରହିଯାଇଛି। ଫଳସ୍ୱରୂପ ବର୍ତ୍ତମାନ ବର୍ଷାରେ ପୋଖରୀରେ ପାଣି ପରିପୂର୍ଣ୍ଣ ହୋଇ ପୋଖରୀର ପଶ୍ଚିମ ପାଶ୍ୱର୍ରେ ଥିବା ଗ୍ରାମର ୧୮ ଫୁଟ୍‌ର ରାସ୍ତାର ମାଟି ପୋଖରୀ ପାଣିରେ ଧୋଇଯାଇ ଲୀନ ହୋଇ ଏବେ ଆଉ ମାତ୍ର ୨ରୁ ୩ ଫୁଟ୍‌ର ରାସ୍ତା ରହିଛି।

ଏପରିକି ପୂର୍ବରୁ ରାସ୍ତାକଡ଼ରେ ଥିବା ୩ଟି ନଡ଼ିଆ ଗଛ ଏବେ ପୋଖରୀ ଭିତରକୁ ଚାଲିଯାଇଥିବା ସହ ବିଦ୍ୟୁତ୍ ଖୁଣ୍ଟଟି ପୋଖରୀର ସନ୍ନିକଟ ହୋଇ ବିପଦପୂର୍ଣ୍ଣ ଅବସ୍ଥାରେ ପୋଖରୀକୁ ଲାଗିବାକୁ ଗଲାଣି। ଉକ୍ତ ରାସ୍ତା ପାଶ୍ୱର୍ରେ ଥିବା ୮ରୁ ୧୦ଟି ଘର ଏବେ ପୋଖରୀ ଭିତରେ ଲିନ ହେବାକୁ ବସିଲାଣି। ଉକ୍ତ ପରିବାର ଲୋକେ ବିପଦପୂର୍ଣ୍ଣ ଅବସ୍ଥାରେ କାଳାତିପାତ କରି ଭୟଭୀତ ଅବସ୍ଥାରେ ଅଛନ୍ତି। ଛୋଟ ପିଲାଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତିମାନେ ଉକ୍ତ ରାସ୍ତାରେ ବିପଦସଂକୁଳ ଭାବେ ଯାତାୟାତ କରୁଛନ୍ତି। ଯଦି ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆ ନ ଯାଏ, ତେବେ କେତେବେଳେ ଯେ ଏହି ସମସ୍ତ ଘର ପୋଖରୀ ଭିତରେ ବିଲିନ ହୋଇଯିବ ତାହାକୁ ଏଡ଼ାଇ ଦିଆଯାଇ ନ ପାରେ। ପୋଖରୀ ନିକଟରେ ବସବାସ କରୁଥିବା ପରିବାରଙ୍କ ସମେତ ଗ୍ରାମବାସୀ ତରଫରୁ ଏନେଇ ବାରମ୍ବାର ଅଭିଯୋଗ କରାଯାଉଛି। ମାତ୍ର ଏଥିପ୍ରତି କେହି କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧିଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିବା ସ୍ଥଳେ ବାଣପୁର ବିଡିଓ ବିକାଶ କୁମାର ମହାନ୍ତିଙ୍କୁ ଏ ସମ୍ପର୍କରେ ପଚାରିବାରେ ସେ କୌଣସି ପ୍ରତିକ୍ରିୟା ଦେବା ପାଇଁ ରୋକ୍‌ଠୋକ୍ ମନାକରି ଦେଇଥିଲେ। ତେବେ ଜିଲ୍ଲା ପ୍ରଶାସନ, ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ଓ ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ନେଇ ଗ୍ରାମରେ ଏଭଳି ପରିସ୍ଥିତି ପ୍ରତି ଦୃଷ୍ଟି ଦେଇ ଏହାର ତ୍ୱରିତ ସମାଧାନ କରିବା ଲାଗି ଦୃଢ଼ ଦାବି କରିଛନ୍ତି ବେଲଡିହ ଗ୍ରାମବାସୀ।

ସକାଳ THE SAKALA



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବ୍ୟାଙ୍କ ଋଣ...

ରାଶି ଆଦାୟ କରିପାରିବେ। ଦ୍ୱିତୀୟତଃ ଗ୍ରାହକଙ୍କ ତଥ୍ୟ ମଧ୍ୟ ସୁରକ୍ଷିତ ରଖାଯିବ। ଯଦି ଆର୍‌ବିଆଇର ଏହି ନିୟମ କାର୍ଯ୍ୟକାରୀ ହୁଏ, ତେବେ ଏହା ବଜାଜ୍ ଫାଇନାନ୍ସ, ଡିଏମ୍‌ଆଇ ଫାଇନାନ୍ସ ଏବଂ ଚୋଲାମଣ୍ଡଲମ୍ ଫାଇନାନ୍ସ ଭଳି ଗ୍ରାହକ ଉତ୍ପାଦ ପାଇଁ ଋଣ ଦେଉଥିବା କମ୍ପାନୀଗୁଡ଼ିକୁ ଲାଭ ଦେଇପାରେ, ଯାହା ଅସୁଲି ସମ୍ଭାବନାକୁ ବୃଦ୍ଧି କରିପାରିବ। ଏହି ନିୟମ ଲାଗୁ ହେବା ପରେ କରଜଦାତାଙ୍କ କ୍ଷମତା ବଢ଼ିଯିବ। ୨୦୨୪ରେ ହୋମ୍ କ୍ରେଡିଟ୍ ଫାଇନାନ୍ସ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡିଛି ଯେ ଦେଶର ଏକ ତୃତୀୟାଂଶରୁ ଅଧିକ ଉପଭୋକ୍ତା ମୋବାଇଲ୍ ଫୋନ୍ ଭଳି ଇଲେକ୍ଟ୍ରୋନିକ୍ସ ସାମଗ୍ରୀକୁ ଋଣ ନେଇ କିଣିଥାନ୍ତି। କ୍ରେଡିଟ୍ ବ୍ୟୁରୋ ସିଆର୍‌ଆଇଏଫ୍ ହାଇମାର୍କ ଅନୁଯାୟୀ, ୧ ଲକ୍ଷ ଟଙ୍କାରୁ କମ୍ ଋଣ ଖିଲାପକାରୀ ଅଧିକ ବିପଦପୂର୍ଣ୍ଣ।

### 'ଡ୍ରଗ୍ ମନି' ରାକେଟ...

ଆର୍ଥିକ କାରବାରର ବିଶ୍ଳେଷଣରୁ ଜଣାପଡ଼ିଛି ଯେ ନିକଟରେ ୧୫୦ ଥର ଅର୍ଥ କାରବାର କରାଯାଇଥିଲା। ଏଥିରୁ ପ୍ରାୟ ୬.୮ ନିୟୁତ ଡଲାର ତଥା ୫୯୮ କୋଟି ଟଙ୍କା ମିଳିଥିଲା। ଏହା ନାଇଜେରିଆରେ ଥିବା ତା'ର ସହଯୋଗୀ ପାଖକୁ ପଠାଯାଇଥିଲା। ବିଦେଶରେ ବସି ନିଶା ଚୋରା ଚାଲାଣକାରୀ କିଭଳି ଭାବେ ଭାରତରେ କଳା କାରବାର କରୁଛନ୍ତି ଏହି ଘଟଣା ତାହାର ଭୟାବହ ରୂପକୁ ଦର୍ଶାଉଛି। ଏହା ପଛରେ ସୁସଂଗଠିତ ହାୱାଲା ରିଙ୍ଗ ରହିଛି। ଉତ୍ତମ ସିଂହ, ଚେତନ ମାମାନିଆ ଏହା ର୍ୟାକେଟର ପ୍ରମୁଖ ସହଯୋଗୀ। ଉତ୍ତମ ସିଂହ ଗୋଆରେ ଥିବା ନାଇଜେରିଆ ଡ୍ରଗ୍ସ ବ୍ୟବସାୟୀଙ୍କଠାରୁ ପ୍ରାୟ ୨.୫ ନିୟୁତ ଡଲାର (୨୨୦ କୋଟି ଟଙ୍କା) ଆଦାୟ କରିଥିଲା। ହାୱାଲା ଅପରେଟରଙ୍କ ମାଧ୍ୟମରେ ଏଥିରୁ ପ୍ରତି ସପ୍ତାହରେ ୨୧ ନିୟୁତ ଡଲାର (୧୮୪ କୋଟି ଟଙ୍କା) ନାଇଜେରିଆ ପଠାଉ ଥିଲା। ତେବେ ଏହି ଟଙ୍କା ପ୍ରତ୍ୟକ୍ଷ ଭାବେ ପଠା ଯାଇ ନ ଥିଲା। କମୋଡିଟି ଟ୍ରେଡିଂରେ ଲଗା ଯାଇଥିଲା। ଏହି ଅର୍ଥରେ ମୁମ୍ବାଇ ଏବଂ ଚେନ୍ନାଇରୁ ବେବି ଫ୍ରକ୍ସ, କୁର୍ତ୍ତା, ଟି-ସାର୍ଟ, ଚୁଡି, ଦୈନନ୍ଦିନ ସାମଗ୍ରୀ ଆଦି କିଣା ଯାଇ ଜାହାଜ ମାଧ୍ୟମରେ ନାଇଜେରିଆର ଲାଗୋସ ପଠା ଯାଇଥିଲା।

୨୪ ଟିମ୍ ସ୍ୱତନ୍ତ୍ର ଇଗଲ୍ ଟିମ୍ ଗଠନ କରାଯାଇ ମହାରାଷ୍ଟ୍ର, ରାଜସ୍ଥାନ, ଗୁଜରାଟ, ଗୋଆ ଏବଂ ଦିଲ୍ଲୀରେ ଚଢ଼ଉ କରାଯାଇଥିଲା। ଡ୍ରଗ୍ ମନିକୁ କଳାରୁ ଧଳା କରୁଥିବା ୨୦ ବ୍ୟକ୍ତି ଏବଂ ତାଙ୍କ ସହଯୋଗୀଙ୍କ ସହିତ ୫୦ ଜଣଙ୍କୁ ଗିରଫ କରାଯାଇଥିଲା। ଏମାନଙ୍କ ମଧ୍ୟରେ ଚେତନ ମାଭଜି ମମାନିଆ ଏବଂ ରୋନକ ପ୍ରଜାପତି ପ୍ରମୁଖ ସାମିଲ ଥିଲା। ଏହା ସହିତ ୩୦ ନିୟୁତ ଡଲାରର କ୍ୟାସ୍ ଜବତ କରାଯାଇଥିଲା। ଏହି ନାଇଜେରିଆ ସିଣ୍ଡିକେଟ ୨୦୧୦ରୁ ଭାରତରେ ସକ୍ରିୟ ରହିଛି। ଏହି ଚୋରଚାଲାଣକାରୀ ୟୁରୋପରୁ ସିନ୍ଥେଟିକ ଡ୍ରଗ୍ ଏବଂ ଲାଟିନ ଆମେରିକାରୁ କୋକେନ ଆଣୁଥିଲେ। ଗିରଫ ବ୍ୟକ୍ତିଙ୍କ ପାଖରେ ଅନେକ ପାସପୋର୍ଟ ଥିଲା। ଜାଲ୍ ପରିଚୟପତ୍ର ଏବଂ ଭିସା ବ୍ୟବହାର କରି ଏମାନେ ପ୍ରବର୍ତ୍ତନ ଏଜେନ୍ସିଗୁଡିକୁ ଧୋକା ଦେଇ ନିଶା କାରବାର ଚଳାଇ ଥିଲେ।

### ସାର ପାଇଁ...

ଓ କେନ୍ଦ୍ର ସରକାର ଅନୁରୂପ ପରିମାଣର ସାର ଓଡ଼ିଶାକୁ ଆବଣ୍ଟନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କ ପାଖରେ ସମୁଦାୟ ମହଜୁଦ ଥିବା ୧୧, ୬୬, ୭୩୩ ମେଟ୍ରିକ୍ ଟନ୍ ସାର ମଧ୍ୟରୁ ୯ଲକ୍ଷ ୮୫ ହଜାର ୯୬୭ ମେଟ୍ରିକ୍ ଟନ୍ ସାର ବିକ୍ରି ହୋଇଥିବା ସରକାର କହୁଛନ୍ତି। ମାତ୍ର ଏହି ସାର କେଉଁଠି ବିକ୍ରି ହୋଇଛି ତାହାର ଉତ୍ତର ନାହିଁ। କୌଣସି ସ୍ଥାନରେ ଚାଷୀମାନଙ୍କୁ ଆବଶ୍ୟକ ପରିମାଣର ସାର ମିଳିନାହିଁ। ଅଧିକାଂଶ ସ୍ଥାନରେ ଆବଶ୍ୟକ ସ୍ଥାନରେ ଅଧା ପରିମାଣର ସାର ମିଳିଛି। ଏକ କ୍ୱିଣ୍ଟାଲ ଆବଶ୍ୟକତା ଥିବାବେଳେ ମିଳିଛି ୫୦ କେଜି। ତେଣୁ ସାର ଗଲା କୁଆଡେ ତାକୁ ନେଇ ଚାଷୀମାନେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ସରକାରୀ ସାରର ବ୍ୟାପକ କଳାବଜାରୀ ହେଉଥିଲେ ସୁଦ୍ଧା ସରକାର ଏହାକୁ ରୋକିବାକୁ ବିହିତ ପଦକ୍ଷେପ ନେଉନଥିବା ମଧ୍ୟ ଅଭିଯୋଗ ହେଉଛି।

ପଶ୍ଚିମ ଓଡ଼ିଶାରେ ସାର ସଙ୍କଟ ଅତି ଗୁରୁତର ରୂପ ଧାରଣ କରିଛି। ଚାଷୀମାନେ ସାରା ରାତି ଅନିଦ୍ରା ହେବା ପରେ ବି ସାର ପାଇବାରୁ ବଞ୍ଚିତ ହେଉଛନ୍ତି। ପାକ୍ସ ଓ ଲାମ୍ପ ସାମ୍ନାରେ ଆଧାର କାଡର୍ ଧାଡ଼ିରେ ରଖି ନିଜ ପାଳିକୁ ଅପେକ୍ଷା କରୁଛନ୍ତି। ଅବିଭକ୍ତ କୋରାପୁଟ, ଅବିଭକ୍ତ ବଲାଙ୍ଗୀର, ସୁନ୍ଦରଗଡ଼ ଗଞ୍ଜାମ ଜିଲ୍ଲାରେ ଚାଷୀମାନେ ସମବାୟ କାର୍ଯ୍ୟାଳୟ ସମ୍ମୁଖରେ ଧାଡ଼ି ଲଗାଇଥିବାବେଳେ କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ରାଜ୍ୟରେ ସାରର ଅଭାବ ନାହିଁ ବୋଲି କହିଛନ୍ତି।

### ଆର୍‌ଟିଇ ପାଠପଢ଼ାରେ...

ଆଇନ୍‌ରେ ପ୍ରତିଟି ଘରୋଇ ବିଦ୍ୟାଳୟର ମୋଟ୍ ସିଟ୍‌ର ୨୫ ପ୍ରତିଶତ ସିଟ୍‌ରେ ନାମଲେଖାଇବାର ବ୍ୟବସ୍ଥା ରହିଛି। ଆର୍ଥିକ ଅନଗ୍ରସର ବର୍ଗ (ଇଡବ୍ଲ୍ୟୁଏସ୍) ଏବଂ ଦିବ୍ୟାଙ୍ଗ ବର୍ଗର ଛାତ୍ରଛାତ୍ରୀମାନେ ତହିଁରେ ନାମ ଲେଖାଉଛନ୍ତି। ତତ୍କାଳୀନ ନବୀନ ସରକାର ସମୟରେ ଓଡ଼ିଶାରେ ଏହାକୁ ବ୍ୟାପକ ଭାବେ କାର୍ଯ୍ୟକାରୀ କରାଯାଇଥିଲା। ପ୍ରତ୍ୟେକ ଘରୋଇ ବିଦ୍ୟାଳୟର ୨୫% ସିଟ୍‌ରେ ଗରିବ ପିଲାଙ୍କ ନାମଲେଖାକୁ ଗୁରୁତ୍ୱ ଦିଆଗଲା। ଫଳରେ କେବଳ ଓଡ଼ିଶାରେ ପ୍ରାୟ ୨୪,୮୩୪ ଛାତ୍ରଛାତ୍ରୀ ଆର୍‌ଟିଇରେ ନାମଲେଖାଇ ଉପକୃତ ହେଉଛନ୍ତି। ଅନ୍ୟରାଜ୍ୟ ତୁଳନାରେ ଓଡ଼ିଶାର ବହୁ ଛାତ୍ରଛାତ୍ରୀ ଏଥିରେ ଉପକୃତ ହୋଇଥିବା ରିପୋର୍ଟରେ କୁହାଯାଇଛି।

ଏହି ରିପୋର୍ଟକୁ ନେଇ ଖୁସିବ୍ୟକ୍ତ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସାମାଜିକ ଗଣମାଧ୍ୟମ 'ଏକ୍ସ'ର ସେ ଲେଖିଛନ୍ତି ଯେ, ଆର୍‌ଟିଇ ନିୟମକୁ କାର୍ଯ୍ୟାନ୍ୱୟନ କରିବାର ରଣନୀତି ଏବଂ ଆର୍ଥିକ ଅନଗ୍ରସର ବର୍ଗର ପିଲାଙ୍କୁ ଉନ୍ନତ ଓ ଉତ୍ତମ ଶିକ୍ଷା ପ୍ରଦାନ କରିବାର ପ୍ରତିବଦ୍ଧତା ଏହି ସଫଳତା ଆଣି ଦେଇଛି। ଏହାସହ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଉତ୍ତମ ଶିକ୍ଷା ଦେବାପାଇଁ ୫-ଟି ଉପକ୍ରମରେ ରାଜ୍ୟର ପ୍ରାୟ ୭ହଜାର ବିଦ୍ୟାଳୟଗୁଡ଼ିକୁ ରୁପାନ୍ତକରଣ କରାଯାଇଛି। ନୂତନ ଓଡ଼ିଶା ଗଢ଼ିବା ପାଇଁ ପ୍ରତ୍ୟେକ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ସହିତ ସଶକ୍ତ କରିବାକୁ ସର୍ବଦା ବିଶ୍ୱାସ କରନ୍ତି। ରାଜ୍ୟର ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ସମସ୍ତ ଶିକ୍ଷକ, ଅଭିଭାବକ, ପ୍ରଶାସକ ଏବଂ କର୍ମଚାରୀଙ୍କ ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ଶ୍ରୀ ପଟ୍ଟନାୟକ ଧନ୍ୟବାଦ୍ ଦେଇଛନ୍ତି।

ଇଣ୍ଡସ୍ ଅକ୍ସନ୍ ରିପୋର୍ଟ ଅନୁଯାୟୀ ୬୧ ପ୍ରତିଶତ ପରିବାର ଏବେ ବି ସ୍କୁଲ୍ ସମ୍ବନ୍ଧୀୟ ଖର୍ଚ୍ଚ ବହନ କରୁଛନ୍ତି। ୫୭ ପ୍ରତିଶତ ଅଭିଭାବକ ଏହି ଖର୍ଚ୍ଚ ବହନ କରିବା ବହୁତ କଷ୍ଟକର ବୋଲି ସ୍ୱୀକାର କରିଛନ୍ତି। ଆର୍‌ଟିଇରେ ସମ୍ପୂର୍ଣ୍ଣ ମାଗଣା ଶିକ୍ଷାଦାନ ପାଇଁ ନୀତିଗତ ଢାଞ୍ଚା ଥିବା ସତ୍ତ୍ୱେ ଅଭିଭାବକମାନେ ପ୍ରାୟତଃ ୟୁନିଫର୍ମ, ପୁସ୍ତକ ଏବଂ ପରିବହନ ଫି' ବହନ କରୁଛନ୍ତି। ବହୁ ପିଲା ପାଠପଢ଼ା ଜାରି ରଖିଥିଲେ ମଧ୍ୟ ଅଭିଭାବକଙ୍କ ଉପରୁ ଏହି ଚାପ କମାଇବା ଆବଶ୍ୟକ ବୋଲି ରିପୋର୍ଟରେ କୁହାଯାଇଛି।

### ୧୮ରୁ ବିଧାନସଭାର...

ସୁଯୋଗ ମିଳିବ ସେ ସଂପର୍କରେ ଉଭୟ ଶାସକ, ବିରୋଧୀ ନିଜର ମତ ରଖିବେ। ତେବେ ଚଳିତ ଅଧିବେଶନ ସରକାରଙ୍କ ପାଇଁ ଆଦୌ ସହଜ ହେବନି ବୋଲି ମତ ରଖିଛନ୍ତି ରାଜନୈତିକ ସମୀକ୍ଷକ।

ଗତ ୩ରୁ ୪ ମାସ ମଧ୍ୟରେ ରାଜ ସରକାର ଏକାଧିକ ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ଶାଣିତ ସମାଲୋଚନା ଏବଂ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଛନ୍ତି। ବିଶେଷକରି ମହିଳା ସୁରକ୍ଷାକୁ ନେଇ ଓଡ଼ିଶା ଜାତୀୟସ୍ତରରେ ନିନ୍ଦିତ ହୋଇଛି। ଯାହାକୁ ନେଇ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଗୃହରେ ସରକାରଙ୍କୁ ଷଣ୍ଢଆସୀ ଆକ୍ରମଣ କରିପାରନ୍ତି ବୋଲି ଆକଳନ କରାଯାଉଛି। ସେହିପରି ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି, ଚାଷୀ ଓ ସାର ଯୋଗାଣରେ ଉପୁଜିଥିବା ସମସ୍ୟା, ପରୀକ୍ଷା କେଳେଙ୍କାରୀ, ପ୍ରଶାସନିକ ସ୍ଥାଣୁତା, ବିକାଶ କାର୍ଯ୍ୟ ଠପ୍ ହୋଇପଡ଼ିବା, ରଥଯାତ୍ରା ବିଭ୍ରାଟ, ରଙ୍ଗମରା ରାଜନୀତି ଆଦି ପ୍ରସଙ୍ଗକୁ ନେଇ ବିରୋଧୀ ଶାସକ ଦଳକୁ ଘେରିବାକୁ ରଣନୀତି ପ୍ରସ୍ତୁତ କରୁଥିବା ଜଣାପଡ଼ିଛି। ଅଧିବେଶନଟି ମାତ୍ର ୭ଦିନିଆ ହୋଇଥିଲେ ହେଁ ବିରୋଧୀ ସରକାରଙ୍କୁ ଘେରିବା ପାଇଁ କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନଥିବା ଜଣାପଡ଼ିଛି। ଅପରପକ୍ଷେ ଅଧିବେଶନରେ ଅବିଶ୍ୱାସ ପ୍ରସ୍ତାବ ଆଗତ କରିବାକୁ କଂଗ୍ରେସ ପକ୍ଷରୁ ବିଜେଡିକୁ ପ୍ରସ୍ତାବ ଦିଆଯାଇଛି। ବିଜେଡି ମଧ୍ୟ ନିଜସ୍ତରରେ ଏନେଇ ବିଚାର ବିମର୍ଶ କରୁଛି। ଯଦି ସରକାରଙ୍କ ବିରୋଧରେ ଅବିଶ୍ୱାସ ପ୍ରସ୍ତାବ ଆଗତ ହୁଏ, ତାହେଲେ ଏହା ରାଜ୍ୟ ରାଜନୀତିରେ ଅନ୍ୟତମ ଚର୍ଚ୍ଚିତ ଘଟଣା ହେବ। ଅତଏବ ଏହି ୭ ଦିନିଆ ଅଧିବେଶନ ସରକାରଙ୍କ ପାଇଁ ନିଶ୍ଚିତ ଆହ୍ୱାନ ସୃଷ୍ଟି କରିବ ବୋଲି ରାଜନୈତିକ ମହଲ ଟିପ୍ପଣୀ କରିଛନ୍ତି।

### ଡାକ୍ତରଖାନାରେ ବନ୍ଧା ପଡ଼ିଛି...

ପରିବାର ନବୀନ ସରକାରଙ୍କ ପ୍ରଚଳିତ ବିଜୁ ସ୍ୱାସ୍ଥ୍ୟ କାର୍ଡ(ବିଏସ୍‌କେୱାଇ)କୁ ଝୁରି ହେଉଛନ୍ତି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ରାଜଧାନୀର ଆପୋଲୋ ହସ୍‌ପିଟାଲରେ। ଦୁର୍ଘଟଣାରେ ପୀଡ଼ିତ ଜଣେ ଯୁବକଙ୍କ ଚିକିତ୍ସା ପାଇଁ ତାଙ୍କ ପରିବାର ଡାକ୍ତରଖାନାରେ ପାଖାପାଖି ୬ ଲକ୍ଷ ଟଙ୍କା ଦେବା ପରେ ଆହୁରି ୧୧ ଲକ୍ଷ ଟଙ୍କା ଡାକ୍ତରଖାନା କର୍ତ୍ତୃପକ୍ଷ ଦାବି କରୁଛନ୍ତି। ଆୟୁଷ୍ମାନ କାର୍ଡରୁ ଅବଶିଷ୍ଟ ଅର୍ଥ ଭରଣା ପାଇଁ ରୋଗୀଙ୍କ ବାପାଙ୍କ ଗୁହାରି କର୍ତ୍ତୃପକ୍ଷ ଶୁଣୁ ନାହାନ୍ତି। ଶେଷରେ ବକେୟା ଫି ବଦଳରେ ତାଙ୍କ କିଡ୍‌ନୀ ନେଇ ପୁଅକୁ ଡାକ୍ତରଖାନାରୁ ମୁକ୍ତି ଦେବାକୁ ବିଚରା ବାପା ଗୁହାରି କରିଛନ୍ତି।

ଗତ ମାସ ୫ ତାରିଖରେ ଆଲୋକ ଜେନା ନାମକ ଜଣେ ବ୍ୟକ୍ତିଙ୍କ ଷ୍ଟୁଡିଓ ଛକ ନିକଟରେ ଦୁର୍ଘଟଣା ହୋଇଥିଲା। ତାଙ୍କର ଗୋଡ, ହାତ ଆଉ କାନ୍ଧ ବି ଭାଙ୍ଗିଯାଇଥିଲା। ଡାହାଣ ପଟ ଆଖି ନଷ୍ଟ ହୋଇଯାଇଥିଲା। ପୁଲିସ ଆଲୋକଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତିକରି ସାଙ୍ଗସାଥିଙ୍କୁ ସୂଚନା ଦେଇଥିଲା। ଆଲୋକଙ୍କ ବନ୍ଧୁମାନେ ତାଙ୍କର ଆୟୁଷ୍ମାନ କାର୍ଡ ଥିବା ଜାଣିବା ପରେ ସ୍ଥାନୀୟ ଆପୋଲୋ ହସ୍‌ପିଟାଲରେ ଭର୍ତ୍ତି କରିଦେଲେ। ସେଠାରେ ଚିକିତ୍ସା ଚାଲିଲା। ହେଲେ ପରବର୍ତ୍ତି ସମୟରେ ହସ୍ପିଟାଲ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡକୁ ଗ୍ରହଣ ନ କରିବାରୁ ଆଲୋକଙ୍କ ପରିବାର ଅସହାୟ ମନେ କଲେ। ଆଲୋକଙ୍କ ବାପା ଅମୂଲ୍ୟ ଘରର ସୁନାଗହଣା ବିକ୍ରି କରି ଓ ଅନ୍ୟଠାରୁ ଧାର ଆଣି ବର୍ତ୍ତମାନ ସୁଦ୍ଧା ହସ୍ପିଟାଲରେ ୫ଲକ୍ଷ ୯୩ ହଜାର ଟଙ୍କା ଜମା କରି ସାରିଲେଣି। ଏହା ପରେ ବି ହସ୍ପିଟାଲ କର୍ତ୍ତୃପକ୍ଷ ୧୧ଲକ୍ଷ ଟଙ୍କା ମାଗୁଛନ୍ତି। ସେମାନଙ୍କ ପାଖରେ ଟଙ୍କା ନ ଥିବାରୁ ଆୟୁଷ୍ମାନ କାର୍ଡରେ ସରକାର ଯୋଗାଇ ଦେଉଥିବା ୫ ଲକ୍ଷ ଟଙ୍କା କାଟି ରଖିବାକୁ ସେ ଅନୁରୋଧ କରିଥିଲେ ବି କେହି ତାଙ୍କ କଥା ଶୁଣୁ ନାହାନ୍ତି। ଶେଷରେ ଅମୂଲ୍ୟ ତାଙ୍କ ପାଖରେ ଆୟୁଷ୍ମାନ କାର୍ଡ ଓ ନିଜ କିଡ୍‌ନୀ ଛଡ଼ା ଆଉ କିଛି ନାହିଁ ବୋଲି ଉଲ୍ଲେଖ କରି ବକେୟା ଟଙ୍କା ବଦଳରେ ତାଙ୍କ କିଡ୍‌ନୀ ନେଇଯିବାକୁ ଆପୋଲୋ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଗୁହାରି କରିଛନ୍ତି । ନ ହେଲେ ତାଙ୍କୁ ଜେଲ ପଠାଇ ଦିଅନ୍ତୁ, ହେଲେ ବନ୍ଧା ପଡ଼ିଥିବା ପୁଅକୁ ମୁକୁଳାଇ ଦିଅନ୍ତୁ ବୋଲି ନେହୁରା ହୋଇଛନ୍ତି ।

ଏପଟେ ଟଙ୍କା ଦେଇ ନ ପାରିବାରୁ ହସ୍ପିଟାଲ କର୍ତ୍ତୃପକ୍ଷ ଚିକିତ୍ସାରେ ଅବହେଳା କରୁଥିବା ବାପା ଅଭିଯୋଗ କରିଛନ୍ତି। ଏପରିକି କିଛି ଆବଶ୍ୟକୀୟ ମେଡିସିନ୍‌କୁ ମଧ୍ୟ ବନ୍ଦ କରି ଦିଆଗଲାଣି। ଟଙ୍କା ନ ଦେଇ ନ ପାରିବାରୁ ଫିଜିଓଥେରାପି ବି କରାଯାଉ ନାହିଁ। ମାତ୍ର ପ୍ରତିଦିନ ଡାକ୍ତରଖାନା ବିଲ୍ ବଢ଼ି ବଢ଼ି ଚାଲିଛି। ଅମୁଲ୍ୟ କହିଛନ୍ତି ବିଜୁ ସ୍ୱାସ୍ଥ୍ୟ କାର୍ଡରେ ତୁରନ୍ତ ଚିକିତ୍ସା ହେଉଥିଲା। ମାତ୍ର ଏବେ ସରକାର ଏଭଳି ଏକ କାର୍ଡ ଆଣିଲେ ଯେ ତାହାକୁ ହସ୍ପିଟାଲ ଗ୍ରହଣ କରୁନାହିଁ। ଏହି କାର୍ଡ ଥାଇ କିଛି ଲାଭ ନାହିଁ। କାର୍ଡ କାମ କରୁ ନାହିଁ ବୋଲି ଜାଣିଥିଲେ ପୁଅର ସାଙ୍ଗସାଥି ଘରୋଇ ହସ୍ପିଟାଲରେ ଭର୍ତ୍ତି କରି ନ ଥାନ୍ତେ କିମ୍ବା ସେମାନେ ଏତେ ଅବସ୍ଥା ହୋଇ ନ ଥାନ୍ତେ ବୋଲି କୋହଭରା କଣ୍ଠରେ କହିଛନ୍ତି ଅମୂଲ୍ୟ।

ଏ ସମ୍ପର୍କରେ ଆପୋଲୋ ହସ୍‌ପିଟାଲ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରାଯିବାରେ ସେ ଡାକ୍ତରଖାନାରେ ଆୟୁଷ୍ମାନ କାର୍ଡ ଗ୍ରହଣ କରାଯାଉଥିବା ପ୍ରକାଶ କରିଛନ୍ତି। ମାତ୍ର ବେଡ୍ ନ ଥିବାରୁ ଲୋକେ ପ୍ରଥମରୁ କ୍ୟାସ (ନଗଦ ଅର୍ଥ)ରେ ଚିକିତ୍ସା ହେବେ ବୋଲି ସ୍ୱୀକୃତି ଦେଉଥିବା କ୍ଷେତ୍ରରେ ଆୟୁଷ୍ମାନ କାର୍ଡ ଗ୍ରହଣ କରାଯାଉ ନାହିଁ ବୋଲି କର୍ତ୍ତୃପକ୍ଷଙ୍କ ଉତ୍ତର ଅନେକ ପ୍ରଶ୍ନକୁ ଜନ୍ମ ଦେଇଛି। ଯଦି ଡାକ୍ତରଖାନାରେ ଶଯ୍ୟା ଖାଲି ନାହିଁ, ତେବେ ନଗଦ ଅର୍ଥ ଦେଉଥିବା ରୋଗୀଙ୍କୁ କିପରି ଭର୍ତ୍ତି କରାଯାଉଛି, ସେମାନଙ୍କ ପାଇଁ ଶଯ୍ୟା କେଉଁଠୁ ଆସୁଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି ।

### ଚାନ୍ଦବାଲି ଦେଶର...

ଲଘୁଚାପ ସୃଷ୍ଟି ପରେ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ ବର୍ଷା ବଢ଼ିବାର ଆଶଙ୍କା କରାଯାଉଛି।। ରାଜ୍ୟରେ ମୌସୁମୀ ଋତୁରେ ବର୍ତ୍ତମାନ ସୁଦ୍ଧା ୯୭୪ ମିମି ବର୍ଷା ରେକର୍ଡ ହୋଇଛି। ଏହା ସ୍ୱାଭାବିକ ବର୍ଷା ୧୦୧୮ ମିମି ତୁଳନାରେ ୪ ପ୍ରତିଶତ କମ୍ ରହିଛି। ଜିଲ୍ଲାୱାରୀ ଦେଖିଲେ ୮ ଟି ଜିଲ୍ଲାରେ ବର୍ଷାର ନିଅଣ୍ଟିଆ ସ୍ଥିତି ରହିଥିବା ବେଳେ ବାକି ସବୁ ଅଞ୍ଚଳରେ ସ୍ୱାଭାବିକ କିମ୍ବା ସ୍ୱାଭାବିକ ତୁଳନାରେ ଅଧିକ ବର୍ଷା ରେକର୍ଡ ହୋଇଛି।

## ଦୁର୍ନୀତିକୁ ନେଇ ଚିନ୍ତିତ ମୁଖ୍ୟ ସଚିବ

# ଦୁର୍ନୀତି ରୋକିବାକୁ ସଚିବ ଓ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

- ସନ୍ଦିଗ୍ଧ କର୍ମଚାରୀଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦରୁ ଦୂରେଇ ରଖାଯିବ
- ସମ୍ବେଦନଶୀଳ କ୍ଷେତ୍ର ଚିହ୍ନଟ ପାଇଁ ସଚେତନତା କମିଟି

ଭୁବନେଶ୍ୱର,୧୧।୯(ସମିସ): ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଚିହ୍ନଟ ହୋଇଥିବା ଦୁର୍ନୀତି ମାମଲାଗୁଡ଼ିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ମୁଖ୍ୟ ଶାସନ ସଚିବ। ଏ ଭଳି ଘଟଣା କ୍ଷେତ୍ରରେ ସକ୍ରିୟ ଓ ନିରନ୍ତର ଧ୍ୟାନ ଦେଇ ପ୍ରତିକାରାତ୍ମକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ରାଜ୍ୟ ସରକାର ଅନୁଭବ କରିଛନ୍ତି। କେବଳ ଦୋଷୀଙ୍କୁ ଦଣ୍ଡ ଦେବା କାର୍ଯ୍ୟାନୁଷ୍ଠାନ ଦ୍ୱାରା ଏହାର ସମାଧାନ ହୋଇପାରିବ ନହିଁ; ବରଂ ଦୁର୍ନୀତିର ମୂଳ କାରଣଗୁଡ଼ିକୁ ପ୍ରଶାସନିକ, ଆଇନଗତ, ସାମାଜିକ, ଆର୍ଥିକ ଓ ଶିକ୍ଷାମୂଳକ ପଦକ୍ଷେପ ମାଧ୍ୟମରେ ବ୍ୟବସ୍ଥାଗତ ପ୍ରଣାଳୀରେ ଦୂର କରିବା ପାଇଁ ସୁଦୃଢ ପଦକ୍ଷେପ ଆବଶ୍ୟକ । ଏହାକୁ ନେଇ ରାଜ୍ୟର ସବୁ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ରାଜ୍ୟ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟର ମହା ନିର୍ଦ୍ଦେଶକ, ସମସ୍ତ ବିଭାଗର କମିଶନର ତଥା ଶାସନ ସଚିବ, ସମସ୍ତ ରାଜସ୍ୱ ଆୟୁକ୍ତ ଏବଂ ଜିଲ୍ଲାପାଳମାନଙ୍କୁ ଏକ ଚିଠି ଲେଖି ଦୁର୍ନୀତି ରୋକିବା ଦିଗରେ ପ୍ରଶାସନିକ ବ୍ୟବସ୍ଥାର ସୁଦୃଢୀକରଣ ଏବଂ ପ୍ରତିକାରାତ୍ମକ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ଦୁର୍ନୀତି ପ୍ରତି କଡ଼ା ଆଭିମୁଖ୍ୟ ଓ ପଦକ୍ଷେପ ଗ୍ରହଣ କରିବାକୁ ସମସ୍ତ ବିଭାଗ ଏବଂ ଜିଲ୍ଲାପାଳମାନଙ୍କୁ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଭ୍ୟନ୍ତରୀଣ ସଚେତନତା କମିଟି (ଇଣ୍ଟରନାଲ ଭିଜିଲାନ୍ସ କମିଟି) ଗଠନ କରି ସମ୍ବେଦନଶୀଳ କ୍ଷେତ୍ରଗୁଡ଼ିକୁ ଚିହ୍ନଟ ପୂର୍ବକ ସ୍ୱଳ୍ପ ମିଆଦୀ ଓ ଦୀର୍ଘ ମିଆଦୀ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ କୁହାଯାଇଛି। ଇଜ୍ ଅଫ୍ ଡୁଇଙ୍ଗ ବିଜନେସ୍, ୱାମିସ୍, ଇ-ଟେଣ୍ଡରିଂ, ଇ-ପ୍ରୋକ୍ୟୁରମେଣ୍ଟ, ୱାର୍କ ପାସ୍ ବୁକ୍, ଡିବିଟି ଜରିଆରେ ଅର୍ଥ ପ୍ରେରଣ ଏବଂ ଅନ୍ ଲାଇନ୍ ମାନବ ସମ୍ବଳ ପରିଚାଳନା ବ୍ୟବସ୍ଥା ପାଇଁ ପ୍ରଯୁକ୍ତି-ଭିତ୍ତିକ ସୁଧାରଗୁଡ଼ିକୁ କାର୍ଯ୍ୟକାରୀ କରିବା ଏବଂ ସେଥିରେ ଅଧିକ ଉନ୍ନତି ଆଣିବା, କର୍ମଚାରୀମାନଙ୍କ ପର୍ଯ୍ୟାୟକ୍ରମିକ ପରିବର୍ତ୍ତନ, ନ୍ୟାୟସଙ୍ଗତ ଓ ସ୍ୱଚ୍ଛତା ଅବଲମ୍ବନ ପୂର୍ବକ ଅନଲାଇନ୍ ବ୍ୟବସ୍ଥାରେ ବଦଳି ଏବଂ କାର୍ଯ୍ୟରେ ସାଧୁତା ଅବଲମ୍ବନ ସନ୍ଦେହ ରହୁଥିବା ଅଧିକାରୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ(ସମ୍ବେଦନଶୀଳ) ପଦବୀରୁ ନିବୃତ୍ତ ରଖିବା ସହ ସ୍ୱଚ୍ଛତାର ସହ ମାନବ ସମ୍ବଳ ପରିଚାଳନା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ଅଧୀନରେ ଥିବା ସମସ୍ତ ସେବାର ସମୟସୀମାକୁ କାର୍ଯ୍ୟାଳୟରେ ପ୍ରଦର୍ଶନ କରିବା, ଡ୍ୟାସବୋର୍ଡ ମାଧ୍ୟମରେ କାର୍ଯ୍ୟାନୁଷ୍ଠାନ ଓ କାର୍ଯ୍ୟକଳାପକୁ ନିରୀକ୍ଷଣ କରି ନାଗରିକମାନଙ୍କୁ ସଶକ୍ତ କରିବା, ଦୁର୍ନୀତି ପ୍ରତି ଶୂନ ସହନଶୀଳତା(ଜିରୋ ଟଲେରାନ୍ସ) ନୀତିକୁ ପ୍ରତିଷ୍ଠିତ କରିବା ପାଇଁ ସମୟ ସମୟରେ ସମୀକ୍ଷା କରିବାକୁ କୁହାଯାଇଛି। ଏହି ନିର୍ଦ୍ଦେଶଗୁଡ଼ିକ ସମସ୍ତ ଅଧିକାରୀଙ୍କ ନିକଟରେ ଯେପରି ନିଶ୍ଚିତ ଭାବରେ ପହଁଚିବ ଏବଂ ନିର୍ଦ୍ଦେଶିତ ଅନୁସାରେ ଏହାର କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ ହେବ ସେନେଇ ମୁଖ୍ୟ ସଚିବ ଗୁରୁତ୍ୱ ଦେଇଛନ୍ତି।

ଏହା ସହ "ସନ୍ଥାନମ କମିଟି" ସୁପାରିଶ ଅନୁସାରେ ବିଭାଗମାନେ ନିଜେ ନିଜେ ସମ୍ବେଦନଶୀଳ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରି, ମାମଲା ସୃଷ୍ଟି ହେବା ପୂର୍ବରୁ ସେଥିପ୍ରତି ଆଗୁଆ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏହାସହିତ କ୍ରୟ ଏବଂ ଚୁକ୍ତି ପରିଚାଳନା କ୍ଷେତ୍ରରେ ଇ-କ୍ରୟ(ପ୍ରୋକ୍ୟୋରମେଣ୍ଟ), ଇ-ଟେଣ୍ଡରିଂ ଏବଂ ତୃତୀୟ ପକ୍ଷ ସାର୍ଟିଫିକେସନ୍ ଅବଲମ୍ବନ କରିବାଦ୍ୱାରା ଇଚ୍ଛାଧୀନ କ୍ଷମତାର ବ୍ୟବହାର ସମ୍ଭାବନା ହ୍ରାସ ପାଇଥାଏ, ତେଣୁ ଏହି ବ୍ୟବସ୍ଥାକୁ ଆପଣାଇବାକୁ ସେ ପରାମର୍ଶ ଦେଇଛନ୍ତି।

# ରଶ୍ମି ସାହୁ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ସିନେଟ୍ ସଦସ୍ୟ



କଟକ,୧୧।୯(ସମିସ): ଓଡ଼ିଶାର ପୁରାତନ ଶିକ୍ଷାନୁଷ୍ଠାନ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ନୂତନ ସିନେଟ୍ ସଦସ୍ୟ ମନୋନୀତ ହୋଇଛନ୍ତି। ଓଡ଼ିଶାର ପ୍ରତିଷ୍ଠିତ ରୁଚି ଶିଳ୍ପୋଦ୍ୟୋଗର ନିର୍ଦ୍ଦେଶିକା ରଶ୍ମି ସାହୁଙ୍କୁ ବିଶ୍ୱବିଦ୍ୟାଳୟର ନୂତନ ସିନେଟ୍ ସଦସ୍ୟ ଭାବେ ମନୋନୟନ କରାଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶ କରାଯାଇଛି। ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ କ୍ଷେତ୍ରରେ ବିଦେଶରୁ ଉଚ୍ଚଶିକ୍ଷା ଗ୍ରହଣ କରିଥିବା ରଶ୍ମି ରୁଚି ପ୍ରୋଜିଟ୍ ଓ ଫାର୍ମ ବି'ର ମଧ୍ୟ ପ୍ରତିଷ୍ଠାତା। ସେ ବିଭିନ୍ନ ଆନ୍ତର୍ଜାତିକ ଶିଳ୍ପ ଓ ଉଦ୍ୟୋଗ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବା ସହ ଓଡ଼ିଶାରେ ମହିଳାମାନଙ୍କୁ ସଶକ୍ତୀକରଣ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ସେ ହେଉଛନ୍ତି ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ତଥା 'ରୁଚି'ର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁଙ୍କ କନ୍ୟା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କମଳଜିତ ସିଂହ ଓ କୁଳସଚିବ ନିରୁପମା ସ୍ୱାଇଁ ପ୍ରମୁଖ ନୂତନ ସିନେଟ ସଦସ୍ୟ ରଶ୍ମିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଆଇଇଡି ବିସ୍ଫୋରଣରେ ଦୁଇ ଯବାନ ଗୁରୁତର

ମାଲକାନଗିରି, ୧୧।୯(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଦନ୍ତେୱାଡ଼ା ଜିଲ୍ଲାରେ ପୁଣି ମାଓହିଂସା ଦେଖିବାକୁ ମିଳିଛି। ସାତେଧାର-ମାଲେବାହି ରାସ୍ତାରେ ଆଇଇଡି ବୋମା ବିସ୍ଫୋରଣ କରି ସୁରକ୍ଷା ବାହିନୀକୁ ଟାର୍ଗେଟ୍ କରିଛନ୍ତି ମାଓବାଦୀ। ବିସ୍ଫୋରଣରେ ଦୁଇଜଣ ସିଆରପିଏଫ ଯବାନ ଗୁରୁତର ଆହତ ହୋଇଛନ୍ତି। ଜଣଙ୍କର ବାମ ପାଦ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଉଭୟଙ୍କୁ ଜିଲ୍ଲା ହସ୍ପିଟାଲ ଦାନ୍ତେୱାଡାକୁ ପଠାଯାଇଥିବା ଅତିରିକ୍ତ ପୁଲିସ ଅଧୀକ୍ଷକ ଆର.କେ ବର୍ମନ ସୂଚନା ଦେଇଛନ୍ତି। ଘଟଣା ପରେ ସୁରକ୍ଷା ବାହିନୀ ପକ୍ଷରୁ ସର୍ଚ୍ଚ ଅପରେସନ୍‌କୁ ଜୋରଦାର୍ କରାଯାଇଛି।

# ୩ ଏକାଡେମୀ ପାଇଁ ସ୍ୱତନ୍ତ୍ର ୱେବ୍‌ସାଇଟ୍ ଉନ୍ମୋଚିତ

ଭୁବନେଶ୍ୱର, ୧୧।୯(ସମିସ): ସଂସ୍କୃତି ବିଭାଗ ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ଲଳିତକଳା ଏକାଡେମୀ ପାଇଁ ୩ଗୋଟି ସ୍ୱତନ୍ତ୍ର ୱେବ୍‌ସାଇଟ୍ ଉନ୍ମୋଚିତ ହୋଇଯାଇଛି। ଏହି ୩ଟି ୱେବ୍‌ସାଇଟ୍ ମାଧ୍ୟମରେ ଏକାଡେମୀ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓ ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକୁ ଜନସାଧାରଣଙ୍କ ଅବଗତି ସମ୍ବନ୍ଧରେ ଉପଲବ୍ଧ କରାଯାଇପାରିବ। ଏହାସହ ସଂସ୍କୃତି ବିଭାଗ ଅଧୀନ ରବୀନ୍ଦ୍ର ମଣ୍ଡପ, ଭଞ୍ଜ କଳାମଣ୍ଡପ ଏବଂ ଉତ୍କଳ ମଣ୍ଡପର ଅନଲାଇନ୍ ବୁକିଂ ସହ ମଣ୍ଡପରେ ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ବନ୍ଧିତ ସୂଚନା ପାଇଁ ସ୍ୱତନ୍ତ୍ର 'ମଣ୍ଡପ ୱେବ୍‌ସାଇଟ୍' ଉନ୍ମୋଚିତ ହୋଇଛି। ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଆୟୋଜିତ 'ମୋ ସ୍ୱପ୍ନର ଓଡ଼ିଶା-୨୦୩୬' ଚିତ୍ରକଳା ପ୍ରତିଯୋଗିତା କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ୱେବସାଇଟ୍‌ଗୁଡ଼ିକୁ ଉନ୍ମୋଚନ କରିବା ସହ ପ୍ରତିଯୋଗିତାରେ ୫୬ଜଣ ବିଜେତାଙ୍କୁ ପୁରସ୍କୃତ କରିଥିଲେ। ଏହାସହ 'ଘରେଘରେ ତ୍ରିରଙ୍ଗା' କାର୍ଯ୍ୟକ୍ରମରେ ଭାଗ ନେଇଥିବା ୧୫ଶ୍ରେଷ୍ଠ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ଓଡ଼ିଶା ଲଳିତ କଳା ଏକାଡେମୀର ସଚିବ ଦେବଯାନୀ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

## ଅପରେସନ୍ 'ପ୍ରହାର'

# ସପ୍ତାହରେ ୫ କେଜି ଗଞ୍ଜେଇ ଓ ଅଢ଼େଇ କେଜି ବ୍ରାଉନସୁଗର ଜବତ

ଭୁବନେଶ୍ୱର,୧୧।୯(ସମିସ): ରାଜ୍ୟକୁ ନିଶାମୁକ୍ତ କରିବା ସହ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଅପରେସନ୍ 'ପ୍ରହାର' ଜାରି ରହିଛି। ଗତ ୧ ତାରିଖରୁ ଓଡ଼ିଶା ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ସମସ୍ତ ଜିଲ୍ଲା ପୁଲିସ ସାମିଲ ହୋଇ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛନ୍ତି। ପ୍ରଥମ ସପ୍ତାହରେ ବିପୁଳ ପରିମାଣର ଗଞ୍ଜେଇ, ବ୍ରାଉନସୁଗର ଓ କଫ-ସିରପ୍ ଭଳି ନିଶାଦ୍ରବ୍ୟ ଜବତ ହୋଇଛି। ପୁଲିସ ପକ୍ଷରୁ ମୋଟ ୧୧୦ଟି ମାମଲା ରୁଜୁ କରାଯାଇଥିବା ବେଳେ ୧୫୭ ଜଣ ନିଶା ବେପାରୀଙ୍କୁ ଗିରଫ କରାଯାଇଛି।

ଗତ ସପ୍ତାହକ ମଧ୍ୟରେ ଗଞ୍ଜେଇ ଚୋରାଚାଲାଣ ବିରୋଧରେ ୭୨ଟି ମାମଲା ରୁଜୁ କରାଯିବା ସହ ୪୮୦୮ କେଜି ଗଞ୍ଜେଇ ଜବତ କରାଯାଇଛି। ଗଞ୍ଜେଇ ଚାଲାଣ ମାମଲାରେ ସମ୍ପୃକ୍ତ ୯୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେହିପରି ବେଆଇନ ବ୍ରାଉନସୁଗର କାରବାର କ୍ଷେତ୍ରରେ ୨୭ଟି ମାମଲା ରୁଜୁ ହୋଇଥିବା ବେଳେ ୨ କେଜି ୩୭୪ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଛି ପୁଲିସ। ବ୍ରାଉନସୁଗାର ବିକ୍ରିରେ ସଂପୃକ୍ତ ୪୫ଜଣ ନିଶାବେପାରୀଙ୍କୁ ଗିରଫ କରାଯାଇଛି। ସେହିଭଳି ୩୦୫୨ ବୋତଲ କଫ-ସିରପ୍ ଜବତ ସହ ଏଥିରେ ସମ୍ପୃକ୍ତ ଥିବା ୧୯ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହାସହ ୭୦ଜଣ ଅଭ୍ୟାସଗତ ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଧାରା ୧୨୯ ଅନୁଯାୟୀ (ସିଆରପିସି-୧୧୦) କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥିସହ ଚୋରା ନିଶାଦ୍ରବ୍ୟ ବିକ୍ରି ଅଭିଯୋଗରେ ସମ୍ପୃକ୍ତି ୩ଟି ଦୋକାନକୁ ବନ୍ଦ କରାଯାଇଛି।

# ନେପାଳରୁ ଫେରିଲେ ୨୩ ଓଡ଼ିଆ



**ଆଜି ଓଡ଼ିଶାରେ ପହଞ୍ଚିବେ**

ଭୁବନେଶ୍ୱର, ୧୧।୯(ସମିସ): ନେପାଳ ଭ୍ରମଣରେ ଯାଇଥିବା ୨୩ ଓଡ଼ିଆ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଭାରତ ଫେରାଇ ଅଣାଯାଇଛି। ଆସନ୍ତାକାଲି ସମସ୍ତେ ଓଡ଼ିଶାରେ ପହଞ୍ଚିବେ ବୋଲି ଜଣାଯାଇଛି। ନେପାଳରେ ଗୃହଯୁଦ୍ଧ ପରିସ୍ଥିତି ଯୋଗୁଁ ସେମାନେ ଫସି ରହିଥିଲେ। ଏହି ଘଟଣା ସାମ୍ନାକୁ ଆସିବା ପରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ, ଓଡ଼ିଶା ସରକାରଙ୍କ ନୂଆଦିଲ୍ଲୀସ୍ଥିତ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ, ନେପାଳ କାଠମାଣ୍ଡୁସ୍ଥିତ ଭାରତର ଦୂତାବାସ କାର୍ଯ୍ୟାଳୟ, ରୋମାନିଆ ପାଇଁ ରହିଥିବା ଭାରତର ରାଷ୍ଟ୍ରଦୂତ ଡ. ମନୋଜ କୁମାର ମହାପାତ୍ରଙ୍କ ମିଳିତ ସହଯୋଗରେ ୨୩ଜଣ ଓଡ଼ିଆ ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇଥିଲା। ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି। ସେମାନଙ୍କୁ ଭାରତ-ନେପାଳ ବର୍ଡର୍ (ରକ୍ସଲ) ଦେଇ ଅଣାଯାଇଛି। ବର୍ତ୍ତମାନ ସେମାନେ ବିହାରରେ ଅଛନ୍ତି। ସେଠାରୁ ଆଜି ରାତିରେ ଶତାବ୍ଦୀ ଏକ୍ସପ୍ରେସରେ ବାହାରି ଆସନ୍ତାକାଲି (ଶୁକ୍ରବାର) ଯାଜପୁର ରେଳଷ୍ଟେସନ୍‌ରେ ପହଞ୍ଚିବେ। ସେଠାରୁ ସମସ୍ତେ ନିଜନିଜ ଘରକୁ ଯିବେ। ଏଥିପାଇଁ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଥିବା କରୁଥିବା ଜଣାପଡ଼ିଛି।

# ଜାନୁଆରୀରୁ କାର୍ଯ୍ୟକ୍ଷମ ହେବ କଳିଙ୍ଗ ଷ୍ଟୁଡିଓ

**୩ ମାସର କଣ୍ଟକୁ ୬୦% କାମ ବାକି**

- ଭିତ୍ତିଭୂମି ଯାଞ୍ଚ କଲେ ୭ଜଣିଆ ବିଧାୟକ ଦଳ



ଭୁବନେଶ୍ୱର, ୧୧।୯(ସମିସ): ଆସନ୍ତା ଜାନୁଆରୀରୁ କାର୍ଯ୍ୟକ୍ଷମ ହେବ ବହୁପ୍ରତୀକ୍ଷିତ କଳିଙ୍ଗ ଷ୍ଟୁଡିଓ। ଏଣିକି ଓଡ଼ିଆ ସିନେମା ପ୍ରଯୋଜକ ଓ ନିର୍ଦ୍ଦେଶକଙ୍କୁ ସୁଟିଂ ପାଇଁ ହାଇଦ୍ରାବାଦ, କାଶ୍ମୀର, ଦିଲ୍ଲୀ, ବେଙ୍ଗାଲୁର, ଆଦି ବାହାର ରାଜ୍ୟକୁ ଯିବାକୁ ପଡ଼ିବନି। ପୂର୍ବଭଳି ପୁଣି କଳିଙ୍ଗ ଷ୍ଟୁଡିଓରେ କଳାକାରଙ୍କ ଭିଡ଼ ଜମିବ। ସିନେମା ସୁଟିଂ ପାଇଁ ଓଲିଉଡ୍ ସିନେନିର୍ମାତାଙ୍କ ଲାଇନ୍ ଲାଗିବ କଳିଙ୍ଗ ଷ୍ଟୁଡିଓରେ। ଏଥିପାଇଁ କାମ ମଧ୍ୟ ଜୋରଦାର୍ ଚାଲିଛି। ଆଜି ଓଡ଼ିଶା ଫିଲ୍ମ ଡେଭଲପମେଣ୍ଟ କର୍ପୋରେସନ୍ ଆନୁକୂଲ୍ୟରେ ୭ଜଣିଆ ବିଧାୟକଦଳ କମିଟି କଳିଙ୍ଗ ଷ୍ଟୁଡିଓ ପରିଦର୍ଶନ କରିଥିବା ବେଳେ ଭିତ୍ତିଭୂମିର ଯାଞ୍ଚ ସାଙ୍ଗକୁ ବିଭିନ୍ନ ଆଲୋଚନା କରିଥିଲେ। ଏହି ଓଏଫ୍‌ଡିସିର ଚେୟାରମ୍ୟାନ୍ ସମର୍ଥ ବର୍ମା, କମିଟିର ଚେୟାରମ୍ୟାନ୍ ଦୁଷ୍ମନ୍ତ ସ୍ୱାଇଁଙ୍କ ସମେତ ଛବି ମଲ୍ଲିକ, ଅରବିନ୍ଦ ମହାପାତ୍ର, ଲକ୍ଷ୍ମଣ ବାଗ, ପ୍ରତାପ ଚନ୍ଦ୍ର ପ୍ରଧାନ, ରୂପେଶ କୁମାର ପାଣିଗ୍ରାହୀ, ସତ୍ୟଜିତ ଗମାଙ୍ଗ ପ୍ରମୁଖ କଳିଙ୍ଗ ଷ୍ଟୁଡିଓର କାର୍ଯ୍ୟ ସମୀକ୍ଷା କରିଛନ୍ତି। ଷ୍ଟୁଡିଓ ପରିସରରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ଏଥିପାଇଁ ଆଉ କ'ଣ ଆବଶ୍ୟକତା ରହିଛି, ସେ ଉପରେ ମତ ରଖିଥିଲେ।

କମିଟି ଚେୟାରମ୍ୟାନ୍ ଦୁଷ୍ମନ୍ତ ସ୍ୱାଇଁ କହିଛନ୍ତି, ଖୁବ୍‌ଶୀଘ୍ର କିଭଳି କାର୍ଯ୍ୟକ୍ଷମ ହେବ, ସେ ଦିଗରେ ସରକାର ସମସ୍ତ ଚେଷ୍ଟା କରୁଛନ୍ତି। ଆଗକୁ ଜାନୁଆରୀ ସୁଦ୍ଧା କାମ ଶେଷ ହୋଇ ଏହା କାର୍ଯ୍ୟକ୍ଷମ ହେବା ଲକ୍ଷ୍ୟ ରଖାଯାଇଛି। ତେବେ, ଏହା ପୂର୍ବରୁ ଗତ ଜୁନ ୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଶିକ୍ଷାମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ କଳିଙ୍ଗ ଷ୍ଟୁଡିଓ ପରିଦର୍ଶନ କରି ଏକ ସ୍ୱତନ୍ତ୍ର ଡିପିଆର୍ ପ୍ରସ୍ତୁତ କରିବା ପ୍ରତିଶ୍ରୁତି ଦେଇଥିଲେ ମୁଖ୍ୟମନ୍ତ୍ରୀ।

ସୂଚନା ଅନୁସାରେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳିଙ୍ଗ ଷ୍ଟୁଡିଓର ନବକଳେବର ପାଇଁ ଅଣ୍ଟା ଭିଡ଼ିଥିଲେ। ଷ୍ଟୁଡିଓର ନବକଳେବର କାର୍ଯ୍ୟ ଇଡ୍‌କୋକୁ ପ୍ରଦାନ କରାଯାଇଥିବା ବେଳେ ଇଡ୍‌କୋ ଏକ ଘରୋଇ ସଂସ୍ଥାକୁ ହସ୍ତାନ୍ତର କରିଥିଲା। ୨୦୨୧ ଡିସେମ୍ବର ୭ରେ ୨ ଲକ୍ଷ ୪୦ହଜାର ବର୍ଗଫୁଟ୍ ପରିମିତ ସ୍ଥାନରେ ଏହି ପ୍ରକଳ୍ପ ପାଇଁ ପ୍ରାୟ ୨୦୦ କୋଟି କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ୨୦୨୪ ଅଗଷ୍ଟ ସୁଦ୍ଧା ଶେଷ କରାଯିବାର ଧାର୍ଯ୍ୟ ହୋଇଥିଲା। ପ୍ରକଳ୍ପ କାମ ୨୦୨୨ ମାର୍ଚ୍ଚ ୧୫ରୁ ଆରମ୍ଭ ହୋଇଥିବା ବେଳେ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଉଦ୍‌ଘାଟନ କରାଯିବାର ଯୋଜନା ରହିଥିଲା। ହେଲେ କାମ ଶେଷ ହୋଇନଥିବାରୁ ଉଦ୍‌ଘାଟନ ହୋଇପାରି ନଥିବା ବେଳେ ପରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିଲା। ପରେ ନୂତନ ସରକାର ଆସିବା ପରେ ମଧ୍ୟ ବଳକା କାର୍ଯ୍ୟ ଏ ପର୍ଯ୍ୟନ୍ତ ଶେଷ ହୋଇନାହିଁ। ଷ୍ଟୁଡିଓ କାର୍ଯ୍ୟକ୍ଷମ ହେବାର ସମୟ ଘୁଞ୍ଚିଘୁଞ୍ଚି ଯାଉଛି। ଫଳରେ ସିନେ ନିର୍ମାତାମାନେ ସିନେମା ସୁଟିଂ ପାଇଁ ବାହାର ରାଜ୍ୟକୁ ଭରସା କରୁଛନ୍ତି। ତେବେ ଆଜିର ବିଧାୟକ କମିଟି ଷ୍ଟୁଡିଓ ପରିଦର୍ଶନ କରିଥିବା ବେଳେ ୪୦ ପ୍ରତିଶତ କାମ ଶେଷ ହୋଇଥିବା କହିଛନ୍ତି। ବଳକା ୬୦ ପ୍ରତିଶତ କାମ ୩ମାସ ମଧ୍ୟରେ କିଭଳି ଶେଷ ହେବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁଙ୍କ ସହଯୋଗ ମିଳିପାରେ। କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିପାରେ। ଦୀର୍ଘ ଦିନର ଆଶା ପୂରଣ ହେବ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ରାଜନେତାଙ୍କ ପାଇଁ ଦିନଟି ଭଲ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ। ଆୟ ଓ ବ୍ୟୟ ସମାନ ରହିବ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ବନ୍ଧୁ ମିଳନ ଯୋଗ ରହିଛି।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସହିତ ହସଖୁସିର ସମୟ ବିତାଇବେ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହୋଇପାରେ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କୌଣସି କଥାକୁ ନେଇ ମନ ଉଣା ହୋଇପାରେ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ଦାନ ଧର୍ମ କରନ୍ତୁ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ। ଉଧାର ଟଙ୍କା ଫେରି ପାଇବେ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଉଧାର ଟଙ୍କା ଫେରି ପାଇବେ।


**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ।

## ଆଜିର ଘଟଣା

- ୧୮୭୩- ପ୍ରଥମ ଟାଇପ୍ ରାଇଟର୍ ଗ୍ରାହକଙ୍କୁ ବିକ୍ରି କରାଗଲା।
- ୧୯୪୪- ଆମେରିକୀୟ ସେନା ପ୍ରଥମ ଥର ଜର୍ମାନୀରେ ପ୍ରବେଶ କଲା।
- ୧୯୫୯ -ସୋଭିଏତ୍ ସଂଘର ପ୍ରଥମ ମହାକାଶଯାନ 'ଲୁନା-୨' ଚନ୍ଦ୍ରପୃଷ୍ଠରେ ପହଞ୍ଚିଲା।
- ୧୯୯୮ - କୁଆଲାଲାମ୍ପୁରରେ ୧୬ତମ ରାଷ୍ଟ୍ରମଣ୍ଡଳ ଖେଳର ଆରମ୍ଭ।
- ୨୦୦୦- ନ୍ୟୁୟର୍କରେ ଅନ୍ତରାଷ୍ଟ୍ରୀୟ ଆର୍ଯ୍ୟୁବେଦ ସମ୍ମିଳନୀର ଆରମ୍ଭ।

## ଆଜି ବାହୁଡ଼ିଥିଲେ

### ପାଠାଗାର ଆନ୍ଦୋଳନର ପୁରୋଧା
# ଦାଶରଥୀ ପଟ୍ଟନାୟକ




ଓଡ଼ିଶା ପାଠାଗାର ଆନ୍ଦୋଳନର ପ୍ରବାଦ ପୁରୁଷ, ପ୍ରଖ୍ୟାତ ସଂଗ୍ରାହକ, ସାରସ୍ୱତ ସାଧକ ଦାଶରଥୀ ପଟ୍ଟନାୟକଙ୍କର ଆଜି ପୁଣ୍ୟତିଥି। ଦାସିଆ ଅଜା ନାମରେ ସେ ଓଡ଼ିଶାର ଘରେ ଘରେ ପରିଚିତ ଥିଲେ। ଦାସିଆ ଅଜା ୧୯୦୭ ମସିହା ଜୁଲାଇ ୧୨ ତାରିଖରେ ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍‌ର ଉଦୟପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ମାତ୍ର ଷଷ୍ଠ ଶ୍ରେଣୀ ଯାଏଁ ପାଠ ପଢ଼ିଥିଲେ । ସେ ନିଜ ଗାଁ'ରେ ପଥୁରିଆ ଅନୁର୍ବର ଜମି ଚାଷ କରି ପେଟ ପୋଷୁଥିଲେ । ଏଥିପାଇଁ ସେ ଖୁଣ୍ଟାତଡ଼ା ରଜା ନାମରେ ପରିଚିତ ଥିଲେ । ସେ ଦ୍ୱିପ୍ରହର ସମୟରେ ବିଶ୍ରାମ ନ ନେଇ ପାଠ ପଢ଼ିବାକୁ ଏକ ନିଶା ଭାବେ ଆଦରି ନେଇଥିଲେ। ବହି ପଢ଼ିବା ପାଇଁ ସେ ପର ଦିନ ପଢ଼ିବା ବହି ତା' ଆଗଦିନ ଆଣି ସଂଗ୍ରହ କରି ରଖୁଥିଲେ। କ୍ରମେ ତାଙ୍କର ଏହି ବହି ସଂଗ୍ରହ ଏକ ପାଠାଗାର ଆନ୍ଦୋଳନର ରୂପ ନେଇଥିଲା । ସେ ମୁଣ୍ଡରେ ଠେକା ଭିଡ଼ି, କାନ୍ଧରେ ଝୁଲା ମୁଣା ଧରି ସାରା ଓଡ଼ିଶା ବୁଲି ବହି ସଂଗ୍ରହ କରୁଥିଲେ । ଦାସିଆ ଅଜା ପ୍ରତିଦିନ ଏକଶହରୁ ଊର୍ଦ୍ଧ୍ୱ ପୋଷ୍ଟକାର୍ଡ଼ ଲେଖି ବିଭିନ୍ନ କବି ଲେଖକମାନଙ୍କୁ ପଠାଉଥିଲେ । ଲେଖା ପଢ଼ି ଉତ୍ସାହିତ କରୁଥିଲେ ଓ ଅଚାନକ ସେମାନଙ୍କ ଘରେ ବି ପହଞ୍ଚି ଯାଉଥିଲେ । ଯାହାକୁ ଭେଟୁଥିଲେ ତାଙ୍କଠାରୁ ସହଯୋଗ ଅର୍ଥ ଭାବେ ମାତ୍ର ୧୦ ପଇସା ମାଗୁଥିଲେ। ନିଜର ସଂଗୃହୀତ ଜିନିଷ ସବୁକୁ ନେଇ ଦାସିଆ ଅଜା ନୟାଗଡ଼ର ନୂଆଗାଁରେ ଶ୍ରୀ ଅରବିନ୍ଦ ସଂଗ୍ରହାଳୟ ସ୍ଥାପନା କରିଥିଲେ। ୫୦୦୦ରୁ ଅଧିକ ତାଳପତ୍ର ପୋଥି, ପୁରୁଣା ମୁଦ୍ରା, ଅସ୍ତ୍ରଶସ୍ତ୍ର, ଚେରମୂଳି, ବିଶିଷ୍ଟ ବ୍ୟକ୍ତିଙ୍କ ବ୍ୟବହୃତ ଦ୍ରବ୍ୟ, ପୁରାତନ ଦସ୍ତାବିଜ୍, ଫସିଲ, ଡାକଟିକଟ, ବାଦ୍ୟଯନ୍ତ୍ର, ମୂଲ୍ୟବାନ ପଟ୍ଟଚିତ୍ର ଆଦି ଅନେକ ଦୁର୍ଲଭ ଜିନିଷ ରହିଛି ଏହି ସଂଗ୍ରହାଳୟରେ । ସଂଗ୍ରହାଳୟ ପରିସର ମଧ୍ୟରେ ବାଞ୍ଛାନିଧି ପାଠାଗାର ଓ ଯଦୁମଣି ସାହିତ୍ୟ ସଂସଦ ରହିଛି। ଏକକ ପ୍ରଚେଷ୍ଟାରେ ୫୦ ହଜାରରୁ ଅଧିକ ବହି ଓ ୬୫ ହଜାରରୁ ଅଧିକ ପତ୍ରିକାରେ ସମୃଦ୍ଧ ହୋଇଥିଲା ବାଞ୍ଛାନିଧି ପାଠାଗାର । ଏଠାରେ ବିଭିନ୍ନ ଭାଷାର ଅଭିଧାନ, ୩ ହଜାର ବିରଳ ବହି ଓ ୧୯୫୯ରୁ ୧୯୯୭ ପର୍ଯ୍ୟନ୍ତ ବହୁ ଦୈନିକ ଖବରକାଗଜ ରହିଛି । ୧୯୯୭ ମସିହା ଆଜିର ଦିନରେ ୯୦ ବର୍ଷ ବୟସରେ ଦାସିଆ ଅଜାଙ୍କର ଦେହାନ୍ତ ହୋଇଥିଲା। ତେବେ ତାଙ୍କର ତିନୋଟି ଅନୁଷ୍ଠାନ ତାଙ୍କୁ ଚିରଦିନ ଅମର କରିଦେଇଛି । ସରକାରୀ ପ୍ରୋତ୍ସାହନରେ ଦାସିଆ ଅଜାଙ୍କର ତିନୋଟି ଯାକ ଅନୁଷ୍ଠାନକୁ ମିଶାଇ ଦାଶରଥୀ ପଟ୍ଟନାୟକ ଫାଉଣ୍ଡେସନ୍ ଟ୍ରଷ୍ଟ ଗଠନ କରାଯାଇଛି ।

## ସ୍ୱାଦହୀନ କ୍ୟାଣ୍ଡି



ପିଲାଠୁ ବୁଢ଼ା ସମସ୍ତେ ଚକଲେଟ୍ ଖାଇବାକୁ ପସନ୍ଦ କରନ୍ତି। ଚକଲେଟ୍ ସାଧାରଣତଃ ମିଠା ହୋଇଥାଏ। ଏହାବାଦ୍ ରାଗ, ଲୁଣିଆ, ଖଟା ସ୍ୱାଦ ଯୁକ୍ତ ଚକଲେଟ୍ ମଧ୍ୟ ବଜାରରେ ମିଳୁଛି। ଜାପାନର ଆଗଧାଡ଼ିର ରିଟେଲ୍ କମ୍ପାନୀ 'ଲାସନ' ୨୦୨୨ ମସିହାରେ ଏକ ଭିନ୍ନ ଧରଣର କ୍ୟାଣ୍ଡିକୁ ଲଞ୍ଚ୍ କରିଥିଲା। ଏହି କ୍ୟାଣ୍ଡିର ନାଁ 'ଅଜି ନୋ ଶିନାଇ' । ସ୍ଥାନୀୟ ଭାଷାରେ ଏହାର ଅର୍ଥ ବିନା ସ୍ୱାଦର କ୍ୟାଣ୍ଡି । ଏହି କ୍ୟାଣ୍ଡି ଖାଇଲେ ଏଥିରେ କିଛି ସ୍ୱାଦ ଜଣାପଡ଼ିବ ନାହିଁ ବୋଲି ସେତେବେଳେ କମ୍ପାନି ପକ୍ଷରୁ କୁହାଯାଇଥିଲା। ଏହି କ୍ୟାଣ୍ଡି ପାଟିକୁ ମିଠା, ଖଟା, ରାଗ କି ଲୁଣିଆ ଲାଗିବ ନାହିଁ। ଏହାକୁ ତିଆରି କରିବା ପାଇଁ କେବଳ ଦୁଇଟି ସାମଗ୍ରୀର ବ୍ୟବହାର ହୋଇଛି। ପ୍ରଥମଟି ହେଉଛି ସିନ୍ଥେଟିକ ସୁଗାର୍‌ର ବିକଳ୍ପ ଯାହାକୁ ପଲିଡେକ୍ସଟ୍ରୋଜ୍ ଓ ଅନ୍ୟଟି ହେଉଛି ଅର୍ଗାନିକ ସୁଗାରର ବିକଳ୍ପ ଏରିଥ୍ରିଟୋଲ। ତେବେ ଏହି କ୍ୟାଣ୍ଡି ଖାଇଥିବା କିଛି ଲୋକଙ୍କର କହିବାନୁସାରେ, ଏହି କ୍ୟାଣ୍ଡି ସ୍ପୋର୍ଟସ୍ ଡ୍ରିଙ୍କରେ ଅଧିକ ପାଣି ମିଶାଇଲେ ତାହା ଯେମିତି ପାଟିକୁ ଲାଗିଥାଏ ଏହା ସେମିତି ଲାଗୁଛି। ସେହିଭଳି ଆଉ କିଛି ଜଣ ଏହା ହାଲ୍‌କା ମିଠା ଲାଗୁଛି ବୋଲି କହିଛନ୍ତି। ଅନ୍ୟପଟେ ମିଠା କିମ୍ବା ସ୍ୱାଦଯୁକ୍ତ କ୍ୟାଣ୍ଡି ଖାଇବାକୁ ପସନ୍ଦ କରୁନଥିବା ଲୋକଙ୍କ ପାଇଁ ଏହା ତିଆରି କରାଯାଇଥିବା କମ୍ପାନି ପକ୍ଷରୁ କୁହାଯାଇଛି। ମହାମାରୀ କରୋନା ସମୟରେ ମାସ୍କ ବ୍ୟବହାରୀଙ୍କ ପାଇଁ ମିଣ୍ଟ କ୍ୟାଣ୍ଡି ସମସ୍ୟା କରୁଥିବା ଲକ୍ଷ୍ୟ କରି ଏହି ସ୍ୱାଦହୀନ କ୍ୟାଣ୍ଡିଟିକୁ ତିଆରି କରାଯାଇଥିଲା।

## ଓଜନ ବଢ଼ାଇଲେ ଅମିର୍ 'ଦାଦା ସାହେବ ଫାଲ୍‌କେ' ଫିଲ୍ମକୁ ନେଇ ଚର୍ଚ୍ଚା



ବଲିଉଡ୍ ଅଭିନେତା ଅମିର୍ ଖାନ୍ ଏବେ ତାଙ୍କର ନୂଆ ଲୁକ୍ ପାଇଁ ଚର୍ଚ୍ଚାକୁ ଆସିଛନ୍ତି। ଇତିମଧ୍ୟରେ ଅମିର୍‌ଙ୍କର ଏକ ଭିଡିଓ ଭାଇରାଲ ହୋଇଛି। ଯେଉଁଥିରେ ସେ 'ସିତାରେ ଜମିନ୍ ପର୍' ଟିମ୍ ସହ ନାଚୁଥିବାର ଦେଖାଯାଇଛନ୍ତି। ଏହି ସମୟରେ ସେ ବେଶ୍ ମୋଟା ଦେଖାଯାଉଛନ୍ତି। ଅମିର୍‌ଙ୍କ ଏହି ଲୁକ୍‌କୁ ତାଙ୍କ ପ୍ରଶଂସକମାନେ 'ସିତାରେ ଜମିନ୍ ପର' ଲୁକ୍ ସହ ତୁଳନା କରୁଛନ୍ତି। 'ସିତାରେ ଜମିନ୍ ପର୍'ରେ ଅମିର୍ ବେଶ୍ ପତଳା ଦେଖାଯାଉଥିଲେ। ତେବେ ଅମିର୍ 'ଦାଦା ସାହେବ ଫାଲ୍‌କେ' ଫିଲ୍ମ ପାଇଁ ତାଙ୍କ ଓଜନ ବୃଦ୍ଧି କରିଥିବା ଚର୍ଚ୍ଚା ହେଉଛି। ରାଜକୁମାର ହିରାନୀ 'ଦାଦା ସାହେବ ଫାଲ୍‌କେ'ଙ୍କ ବାୟୋଗ୍ରାଫି ପାଇଁ ଅମିର୍‌ଙ୍କୁ ସାଇନ୍ କରିଥିବା ଜଣାପଡ଼ିଛି। ଏହାପୂର୍ବରୁ ଅମିର୍ 'ଦଙ୍ଗଲ' ଫିଲ୍ମ ପାଇଁ ଓଜନ ବଢ଼ାଇଥିଲେ। ଏହା ବକ୍ସ ଅଫିସ୍‌ରେ ୨୦୦୦ କୋଟିର ବିଜିନେସ୍ କରିଥିଲା। ତେବେ 'ଦଙ୍ଗଲ'ର ସଫଳତାକୁ ଦୋହରାଇବା ପାଇଁ ଅମିର୍ 'ଦାଦାସାହେବ ଫାଲ୍‌କେ' ଫିଲ୍ମ ପାଇଁ ଓଜନ ବଢ଼ାଇଥିବା ମଧ୍ୟ ଚର୍ଚ୍ଚା ହେଉଛି।



# ସଞ୍ଜୀବନୀ

## 'ସକାଳ'ର ସ୍ୱାସ୍ଥ୍ୟ

# ଟମାଟୋ ଫ୍ଲୁ

**ଋତୁପରିବର୍ତ୍ତନ ଦ୍ୱାରା ସାଧାରଣତଃ ଭୂତାଣୁଜନିତ ସଂକ୍ରମଣ ଅଧିକ ବୃଦ୍ଧିପାଏ। ଦୂଷିତ ବାୟୁ ଯୋଗୁଁ ଥଣ୍ଡା, କାଶ, ଜ୍ୱର ସହିତ ଶ୍ୱାସ ସମସ୍ୟା ଦ୍ୱିଗୁଣିତ ହୋଇଥାଏ । ଏହି କ୍ରମରେ ଏବେ ଦେଶରେ ଟମାଟୋ ଫ୍ଲୁ ନାମକ ଭୂତାଣୁ ଚିନ୍ତା ବଢ଼ାଉଛି । ଏହି ଜ୍ୱରର କାରଣ, ଲକ୍ଷଣ ଓ ଚିକିତ୍ସା ବିଷୟରେ ଜାଣିବା..**




ଟମାଟୋ ଫ୍ଲୁ ଏକ ଭୂତାଣୁ ସଂକ୍ରାମକ ରୋଗ । ସାଧାରଣତଃ ୫ବର୍ଷରୁ କମ୍ ବୟସର ପିଲାଙ୍କୁ ଏହା ଅଧିକ ପ୍ରଭାବିତ କରିଥାଏ। ବର୍ଷାଦିନେ ବାତାବାରଣ ଆର୍ଦ୍ର ଥିବାରୁ ଏହି ସମୟରେ ପରିବେଶରେ ମଶା, ମାଛି ତଥା ବିଭିନ୍ନ ଭୂତାଣୁ ଶୀଘ୍ର ବଢ଼ିଥାନ୍ତି । ପିଲାଙ୍କ ଶରୀରରେ ରୋଗପ୍ରତିରୋଧକ ଶକ୍ତି କମ୍ ଥିବାରୁ ସେମାନେ ଅନ୍ୟପିଲାଙ୍କ ସହ ଖେଳିବା କିମ୍ବା ଖାଇବା ଦ୍ୱାରା ଏହି ଭୂତାଣୁ ସଂକ୍ରମଣର ଶିକାର ହୋଇଥାନ୍ତି। ତେବେ ସଂକ୍ରମିତ ପିଲାଙ୍କ ଚର୍ମରେ ଲାଲ ଏବଂ ଗୋଲ ଗୋଲ ଟମାଟୋ ଆକାର ଫଳିଯାଉଥିବାରୁ ଏହାକୁ ଟମାଟୋ ଫ୍ଲୁ କୁହାଯାଇଥାଏ। ଏଥିରେ ସଂକ୍ରମିତ ପିଲାଙ୍କ ଶରୀରରେ ବିଭିନ୍ନ ଲକ୍ଷଣ ଯଥା- ପାଞ୍ଚଦିନ ଧରି ଜ୍ୱର ଲାଗି ରହିବା, ଦୁର୍ବଳ ଓ ଥକ୍କା ଅନୁଭବ କରିବା, ହାତ ଗୋଡ କିମ୍ବା ମୁହଁ ଓ ଜିଭରେ ଟମାଟୋ ପରି ଛୋଟ ଦାନା ବାହାରି ପୋଡ଼ାଜଳା କିମ୍ବା କୁଣ୍ଡାଇ ହେବା, ମୁଣ୍ଡବିନ୍ଧା, ଗଳା ଦରଜ, ଖାଦ୍ୟ ଢ଼ୋକିବାରେ ସମସ୍ୟା, ଆଣ୍ଠୁ ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଯାଏ। ଏହି ଲକ୍ଷଣକୁ ଅଣଦେଖା କଲେ ଏହା ରୋଗପ୍ରତିରୋଧକଶକ୍ତିକୁ ହ୍ରାସ କରିଦିଏ।

ସେଥିପାଇଁ ଉପରୋକ୍ତ ଲକ୍ଷଣ ଦେଖିବାମାତ୍ରେ ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରିବା ଆବଶ୍ୟକ। ଏହା ସହିତ ପିଲାଙ୍କ ଖାଦ୍ୟପେୟ ଓ ସ୍ୱଚ୍ଛତାକୁ ଧ୍ୟାନ ଦେବା ଜରୁରି। ଘର ପରିବେଶକୁ ସଫା ରଖିବା ଦ୍ୱାରା ଭୂତାଣୁ ସଂକ୍ରମଣର ଆଶଙ୍କା ହ୍ରାସ ପାଏ। ସେହିପରି ରୋଗାକ୍ରାନ୍ତ ପିଲାଙ୍କୁ ଅନ୍ୟପିଲାଙ୍କଠାରୁ ଦୂରେଇ ରଖିବା ଆବଶ୍ୟକ। ପିଲାଙ୍କୁ ପର୍ଯ୍ୟାପ୍ତ ମାତ୍ରାର ପାଣି ପିଆଇବା ସହିତ ପୌଷ୍ଟିକ ଖାଦ୍ୟ ଦେବା ଦରକାର। ଧ୍ୟାନ ଦେବେ, ପିଲା ଯେମିତି ଫୋଟକାକୁ ନ କୁଣ୍ଡାନ୍ତି । ସଂକ୍ରମିତ ପିଲାଙ୍କୁ ସ୍କୁଲ କିମ୍ବା ବାହାରକୁ ଖେଳିବାକୁ ଛାଡନ୍ତୁନି । ବାହାର ଖାଦ୍ୟ ଏବଂ ଆମିଷ ଖାଦ୍ୟଠୁ ଦୂରେଇ ରଖନ୍ତୁ। ଧୂଳିଠାରୁ ପିଲାଙ୍କୁ ଦୂରେଇ ରଖିବା ସହ ଡାକ୍ତରୀ ପରାମର୍ଶ ଅନୁସାରେ ଔଷଧ ଦେଲେ ଜ୍ୱରର ତୀବ୍ରତା କମି ଥାଏ।

# ଆଇଡ୍ରପ୍ ପକାଉଥିଲେ...

**ଆଖି ମନୁଷ୍ୟ ଶରୀରର ସବୁଠୁ ସୂକ୍ଷ୍ମ ଅଙ୍ଗ । ବୟସ ହେଲେ କିମ୍ବା ଅନ୍ୟ କୌଣସି କାରଣରୁ ଦୃଷ୍ଟି ଶକ୍ତି ହ୍ରାସ ପାଇଲେ, ଡାକ୍ତରଙ୍କ ପରାମର୍ଶରେ ଆଖିର ଯତ୍ନ ନିଆଯାଏ। ଆଖି ସଂକ୍ରମଣ କିମ୍ବା ଗ୍ଲୁକୋମା ଆଦି ହେଲେ ଆଇ ଡ୍ରପ୍ ବ୍ୟବହାର କରାଯାଏ। ହେଲେ ଜାଣନ୍ତିକି ଭୁଲ୍ ଶୈଳୀରେ ଆଇ ଡ୍ରପ୍ ପକାଇବା ଦ୍ୱାରା ଏହା ଆଖି ସଂକ୍ରମଣର କାରଣ ସାଜିପାରେ ।**



ଆଖିରେ କୌଣସି ସମସ୍ୟା ଦେଖା ଗଲେ, ଡାକ୍ତରଙ୍କ ପରାମର୍ଶ ଅନୁସାରେ ଆଖିର ଯତ୍ନ ନିଆଯାଏ। ତେଣୁ ଡାକ୍ତର ପ୍ରେସ୍କ୍ରାଇବ କରିଥିବା ଆଖିଡ୍ରପ୍‌କୁ ସଠିକ୍ ଶୈଳୀ ଏବଂ ସାବଧାନତା ସହିତ ପକାଇବା ଦ୍ୱାରା ଏହା ଚକ୍ଷୁ ଜନିତ ସମସ୍ୟା କମ୍ କରିବାରେ ସହାୟ ହୋଇଥାଏ। ହେଲେ ଅଧିକାଂଶ ଭୁଲ୍ ଶୈଳୀରେ ଆଇ ଡ୍ରପ୍ ପକାନ୍ତି। ଏହାଦ୍ୱାରା ଆଖି ସଂକ୍ରମଣର କାରଣ ସାଜିପାରେ। ପାର୍ଶ୍ୱପ୍ରତିକ୍ରିୟା ସୃଷ୍ଟି ହୋଇପାରେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗ୍ଲୁକୋମା ରୋଗୀମାନେ ଆଖିରେ ଡ୍ରପ ପକାଇବା ପୂର୍ବରୁ ଭଲଭାବେ ହାତ ଧୋଇବା ଦରକାର। ଡ୍ରପ ପକାଇଲା ପରେ ଆଖିର କୋଣରେ ନଳିକା ନିକଟେ (ଟିଅରଡକ୍ଟ) ୧ ମିନିଟ୍ ପର୍ଯ୍ୟନ୍ତ ହାଲୁକା ଚାପ ଦେଲେ ଔଷଧ ଭଲ ଭାବେ କାମ କରିଥାଏ। ଡାକ୍ତର ଯେପରି ମାତ୍ରା ଓ ସମୟ କହିଛନ୍ତି ସେହିଭଳି କରିବା ଆବଶ୍ୟକ।

ସେହିପରି ଆଇଡ୍ରପ୍ ଦ୍ୱାରା ଆଖିକୁ ଛୁଇଁବା ତଥା ହାତ ନ ଧୋଇ ଆଖିରେ ହାତ ମାରିବା ଅଭ୍ୟାସ ସଂକ୍ରମଣ ବୃଦ୍ଧି କରାଏ। ଅଧିକାଂଶ ଆଇ ଡ୍ରପ୍‌ର ଏକ୍ସପାଏରୀ ତାରିଖ ଦେଖନ୍ତିନି କିମ୍ବା ଖୋଲା ପଡ଼ିଥିବା ପୁରୁଣା ଆଇ ଡ୍ରପ୍ ବ୍ୟବହାର କରିଦିଅନ୍ତି। ଏଥିଯୋଗୁଁ ଆଖି ସଂକ୍ରମଣ ହୁଏ। ଲେନ୍ସ ବ୍ୟବହାର କରୁଥିଲେ, ଆଇଡ୍ରପ ବ୍ୟବହାର ପୂର୍ବରୁ ଲେନ୍ସକୁ କାଢ଼ିଦେବା ମଧ୍ୟ ଜରୁରି। ସେହିପରି ଡ୍ରପ୍ ପକାଇ ଆଖିକୁ ତୁରନ୍ତ ବନ୍ଦ ନ କଲେ ବି ଆଖି ସଂକ୍ରମଣର କାରଣ ସାଜିପାରେ। ତେଣୁ ପଛକୁ ମୁଣ୍ଡ କରି ତଳ ଆଖି ପତାକୁ ହାଲୁକା ଟାଣି ଆଇଡ୍ରପ୍ ପକାଇବା ଉଚିତ। ଡ୍ରପ୍ ପକାଇବା ସମୟରେ ଡ୍ରପର ଆଖିକୁ ଯେପରି ସ୍ପର୍ଶ ନ କରେ ତାହା ଧ୍ୟାନ ଦେବା ଦରକାର। ଡ୍ରପ୍ ପକାଇବା ପରେ ତୁରନ୍ତ ଆଖିକୁ ବନ୍ଦ କରିବା ହିତକର।

## ବହୁ ରୋଗର ମହୌଷଧି ଗୁଳୁଚି



ଗିଲୋୟ ବା ଗୁଳୁଚିର ବୈଜ୍ଞାନିକ ନାଁ ଟିନୋସ୍ପୋରା କୋରଡିଫୋଲିଆ । ଆୟୁର୍ବେଦରେ ଏହାକୁ ଅମୃତା ବୋଲି କୁହାଯାଏ। ଆମ୍ବ, ଲିଚୁ, ପିଜୁଳି ଆଦି ବଡ଼ଗଛମାନଙ୍କ ଉପରେ ଏହା କୁଣ୍ଡଳୀ ଆକାରର ମାଡ଼ିଥାଏ । ଏହାର ପତ୍ରଗୁଡକ ହୃଦୟାକାର, ପାନପତ୍ର ସଦୃଶ ଅଟେ । ଏହା କେବଳ ଏକ ଔଷଧୀୟ ଗଛ ନୁହେଁ, ବରଂ ପ୍ରାକୃତିକ ଟନିକ୍ ଭାବେ ଶରୀରରେ ବହୁ ରୋଗ ଦୂର କରିପାରେ।

- ପ୍ରତିଦିନ ସକାଳୁ ଖାଲି ପେଟରେ ୨ରୁ ୩ଟି ଗୁଳୁଚି ପତ୍ରକୁ ଧୋଇ ଚୋବାଇଲେ, ଜ୍ୱର, ଡେଙ୍ଗୁ, ଗାଉଟ୍, ଆମଦୋଷ, ଅର୍ଶ, କାଶ, ଶ୍ୱାସ, ହୃଦ୍‌ରୋଗ, ବାତରକ୍ତ ଆଦି ରୋଗ ଦୂର ହୋଇଥାଏ। ଭୂତାଣୁ ଜନିତ ସଂକ୍ରମଣରେ ଏହା ପ୍ଲେଟଲେଟ୍‌ସ ସଂଖ୍ୟା ବଢ଼ାଇ ଶରୀରକୁ ସୁସ୍ଥ ରଖେ।
- ଗୁଳୁଚି କ୍ୱାଥ ୫୦ମିଲି ସେବନ ଦ୍ୱାରା ପାଚନ ବିକାର ଯଥା- ଅଗ୍ନିମନ୍ଦ, ଯକୃତ ବିକାର, କାମଳ,ମଧୁମେହ, ଅମ୍ଳପିତ, କୃମି ଆଦି ରୋଗର ଉପଶମ ହୋଇଥାଏ ।
- ଗୁଳୁଚି ପତ୍ର ତଥା ନିମ୍ବ ପତ୍ରର ସମ ପରିମାଣରୁ କ୍ୱାଥ କରି ୫୦ମିଲି ପିଇଲେ ବାତରକ୍ତ, ଆମବାତ, ଚର୍ମରୋଗ ଆଦିରୁ ଉପଶମ ମିଳିଥାଏ ।
- ଗୁଳୁଚି ଲତାକୁ ଚାରିଗୁଣ ପାଣିରେ ସିଝାଇ ତାହାକୁ ଏକ ଗୁଣ ରଖି ସେଥିରେ ମହୁ ମିଶାଇ ପ୍ରତ୍ୟେହ ଦୁଇଥର ସେବନ କଲେ ସମସ୍ତ ପ୍ରକାର ଜ୍ୱରର ଉପଶମ ମିଳେ । ତେବେ ସର୍ବଦା ଚିକିତ୍ସକଙ୍କ ପରାମର୍ଶରେ ଅନୁମୋଦିତ ହାରରେ ଗୁଳୁଚି ବ୍ୟବହାର କରିବା ଆବଶ୍ୟକ । ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ଗୁଳୁଚିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

# ଫ୍ୟାଟ୍ ୱାଲେଟ୍ ସିଣ୍ଡ୍ରୋମ

ମହିଳାଙ୍କ ଅପେକ୍ଷା ପୁରୁଷମାନେ ଅଧିକ ସମୟ ପଛ ପକେଟ୍‌ରେ ପର୍ସ ବା ୱାଲେଟ୍ ରଖିଥାନ୍ତି। ହେଲେ ଏହି ଅଭ୍ୟାସ ସ୍ୱାସ୍ଥ୍ୟ ପାଇଁ ଗମ୍ଭୀର ସମସ୍ୟା ସୃଷ୍ଟି କରିପାରେ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଦୀର୍ଘ ସମୟ ଅଫିସ୍‌ରେ ରହିବା ତଥା ଗାଡ଼ି ଚଳାଇବା ସମୟରେ ପଛ ପକେଟ୍‌ରେ ପର୍ସ ରଖିବା ଦ୍ୱାରା ଏହା ଅଜାଣତରେ ହାଡ଼ ଏବଂ ମାଂସପେଶୀ ଉପରେ ଚାପ ପକାଏ। ଏହି ଚାପ ସ୍ନାୟୁ ଏବଂ ମାଂସପେଶୀଙ୍କୁ ପ୍ରଭାବିତ କରି ସାଇଟିକା ପରି ଗମ୍ଭୀର ରୋଗ ସୃଷ୍ଟି କରେ। ଡାକ୍ତରୀ ଭାଷାରେ ଏହାକୁ 'ଫ୍ୟାଟ୍ ୱାଲେଟ୍ ସିଣ୍ଡ୍ରୋମ' ବା 'ୱାଲେଟ୍ ନ୍ୟୁରୋପାଥି' କୁହାଯାଏ। ଅନୁସନ୍ଧାନରୁ ଜଣାପଡ଼ିଛି ଯେ,ପର୍ସ ମୋଟା ହେଉ କି ପତଳା, ପଛ ପକେଟ୍‌ରେ ଦୀର୍ଘ ସମୟ ରଖିବା ଦ୍ୱାରା ସ୍ନାୟୁ ଏବଂ ମାଂସପେଶୀ ପ୍ରଭାବିତ ହୁଏ। ଅଣ୍ଟା ଏବଂ ପାଦ ଯନ୍ତ୍ରଣା ପରି ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ। ସେହିପରି ପକେଟ୍‌ରେ ପର୍ସ ସହିତ ବସିବା ଦ୍ୱାରା ମେରୁଦଣ୍ଡ ପ୍ରଭାବିତ ହୋଇ ଧୀରେ ଧୀରେ ଏହା ବଙ୍କା ହୋଇପାରେ। ଏହାର ପ୍ରଭାବ କେବଳ ବସିବା ସମୟରେ ନୁହେଁ, ବରଂ ଛିଡ଼ା ହେବା କିମ୍ବା ଚଲାବୁଲା କରିବାରେ ଅନୁଭୂତ ହୋଇଥାଏ। ରକ୍ତ ସଞ୍ଚାଳନ ସଠିକ୍ ଭାବେ ହୋଇ ନ ଥାଏ। ନିୟମିତ ଶାରୀରିକ କାର୍ଯ୍ୟକଳାପ, ଫିଜିଓଥେରାପି, ଯୋଗ ଆଦି କଲେ ଏହି ସମସ୍ୟାରୁ ଉପଶମ ମିଳିପାରେ। ତେଣୁ ପର୍ସକୁ ସର୍ବଦା ଆଗ ପକେଟ୍‌ରେ ରଖିବା ସୁରକ୍ଷିତ ଉପାୟ। ଦୀର୍ଘ ସମୟ ଧରି ପିଠି କିମ୍ବା ପାଦରେ ଯନ୍ତ୍ରଣା ହେଉଥିଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି।

■ ମହିଳା ଏସିଆ କପ୍ ହକି

## ସୁପର୍-୪ରେ ଭାରତର ପ୍ରଥମ ପରାଜୟ



ହାଙ୍ଗଝୋଉ, ୧୧।୯ (ଏଜେନ୍ସି): ଚଳିତ ମହିଳା ଏସିଆ କପ୍ ହକିର ସୁପର୍-୪ ପର୍ଯ୍ୟାୟରେ ଭାରତ ପ୍ରଥମ ପରାଜୟବରଣ କରିଛି। ଗୁରୁବାର ଖେଳାଯାଇଥିବା ସୁପର୍-୪'ର ଏକ ମ୍ୟାଚରେ ଭାରତୀୟ ମହିଳା ଦଳ ୧-୪ ଗୋଲ୍‌ରେ ଘରୋଇ ଚାଇନା ନିକଟରୁ ହାରିଯାଇଛି। ପୂର୍ବରୁ ଭାରତ ଏହି ପର୍ଯ୍ୟାୟର ପ୍ରଥମ ମ୍ୟାଚରେ ୪-୨ ଗୋଲରେ ୩ଥରର ବିଜେତା ଦକ୍ଷିଣ କୋରିଆକୁ ପରାସ୍ତ କରିଥିଲା। ଫଳରେ ସୁପର୍-୪ ପର୍ଯ୍ୟାୟରେ ଦୁଇ ମ୍ୟାଚ୍ ଖେଳି ଭାରତ ୩ ପଏଣ୍ଟ ପାଇ ଚାଇନା (୬ ପଏଣ୍ଟ) ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ଭାରତ ଏବେ ଶେଷ ସୁପର୍-୪ ମ୍ୟାଚରେ ଶନିବାର ଜାପାନକୁ ଭେଟିବ। ଏହି ମ୍ୟାଚରେ ବିଜୟୀ ହେଲେ ଦଳ ଫାଇନାଲ ଖେଳିବାର ସମ୍ଭାବନା ରହିଛି।

ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ର ୪ର୍ଥ ମିନିଟ୍‌ରେ ଚାଇନାର ଜୋଉ ମେରିଅଙ୍ଗ ଏକ ଫିଲ୍ଡ ଗୋଲ୍ ଦେଇ ଭାରତକୁ ଆରମ୍ଭରୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲେ। ଏହାପରେ ପ୍ରଥମାର୍ଦ୍ଧ ସୁଦ୍ଧା ଆଉ କୌଣସି ଗୋଲ୍ ଦେଖିବାକୁ ମିଳି ନ ଥିଲା। ତେବେ ଦ୍ୱିତୀୟାର୍ଦ୍ଧ ଚାଇନା ଆହୁରି ଆକ୍ରମଣାତ୍ମକ ପ୍ରଦର୍ଶନ କରି ୩ଟି ଗୋଲ୍ ଦେଇଥିଲା। ଭାରତ ପାଇଁ ମୁମତାଜ ଖାନ ଗୋଟିଏ ଗୋଲ୍ ଶୁଝିଥିଲେ ମଧ୍ୟ ଦଳକୁ ୧-୪ ଗୋଲରେ ପରାଜୟରୁ ରକ୍ଷା କରିପାରି ନ ଥିଲେ।

■ ମହିଳା ବିଶ୍ୱକପ୍ ଇତିହାସରେ ପ୍ରଥମ

## ସମସ୍ତ ଅଫିସିଆଲ୍ ମହିଳା

ଦୁବାଇ, ୧୧।୯ (ଏଜେନ୍ସି): ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ଚଳିତ ମାସ ୩୦ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ



ଆରମ୍ଭ ହେବାକୁ ଯାଉଛି। ତେବେ ଏହି ମେଗା ଇଭେଣ୍ଟ ଲାଗି ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଆଇସିସି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଇତିହାସରେ ପ୍ରଥମଥର ଲାଗି ମହିଳା ଦିନିକିଆ ବିଶ୍ୱକପ୍ ପରିଚାଳନା ଲାଗି ସମ୍ପୂର୍ଣ୍ଣ ମହିଳା ଅଧିକାରୀ ପ୍ୟାନେଲ ଘୋଷଣା କରିଛି। ଗୁରୁବାର ଆଇସିସି ପକ୍ଷରୁ ଆଗାମୀ ବିଶ୍ୱକପ୍ ଲାଗି ୧୮ ଜଣିଆ ଅଫିସିଆଲ୍‌ଙ୍କ ନାମ ଘୋଷଣା କରାଯାଇଛି। ଯେଉଁଥିରେ ୧୪ଜଣ ଅମ୍ପାୟର ଓ ୪ଜଣ ରେଫରୀ ରହିଛନ୍ତି। ଏହି ୧୮ ଜଣ ଅଫିସିଆଲ୍ ବିଶ୍ୱକପ୍‌ରେ ମୋଟ୍ ୩୧ଟି ଯାକ ମ୍ୟାଚ୍ ପରିଚାଳନା କରିବେ। ଘୋଷିତ ଅଫିସିଆଲ୍‌ଙ୍କ ମଧ୍ୟରେ କ୍ଲେୟାର ପୋଲୋସାକ, ଜ୍ୟାକଲିନ ୱିଲିଅମ୍ସ ଓ ସୁଏ ରେଡଫର୍ନ ୩ୟଥର ଲାଗି ବିଶ୍ୱକପ୍ ପରିଚାଳନା କରିବାର ସୁଯୋଗ ପାଇଛନ୍ତି। ସେହିଭଳି ୪ଜଣ ମ୍ୟାଚ୍ ରେଫରୀଙ୍କ ମଧ୍ୟରେ ଭାରତର ଜିଏସ୍ ଲକ୍ଷ୍ମୀ ରହିଛନ୍ତି। ଉଲ୍ଲେଖଯୋଗ୍ୟ, ପୂର୍ବରୁ ମହିଳା ଟି-୨୦ ବିଶ୍ୱକପ୍‌ର ଗତ ଦୁଇଟି ସଂସ୍କରଣ ଓ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସମସ୍ତ ଅଧିକାରୀ ମହିଳା ରହିଥିଲେ। ଆଇସିସି ଏହି ଧାରାକୁ ଏବେ ଦିନିକିଆ ବିଶ୍ୱକପ୍‌ରେ ସାମିଲ କରିଛି।

ପହଲଗାମ ଆକ୍ରମଣ, ରୋହିତ୍-ବିରାଟଙ୍କ ଅନୁପସ୍ଥିତି

# ଭାରତ-ପାକିସ୍ତାନ ମ୍ୟାଚ୍‌ରୁ ମୁହଁ ଫେରାଉଛନ୍ତି ଦର୍ଶକ

ଦୁବାଇ, ୧୧।୯ (ଏଜେନ୍ସି):

ଚଳିତ ଏସିଆ କପ୍ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଭାରତ-ପାକିସ୍ତାନ ମ୍ୟାଚକୁ ଆଉ ୨ ଦିନ ବାକି ରହିଛି। ତେବେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଦେଶ ମଧ୍ୟରେ ଖେଳାଯିବାକୁ ଥିବା ଏହି ହାଇଭୋଲଟେଜ ମୁକାବିଲାକୁ ନେଇ ଏଥର କ୍ରିକେଟ୍‌ପ୍ରେମୀଙ୍କ ମଧ୍ୟରେ ଆଗଭଳି ଆଉ ଉତ୍ସାହ ନ ଥିବା ପରିଲକ୍ଷିତ ହୋଇଛି। ଏହାର ଜ୍ୱଳନ୍ତ ଉଦାହରଣ ମ୍ୟାଚର ଟିକଟ୍ ବିକ୍ରିରୁ ଜଣାପଡ଼ିଛି। ରାଜନୈତିକ କାରଣ ଲାଗି ଭାରତ-ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ କ୍ରିକେଟ୍ ସିରିଜ ଦୀର୍ଘ ଏକ ଦଶନ୍ଧିରୁ ଧରି ବନ୍ଦ ରହିଛି। କେବଳ ଆଇସିସି ଇଭେଣ୍ଟ ଓ ଏସୀୟ ଟୁର୍ଣ୍ଣାମେଣ୍ଟଗୁଡ଼ିକରେ ଏହି ଦୁଇଦେଶ ପରସ୍ପର ବିପକ୍ଷରେ ଖେଳିଥାନ୍ତି। ତେଣୁ ଯେତେବେଳେ ବି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭାରତ-ପାକିସ୍ତାନ ମ୍ୟାଚ୍ ଖେଳାଯାଇଥାଏ ଏହାର ଟିକଟ୍ ବିକ୍ରି ଆରମ୍ଭ ହେବାର ମାତ୍ର କେଇ ଘଣ୍ଟା ମଧ୍ୟରେ ଶେଷ ହୋଇଯାଇଥାଏ। କିନ୍ତୁ ଏଥର ଏସିଆ କପ୍‌ରେ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି। ଏହି ହାଇଭୋଲଟେଜ ମୁକାବିଲା ଲାଗି ପ୍ରାୟ ଦୁଇ ସପ୍ତାହ ହେବ ଟିକଟ୍ ବିକ୍ରି ଆରମ୍ଭ ହେଲାଣି। କିନ୍ତୁ ବର୍ତ୍ତମାନ ସୁଦ୍ଧା ମଧ୍ୟ ଟିକଟ୍ ବଳକା ରହିଥିବା ଜଣାପଡ଼ିଛି।

ଏଥର ଭାରତ-ପାକିସ୍ତାନ ମ୍ୟାଚର ଟିକଟ୍ ବିକ୍ରି ନ ହେବା ପଛରେ ଏକାଧିକ କାରଣ ରହିଥିବା କୁହାଯାଉଛି। ସେଥିମଧ୍ୟରୁ ଗତ ପହଲଗାମ ଆକ୍ରମଣକୁ ନେଇ ସୃଷ୍ଟି ହୋଇଥିବା ଉତ୍ତେଜନାମୂଳକ ପରିସ୍ଥିତି ଯୋଗୁ ଦେଶବାସୀଙ୍କ ମନୋଭାବ ପରିବର୍ତ୍ତନ ହୋଇଥିବା କୁହାଯାଉଛି। ଯେଉଁଥି ପାଇଁ ଜାତୀୟ ଭାବନାକୁ ଦୃଷ୍ଟିରେ ରଖି ଭାରତୀୟ ଦର୍ଶକଙ୍କ ମଧ୍ୟରେ ଏହି ମ୍ୟାଚକୁ ନେଇ ଆଗ୍ରହ ନ ଥିବା କୁହାଯାଉଛି। ସେହିଭଳି ଟିକଟ୍ ବିକ୍ରି ନ ହେବାର ଆଉ କାରଣ ହେଉଛି ଭାରତୀୟ ଦଳର ଦୁଇ ତାରକା ଖେଳାଳି ରୋହିତ୍ ଶର୍ମା ଓ ବିରାଟ କୋହଲିଙ୍କ ଅନୁପସ୍ଥିତି। ଗତ ଦଶନ୍ଧି ମଧ୍ୟରେ ପ୍ରଥମଥର ଲାଗି ପାକିସ୍ତାନ ବିପକ୍ଷ ଏକ ମ୍ୟାଚରେ ଏହି ଦୁଇ ଖେଳାଳି ଖେଳୁ ନ ଥିବାରୁ ଦର୍ଶକଙ୍କ ଉତ୍ସାହରେ ଏହା ପ୍ରଭାବ ପକାଇଛି ବୋଲି ଆୟୋଜକ ୟୁଏଇ କ୍ରିକେଟ୍ ସଂଘ ପକ୍ଷରୁ ମଧ୍ୟ ସ୍ୱୀକାର କରାଯାଇଛି। ଏହାବାଦ୍ ପ୍ରିମିୟମ ଟିକଟ୍‌ର ମୂଲ୍ୟ ଅତ୍ୟଧିକ ଉଚ୍ଚ ରହିଥିବାରୁ ଦର୍ଶକ ଏହି ମ୍ୟାଚରୁ ମୁହଁ ମୋଡୁଥିବା କୁହାଯାଉଛି। ଦୁଇଟି ପ୍ରିମିୟମ ଟିକଟ୍‌ର ମୂଲ୍ୟ ଏଥର ଅଢ଼େଇ ଲକ୍ଷ ଟଙ୍କା ରହିଛି।

ଆଜିର ମ୍ୟାଚ୍
ପାକିସ୍ତାନ-ଓମାନ
ଭେନ୍ୟୁ : ଦୁବାଇ
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ



## ବାଂଲାଦେଶର ସହଜ ବିଜୟ

ଆବୁଧାବି, ୧୧।୯ (ଏଜେନ୍ସି): ଅଧିନାୟକ ଲିଟନ ଦାସ (୩୯ ବଲ୍‌ରେ ୫୯ ରନ୍)ଙ୍କ ଦ୍ରୁତ ଅର୍ଦ୍ଧଶତକ ଓ ବୋଲରଙ୍କ ଶୃଙ୍ଖଳିତ ପ୍ରଦର୍ଶନ ବଳରେ ଏଠାରେ ଗୁରୁବାର ଅନୁଷ୍ଠିତ ଏସିଆ କପ୍ ଗ୍ରୁପ୍-ବି'ର ଏକ ଲିଗ୍ ମ୍ୟାଚ୍‌ରେ ବାଂଲାଦେଶ ୭ ୱିକେଟରେ ହଂକଂ ଚୀନ୍‌କୁ ପରାସ୍ତ କରି ବିଜୟ ଅଭିଯାନ ଆରମ୍ଭ କରିଛି। ଟୁର୍ଣ୍ଣାମେଣ୍ଟରେ ବାଂଲାର ଏହା ପ୍ରଥମ ବିଜୟ ହୋଇଥିଲାବେଳେ କ୍ରମାଗତ ପରାଜୟ ସହ ହଂକଂ ସୁପର-୪ ପର୍ଯ୍ୟାୟରୁ ବାଦ୍ ପଡ଼ିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ହଂକଂ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୪୩ ରନ୍ କରିଥିଲା। ଦଳ ପକ୍ଷରୁ ନିଜାଖତ ଖାନ୍ ୪୨, ଜୀଶାନ ଅଲ୍ଲୀ ୩୦ ଓ ୟସିମ ମୁର୍ତ୍ତାଜା ୨୮ ରନ୍ କରିଥିଲେ। ଜବାବରେ ବାଂଲାଦେଶ ୧୭.୪ ଓଭରରେ ୩ ୱିକେଟ ହରାଇ ବିଜୟଲକ୍ଷ୍ୟରେ ପହଞ୍ଚିଥିଲା। ଲିଟନଙ୍କ ବ୍ୟତୀତ ତୋହିଦ୍ ହୃଦୟ ୩୫* ରନ୍ କରିଥିଲେ। ହଂକଂ ଇନିଂସରେ ବାଂଲାର ତସ୍କିନ ଅହମ୍ମଦ୍, ତାଞ୍ଜିମ ଓ ରିଶାଦଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା।

### ମ୍ୟାଚ୍ ବନ୍ଦ କରିବାକୁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି): ଚଳିତ ଏସିଆ କପ୍‌ରେ ରବିବାର ଡିଫେଣ୍ଡିଂ ଚାମ୍ପିଅନ ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଖେଳାଯିବ। ତେବେ କାର୍ଯ୍ୟସୂଚୀ ଘୋଷଣା ହେବା ଦିନଠାରୁ ଏହି ମ୍ୟାଚକୁ ନେଇ ବିବାଦ ଲାଗି ରହିଛି। ସଦ୍ୟ ସୁପ୍ରିମକୋର୍ଟରେ ଏହି ଭାରତ-ପାକିସ୍ତାନ ମ୍ୟାଚକୁ ବନ୍ଦ କରିବା ନେଇ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା। କିନ୍ତୁ ସର୍ବୋଚ୍ଚ ଅଦାଲତ ଏହି ଆବେଦନର ଶୁଣାଣି କରିବାକୁ ମନା କରିଦେଇଛନ୍ତି। 'ଏତେ ଶୀଘ୍ର ଏହାକୁ ତାଲିକାଭୁକ୍ତ କରିବା ପାଇଁ କାହିଁକି କୁହାଯାଉଛି। ଏହା କେବଳ ଏକ ମ୍ୟାଚ୍। ଏହି ମ୍ୟାଚ୍ ବନ୍ଦ ହେବ ନାହିଁ, ଏହାକୁ ଖେଳାଯିବାକୁ ଦିଆଯାଉ' ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଉଲ୍ଲେଖଯୋଗ୍ୟ, ୪ଜଣ ଏଲ୍‌ଏଲ୍‌ବି ଛାତ୍ର ଭାରତ-ପାକିସ୍ତାନ ଏସିଆ କପ୍ ମ୍ୟାଚ୍ ବାତିଲ କରିବାକୁ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ।

## ଭାଗ୍ୟଶ୍ରୀ ସ୍ମାରକୀ ଏସ୍‌ଆର ଓପନ ଚେସ୍ ୨୭ରୁ

ଭୁବନେଶ୍ୱର,୧୧।୯ (ସମିସ): ରାଜ୍ୟର ଅଗ୍ରଣୀ ପ୍ରଶିକ୍ଷଣ କେନ୍ଦ୍ର ଏସ୍‌ଆର ଚେସ୍ ସେଣ୍ଟର ପକ୍ଷରୁ ଆଉ ଏକ ମେଗା ଚେସ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ଯାଉଛି। ଏହି ଟୁର୍ଣ୍ଣାମେଣ୍ଟ ନାମ ରଖାଯାଇଛି ଭାଗ୍ୟଶ୍ରୀ ସ୍ମାରକୀ ଏସ୍‌ଆର୍ ଅଲଓଡ଼ିଶା ଓପନ ଫିଡେ ରେଟିଂ ଚେସ୍ ଟୁର୍ଣ୍ଣାମେଣ୍ଟ। ଏଥିରେ ରାଜ୍ୟର ସମସ୍ତ ଖେଳାଳି ଏବଂ ଓଡ଼ିଶାରେ ରହୁଥିବା ବାହାର ଖେଳାଳି ଉପଯୁକ୍ତ ପ୍ରମାଣପତ୍ର ସହ ଅଂଶଗ୍ରହଣ କରିପାରିବେ। ଅବଶ୍ୟ ସେମାନଙ୍କୁ ୧,୦୦୦ ଟଙ୍କାର ଏଣ୍ଟ୍ରି ଫି ଦେବାକୁ ହେବ। ଏହା ବଦଳରେ ଚେସ୍ ସେଣ୍ଟର ପକ୍ଷରୁ ମୋଟ ୨ ଲକ୍ଷ ୧୦୦ ଟଙ୍କାର ନଗଦ ଅର୍ଥ, ୮୯ଟି ଆକର୍ଷଣୀୟ ଟ୍ରଫି ଓ ୫୪ଟି ପଦକ ପୁରସ୍କାର ଆକାରରରେ ଦିଆଯିବ। ଚାମ୍ପିଅନ ଖେଳାଳିଙ୍କୁ ସର୍ବାଧିକ ୩୦,୦୦୦ ଟଙ୍କା, ରନର୍ସ ଅପ୍‌ଙ୍କୁ ୨୦,୦୦୦ ଓ ତୃତୀୟ ସ୍ଥାନ ହାସଲ କରିଥିବା ଖେଳାଳିଙ୍କୁ ୧୫,୦୦୦ ଟଙ୍କା ସହ ଅନ୍ୟାନ୍ୟ ପୁରସ୍କାର ଦିଆଯିବ। ଏହି ଟୁର୍ଣ୍ଣାମେଣ୍ଟଟି ଫୁଲନଖରାସ୍ଥିତ କୁରାଙ୍ଗ ଶାସନ ଆମପଲ୍ଲୀ ରିସର୍ଟର ଶୀତତାପ ନିୟନ୍ତ୍ରିତ ହଲ୍‌ରେ ଚଳିତ ମାସ ୨୭-୩୦ ଯାଏ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ଖେଳାଳିମାନେ ସଭାପତି ଶୁଭାଶିଷ ପଟ୍ଟନାୟକ- ଫୋନ୍ ନଂ- ୯୮୬୧୩ କିମ୍ବା ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଫୋନ୍ ନଂ- ୯୪୩୭୨୦୮୫୦୬ କିମ୍ବା ୭୦୦୮୯୭୩୯୫୦ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

**୨ ଲକ୍ଷ ଟଙ୍କା ପୁରସ୍କାର, ୮୯ ଟ୍ରଫି, ୫୪ ପଦକ**

ଦୁଲୀପ୍ ଟ୍ରଫି ଫାଇନାଲ

## ଦକ୍ଷିଣାଞ୍ଚଳକୁ ୧୪୯ରେ ଅଟକାଇଲେ ସାରାଂଶ-କାର୍ତ୍ତିକେୟ

ବେଙ୍ଗାଲୁରୁ, ୧୧।୯ (ଏଜେନ୍ସି): ଦୁଲୀପ ଟ୍ରଫିର ଫାଇନାଲ ମୁକାବିଲା ଗୁରୁବାରଠାରୁ ଏଠାରେ ଆରମ୍ଭ ହୋଇଛି। ସ୍ଥାନୀୟ ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସି ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ କେନ୍ଦ୍ରାଞ୍ଚଳ ବିପକ୍ଷରେ ବ୍ୟାଟିଂ କରି ଦକ୍ଷିଣାଞ୍ଚଳ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସ ମାତ୍ର ୧୪୯ ରନରେ ସୀମିତ ରହିଯାଇଛି। ଦଳ ପକ୍ଷରୁ ଓପନର୍ ତନ୍ମୟ ଅଗରୱାଲ ସର୍ବାଧିକ ୩୧ ରନ କରି ରନଆଉଟ୍ ହୋଇଥିଲେ। ସେହିଭଳି ସଲମନ ନାଜିର (୨୪), ଅଙ୍କିତ ଶର୍ମା (୨୦), ରିକି ଭୁଇ (୧୫), ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ





(୪ ରନ) ପ୍ରମୁଖ ନିରାଶ କରିଥିଲେ। କେନ୍ଦ୍ରାଞ୍ଚଳ ପକ୍ଷରୁ ଅଫ୍-ସ୍ପିନର ସାରାଂଶ ଜୈନ ୫ ଓ ବାମହାତୀ ରିଷ୍ଟ ସ୍ପିନର କୁମାର କାର୍ତ୍ତିକେୟ ୪ଟି ୱିକେଟ୍ ନେଇ ଦକ୍ଷିଣାଞ୍ଚଳର ବ୍ୟାଟିଂ ଲାଇନଅପ୍‌କୁ ଧ୍ୱସ୍ତ କରିଦେଇଥିଲେ। ସାରାଂଶ ଗତ ସେମିଫାଇନାଲରେ ପଶ୍ଚିମାଞ୍ଚଳ ବିପକ୍ଷରେ ଉଭୟ ଇନିଂସରେ ମୋଟ୍ ୮ ୱିକେଟ୍ ସଫଳତା ପାଇଥିଲେ। ଏହି ଦମ୍‌ଦାର ପ୍ରଦର୍ଶନକୁ ସେ ଫାଇନାଲରେ ମଧ୍ୟ ଦୋହରାଇଛନ୍ତି। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା କେନ୍ଦ୍ରାଞ୍ଚଳ ପ୍ରଥମ ଦିବସ ଷ୍ଟମ୍ପ ସୁଦ୍ଧା ୧୯ ଓଭରରେ କୌଣସି ୱିକେଟ୍ ନ ହରାଇ ୫୦ ରନ ସଂଗ୍ରହ କରିଛି। ଦୁଇ ଓପନର୍ ଦାନିସ ମାଲେୱର ୨୮ ଓ ଅକ୍ଷୟ ୱାଦକର ୨୦ ରନରେ ଅପରାଜିତ ରହିଛନ୍ତି।

## ଭାରତ-ସ୍ୱିଜରଲାଣ୍ଡ ଡେଭିସ କପ୍ ମୁକାବିଲା ଶୁକ୍ରବାରରୁ

ନୂଆଦିଲ୍ଲୀ,୧୧।୯ (ଏଜେନ୍ସି): ଭାରତ ଓ ସ୍ୱିଜରଲାଣ୍ଡ ମଧ୍ୟରେ ଡେଭିସ୍ କପ୍ ୱାର୍ଲ୍ଡ ଗ୍ରୁପ୍-୧ ଟାଇ ଆସନ୍ତା ଶୁକ୍ରବାରଠାରୁ ବିଏଲ୍‌ରେ ଆରମ୍ଭ ହେବ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ଦେଶର ପୂର୍ବତନ ନଂ-୧ ଖେଳାଳି ସୁମିତ ନାଗଲ ଦଳକୁ ଫେରିଥିବାରୁ ଭାରତ ତାଙ୍କ ପ୍ରଦର୍ଶନ ଉପରେ ନିର୍ଭର କରୁଛି। ଏହା ମଧ୍ୟରେ ମୁକାବିଲାର ଡ୍ର ଉଠାଣ ହୋଇଯାଇଛି। ପ୍ରଥମ ସିଙ୍ଗଲ୍ସରେ ଉଦୀୟମାନ ଦକ୍ଷିଣେଶ୍ୱର ସୁରେଶଙ୍କ ସହ ଜେରୋମ କିମ୍, ସୁମିତ ନାଗଲଙ୍କ ସହ ଆନ୍ଦ୍ରିଆ ହୁଏସଲର ଖେଳିବେ। ସେହିପରି ଡବଲ୍ସ ମୁକାବିଲାରେ ଭାରତର ଶ୍ରୀରାମ ବାଲାଜୀ-ରିତ୍ୱିକ ବୋଲିପାଲିଙ୍କ ସହ ଜାକୁବ ପଲ-ଡୋମିନିକ୍ ଷ୍ଟ୍ରିକର ଖେଳିବେ। ପାଲଟା ସିଙ୍ଗଲ୍ସରେ ନାଗଲଙ୍କ ସହ କିମ୍ ଓ ଦକ୍ଷିଣେଶ୍ୱରଙ୍କ ସହ ମାର୍କ-ଆନ୍ଦ୍ରେୟା ଖେଳିବେ।

■ ଓଡ଼ିଶା ପ୍ରୋ ଟି-୨୦ ଲିଗ ୨ ଦିନ ଘୁଞ୍ଚିଲା

## କ୍ୟାପ୍ଟେନ, କୋଚ୍‌ଙ୍କ ନାମ ଘୋଷଣା

କଟକ,୧୧।୯ (ସମିସ): ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଓଡିଶା ପ୍ରୋ ଟି-୨୦ ଲିଗର ୬ ଦଳର ଅଧିନାୟକଙ୍କ ନାମ ଘୋଷଣା କରାଯାଇଛି। ଆଜି ଓସିଏ ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଟୁର୍ଣ୍ଣାମେଣ୍ଟର ସମସ୍ତ ଫ୍ରାଞ୍ଚାଇଜଙ୍କ ଦ୍ୱାରା ଗଠିତ ଦଳର ନାମ ବିଧିବଦ୍ଧ ଭାବେ ପ୍ରକାଶ କରାଯାଇଥିଲା। ଅନ୍ୟପକ୍ଷରେ ୧୫ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ଲିଗ୍‌କୁ ଦୁଇ ଦିନ ଘୁଞ୍ଚାଇ ଦିଆଯାଇଛି। ଆସନ୍ତା ୧୭ ତାରିଖରୁ ଲିଗ୍ ଆରମ୍ଭ ହେବ। ଆଜିର କାର୍ଯ୍ୟକ୍ରମରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ସଞ୍ଜୟ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

| ଫ୍ରାଞ୍ଚାଇଜ୍ | କ୍ୟାପ୍ଟେନ | ହେଡ କୋଚ୍ |
|---|---|---|
| କଟକ ପାନ୍ଥର୍ସ | ସ୍ୱସ୍ତିକ ସାମଲ | ପ୍ରଭଞ୍ଜନ ମଲିକ |
| ସମ୍ବଲପୁର ୱାରିୟର୍ସ | ଶୁଭ୍ରାଂଶୁ ସେନାପତି | ରଶ୍ମିରଞ୍ଜନ ଦାସ |
| ପୁରୀ ଟାଇଟନ୍ସ | ସନ୍ଦୀପ ପଟ୍ଟନାୟକ | ସୌରଭ ସେହଗଲ |
| ଭୁବନେଶ୍ୱର ଟାଇଗର୍ସ | ସୂର୍ଯ୍ୟକାନ୍ତ ପ୍ରଧାନ | ପ୍ରୀତମଜିତ୍ ଦାସ |
| କେଉଁଝର ମାଇନର୍ସ | ଗୋବିନ୍ଦ ପୋଦ୍ଦାର | ସଞ୍ଜୟ ଶତପଥି |
| ରାଉରକେଲା ଷ୍ଟିଲର୍ସ | ଆଶୀର୍ବାଦ ସ୍ୱାଇଁ | ସୁବିତ ବିଶ୍ୱାଳ |

# ଓଡ଼ିଶାରେ ହେବ ଚେସ୍ ପ୍ରିମିୟର ଲିଗ୍



ଭୁବନେଶ୍ୱର,୧୧।୯ (ସମିସ):

ଜାତୀୟସ୍ତରରେ ବିଭିନ୍ନ ଖେଳରେ ଚାଲିଥିବା ଫ୍ରାଞ୍ଚାଇଜ୍‌ଭିତ୍ତିକ ଲିଗ୍ ଭଳି ଓଡ଼ିଶାରେ ଏକ ଚେସ୍ ପ୍ରିମିୟର ଲିଗ୍ ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି। କ୍ରୀଡ଼ା ଓ କର୍ପୋରେଟ୍ କ୍ରୀଡ଼ା ଆୟୋଜନ କରିବାର ଅଭିଜ୍ଞତା ଥିବା ଆଇକନିକ ସ୍ପୋର୍ଟ୍ସ ଫେଡେରେସନ (ଆଇଏସ୍‌ଏଫ୍) ଓ ଅଲଓଡ଼ିଶା ଚେସ୍ ଆସୋସିଏସନ (ଏଓସିଏ)ର ମିଳିତ ଉଦ୍ୟମରେ ଏହି ପ୍ରତିଯୋଗିତା ନଭେମ୍ବର ୧୪ରୁ ୧୬ ତାରିଖଯାଏ ଖେଳାଯିବ। ଏଥିଲାଗି ୧୨ଟି ଫ୍ରାଞ୍ଚାଇଜ୍ ଗଠନ କରାଯିବ ଓ ଅନ୍ୟ ପ୍ରିମିୟର ଲିଗ୍ ପରି ନିଲାମି ମାଧ୍ୟମରେ ଦଳ ଗଠନ କରାଯିବ। ଉଭୟ ଫ୍ରାଞ୍ଚାଇଜ୍ ଓ ଖେଳାଳିମାନଙ୍କୁ ପଞ୍ଜିକରଣ କରିବା ଲାଗି ଅକ୍ଟୋବର ୧୦କୁ ଶେଷ ତାରିଖ ରଖାଯାଇଛି। ଅକ୍ଟୋବର ୧୫ରେ ଫ୍ରାଞ୍ଚାଇଜ୍ ଓ ନିଲାମିରେ ଭାଗନେବାକୁ ମନୋନୀତ ହୋଇଥିବା ଖେଳାଳିଙ୍କ ନାମ ଘୋଷଣା କରାଯିବ। ଅକ୍ଟୋବର ୧୯ରେ ଖେଳାଳି ନିଲାମି କରାଯିବ। ଏସବୁ କାର୍ଯ୍ୟ ଆଇଏସ୍‌ଏଫ୍ ଓ ଏଓସିଏ ମିଳିତଭାବେ କରିବ। ଏହାକୁ ରୋଟାରୀ କ୍ଲବ୍ ୩୨୬୨ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦିଆଯିବ ବୋଲି ମନୋଜ ତ୍ରିପାଠୀ କହିଛନ୍ତି।

ଆଇକନିକ ପ୍ରିମିୟର ଲିଗ୍ ନାମରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୦ ଲକ୍ଷ ଟଙ୍କାର ପୁରସ୍କାର ଦିଆଯିବ। ଏହା ମଧ୍ୟରୁ ଚାମ୍ପିଅନ ଦଳକୁ ୫ ଲକ୍ଷ, ପ୍ରଥମ ରନର୍ସ ଅପ୍‌କୁ ୩ ଲକ୍ଷ ଓ ଦ୍ୱିତୀୟ ରନର୍ସ ଅପ୍‌କୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ଗୁରୁବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ସୂଚନା ଦେଇଥିଲେ। ଏହା ବ୍ୟତୀତ ପ୍ରତି ଫ୍ରାଞ୍ଚାଇଜ୍‌କୁ ୧ ଲକ୍ଷ ଟଙ୍କାର ଏଣ୍ଟ୍ରି ଫି ଦେବାକୁ ହେବ। ପ୍ରତି ଫ୍ରାଞ୍ଚାଇଜ୍‌କୁ ୨ ଲକ୍ଷ ଟଙ୍କାର ପାର୍ଟିସିପେନ ଫି ଦିଆଯିବ। ଏହି ଟୁର୍ଣ୍ଣାମେଣ୍ଟକୁ ସଫଳ କରିବାକୁ ସେ ସମସ୍ତ ଚେସ୍ ଖେଳାଳି ଓ କର୍ମକର୍ତ୍ତାଙ୍କ ସହଯୋଗ ଲୋଡିଥିଲେ। ସେହିପରି ଏହାକୁ ସଫଳ କରିବାକୁ ହେଲେ ସମସ୍ତ ସ୍ଥାନୀୟ ଶୀର୍ଷ ଖେଳାଳିଙ୍କ ଅଂଶଗ୍ରହଣ ସୁନିଶ୍ଚିତ କରିବାକୁ ରାଜ୍ୟର ଦ୍ୱିତୀୟ ଆଇଏମ୍ ତଥା ପ୍ରୋଚେଷ୍ଟା ମୁଖ୍ୟ ପ୍ରଶାସକ ସ୍ୱୟଂଶୁ ସତ୍ୟପ୍ରାଜ୍ଞ ଏଓସିଏ ସମସ୍ତ ପ୍ରକାର ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଆଇଏସ୍‌ଏଫ୍‌ର ବରିଷ୍ଠ ପଦାଧିକାରୀ ଡ. ସଞ୍ଜୟ ଚୌଧୁରୀ ଡ. ଶେଖ ଅବଦୁଲ ସାମିମ, ବିଭୁପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତର ଚିଦାତ୍ମିକା ଖଟୁଆ ସଭା ପରିଚାଳନା କରିଥିଲେ। ଏହି ସମ୍ମିଳନୀରେ ରାଜ୍ୟ ଚେସ୍ ଆଇକନ୍ ତଥା ପ୍ରଥମ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ, ଆଇଏମ୍ ସ୍ୱୟଂଶୁ ସତ୍ୟପ୍ରାଜ୍ଞ, ଆଇଏମ୍ ଅନ୍ୱେଷ ଉପାଧ୍ୟାୟ, ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର, ଆଇଏମ୍ ସମ୍ବିତ ପଣ୍ଡା, ଉଦୀୟମାନ ତାରକା ବିଜୁ ପଟ୍ଟନାୟକ ପୁରସ୍କାର ବିଜେତା ମାଷ୍ଟର ସାତ୍ତ୍ୱିକ ସ୍ୱାଇଁ, ରାଜେଶ ନାୟକ, ସଞ୍ଜୀବନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠକ ବାସୁଦେବ ଭଟ୍ଟ, ପ୍ରଦ୍ୟୁମ୍ନ ମିଶ୍ର ଓ ମାନସ ପାଣି, ଅନ୍ତର୍ଜାତୀୟ ଆର୍ବିଟର ସୁରେଶ କୁମାର ସାହୁ, ତାପସ କୁମାର ମହାନ୍ତି, ସନ୍ତୋଷ ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ।



୨୦୨୫ ମହିଳା ଦୃଷ୍ଟିବାଧିତ କ୍ରିକେଟ୍ ବିଶ୍ୱକପ୍

# ଭାରତୀୟ ଦଳରେ ଓଡ଼ିଶାର ୪ଖେଳାଳି



ଯମୁନାରାଣୀ ଟୁଡୁ



ବାସନ୍ତୀ ହାଁସଦା



ଫୁଲ ସୋରେନ୍



ପାର୍ବତୀ ମାର୍ଣ୍ଡି

ବାରିପଦା,୧୧।୯ (ସମିସ): ପ୍ରଥମ ଥର ପାଇଁ ଅନୁଷ୍ଠିତ ହେବାକୁ ଯାଉଥିବା ମହିଳା ଟି-୨୦ ଦୃଷ୍ଟିବାଧିତ ବିଶ୍ୱକପ୍ କ୍ରିକେଟ-୨୦୨୫ ଟୁର୍ଣ୍ଣାମେଣ୍ଟ ପାଇଁ ୧୬ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଓଡ଼ିଶାର ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ତନ୍ମଧ୍ୟରୁ ମୟୂରଭଞ୍ଜ ଜିଲ୍ଲାରୁ ୩ଜଣ ଓ ବାଲେଶ୍ୱର ଜିଲ୍ଲାରୁ ଜଣେ ଖେଳାଳି ରହିଛନ୍ତି। ସେମାନେ ହେଲେ ମୟୂରଭଞ୍ଜର ଜମୁନା ରାଣୀ ଟୁଡୁ, ବାସନ୍ତୀ ହେମ୍ବ୍ରମ ଓ ପାର୍ବତୀ ମୁର୍ମୁ ଏବଂ ବାଲେଶ୍ୱର ଜିଲ୍ଲାର ଫୁଲ ସୋରେନ। ଐତିହାସିକ ଟୁର୍ଣ୍ଣାମେଣ୍ଟରେ ଭାରତ ସହିତ ଅଷ୍ଟ୍ରେଲିଆ, ଇଂଲଣ୍ଡ, ନେପାଳ, ପାକିସ୍ତାନ, ଶ୍ରୀଲଙ୍କା ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ଦଳମାନେ ଭାଗ ନେବେ। ପାକିସ୍ତାନ ମ୍ୟାଚ ବ୍ୟତୀତ ସମସ୍ତ ମ୍ୟାଚ ଭାରତର ବେଙ୍ଗାଲୁରୁ ଓ ନୂଆଦିଲ୍ଲୀରେ ଖେଳାଯିବ। ତେବେ ପାକିସ୍ତାନର ମ୍ୟାଚ୍‌ଗୁଡିକ ବିକଳ୍ପ ସ୍ଥାନ ବିଚାର କରାଯାଉଛି। ଏହି ଟୁର୍ଣ୍ଣାମେଣ୍ଟ ନଭେମ୍ବର ୧୧ରୁ ଆରମ୍ଭ ହୋଇ ୨୫ରେ ଉଦ୍‌ଯାପିତ ହେବ। କର୍ଣ୍ଣାଟକର ଦୀପିକା ଟିସି ଅଧିନାୟିକା ଏବଂ ମହାରାଷ୍ଟ୍ରର ଗଙ୍ଗା ଏସ୍ କଦମ ଉପ-ଅଧିନାୟିକା ଭାବେ ଭାରତୀୟ ଦଳର ଦାୟିତ୍ୱ ନେବେ। ଉଲ୍ଲେଖନୀୟ, ୨୦୨୩ରେ ବିଶ୍ୱ କ୍ରୀଡ଼ାରେ ଭାରତୀୟ ମହିଳା ଦୃଷ୍ଟି ବାଧିତ କ୍ରିକେଟ ଦଳ ଅଷ୍ଟ୍ରେଲିଆକୁ ପରାସ୍ତ କରି ପ୍ରଥମ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିଲା। ଓଡ଼ିଶାର ଏହି ୪ଜଣ ଖେଳାଳିଙ୍କ ସହ ଭାରତୀୟ ଦଳ ଘରୋଇ ମାଟିରେ ଆଉ ଏକ ଇତିହାସ ସୃଷ୍ଟି କରିବାକୁ ପ୍ରସ୍ତୁତ ଥିବା ଜଣାପଡିଛି। ଏହି ଖେଳାଳି ମନୋନୀତ ହୋଇଥିବାରୁ ରାଜ୍ୟର ଦୃଷ୍ଟିବାଧିତ ଖେଳାଳିଙ୍କ ମଧ୍ୟରେ ନୂଆ ଉତ୍ସାହ ପରିଲକ୍ଷିତ ହୋଇଛି।

**ମୟୂରଭଞ୍ଜରୁ ୩: ବାଲେଶ୍ୱରରୁ ଜଣେ**

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS